R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୧୨୦
ତିଥି : ପ୍ରତିପଦା
୦୨ ଫେବୃଆରୀ ୨୦୨୬, ସୋମବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ

SAMAYA

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 120
02 February 2026, Monday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

## ବଜେଟ୍ ୨୦୨୬-୨୭

# ଫୋକସ୍ ବିକଶିତ ଭାରତ



ଭୁବନେଶ୍ୱର, ୧।୨ (ସବ୍ୟୁ) : କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ୨୦୨୬-୨୭ ଆର୍ଥିକ ବର୍ଷ ଲାଗି ବଜେଟ୍ ଉପସ୍ଥାପନ କରିଛନ୍ତି।୨୦୪୭ ବିକଶିତ ଭାରତ ଉପରେ ବଜେଟ୍‌କୁ ମୁଖ୍ୟତଃ ଫୋକସ କରାଯାଇଛି । କର୍ତ୍ତବ୍ୟ ଭବନରେ ପ୍ରସ୍ତୁତ ପ୍ରଥମ ବଜେଟ୍‌ରେ ୩ କର୍ତ୍ତବ୍ୟ ଦ୍ୱାରା ଅନୁପ୍ରାଣିତ ହୋଇଛି। ଆଗାମୀ ଆର୍ଥିକ ବର୍ଷ ଲାଗି ମୋଟ ବଜେଟ ଆକଳନ ୫୩ ଲକ୍ଷ ୪୭ ହଜାର ୩୧୫ କୋଟି ଟଙ୍କା ରହିଛି । ସମସ୍ତ କ୍ଷେତ୍ରକୁ ଅଧିକ ଗୁରୁତ୍ୱ ଦିଆଯାଇଛି । ରେଳ, ପ୍ରତିରକ୍ଷା, ଶିକ୍ଷା ବିଭାଗକୁ ଅଧିକ ପାଣ୍ଠି ପ୍ରଦାନ କରାଯାଇଛି। କେନ୍ଦ୍ର ସରକାରଙ୍କ ଫୋକସରେ ଦେଶର ଗାଁ, ଗରିବ , ମହିଳା ଓ ଚାଷୀ ଅଛନ୍ତି ବୋଲି ଏକ ବାର୍ତ୍ତା ଦେବାକୁ ପ୍ରୟାସ କରାଯାଇଛି । ମହିଳାଙ୍କର ବିକାଶ ଲାଗି ବଜେଟରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି ।

ବଜେଟ୍‌ର ପ୍ରଥମ କର୍ତ୍ତବ୍ୟ ହେଉଛି ଉତ୍ପାଦକତା ଏବଂ ପ୍ରତିଯୋଗିତା ବୃଦ୍ଧି କରି ବିଶ୍ୱ ପରିବେଶ ପ୍ରତି ସ୍ଥିରତା ସୃଷ୍ଟି କରି ଆର୍ଥିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ ଏବଂ ଦୀର୍ଘସ୍ଥାୟୀ କରିବା । ଦ୍ୱିତୀୟ କର୍ତ୍ତବ୍ୟ ହେଉଛି ଲୋକଙ୍କ ଆକାଂକ୍ଷା ପୂରଣ କରିବା । ସେମାନଙ୍କ କ୍ଷମତା ନିର୍ମାଣ କରିବା ଓ ଭାରତର ସମୃଦ୍ଧି ପଥରେ ଦୃଢ଼ ଅଂଶିଦାର କରିବା । ତୃତୀୟ କର୍ତ୍ତବ୍ୟ ରହିଛି ସବ୍‌କା ସାଥ ସବ୍‌କା ବିକାଶ ସହିତ ସଂଯୁକ୍ତ, ପ୍ରତ୍ୟେକ ପରିବାର, ସମ୍ପ୍ରଦାୟ, ଅଞ୍ଚଳ, କୃଷିକ୍ଷେତ୍ରକୁ ଅର୍ଥ ପୂରଣ ଅଂଶଗ୍ରହଣ, ସମବେଳ ସମ୍ଭବ ସୁବିଧା ଓ ସୁଯୋଗ ଉପଲବ୍ଧ ହେବା ନିଶ୍ଚିତ କରିବା । ବଜେଟରେ ମୋଟ ରାଜସ୍ୱ ଆଦାୟ ୩୫ ଲକ୍ଷ ୩୩ ହଜାର ୧୫୦ କୋଟି ରଖାଯାଇଥିବା ବେଳେ ପୁଞ୍ଜି ଆଦାୟ ୧୮ ଲକ୍ଷ ୧୪ ହଜାର ୧୬୫ କୋଟି ରଖାଯାଇଛି । ତେବେ ରାଜସ୍ୱ ନିୟଣ୍ଟକୁ ୫ ଲକ୍ଷ ୯୨ ହଜାର ୩୪୪କୋଟି ରଖାଯାଇଥିବା ବେଳେ ଫଳପ୍ରଦ ରାଜସ୍ୱ ନିୟଣ୍ଟ ୯୯ ହଜାର ୧୪୨ କୋଟି କରାଯାଇଥିବା ବେଳେ ଦ୍ୱିତୀୟ ନିଅଣ୍ଟକୁ ୧୬ ଲକ୍ଷ ୯୫ ହଜାର ୭୬୮ କୋଟି ରଖାଯାଇଛି । ଅଣରଣ ପ୍ରାପ୍ତିର ସଂଶୋଧନ ଆକଳନ ୩୪ ଲକ୍ଷୋକୋଟି ଟଙ୍କା ଯାହା ମଧ୍ୟରୁ କେନ୍ଦ୍ରର ନିଟ୍ ଟିକସ ପ୍ରାପ୍ତି ୨୬.୭ ଲକ୍ଷ କୋଟି ଟଙ୍କା ଆକଳନ ହୋଇଛି । ମୋଟ ବ୍ୟୟର ସଂଶୋଧିତ ଆକଳନ ୪୯.୬ ଲକ୍ଷ କୋଟି ଟଙ୍କା ଯାହା ମଧ୍ୟରୁ ପୁଞ୍ଜିଗତ ବ୍ୟୟ ପ୍ରାୟ ୧୧ ଲକ୍ଷ କୋଟି ଟଙ୍କା ରହିଛି। ବଜେଟ ଆକଳନରେ ଆର୍ଥିକ ନିଅଣ୍ଟ ଜିଡିପିର ୪.୩ ପ୍ରତିଶତ ( ୯ ପୃଷ୍ଠାରେ)

### ଟଙ୍କାଟେ ଆସିବ

- ଋଣ ଓ ଅନ୍ୟାନ୍ୟ ଦାତା-୨୪ ପ
- କର୍ପୋରେସନ୍ ଟିକସ ୧୮ ପ
- ଆୟକର ୨୧ପ
- ସୀମାଶୁଳ୍କ ୪ପ
- କେନ୍ଦ୍ରୀୟ ଉତ୍ପାଦନ ଶୁଳ୍କ ୬ପ
- ଜିଏସ୍‌ଟି ଓ ଅନ୍ୟାନ୍ୟ ଟିକସ ୧୫ପ
- ଅଣଟିକସ ୧୦ପ
- ଅଣ ପୁଞ୍ଜି ଋଣ ୨ପ

### ଟଙ୍କାଟେ ଯିବ

- ଟିକସ ଓ ଶୁଳ୍କରୁ ରାଜ୍ୟର ଭାଗ ୨୨ପ
- ସୁଧ ଦେୟ ୨୦ପ
- କେନ୍ଦ୍ରୀୟ ପ୍ରାୟୋଜିତ ଯୋଜନା ୮ପ
- ଅର୍ଥ କମିଶନ ଓ ଅନ୍ୟ ହସ୍ତାନ୍ତର ୭ପ
- ପ୍ରତିରକ୍ଷା ୧୧ପ
- ପ୍ରମୁଖ ସବ୍‌ସିଡି ୬ପ
- ସାଧାରଣ ପେନ୍‌ସନ୍ ୨ପ
- ଅନ୍ୟାନ୍ୟ ଖର୍ଚ୍ଚ ୭ପ

## ୨୦୨୬-୨୭ କେଉଁ କ୍ଷେତ୍ର ପାଇଁ କେତେ

- ପରିବହନ ପାଇଁ ସର୍ବାଧିକ ୫ ଲକ୍ଷ ୯୮ ହଜାର ୫୨୦ କୋଟି
- ପ୍ରତିରକ୍ଷା ପାଇଁ ୫ ଲକ୍ଷ ୯୪ ହଜାର ୫୮୫ କୋଟି
- ଗ୍ରାମ୍ୟ ଉନ୍ନୟନ ପାଇଁ ୨ ଲକ୍ଷ ୭୩ ହଜାର ୧୦୮ କୋଟି
- ଗୃହ ବିଭାଗ ପାଇଁ ୨ ଲକ୍ଷ ୫୫ ହଜାର ୨୭୪ କୋଟି
- କୃଷି ପାଇଁ ୧ ଲକ୍ଷ ୬୨ ହଜାର ୬୭୧ କୋଟି
- ଶିକ୍ଷା ପାଇଁ ୧ ଲକ୍ଷ ୩୯ ହଜାର ୨୮୯ କୋଟି
- ଶକ୍ତି ପାଇଁ ୧ ଲକ୍ଷ ୯ ହଜାର ୨୯ କୋଟି
- ସ୍ୱାସ୍ଥ୍ୟ ପାଇଁ ୧ ଲକ୍ଷ ୪ ହଜାର ୫୯୯ କୋଟି
- ସହରାଞ୍ଚଳ ବିକାଶ ପାଇଁ ୮୫ ହଜାର ୫୨୨ କୋଟି
- ଆଇଟି ଓ ଟେଲିକମ୍ ପାଇଁ ୭୪ ହଜାର ୫୬୦ କୋଟି
- ବାଣିଜ୍ୟ ଓ ଶିଳ୍ପ ପାଇଁ ୭୦ ହଜାର ୨୯୬ କୋଟି
- ସାମାଜିକ କଲ୍ୟାଣ ପାଇଁ ୬୨ ହଜାର ୩୬୨ କୋଟି
- ବୈଜ୍ଞାନିକ କ୍ଷେତ୍ର ପାଇଁ ୫୫ ହଜାର ୭୫୬ କୋଟି
- ଟିକସ ବାବଦ ବ୍ୟୟ ବରାଦ ୪୫ ହଜାର ୫୦୦ କୋଟି
- ବୈଦେଶିକ ବ୍ୟାପାର ପାଇଁ ୨୨ ହଜାର ୧୧୯ କୋଟି
- ଉତ୍ତର ପୂର୍ବାଞ୍ଚଳ ରାଜ୍ୟର ବିକାଶ ପାଇଁ ୬ ହଜାର ୮୧୨ କୋଟି

## ଶସ୍ତା ହେବ

କ୍ୟାନସର, ଡାଇବେଟିସ୍ ପାଇଁ ବ୍ୟବହୃତ ୧୭ ଗୁରୁତ୍ୱପୂର୍ଣ୍ଣ ଔଷଧ, ମୋବାଇଲ ବ୍ୟାଟେରୀ ଏବଂ ଇଥିଏମ୍ ଆୟନ ସେଲ୍ ଇଲେକଟ୍ରିକ୍ ଗାଡି, ସୋଲାର ଗ୍ଲାସ୍, ମିକ୍ସଡ ଗ୍ୟାସ ସିଏନ୍‌ଜି , କପଡା, ଲେଦର ଆଇଟମ୍, ସିନ୍ଥେଟିକ ଫୁଟୱେୟାର ଏବଂ ଚମଡା ଜାତୀୟ ସାମଗ୍ରୀ, ବିମାନ ଜାଳେଣି ଶୁଳ୍କ କମିଥିବାରୁ ବିମାନ ଯାତ୍ରା ଓ ବିଦେଶ ଯାତ୍ରା ଶସ୍ତା ହୋଇପାରେ। ମୋବାଇଲ, ମାଇକ୍ରୋଓଭେନ୍, କପଡା, ଶସ୍ତା ଚମଡାରୁ ଜୋତା, ବ୍ୟାଗ ଶସ୍ତା ହେବ। ସି- ଫୁଡ , ଇଭି ବ୍ୟାଟେରୀ, ବାୟୋ ସିଏନଜି ।


## ମହଙ୍ଗା

ମଦର ଦାମ ବଢିବ । ବିଭିନ୍ନ ପ୍ରକାର ସ୍କ୍ରାପ୍ ଏବଂ ଖଣିଜ ପଦାର୍ଥ ଉପରେ ଟିକସ ବୃଦ୍ଧି କରାଯାଇଥିବାରୁ ଏହାସହ ଜଡ଼ିତ ଶିଳ୍ପଗୁଡ଼ିକ ପ୍ରଭାବିତ ହୋଇପାରନ୍ତି। ବଜେଟ୍ ଭାରତକୁ ଆତ୍ମନିର୍ଭର କରିବା ଦିଗରେ ଏକ ବଡ ପଦକ୍ଷେପ ବୋଲି ଅର୍ଥନୀତିଜ୍ଞମାନେ କହିଛନ୍ତି। କିଛି ସାମଗ୍ରୀ ଉପରେ କଷ୍ଟମଡ୍ୟୁଟି ବୃଦ୍ଧି କରାଯାଇଛି। ଫଳରେ କିଛି ଜିନିଷର ମୂଲ୍ୟ ବୃଦ୍ଧି ହୋଇପାରେ।

## ବଜେଟ୍ ମୁଖ୍ୟାଂଶ

- ୫୩.୪୭ ଲକ୍ଷ କୋଟିର ବଜେଟ୍
- ୨୦୪୭ ସୁଦ୍ଧା ଆଭ୍ୟନ୍ତରୀଣ ଜଳପଥ ଓ ଉପକୂଳ ଜାହାଜ ଅଂଶକୁ ୬% ରୁ ୧୨%କୁ ବୃଦ୍ଧି
- ୨୦ ପର୍ଯ୍ୟଟନ ସ୍ଥଳରେ ୧୦ ହଜାର ଗାଇଡ୍‌ଙ୍କ ଦକ୍ଷତା ବୃଦ୍ଧି ଲାଗି ପାଇଲଟ ଯୋଜନା
- ବିକଶିତ ଭାରତ ପାଇଁ ୫ ବର୍ଷରେ ୧ ଲକ୍ଷ ପେଶାଦାରଙ୍କୁ ଯୋଡାଯିବ
- କୃଷକଙ୍କ ଆୟ ବୃଦ୍ଧି ଲକ୍ଷ୍ୟ ଆରମ୍ଭ ହେବ ନଡିଆ ପ୍ରୋତ୍ସାହନ ଯୋଜନା
- ବିଦେଶୀ ପର୍ଯ୍ୟଟନ କାର୍ଯ୍ୟକ୍ରମରେ ଟିସିଏସ୍ ୨ ପ୍ରତିଶତକୁ ହ୍ରାସ
- ୩ ନୂଆ ଅଖିଳ ଭାରତୀୟ ଆୟୁର୍ବେଦ ପ୍ରତିଷ୍ଠାନ ପ୍ରତିଷ୍ଠା
- ଉତ୍ତର ପୂର୍ବ ରାଜ୍ୟରେ ବୌଦ୍ଧ ସର୍କିଟ୍ ବିକାଶ ଯୋଜନା
- କର୍ତ୍ତବ୍ୟ ଭବରୁ ପ୍ରସ୍ତୁତ ପ୍ରଥମ ବଜେଟ୍ ୩ କର୍ତ୍ତବ୍ୟ ଦ୍ୱାରା ଅନୁପ୍ରାଣିତ
- ଇଲେକ୍ଟ୍ରୋନିକ୍ସ ଉତ୍ପାଦାନ ଯୋଜନା ବ୍ୟୟ ବରାଦ ୪୦ ହଜାର କୋଟି
- ୭ ହାଇସ୍ପିଡ୍ ରେଳ କରିଡର ବୃଦ୍ଧି ସଂଯୋଗକାରୀ ଯୋଜନା
- ଅଣରଣ ପ୍ରାପ୍ତି ମୋଟ ବ୍ୟୟ ୩୬.୫ ଲକ୍ଷ କୋଟି
- ମୋଟ ବଜାର ଋଣ ୧୭.୨ ଲକ୍ଷ କୋଟି
- ଆର୍ଥିକ ନିୟଣ୍ଟ ଜିଡିପିର ୪.୩ ପ୍ରତିଶତ
- ଋଣ ଓ ଜିଡିପି ଅନୁପାତ ୫୫.୬ ପ୍ରତିଶତ
- ବାୟୋ ଫାର୍ମାକୁ ଶକ୍ତି ଲାଗି ୧୦ ହଜାର କୋଟି ବ୍ୟୟ ବରାଦ
- ୩ ନୂତନ ଜାତୀୟ ଶିକ୍ଷା ଗବେଷଣା ପ୍ରତିଷ୍ଠାନ
- ବାୟୋ ଫାର୍ମା କେନ୍ଦ୍ରୀତ ନେଟ୍‌ୱାର୍କ ହେବ
- ପୁଞ୍ଜି ସାମଗ୍ରୀ ଓ କ୍ଷମତାକୁ ସୁଦୃଢ଼ କରାଯିବ
- ବୟନ ଶିଳ୍ପ କ୍ଷେତ୍ର ପାଇଁ ସମନ୍ୱିତ କାର୍ଯ୍ୟକ୍ରମ
- ୨ ଶହ ପୁରୁଣା ଶିଳ୍ପ କ୍ଲଷ୍ଟରକୁ ପୁନରୁଦ୍ଧାର କରାଯିବ
- ୧୦ କୋଟି ଟଙ୍କାର ଏସ୍‌ଏମ୍‌ଇ ଅଭିବୃଦ୍ଧି ପାଣ୍ଠି
- ସ୍ୱାବଲମ୍ବୀ ଭାରତ ପାଣ୍ଠି ଅତିରିକ୍ତ ୨ ହଜାର କୋଟି
- ପୁଞ୍ଜି ବ୍ୟୟ ୧୨.୨ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି
- ୫ ବର୍ଷ ମଧ୍ୟରେ ୨୦ ନୂତନ ଜାତୀୟ ଜଳପଥ
- ଦିବ୍ୟାଙ୍ଗଙ୍କ ସଶକ୍ତିକରଣ ଲାଗି କୌଶଳ ଯୋଜନା
- ଉତ୍ତର ଭାରତରେ ନିମହାନ୍ସ- ୨ ପ୍ରତିଷ୍ଠା
- ୫ ପୂର୍ବୋଦୟ ରାଜ୍ୟରେ ୪ ହଜାର ଇ-ବସ୍ ବ୍ୟବସ୍ଥା
- ରାଜ୍ୟଗୁଡ଼ିକୁ ୧.୪ ଲକ୍ଷ କୋଟି ଟଙ୍କାର ଅନୁଦାନ
- ୨୦୨୬ ରୁ କାର୍ଯ୍ୟକାରୀ ହେବ ନୂଆ ଆୟକର ଆଇନ
- ଅଭିବୃଦ୍ଧି ଇଞ୍ଜିନ ଭାବରେ ଆଇଟି କ୍ଷେତ୍ରରେ ସମର୍ଥନ
- ନୂତନ ରପ୍ତାନି ଲାଗି ସୁଯୋଗ ସୃଷ୍ଟି କରାଯିବ

## ବଜେଟ ଐତିହାସିକ



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କେନ୍ଦ୍ର ବଜେଟକୁ ଐତିହାସିକ ଦର୍ଶାଇଛନ୍ତି । ସେ କହିଛନ୍ତି ଯେ ଭାରତ ସଂସ୍କାର ଏକ୍ସପ୍ରେସରେ ଯାତ୍ରା କରୁଛି । ବଜେଟରେ ଏହାକୁ ନୂଆ ଉର୍ଜା ଓ ଗତି ମିଳିବ । ଆତ୍ମ ନିର୍ଭର ଭାରତ ପାଇଁ ନୂଆ ଗତି ସୃଷ୍ଟି ହେବ । ଏମ୍‌ଏସଏମଇକୁ ବଜେଟରେ ସମର୍ଥନ ମିଳିବା ସହ ଭିତ୍ତିଭୂମି ମଜଭୁତ ପାଇଁ ଉଚିତ ପଦକ୍ଷେପ ନିଆଯାଇଛି । ବଜେଟରେ ଯେଉଁ ସଂସ୍କାର ଅଣାଯାଇଛି ତାହା ଆକାଂକ୍ଷାରେ ଭର୍ତ୍ତି । ଭାରତରେ ସାହସିକ ପ୍ରତିଭାବାନ ଯୁବ ପୀଢି ପାଇଁ ନୂଆ ମାର୍ଗ ପ୍ରସ୍ତୁତ କରିବ । ଚଳିତ ବଜେଟ୍ ବିଶ୍ୱ ସ୍ତରରେ ଭାରତର ଭୂମିକାକୁ ଆହୁରୀ ସଶକ୍ତ କରିବ । ଭାରତର ୧୪୦ କୋଟି ନାଗରିକ କେବଳ ଦ୍ରୁତ ବେଗରେ ଗତି କରୁଥିବା ଅର୍ଥ ବ୍ୟବସ୍ଥା ଉପରେ ସନ୍ତୁଷ୍ଟ ନାହିଁ । ଖୁବ୍ ଶୀଘ୍ର ଦୁନିଆର ତୃତୀୟ ବଡ ଅର୍ଥ ବ୍ୟବସ୍ଥା ହେବାକୁ ଚାହୁଁଛୁ । ଚଳିତ ବଜେଟଟି ଭରସା ଉପରେ ଆଧାରିତ । ଯିଏ ରାଜକୋଷର କ୍ଷତିକୁ କମ୍ କରିବା ସହ ଦର ବୃଦ୍ଧି ନିୟନ୍ତ୍ରଣ କରିବାକୁ ପ୍ରାଥମିକତା ଦେଇଛି। ଏଥି ସହ ପୁଞ୍ଜିଗତ ଖର୍ଚ୍ଚ, ମଜଭୁତ ଆର୍ଥିକ ବିକାଶ ରଣନୀତି, ଯୋଗାଣ କ୍ଷେତ୍ରରେ ସନ୍ତୁଳନ ବଜାୟ ରଖିଛି । ଦୁନିଆର ଏକ ଗଣତାନ୍ତ୍ରିକ, ସହଭାଗି ଓ ବିଶ୍ୱାସ ଯୋଗ୍ୟ ଆହୁରୀ କାରୀ ରୂପେ ଭାରତର ଭୂମିକାକୁ ସଶକ୍ତ କରିଛି ।

## ଅଭିବୃଦ୍ଧିମୂଳକ ବଜେଟ୍ : ମୁଖ୍ୟମନ୍ତ୍ରୀ




ବଜେଟ୍ ଏକ ଅଭିବୃଦ୍ଧି ମୂଳକ । ସମାଜର ସବୁ ବର୍ଗର ଲୋକଙ୍କ ଅଭିବୃଦ୍ଧି ଉପରେଏଥିରେ ଗୁରୁତ୍ୱ ଦିଆଯାଇଛି । ଯୁବ ଶକ୍ତି ବିକାଶ ଉପରେ ସ୍ୱତନ୍ତ୍ର ଫୋକସ ରହିଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ବଜେଟ୍ ପ୍ରତିକ୍ରିୟାରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଆଜି ୨୦୨୬-୨୭ ବର୍ଷ ପାଇଁ କେନ୍ଦ୍ର ବଜେଟ୍ ଉପସ୍ଥାପନ କରିଛନ୍ତି । ଏହି ବଜେଟ୍ ଏକ ଅଭିବୃଦ୍ଧି ମୂଳକ ବଜେଟ୍। ସମାଜର ସବୁ ବର୍ଗର ଲୋକଙ୍କ ଅଭିବୃଦ୍ଧି ଉପରେ ଏଥିରେ ଗୁରୁତ୍ୱ ଦିଆଯାଇଛି। ଯୁବ ଶକ୍ତିର ବିକାଶ ଉପରେ ସ୍ୱତନ୍ତ୍ର ଫୋକସ୍ ରହିଛି।

ଅର୍ଥମନ୍ତ୍ରୀ ଶ୍ରୀମତୀ ସୀତାରମଣଙ୍କ ଏହା ହେଉଛି କ୍ରମାଗତ ନବମ ବଜେଟ୍। ଏଥିରେ ଅସ୍ୱଷ୍ଟତା ବଦଳରେ ସ୍ୱଷ୍ଟ କାର୍ଯ୍ୟାନ୍ୱୟନ ଉପରେ ଗୁରୁତ୍ୱ ଦିଆଯାଇଛି। ଏଥିରେ ବିଭିନ୍ନ କ୍ଷେତ୍ରରେ ଯୁବକମାନଙ୍କ ଦକ୍ଷତା ବୃଦ୍ଧି ଉପରେ ଗୁରୁତ୍ୱ ଦିଆଯାଇଛି। ସେମାନଙ୍କ ମଧ୍ୟରେ ବିଶ୍ୱ ସ୍ତରରେ ପ୍ରତିଯୋଗିତା। କରିବା ଭଳି ଦକ୍ଷତା ସୃଷ୍ଟି କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ଏହା ଫଳରେ ଯୁବ ସମାଜ ଆତ୍ମ ବିଶ୍ୱାସୀ ହେବା ସହିତ, ଦେଶର ବିକାଶ ପ୍ରତି ନିଜର ଅବଦାନ ରଖିପାରିବ। ଏହା ବାସ୍ତବରେ ଏକ ଯୁବଶକ୍ତି ବଜେଟ୍।

ଦେଶର ଆର୍ଥିକ ଅଭିବୃଦ୍ଧିକୁ ଜାରି ରଖିବା ପାଇଁ ମୋଦୀ ସରକାର ତାଙ୍କ ଶାସନ କାଳ ସମୟରେ ବର୍ତ୍ତମାନ ସୁଦ୍ଧା ୩୫୦ଟି ଢାଞ୍ଚାଗତ ସଂସ୍କାର ଆଣିଛନ୍ତି, ଯାହାକି ସ୍ୱାଧୀନ ଭାରତର ଅର୍ଥନୈତିକ ଇତିହାସରେ ଏକ ବିରଳ ଅଧ୍ୟାୟ। ଏହାଦ୍ୱାରା ଆତ୍ମ ନିର୍ଭର ଭାରତ, ବିକଶିତ ଭାରତ ଗଠନ ଦିଗରେ ଆମର ଯେଉଁ ଲକ୍ଷ୍ୟ ରହିଛି, ତାହା ତ୍ୱରାନ୍ୱିତ ହୋଇଛି।

ଏହି କେନ୍ଦ୍ର ବଜେଟରେ ଓଡ଼ିଶା ପାଇଁ ଅନେକ ପଦକ୍ଷେପ ଘୋଷଣା କରିଥିବାରୁ ଆମେ ଭାରତ ସରକାରଙ୍କ ନିକଟରେ କୃତଜ୍ଞ । ସେଥିମଧ୍ୟରୁ କେତେକ ପ୍ରମୁଖ ପଦକ୍ଷେପ ( ୯ ପୃଷ୍ଠାରେ)

## ଦେଶ ଆବଶ୍ୟକତା କରୁଥିବା ଦିଗକୁ ଅଣଦେଖା



ବିରୋଧୀ ଦଳର ନେତା ରାହୁଲ ଗାନ୍ଧି ବଜେଟକୁ ସମାଲୋଚନା କରିଛନ୍ତି । ଦେଶ ବର୍ତ୍ତମାନ ଯେଉଁ ସୁଦ୍ଧାର ଆବଶ୍ୟକ ମନେ କରୁଛି ସେ ଦିଗରେ କୌଣସି ଘୋଷଣା ନାହିଁ । ଭାରତର ପ୍ରକୃତ ସମସ୍ୟା ପ୍ରତି ବଜେଟ୍ ଦୃଷ୍ଟି ଦେଇନାହିଁ। ବେକାରୀ ସମସ୍ୟା, ଉତ୍ପାଦନ ବିଫଳହେବା ଓ କୃଷଙ୍କ ଅଭାବି ବିକ୍ରୀ ସମସ୍ୟା ବଜେଟରେ ନାହିଁ। ବିନା ଚାକିରୀରେ ଯୁବକ ହ୍ର । ସ ପାଉଥିବା ଉତ୍ପାଦନ ନିବେଶକଙ୍କ ପୁଞ୍ଜି ପ୍ରତିହାର ପରିବାରର ହ୍ରାସ ପାଉଛି । କୃଷକ ଅଭାବି ବିକ୍ରୀର ଶିକାର ହେବା ସହ ଆସନ ବିଶ୍ୱ ବିପଦକୁ ମଧ୍ୟ ବିଜେଟରେ ଅଣଦେଖା କରାଯାଇଛି । ଏମିତି ଏକ ବଜେଟ ଯାହା ସୁଧାର କରିବାକୁ ଚାହୁଁନି, ଦେଶର ପ୍ରକୃତ ସମସ୍ୟା ବିଷୟରେ ଅବଗତ ନାହିଁ ବୋଲି ରାହୁଲ କହିଛନ୍ତି । କୃଷକଙ୍କ ଅଭାବୀ ବିକ୍ରି ସମସ୍ୟାକୁ ନେଇ ମଧ୍ୟ ରାହୁଲ ବଜେଟକୁ ସମାଲୋଚନା କରିଛନ୍ତି। ନିବେଶକ ପୁଞ୍ଜି ପ୍ରତ୍ୟାହାର କରୁଥିବାବେଳେ ପରିବାରର ସଞ୍ଚୟ ହ୍ରାସ ପାଉଛି। ଭାରତର ପ୍ରକୃତ ସମସ୍ୟା ପ୍ରତି ବଜେଟ୍ ସମ୍ପୂର୍ଣ୍ଣ ଅନ୍ଧ ବୋଲି ସେ କହିଛନ୍ତି। ସେହିଭଳି କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନେ ଖଡ୍‌ଗେ ମଧ୍ୟ ବଜେଟ୍‌କୁ ସମାଲୋଚନା କରିଛନ୍ତି।

## ଚଳିତ ବଜେଟ୍‌ରେ ଓଡ଼ିଶା ଲାଗି କିଛି ସୁବିଧା ନାହିଁ : ନବୀନ



କେନ୍ଦ୍ର ବଜେଟ ନିରାଶ କରିଛି । ଏହି ବଜେଟରେ ଓଡିଶା କିମ୍ବା ଓଡିଶା ଲୋକଙ୍କ ପାଇଁ କୌଣସି ସୁବିଧା ନାହିଁ ବୋଲି ବିରୋଧୀ ଦଳର ନେତା ନବୀନ ପଟ୍ଟନାୟକ କହିଛନ୍ତି । ନବୀନ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଯେ ଓଡିଶା ଲୋକଙ୍କର ଡବଲ ଇଞ୍ଜିନ ସରକାରଙ୍କ ଠରୁ ଯାହା ଆଶା ଥିବା ତାହା ପୂରଣ ହୋଇନାହିଁ । ଭିତ୍ତିଭୂମି ଉପରେ ଫୋକସ ଦିଆଯାଇଥିବା ବେଳେ ନିଯୁକ୍ତି ସୁଯୋଗ ଓ ଓଡିଶା ଲାଗି ଅତିରିକ୍ତ ଅନୁଦାନ ନାହିଁ । ତେବେ ବିରଳ ମୃତ୍ତିକା କରିଡର ପ୍ରସ୍ତାବକୁ ସ୍ୱାଗତ କରୁଛି । ସେହିଭଳି ଜାତୀୟ ଜଳ ପଥକୁ ଖଣି ସମୃଦ୍ଧ ଅଞ୍ଚଳରେ ନେବା ପାଇଁ ଘୋଷଣା କରାଯାଇଛି । ଓଡିଶାରେ ଅନେକ ଖଣିଜ ପଦାର୍ଥ ଅଗ୍ରଣୀ , ଉତ୍ପାଦକ ଏବଂ ଏହାର ସମୃଦ୍ଧ ସମ୍ପଦ ମାଧ୍ୟରେ ରାଷ୍ଟ୍ର ନିର୍ମାଣ ସର୍ବଦା ଯୋଗଦାନ ଦେବ । ଖଣିଜ ସମୃଦ୍ଧ ଅଞ୍ଚଳ ଏବଂ ଶିଳ୍ପ କେନ୍ଦ୍ର ଗୁଡିକୁ ବନ୍ଦର ସହିତ ସଂଯୋଗ କରିବା ପାଇଁ ପୁଣି ଥରେ ଜାତୀୟ ଜଳପଥ ଘୋଷଣାକରାଯାଇଛି । କିନ୍ତୁ ଏହା ଏକଦଶନ୍ଧି ପୁରୁଣା ପ୍ରସ୍ତାବ ଯାହା ଭୂମିରେ କୌଣସି ଅଗ୍ରଗତି ନାହିଁ। ଓଡିଶା ବାସୀଙ୍କ ପାଇଁ ବଡ ନିରାଶ ହେଉଛି ସହରଗୁଡିକୁ ମଧ୍ୟରେ ୭ ଟି ହାଇସ୍ପିଡ୍ ବୃଦ୍ଧି ସଂଯୋଗକାରୀ ଭାବରେ ବିକାଶିତ କରିବା ଘୋଷଣାରେ ଓଡିଶାର ସ୍ଥାନ ନାହିଁ। ପୂର୍ବରୁ (୯ ପୃଷ୍ଠାରେ)



କର୍ତ୍ତବ୍ୟ ଭବନରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ପ୍ରଥମ ବଜେଟ୍ ।

# କର୍ତ୍ତବ୍ୟ ଭବନରେ ହିସାବ ନିକାସ

## ନିରନ୍ତର ଆର୍ଥିକ ବିକାଶ, କ୍ଷମତା ନିର୍ମାଣ ଓ 'ସବକା ସାଥ୍-ସବକା ବିକାଶ' ଉପରେ ଗୁରୁତ୍ୱ

ନୂଆଦିଲ୍ଲୀ : କେନ୍ଦ୍ର ଅର୍ଥ ଏବଂ କର୍ପୋରେଟ୍ ବ୍ୟାପାର ମନ୍ତ୍ରୀ ଶ୍ରୀମତୀ ନିର୍ମଳା ସୀତାରମଣ କେନ୍ଦ୍ର ବଜେଟ୍ ୨୦୨୬-୨୭ରେ ଏକ ବିକଶିତ ଭାରତ ଲକ୍ଷ୍ୟ ନିମନ୍ତେ ଅର୍ଥନୈତିକ ସଂସ୍କାରର ଗତିକୁ ତ୍ୱରାନ୍ୱିତ କରିବା ପାଇଁ ତିନୋଟି କର୍ତ୍ତବ୍ୟର ପ୍ରସ୍ତାବ ଦେଇଛନ୍ତି । ପ୍ରଥମ କର୍ତ୍ତବ୍ୟଟି ହେଉଛି ଉତ୍ପାଦକତା ଓ ପ୍ରତିଯୋଗିତାକ୍ଷମତାକୁ ବୃଦ୍ଧି କରିବା ଏବଂ ବିଶ୍ୱର ଅସ୍ଥିରତା ବିରୋଧରେ ସହନକ୍ଷମତା ସୃଷ୍ଟି କରି ଅର୍ଥନୈତିକ ଅଭିବୃଦ୍ଧିର ଗତିକୁ ବଜାୟ ରଖିବା ଓ ତ୍ୱରାନ୍ୱିତ କରିବା । ଦ୍ୱିତୀୟ କର୍ତ୍ତବ୍ୟଟି ହେଉଛି ଲୋକଙ୍କ ଆକାଂକ୍ଷା ପୂରଣ କରିବା ଏବଂ ସେମାନଙ୍କୁ ଭାରତର ସମୃଦ୍ଧି ପଥରେ ଦୃଢ଼ ଅଂଶୀଦାର କରିବା ପାଇଁ ସେମାନଙ୍କର କ୍ଷମତାକୁ ବିକଶିତ କରିବା । "ସବକା ସାଥ, ସବକା ବିକାଶ"ର ଦୃଷ୍ଟିକୋଣ ସହିତ, ତୃତୀୟ କର୍ତ୍ତବ୍ୟଟି ହେଉଛି ଅର୍ଥପୂର୍ଣ୍ଣ ଅଂଶଗ୍ରହଣ ପାଇଁ ପ୍ରତ୍ୟେକ ପରିବାର, ସମ୍ପ୍ରଦାୟ, ଅଞ୍ଚଳ ଏବଂ କ୍ଷେତ୍ର ପାଇଁ ସମ୍ବଳ, ସୁବିଧା ଏବଂ ସୁଯୋଗକୁ ସୁଗମ କରିବା ।





ଅର୍ଥମନ୍ତ୍ରୀ କହିଛନ୍ତି ଯେ ଏହି ତିନିସୂତ୍ରୀ ଆଭିମୁଖ୍ୟ ଲାଗି ଏକ ସହାୟକ ବାତାବରଣ ଆବଶ୍ୟକ । ପ୍ରଥମ ଆବଶ୍ୟକତା ହେଉଛି ଢାଞ୍ଚାଗତ ସଂସ୍କାରର ଗତିକୁ ବଜାୟ ରଖିବା - ନିରନ୍ତର, ଅନୁକୂଳନଶୀଳ ଏବଂ ଭବିଷ୍ୟତ-ମୁଖୀ । ଦ୍ୱିତୀୟତଃ, ସଞ୍ଚୟକୁ ପ୍ରୋତ୍ସାହିତ କରିବା, ଆର୍ଥିକ ସହାୟତାର ଦକ୍ଷ ବଣ୍ଟନ ଏବଂ ବିପଦ ପରିଚାଳନା ପାଇଁ ଏକ ଦୃଢ଼ ତଥା ସୁଦୃଢ଼ ଆର୍ଥିକ କ୍ଷେତ୍ର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ତୃତୀୟତଃ, ଉତ୍ତମ ଶାସନ ପାଇଁ ଏଆଇ ସମେତ ବିଭିନ୍ନ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ଅତ୍ୟନ୍ତ ସହାୟକ ହୋଇପାରିବ ।

ଶ୍ରୀମତୀ ସୀତାରମଣ କହିଛନ୍ତି ଯେ, କର୍ତ୍ତବ୍ୟ ଭବନରେ ପ୍ରସ୍ତୁତ ପ୍ରଥମ ବଜେଟ୍ ଏକ ଯୁବଶକ୍ତି ଚାଳିତ ବଜେଟ୍ । ଏହା ବିଭିନ୍ନ ଅଭିନବ ଚିନ୍ତାଧାରା ଦ୍ୱାରା ଅନୁପ୍ରାଣିତ ଯାହାକି ବିକଶିତ ଭାରତ ଯୁବ ନେତା ସମ୍ମିଳନୀ ୨୦୨୬ରେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଘୋଷଣା କରାଯାଇଥିଲା ।

ଅର୍ଥମନ୍ତ୍ରୀ କହିଛନ୍ତି ଯେ, ଗତ ୧୨ ବର୍ଷ ମଧ୍ୟରେ ଭାରତର ଅର୍ଥନୈତିକ ପ୍ରଗତି ସ୍ଥିରତା, ଆର୍ଥିକ ଶୃଙ୍ଖଳା, ନିରନ୍ତର ଅଭିବୃଦ୍ଧି ଏବଂ କମ ମୁଦ୍ରାସ୍ଫୀତି ଦ୍ୱାରା ପରିଚାଳିତ ହୋଇଛି । ସରକାର ନିରନ୍ତର ଭାବରେ ସୁଦୂରପ୍ରସାରୀ ଢାଞ୍ଚାଗତ ସଂସ୍କାର, ଆର୍ଥିକ କଟକଣା ଏବଂ ମୁଦ୍ରା ସ୍ଥିରତାକୁ ପ୍ରୋତ୍ସାହିତ କରିଛନ୍ତି । ଏହା ସହିତ ସାର୍ବଜନୀନ ନିବେଶ ଉପରେ ଦୃଢ଼ ଗୁରୁତ୍ୱ ବଜାୟ ରଖିଛନ୍ତି । ସେ ଆହୁରି କହିଛନ୍ତି ଯେ ସ୍ୱାବଲମ୍ବନଶୀଳତାକୁ ମୂଳରେ ରଖି, ସରକାର ଘରୋଇ ଉତ୍ପାଦନ କ୍ଷମତା ଏବଂ ଶକ୍ତି ନିରାପତ୍ତା ନିର୍ମାଣ ଏବଂ ଆମଦାନୀ ନିର୍ଭରଶୀଳତା ହ୍ରାସ କରିଛନ୍ତି । ନାଗରିକ-ନେତୃତ୍ୱାଧୀନ ଅଭିବୃଦ୍ଧି ସୁନିଶ୍ଚିତ କରାଯାଇଛି, ଏବଂ ନିଯୁକ୍ତି ସୃଷ୍ଟି, କୃଷି ଉତ୍ପାଦକତା, ପରିବାର କ୍ରୟ ଶକ୍ତି ଏବଂ ଲୋକଙ୍କୁ ସାର୍ବଜନୀନ ସେବା ପ୍ରଦାନ ବୃଦ୍ଧି ପାଇଁ ବିଭିନ୍ନ ସଂସ୍କାର କରାଯାଇଛି । ସେ କହିଛନ୍ତି ଯେ ଏହି ପଦକ୍ଷେପଗୁଡ଼ିକ ପ୍ରାୟ ସାତ ପ୍ରତିଶତର ଉଚ୍ଚ ଅଭିବୃଦ୍ଧି ହାର ସୁନିଶ୍ଚିତ କରିଛି ତଥା ଦାରିଦ୍ର୍ୟ ହ୍ରାସ ଏବଂ ଲୋକଙ୍କ ଜୀବନକୁ ଉନ୍ନତ କରିବା ପାଇଁ ଆମର ଉଲ୍ଲେଖନୀୟ ପ୍ରୟାସକୁ ସମର୍ଥନ କରିଛି ।

# ରେଳ ବିଭାଗକୁ ରେକର୍ଡ ୨.୭୮ ଲକ୍ଷ କୋଟି

ନୂଆଦିଲ୍ଲୀ : ୨୦୨୬-୨୭ ଆର୍ଥିକ ବର୍ଷର ବଜେଟରେ ଭାରତୀୟ ରେଳବାଇକୁ ମିଳିଛି ରେକର୍ଡ ପରିମାଣର ଅନୁଦାନ । କେନ୍ଦ୍ର ସରକାର ରେଳ ବିଭାଗକୁ ଦେଇଛନ୍ତି ୨.୭୮ ଲକ୍ଷ କୋଟି ଟଙ୍କା । ପୂର୍ବରୁ କୌଣସି ବଜେଟରେ ରେଳ ବିଭାଗକୁ ଏତେ ପରିମାଣର ଅନୁଦାନ ମିଳି ନଥିଲା ।

ରେଳ ଭିତ୍ତିଭୂମିକୁ ସୁଦୃଢ଼ କରି ଅର୍ଥନୀତିକ କାର୍ଯ୍ୟକଳାପକୁ ବୃଦ୍ଧି କରିବା, ଲଜିଷ୍ଟିକ କ୍ଷମତାକୁ ବୃଦ୍ଧି କରିବା ଓ ନିଯୁକ୍ତି ସୁଯୋଗକୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ କେନ୍ଦ୍ର ସରକାର ଏତେ ପରିମାଣର ବ୍ୟୟବରାଦ କରିଛନ୍ତି । ପୂର୍ବ ଆର୍ଥିକ ବର୍ଷରେ ଭାରତୀୟ ରେଳ ବିଭାଗକୁ ମୋଟ ୨.୫୫ ଲକ୍ଷ କୋଟି ଟଙ୍କାର ଅନୁଦାନ ଯୋଗାଇ ଦିଆଯାଇଥିଲା । ଏହା ମଧ୍ୟରେ ପୁଞ୍ଜିଗତ ବ୍ୟୟର ପରିମାଣର ୨.୫୨ ଲକ୍ଷ କୋଟି ଥିଲା । ୨୦୨୭ ଆର୍ଥିକ ବର୍ଷ ପାଇଁ ପୁଞ୍ଜିଗତ ଖର୍ଚ୍ଚକୁ ୨.୭୮ ଲକ୍ଷ କୋଟି କରାଯାଇଛି । ସେହିପରି ମୋଟ ଉପରେ ରେଳବାଇ ଭିତ୍ତିଭୂମି ପାଇଁ ୨.୯୨ ଲକ୍ଷ କୋଟିର ବ୍ୟବସ୍ଥା ହୋଇଛି । ରେଳ ବିଭାଗକୁ ଅନୁଦାନ ମିଳିବା ପରେ ବିଭାଗୀୟ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି ଯେ "ଚେନ୍ନାଇ, ବେଙ୍ଗାଲୁରୁ ଓ ହାଇଦ୍ରାବାଦ ମିଳିତ ଭାବେ ଗୋଟିଏ ହାଇସ୍ପିଡ ଟ୍ରାଙ୍ଗେଲ କିମ୍ବା ଦକ୍ଷିଣ ହାଇସ୍ପିଡ ଡାଇମଣ୍ଡରେ ପରିଣତ ହେବେ ।

# ଟିକସ ସ୍ଲାବ ଅପରିବର୍ତ୍ତିତ

## ଏପ୍ରିଲ ୧ରୁ ନୂଆ ଆୟକର ଆଇନ

ନୂଆଦିଲ୍ଲୀ : ରବିବାର ବଜେଟ ଉପସ୍ଥାପନ ବେଳେ ଅର୍ଥମନ୍ତ୍ରୀ ଟିକସ ସ୍ଲାବରେ ପରିବର୍ତ୍ତନ କରି ନଥିଲେ ହେଁ ଏପ୍ରିଲ ୧ରୁ ଦେଶରେ ନୂଆ ଆୟକର ଆଇନ, ୨୦୨୫ ଲାଗୁ ହେବ ଓ ନିୟମ ସମ୍ପର୍କରେ ଖୁବଶୀଘ୍ର ବିଜ୍ଞପ୍ତି ଜାରି ହେବ ବୋଲି କହିଛନ୍ତି ।ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ରବିବାର ରେକର୍ଡ ୯ମ ଥର ପାଇଁ କେନ୍ଦ୍ରୀୟ ବଜେଟ୍ ଉପସ୍ଥାପନ କରିଛନ୍ତି । ବଜେଟ ୫୩ ଲକ୍ଷ ଟପି ଥିବା ବେଳେ ଆୟକର ସ୍ଲାବରେ




କୌଣସି ପରିବର୍ତ୍ତନ କରିନାହାନ୍ତି କେନ୍ଦ୍ର ସରକାର । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସରକାର ଗତବର୍ଷ ବଜେଟ ସମୟରେ ନୂଆ ଆୟକର ବ୍ୟବସ୍ଥା ଘୋଷଣା କରିଥିଲେ । ନୂଆ ଆୟକର ବ୍ୟବସ୍ଥାରେ ବାର୍ଷିକ ୧୨ ଲକ୍ଷ ଟଙ୍କା ଆୟ ଉପରେ କୌଣସି ଟିକସ ଦେବାକୁ ପଡ଼ିବ ନାହିଁ ବୋଲି କହିଥିଲେ । ଏଥିରେ ପୁଣି ଟିଡିଏସ ବ୍ୟବସ୍ଥା ରହିଛି । ୭୫ ହଜାର ଯାଏ ଟିଡିଏସ୍ ପାଇଁ ଅର୍ଥାତ ୧୨.୭୫ ଲକ୍ଷ ଆୟ ଉପରେ କୌଣସି ଟିକସ ଲାଗୁ ହେବ ନାହିଁ ।ରବିବାର ବଜେଟ ଉପସ୍ଥାପନ ବେଳେ ଅର୍ଥମନ୍ତ୍ରୀ ଟିକସ ସ୍ଲାବରେ ପରିବର୍ତ୍ତନ କରି ନଥିଲେ ହେଁ ଏପ୍ରିଲ ୧ରୁ ଦେଶରେ ନୂଆ ଆୟକର ଆଇନ, ୨୦୨୫ ଲାଗୁ ହେବ ଓ ନିୟମ ସମ୍ପର୍କରେ ଖୁବଶୀଘ୍ର ବିଜ୍ଞପ୍ତି ଜାରି ହେବ ବୋଲି କହିଛନ୍ତି ।

# କେନ୍ଦ୍ର ବଜେଟ ୨୦୨୬-୨୭ରେ ଓଡ଼ିଶା

ନୂଆଦିଲ୍ଲୀ:କେନ୍ଦ୍ର ଅର୍ଥ ଏବଂ କର୍ପୋରେଟ୍ ବ୍ୟାପାର ମନ୍ତ୍ରୀ ନିର୍ମଳା ସୀତାରଣମ ଆଜି ସଂସଦରେ ଆଗତ କରିଥିବା ୨୦୨୬-୨୭ ଆର୍ଥିକ ବର୍ଷର ସାଧାରଣ ବଜେଟରେ ଓଡ଼ିଶା ସମେତ ପୂର୍ବ ଭାରତ ପାଇଁ ଅନେକ ଗୁରିତ୍ୱପୂର୍ଣ୍ଣ ଘୋଷଣା କରିଛନ୍ତି । ଓଡ଼ିଶା, କେରଳ, ଆନ୍ଧ୍ରପ୍ରଦେଶ ଏବଂ ତାମିଲନାଡୁ ଭଳି ଖଣିଜ ସମୃଦ୍ଧ ରାଜ୍ୟରେ ସ୍ୱତନ୍ତ୍ର ବିରଳ ମୃତ୍ତିକା କରିଡର ପ୍ରତିଷ୍ଠା କରାଯିବ । ଏହା ବିରଳ ମୃତ୍ତିକାର ଖନନ, ପ୍ରକ୍ରିୟାକରଣ, ଗବେଷଣା ଏବଂ ଉତ୍ପାଦନକୁ ପ୍ରୋତ୍ସାହନ ଦେବ ।

ଦେଶରେ ୨୦ଟି ନୂଆ ଜାତୀୟ ଜଳମାର୍ଗ ବିକଶିତ କରିବାକୁ ଅର୍ଥମନ୍ତ୍ରୀ ଘୋଷଣା କରିଛନ୍ତି । ଏଥିମଧ୍ୟରୁ ଓଡ଼ିଶାରେ ଜାତୀୟ ଜଳ ମାର୍ଗ-୫ ନିର୍ମାଣ କରାଯିବ ।ଏହି ଜଳମାର୍ଗ ତାଳଚେର ଏବଂ ଅନୁଗୁଳର ଖଣି ସମୃଦ୍ଧ କ୍ଷେତ୍ରକୁ କଳିଙ୍ଗ ନଗର ସହିତ ପାରାଦୀପ ଓ ଧାମରା ବନ୍ଦରକୁ ଯୋଡ଼ିବ । ଏଥିପାଇଁ ଆବଶ୍ୟକ ମାନବ ସମ୍ବଳ ବିକାଶ ଲାଗି ତାଲିମ ଅନୁଷ୍ଠାନଗୁଡ଼ିକୁ



- ସ୍ୱତନ୍ତ୍ର ବିରଳ ମୃତ୍ତିକା ଖଣିଜ କରିଡର ପ୍ରତିଷ୍ଠା କରାଯିବ
- ଜାତୀୟ ଜଳ ମାର୍ଗ-୫ ନିର୍ମାଣ କରାଯିବ
- ଉପକୂଳବର୍ତ୍ତୀ କ୍ଷେତ୍ରରେ ଟର୍ଟଲ୍ ଟ୍ରେଲ୍ ବିକଶିତ କରାଯିବ

ଆଞ୍ଚଳିକ ଉତ୍କର୍ଷ କେନ୍ଦ୍ର ରୂପେ ବିକଶିତ କରାଯିବ । ଏହାବ୍ୟତୀତ ବାରଣାସୀ ଏବଂ ପାଟନାରେ ଅନ୍ତର୍ଦେଶୀୟ ଜଳ ମାର୍ଗ ନିମନ୍ତେ ଜାହାଜ ମରାମତି ଶିଳ୍ପ କେନ୍ଦ୍ର ନିର୍ମାଣ କରାଯିବ । ଉପକୂଳ କାର୍ଗୋ ପ୍ରୋତ୍ସାହନ ଯୋଜନା ଦ୍ୱାରା ମଧ୍ୟ ଉପକୂଳବର୍ତ୍ତୀ ରାଜ୍ୟଗୁଡ଼ିକ ଲାଭାନ୍ୱିତ୍ତ ହେବେ ।ଏହା ଅନ୍ତର୍ଦେଶୀୟ ଜଳମାର୍ଗ ଏବଂ ଉପକୂଳ ଜାହାଜ ଚଳାଚଳକୁ ବଢାଇବ ।ସାରା ଦେଶରେ ସାତଟି ହାଇସ୍ପିଡ୍ ରେଳ କରିଡର ପ୍ରତିଷ୍ଠା କରାଯିବ । ଘରୋଇ କ୍ଷେତ୍ରରେ ଭାଗିଦାରୀରେ ପାଞ୍ଚଟି ଆଞ୍ଚଳିକ ଚିକିତ୍ସା କେନ୍ଦ୍ର ପ୍ରତିଷ୍ଠା ପାଇଁ ଯୋଜନାରେ ରାଜ୍ୟଗୁଡ଼ିକୁ ସହାୟତା ଯୋଗାଇ ଦିଆଯିବ । ଦେଶରେ ତିନୋଟି ନୂଆ ସର୍ବଭାରତୀୟ ଆୟୁର୍ବେଦ ପ୍ରତିଷ୍ଠାନ ପ୍ରତିଷ୍ଠା ନିମନ୍ତେ ବଜେଟରେ ଘୋଷଣା କରାଯାଇଛି । ପୂର୍ବ ଭାରତରେ ଡିଜାଇନ୍ ଶିକ୍ଷା ଓ ବିକାଶକୁ ପ୍ରୋତ୍ସାହନ ଲାଗି ନୂଆ ଜାତୀୟ ଡିଜାଇନ ଅନୁଷ୍ଠାନ ପ୍ରତିଷ୍ଠା କରାଯିବ । ସେହିପରି ଦେଶର ୧୫ ହଜାର ସ୍କୁଲ୍ ଏବଂ ୫୦୦ କଲେଜରେ ଏଭିଜିସି କଣ୍ଟେଣ୍ଟ କ୍ରିଏଟର ପ୍ରୟୋଗଶାଳା ପ୍ରତିଷ୍ଠା ଲାଗି ମୁମ୍ବାଇର ଆଇଆଇସିଟିକୁ ସହାୟତା ଯୋଗାଇ ଦିଆଯିବ । ପ୍ରମୁଖ ଶିଳ୍ପ ଏବଂ ଲଜିଷ୍ଟିକ୍ କରିଡର ପାଖରେ ପାଞ୍ଚଟି ବିଶ୍ୱବିଦ୍ୟାଳୟ ସହର ବିକଶିତ କରାଯିବ ।



ସଂସଦରେ ବଜେଟ୍ ଉପସ୍ଥାପନ କରିବା ପୂର୍ବରୁ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଭେଟି ବଜେଟର ଏକ କପି ପ୍ରଦାନ କରୁଛନ୍ତି ।

## ନିର୍ବାଚନୀ ରାଜ୍ୟ ପାଇଁ ବଡ଼ ଘୋଷଣା

ନୂଆଦିଲ୍ଲୀ: ଚଳିତ ବର୍ଷ ପଶ୍ଚିମବଙ୍ଗ, ଆସାମ, ତାମିଲନାଡୁ, ପୁଡୁଚେରୀ ଓ କେରଳ ଭଳି ରାଜ୍ୟରେ ନିର୍ବାଚନ ହେବାକୁ ଯାଉଛି । କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଏହି ରାଜ୍ୟଗୁଡ଼ିକ ପାଇଁ ଅନେକ ପ୍ରକଳ୍ପ ଘୋଷଣା କରିଛନ୍ତି । ଓଡ଼ିଶା, ତାମିଲନାଡୁ ଓ ଆନ୍ଧ୍ରପ୍ରଦେଶରେ ସମର୍ପିତ ଖଣିଜ ପାର୍କ ପ୍ରତିଷ୍ଠା କରାଯିବ । ସେ ବାରାଣସୀରୁ ସିଲିଗୁଡ଼ି ପର୍ଯ୍ୟନ୍ତ ଏକ ରେଳ କରିଡର ନିର୍ମାଣର ମଧ୍ୟ ପ୍ରସ୍ତାବ ଦେଇଛନ୍ତି ।ସେ କେରଳ ଓ ତାମିଲନାଡୁରେ ଏକ ବିରଳ ଖଣିଜ କରିଡର ନିର୍ମାଣ ପାଇଁ ମଧ୍ୟ ପ୍ରସ୍ତାବ ଦେଇଛନ୍ତି ।

## ସାତଟି ହାଇ-ସ୍ପିଡ୍ ରେଳ କରିଡର ପ୍ରସ୍ତାବ

ନିର୍ମଳା ସୀତାରମଣ ଭାରତର ହାଇ-ସ୍ପିଡ୍ ରେଳ ମହିବାକାଂକ୍ଷାକୁ ବୃଦ୍ଧି କରିବା ପାଇଁ ବଜେଟରେ ଘୋଷଣା କରିଛନ୍ତି । ବଜେଟରେ ସାତଟି ହାଇ-ସ୍ପିଡ୍ ରେଳ କରିଡର ପ୍ରସ୍ତାବ ଦିଆଯାଇଛି । ଟିୟର-୨ ଓ ଟିୟର-୩ ସହରଗୁଡ଼ିକୁ ପ୍ରମୁଖ ସହରାଞ୍ଚଳ କେନ୍ଦ୍ରଗୁଡ଼ିକ ସହିତ ସଂଯୋଗ କରିବା ତଥା ସଡ଼କ ଓ ରେଳପଥ ଏବଂ କମ୍ ଦୂରତା ବିମାନ ଯାତ୍ରାର ବିକାଶ କରିବ । ବଜେଟରେ ପୁଣେ-ମୁମ୍ବାଇ, ପୁଣେ-ହାଇଦ୍ରାବାଦ, ହାଇଦ୍ରାବାଦ-ବେଙ୍ଗାଲୁରୁ, ବେଙ୍ଗାଲୁରୁ-ଚେନ୍ନାଇ, ହାଇଦ୍ରାବାଦ-ଚେନ୍ନାଇ, ଦିଲ୍ଲୀ-ବାରାଣସୀ ଓ ବାରାଣସୀ-ସିଲିଗୁଡ଼ି ରୁଟରେ ରେଳ କରିଡରକୁ ବିକାଶ କରିବାର ପ୍ରସ୍ତାବ ଦିଆଯାଇଛି ।

## ଅଖିଳ ଭାରତୀୟ ଡିଜାଇନ୍ ପ୍ରତିଷ୍ଠାନ

ସରକାର ଆଇସିଏଆଇ ଓ ଆଇସିଏସ୍ଆଇ ଭଳି ବୃତ୍ତିଗତ ପ୍ରତିଷ୍ଠାନଗୁଡ଼ିକୁ ସ୍ୱଳ୍ପକାଳୀନ ମଡ୍ୟୁଲାର ପାଠ୍ୟକ୍ରମ ଡିଜାଇନ୍ କରିବାରେ ସହାୟତା କରିବାକୁ ପ୍ରସ୍ତାବ ଦେଇଛନ୍ତି । ଘରୋଇ ସହାୟତାରେ ପାଞ୍ଚଟି ମେଡିକାଲ୍ ହବ୍ ସୃଷ୍ଟି କରାଯିବ । ଭାରତରେ ତିନୋଟି ନୂତନ ଅଖିଳ ଭାରତୀୟ ଆୟୁର୍ବେଦ ପ୍ରତିଷ୍ଠାନ ପ୍ରତିଷ୍ଠା କରାଯିବ ।ଅର୍ଥମନ୍ତ୍ରୀ ଘୋଷଣା କରିଛନ୍ତି, ପୂର୍ବ ଭାରତରେ ଏକ ଅଖିଳ ଭାରତୀୟ ଡିଜାଇନ୍ ପ୍ରତିଷ୍ଠାନ ପ୍ରତିଷ୍ଠା କରାଯିବ । ଉଚ୍ଚଶିକ୍ଷା କ୍ଷେତ୍ରରେ ମହିଳାମାନଙ୍କ ଅଂଶଗ୍ରହଣକୁ ଆହୁରି ବୃଦ୍ଧି କରିବା ପାଇଁ ପ୍ରତ୍ୟେକ ଜିଲ୍ଲାରେ ମହିଳା ଛାତ୍ରାବାସ ନିର୍ମାଣ କରାଯିବ ।

## ପଶ୍ଚିମବଙ୍ଗକୁ ନିର୍ବାଚନୀ ଉପହାର

ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ପୂର୍ବ ପଶ୍ଚିମବଙ୍ଗର ଦାନକୁନିରୁ ପଶ୍ଚିମରେ ସୁରଟ ପର୍ଯ୍ୟନ୍ତ ଏକ ନୂତନ ସମର୍ପିତ ମାଲ ପରିବହନ କରିଡର ଘୋଷଣା କରିଛନ୍ତ । ଏହା ସହିତ, ପଶ୍ଚିମବଙ୍ଗର ସିଲିଗୁଡ଼ି ସମେତ ଦେଶର ସାତଟି ସହରକୁ ସଂଯୋଗ କରୁଥିବା ହାଇ-ସ୍ପିଡ୍ ରେଳ କରିଡର ଘୋଷଣା କରାଯାଇଛି ।

## ତାମିଲନାଡୁର କାଞ୍ଜିଭରମ୍ ସିଲ୍କ ଶାଢ଼ିକୁ ସମ୍ମାନ

ପ୍ରତିବର୍ଷ ବଜେଟ୍ ଦିବସରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ତାଙ୍କ ଶାଢ଼ି ମାଧ୍ୟମରେ ଏକ ବାର୍ତ୍ତା ଦେବାକୁ ଚେଷ୍ଟା କରିଥାନ୍ତି । ଏଥର, ସେ କାଞ୍ଜିଭରମ୍ ସିଲ୍କ ଶାଢ଼ି ପିନ୍ଧି ତାଙ୍କ ଗୃହ ରାଜ୍ୟ ତାମିଲନାଡୁର ପ୍ରାଚୀନ ବୟନ କଳାକୁ ସମ୍ମାନ ଜଣାଇଛନ୍ତି । ଏଥର, ସେ ହାଲୁକା ସୁନେଲି ବାଦାମୀ ଚେକ୍ କାଟମ୍ ସହିତ ଏକ ବାଇଗଣୀ ହାତବୁଣା କଟ୍ଟମ୍ କାଞ୍ଜିଭରମ୍ ଶାଢ଼ି ଓ କଫି ବାଦାମୀ ବର୍ଡରରେ ସୂତା କାମ ହୋଇଥିବା ଶାଢ଼ି ପିନ୍ଧିଛନ୍ତି ।

# ଗ୍ରାମୀଣ ମହିଳାଙ୍କୁ ଗୁରୁତ୍ୱ


ନୂଆଦିଲ୍ଲୀ: କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ କେନ୍ଦ୍ରୀୟ ବଜେଟ୍ ୨୦୨୬ରେ ଚାଷୀ, ପଶୁପାଳନ ଓ ପଶୁଚିକିତ୍ସା ବୃତ୍ତିଗତମାନଙ୍କ ପାଇଁ ବିଭିନ୍ନ ପଦକ୍ଷେପର ପ୍ରସ୍ତାବ ଦେଇଛନ୍ତି । ବଜେଟ୍ରେ ମହିଳା ନେତୃତ୍ୱାଧୀନ ଗ୍ରାମୀଣ ଉଦ୍ୟୋଗଗୁଡ଼ିକୁ ସୁଦୃଢ଼ କରିବା ଉପରେ ବିଶେଷ ଧ୍ୟାନ ଦିଆଯାଇଛି । ମତ୍ସ୍ୟପାଳନ କ୍ଷେତ୍ରକୁ ପ୍ରୋତ୍ସାହିତ କରିବା ପାଇଁ ୫୦୦ ଅମୃତ ସରୋବରର ସମନ୍ୱିତ ବିକାଶ ପ୍ରସ୍ତାବ ଦିଆଯାଇଛି । ଗ୍ରାମାଞ୍ଚଳରେ ଗୁଣାତ୍ମକ ନିଯୁକ୍ତି ସୃଷ୍ଟି କରିବା ପାଇଁ ସରକାର ପଶୁପାଳନ ଉଦ୍ୟୋଗକୁ ପ୍ରୋତ୍ସାହିତ କରିବା ପାଇଁ ପଦକ୍ଷେପ ଘୋଷଣା କରିଛନ୍ତି ।

କେରଳ ଓ ତାମିଲନାଡୁ ଭଳି ନଡ଼ିଆ ଚାଷ କରୁଥିବା ରାଜ୍ୟଗୁଡ଼ିକୁ ଟାର୍ଗେଟ କରି, ଅର୍ଥମନ୍ତ୍ରୀ ଏକ ନଡ଼ିଆ ପ୍ରୋତ୍ସାହନ ଯୋଜନାର ଶୁଭାରମ୍ଭ କରିଛନ୍ତି ଯାହାର ଉଦ୍ଦେଶ୍ୟ ହେଉଛି ଉତ୍ପାଦନ ଓ ଉତ୍ପାଦକତାକୁ ଉନ୍ନତ କରିବା ତଥା ପ୍ରାୟ ୩୦ ନିଯୁତ ଲୋକଙ୍କୁ ଲାଭ ପହଞ୍ଚାଇବା । ଏହା ଦ୍ୱାରା ୧୦ ନିଯୁତ ନଡ଼ିଆ ଚାଷୀ ଉପକୃତ ହୋଇପାରିବେ । ସରକାର ୨୦୩୦ ସୁଦ୍ଧା ଭାରତୀୟ କାଜୁ ଓ କୋକୋଆକୁ ପ୍ରିମିୟମ୍ ଗ୍ଲୋବାଲ୍ ବ୍ରାଣ୍ଡ ଭାବରେ ବିକଶିତ କରିବା ପାଇଁ ପଦକ୍ଷେପ ନେବାର ଯୋଜନା ମଧ୍ୟ କରିଛନ୍ତି । ଭାରତୀୟ ଚନ୍ଦନ କାଠ କାରବାରକୁ ବିକଶିତ କରିବା ପାଇଁ ରାଜ୍ୟ ସରକାରଙ୍କ ସହିତ କାମ କରିବାକୁ ଲକ୍ଷ୍ୟ ରଖାଯାଇଛି ।









# ପ୍ରତିରକ୍ଷାକୁ ମିଳିଲା ଘାତକ ଶକ୍ତି

ନୂଆଦିଲ୍ଲୀ: ରବିବାର କେନ୍ଦ୍ର ସରକାର ପ୍ରତିରକ୍ଷା ଖର୍ଚ୍ଚରେ ବ୍ୟାପକ ବୃଦ୍ଧି ଘୋଷଣା କରି ଚଳିତ ଆର୍ଥିକ ବର୍ଷ ପାଇଁ ସାମଗ୍ରିକ ପ୍ରତିରକ୍ଷା ବଜେଟ୍ ୭.୮୫ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି କରିଛନ୍ତି । ଏହା ପୂର୍ବବର୍ଷର ୬.୮୧ ଲକ୍ଷ କୋଟି ଟଙ୍କାରୁ ଢେର ଅଧିକ । ବିଶେଷ କରି ଗତବର୍ଷ ଇସଲାମାବାଦ ସହିତ ସଂକ୍ଷିପ୍ତ ଯୁଦ୍ଧ ପରେ ପାକିସ୍ତାନ ଓ ଚୀନ୍ର ଦ୍ୱୈତ ବିପଦ ମଧ୍ୟରେ ସାମରିକ ପ୍ରସ୍ତୁତି ଓ ଆଧୁନିକୀକରଣ ଉପରେ ମୋଦୀ ସରକାରଙ୍କ ନିରନ୍ତର ଧ୍ୟାନର ଏହା ସଙ୍କେତ ଦେଉଛି । ତେବେ କୌତୂହଳର ବିଷୟ ହେଉଛି, ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ତାଙ୍କ ବଜେଟ୍ ଭାଷଣରେ କୌଣସି ପ୍ରତିରକ୍ଷା ନୀତି ଘୋଷଣା କରିନାହାନ୍ତି । ଏକ ପ୍ରମୁଖ ଆକର୍ଷଣ ହେଉଛି ପ୍ରତିରକ୍ଷା ପୁଞ୍ଜି ବ୍ୟୟରେ ତୀବ୍ର ବୃଦ୍ଧି, ଯାହା ଗତ ବର୍ଷ ଆବଣ୍ଟିତ ୧.୮୦ ଲକ୍ଷ କୋଟି ଟଙ୍କା ତୁଳନାରେ ୨୮% ବୃଦ୍ଧି ପାଇ ୨.୩୧ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି । ବର୍ଦ୍ଧିତ ପୁଞ୍ଜି ବ୍ୟୟ ଉନ୍ନତ ଅସ୍ତ୍ରଶସ୍ତ୍ର ପ୍ରଣାଳୀ ଅଧିଗ୍ରହଣ ଏବଂ ଘରୋଇ ପ୍ରତିରକ୍ଷା ଉତ୍ପାଦନକୁ ବୃଦ୍ଧି କରିବା ଉପରେ ସରକାରଙ୍କ ଧ୍ୟାନକୁ ପ୍ରତିଫଳିତ କରେ । ଗତ ମାସରେ ଭାରତ ଫ୍ରାନ୍ସରୁ ୧୧୪ଟି ରାଫେଲ ବିମାନ କିଣିବା ପାଇଁ ୩.୨୫ ଲକ୍ଷ କୋଟି ଟଙ୍କାର ଚୁକ୍ତିକୁ ମଞ୍ଜୁରୀ ଦେଇଥିଲା । ଏହା ବ୍ୟତୀତ ପ୍ରତିରକ୍ଷା ୟୁନିଟ୍ଗୁଡ଼ିକର ରକ୍ଷଣାବେକ୍ଷଣ କିମ୍ବା ମରାମତିରେ ବ୍ୟବହୃତ ଯନ୍ତ୍ରାଂଶ ଉତ୍ପାଦନ ପାଇଁ ଆମଦାନି ହେଉଥିବା କଞ୍ଚାମାଲ ଉପରେ ମଧ୍ୟ ସରକାରମୂଳ ସୀମା ଶୁଳ୍କ ଛାଡ଼ କରିଛନ୍ତି । ସରକାରୀ ତଥ୍ୟ ଅନୁଯାୟୀ, ମୋଟ ପ୍ରତିରକ୍ଷା ବ୍ୟୟ ୨୦୧୫-୧୬ରେ ୨.୯୪ ଲକ୍ଷ କୋଟି ଟଙ୍କାରୁ ୨୦୨୫-୨୬ରେ ୭.୮୫ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି ପାଇଛି ।

# ଜଳବାୟୁ ଲଢେଇକୁ ବଜେଟରେ ପ୍ରୋତ୍ସାହନ

ନୂଆଦିଲ୍ଲୀ: ଭାରତ ସମ୍ପ୍ରତି ବ୍ୟାପକଭାବେ ହିଟ୍ୱେଭ୍, ବନ୍ୟା, ବାତ୍ୟା ଓ ବାୟୁ ପ୍ରଦୂଷଣ ଭଳି ଜଳବାୟୁ ପରିବର୍ତ୍ତନଜନିତ ସମସ୍ୟାର ସମ୍ମୁଖୀନ ହେଉଥିଲେ ମଧ୍ୟ ଏହାର ମୁକାବିଲା ପାଇଁ କେନ୍ଦ୍ର ବଜେଟ୍ ୨୦୨୬ରେ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରାଳୟ (ଏମ୍ଓଇଏଫ୍ସିସି) କୁ ସାମାନ୍ୟ ପ୍ରୋତ୍ସାହନ ମିଳିଛି । ୨୦୨୬-୨୭ ପାଇଁ ପରିବେଶ ମନ୍ତ୍ରଣାଳୟକୁ ୩,୭୫୯.୪୬ କୋଟି ଟଙ୍କା ଆବଣ୍ଟନ କରାଯାଇଛି, ଯାହା ୨୦୨୫-୨୬ ବଜେଟ୍ ଆକଳନ ୩,୪୮୧.୬୧ କୋଟି ଟଙ୍କାଠାରୁ ୨୭୮ କୋଟି ଟଙ୍କା ବା ପ୍ରାୟ ୮ ପ୍ରତିଶତ ଅଧିକ । ବିଶ୍ଳେଷକମାନେ କହିଛନ୍ତି ଯେ ଭାରତର ଜଳବାୟୁ ଓ ପରିବେଶ ଆହ୍ୱାନର ପରିମାଣକୁ ଦେଖିଲେ ଏହି ବୃଦ୍ଧି କିଛି ନୁହେଁ । ପୁଞ୍ଜି ବ୍ୟୟ ୧୭୪.୩୯ କୋଟିରୁ ୨୨୨.୮୦ କୋଟି ଟଙ୍କାକୁ ବୃଦ୍ଧି ପାଇଛି, ଯାହା ଅନୁସନ୍ଧାନ ଭିତ୍ତିଭୂମି ଓ ମନିଟରିଂ ସୁବିଧା ପରି ଦୀର୍ଘକାଳୀନ ସମ୍ପତ୍ତିରେ କିଛି ଅତିରିକ୍ତ ବିନିଯୋଗକୁ ସୂଚାଇଥାଏ । ରାଜସ୍ୱ ଖର୍ଚ୍ଚ ମଧ୍ୟ ସାମାନ୍ୟ ବୃଦ୍ଧି ପାଇଥାଏ, ମୁଖ୍ୟତଃ ବିଦ୍ୟମାନ ଅନୁଷ୍ଠାନ ଓ ଯୋଜନାଗୁଡ଼ିକୁ ସମର୍ଥନ କରିବା ପାଇଁ । ବଜେଟର ଅଧିକାଂଶ ଅଂଶ ନିୟାମକ ଓ ସଂସ୍ଥାଗତ କ୍ଷମତାକୁ ମଜବୁତ କରିବାକୁ ଲକ୍ଷ୍ୟ ରଖାଯାଇଛି ।







# ବଜେଟ୍ ପ୍ରତିକ୍ରିୟା



## ଲୋକାଭିମୁଖୀ ବଜେଟ : ଅନିଲ ଅଗ୍ରୱାଲ

ଭୁବନେଶ୍ୱର (ସବ୍ୟୁ): ଏହା ଏକ ଲୋକାଭିମୁଖୀ ବଜେଟ୍, ଏଥିରେ ସାଧାରଣ ପୁଞ୍ଜି ନିବେଶ ଏବଂ ଉତ୍ପାଦନକୁ ବୃଦ୍ଧି କରିବା ଉପରେ ସ୍ପଷ୍ଟ ଧ୍ୟାନ ଦେବା ସହିତ ଯୁବପିଢ଼ିମାନଙ୍କ ପାଇଁ ସେମାନଙ୍କର ଜୀବିକା ଉନ୍ନତ କରିବା, ମହିଳାମାନଙ୍କୁ ଆର୍ଥିକ ଭାବରେ ସ୍ୱାଧୀନ କରିବା ଏବଂ ଚିକିତ୍ସା ପର୍ଯ୍ୟଟନ ଭଳି ନିଯୁକ୍ତି କ୍ଷେତ୍ରଗୁଡ଼ିକୁ ଆଗକୁ ନେବା ପାଇଁ ଯଥେଷ୍ଟ ସୁଯୋଗ ସୃଷ୍ଟି କରାଯାଇଛି ବୋଲି ବଜେଟ୍ ପ୍ରତିକ୍ରିୟା ଦେଇ କହିଛନ୍ତି ବେଦାନ୍ତର ଅଧ୍ୟକ୍ଷ ଅନିଲ ଅଗ୍ରୱାଲ । ସେ କହିଛନ୍ତି ମୁଁ ଗୁରୁତ୍ୱପୂର୍ଣ୍ଣ ଖଣିଜ ଏବଂ ବିରଳ ମୃର୍ତ୍ତିକା ପ୍ରତି ସରକାରଙ୍କ ଆଗ୍ରହକୁ ସ୍ୱାଗତ କରୁଛି । ଓଡ଼ିଶା, ତାମିଲନାଡୁ, ଆନ୍ଧ୍ରପ୍ରଦେଶ ଏବଂ



କେରଳରେ ଖଣି, ପ୍ରକ୍ରିୟାକରଣ, ଗବେଷଣା, ବିକାଶ ଏବଂ ଉତ୍ପାଦନ ପାଇଁ ବିରଳ ମୃର୍ତ୍ତିକା କରିଡର ଅଭିବୃଦ୍ଧି, ନିଯୁକ୍ତି ଏବଂ ଖଣିଜ ସୁରକ୍ଷାକୁ ବୃଦ୍ଧି କରିବ। ଗୁରୁତ୍ୱପୂର୍ଣ୍ଣ ଖଣିଜ ପ୍ରକ୍ରିୟାକରଣ ପାଇଁ ପୁଞ୍ଜିଗତ ସାମଗ୍ରୀ ଉପରେ ଆମଦାନୀ ଶୁଳ୍କ ଛାଡ଼ ବର୍ତ୍ତମାନର ବିଶ୍ୱ ପରିସ୍ଥିତିରେ ବହୁତ ସମୟୋଚିତ ସାବ୍ୟସ୍ତ ହୋଇଛି। ଏସଇଜେଡରେ ନମନୀୟତା ସମ୍ପର୍କରେ ଘୋଷଣା, ଘରୋଇ ବଜାରରେ ବିକ୍ରୟକୁ ଅନୁମତି ଦେବା ଏକ ଉତ୍କୃଷ୍ଟ ପଦକ୍ଷେପ ଅଟେ। ଏହି କଠିନ ସମୟରେ ଭାରତୀୟ ଅର୍ଥନୀତିରେ ଦୃଢତା ତଥା ସ୍ଥିରତା ଆଣିପାରିଥିବାରୁ ମୁଁ ପ୍ରଧାନମନ୍ତ୍ରୀ ଏବଂ ଅର୍ଥମନ୍ତ୍ରୀଙ୍କୁ ଅଭିନନ୍ଦନ ଜଣାଉଛି।

## ଏମ୍ଏସ୍ଏମ୍ଇ-ଏସ୍ଏମ୍ଇ ପାଇଁ ନୂଆ ଆଶା : ସୁଶାନ୍ତ କୁମାର ପଣ୍ଡା

ଭୁବନେଶ୍ୱର (ସବ୍ୟୁ): କେନ୍ଦ୍ର ସରକାରଙ୍କ ବଜେଟ୍ ୨୦୨୬ରେ ଏ ମ ଏ ସ ଏ ମ ଇ , - ଏ ସ ଏ ମ ଇ କ୍ଷେତ୍ରକୁ ଦିଆଯାଇଥିବା ବିଶେଷ ଗୁରୁତ୍ୱ ଓଡ଼ିଶାର ଛୋଟ ଓ ମଝିଆ ଉଦ୍ୟୋଗୀମାନଙ୍କ ପାଇଁ ଏକ ସୁବର୍ଣ୍ଣ ସୁଯୋଗ ସୃଷ୍ଟି କରିଛି ବୋଲି କହିଛନ୍ତି ବିଶିଷ୍ଟ ଶିଳ୍ପପତି ତଥା ଭାରତ ମସଲାର ଏମ୍‌ଡି ସୁଶାନ୍ତ କୁମାର ପଣ୍ଡା। ବଜେଟ୍ ପ୍ରତିକ୍ରିୟାରେ ସେ କହିଛନ୍ତି ସହଜ ଋଣ, ଇକ୍ୟୁଟି ଫଣ୍ଡ, , ଟ୍ରେଡ୍ସ ମାଧ୍ୟମରେ ତ୍ୱରିତ ପେମେଣ୍ଟ ଇଜି ଅଫ ଡୁଇଂ ବିଜିନେସ ଭଳି ପଦକ୍ଷେପ ଉଦ୍ୟୋଗ କ୍ଷେତ୍ରକୁ ଆହୁରି ସଶକ୍ତ କରିବ। ଓଡ଼ିଶା ଆଜି କେବଳ ଖଣିଜ ସମୃଦ୍ଧ ରାଜ୍ୟ ନୁହେଁ, ଶିଳ୍ପ ଓ ଉଦ୍ୟମୀତାର ଏକ ନୂଆ ହବ୍ ଭାବେ ଦେଶରେ ନିଜ ପରିଚୟ ଗଢ଼ିଛି। ଏମଏସଏମଇ କ୍ଷେତ୍ର ମାଧ୍ୟମରେ ଯୁବକ-ଯୁବତୀମାନେ ଚାକିରି ଖୋଜିବା ପରିବର୍ତ୍ତେ ଚାକିରି ସୃଷ୍ଟି କରିବାର ସୁଯୋଗ ପାଇବେ। ଏହି ବଜେଟ୍ ଆତ୍ମନିର୍ଭର ଓଡ଼ିଶା ଗଢ଼ିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ।

## ବିଭିନ୍ନ କ୍ଷେତ୍ରରେ ଦେଶକୁ ଆତ୍ମନିର୍ଭର କରିବ : ପ୍ରଭାତୀ

ଭୁବନେଶ୍ୱର (ସବ୍ୟୁ): ଓଡ଼ିଶା, ଆନ୍ଧ୍ର ପ୍ରଦେଶ, କେରଳ ଏବଂ ତାମିଲନାଡୁକୁ ନେଇ 'ରେୟର୍ ଆର୍ଥ କରିଡର୍' ସ୍ଥାପନ ପାଇଁ କେନ୍ଦ୍ର ବଜେଟ୍‌ରେ ଘୋଷଣା କରିଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ କେନ୍ଦ୍ର ଅର୍ଥ ମନ୍ତ୍ରୀ ନିର୍ମଳା ସୀତାରମଣଙ୍କୁ ଧନ୍ୟବାଦ ଜଣାଇଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା । ସେ କହିଛନ୍ତି ଏହା ଇଲେକ୍ଟ୍ରୋନିକ୍ସ, ପ୍ରତିରକ୍ଷା ଏବଂ ଇ-ଭେଇକିଲ୍ ଆଦି କ୍ଷେତ୍ରରେ ଦେଶକୁ ଆତ୍ମନିର୍ଭର କରିବା ସହ ନୂତନ ସୁଯୋଗ ସୃଷ୍ଟି କରିବ । ଏହାସହ ମହିଳା ଅର୍ଥମନ୍ତ୍ରୀ ଭାବେ ସର୍ବକାଳୀନ ରେକର୍ଡ, ନବମ ଥର ପାଇଁ ବଜେଟ ଉପସ୍ଥାପନ କରୁଥିବାରୁ କେନ୍ଦ୍ର ଅର୍ଥମନ୍ତ୍ରୀ ଶ୍ରୀମତୀ ସୀତାରମଣଙ୍କୁ ଅଭିନନ୍ଦନ ଜଣାଇଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ।

## ଚଳିତ ବଜେଟ୍ ହେଉଛି ବିକଶିତ ଭାରତର ରୋଡମ୍ୟାପ : ମନମୋହନ

ଭୁବନେଶ୍ୱର, (ସବ୍ୟୁ): ୨୦୨୬-୨୦୨୭ ଆର୍ଥିକ ବର୍ଷ ପାଇଁ ଆଗତ କେନ୍ଦ୍ର ବଜେଟ୍‌ରେ ଚାଷୀ, ମହିଳା, ଯୁବବର୍ଗ, ବେତନଭୋଗୀ, ମଧ୍ୟବିତ୍ତ, ବ୍ୟବସାୟ, ଏମ୍ଏସ୍ଏମ୍ଇ, ସ୍ୱାସ୍ଥ୍ୟ ସେବା, ନିଯୁକ୍ତି, ଶିକ୍ଷା, ପ୍ରତିରକ୍ଷା ପରି ସବୁ କ୍ଷେତ୍ରକୁ ଗୁରୁତ୍ୱ ଦିଆଯାଇଛି। ଦେଶର ପ୍ରତ୍ୟେକ କୋଣରେ ବିକାଶର ନୂତନ ଆଶାର କିରଣ ଉଜ୍ଜୀବିତ କରିଛି। ଭାରତ ଏବେ ବିଶ୍ୱର ଚତୁର୍ଥ ବୃହତମ୍ ଅର୍ଥନୀତି ପାଲଟିଥିବାବେଳେ ତୃତୀୟ ବୃହତମ ଅର୍ଥନୀତି ହେବା ଦିଗରେ ଦ୍ରୁତ ଗତିରେ ଆଗେଇ ଚାଲିଛି। ବିକଶିତ ଭାରତ ଲକ୍ଷ୍ୟ ପୂରଣ କରିବା ପାଇଁ ଏହି ବଜେଟରେ ଅନେକ ଯୁଗାନ୍ତକାରୀ ପଦକ୍ଷେପ, ନୂତନ ଯୋଜନାକୁ ମଞ୍ଜୁରି ମିଳିଛି। ବଜେଟରେ ଆୟୁର୍ବେଦଠାରୁ ଆରମ୍ଭ କରି ଏଆଇ ଟେକ୍ନୋଲୋଜିକୁ ଗୁରୁତ୍ୱ ଦିଆଯାଇଛି। ଗତ ୧୨ ବର୍ଷ ମଧ୍ୟରେ ମାନନୀୟ ମୋଦିଜୀଙ୍କ ଦୂରଦୃଷ୍ଟି ସମ୍ପନ୍ନ ନୀତି ଯୋଗୁ ସାରା ବିଶ୍ୱରେ ଅସ୍ଥିରତା ଥିଲାବେଳେ ଭାରତର ଅଭିବୃଦ୍ଧି ବଢ଼ିଚାଲିଛି। ୨୦୪୭ ବିକଶିତ ଭାରତ ଗଠନ କରିବା ପାଇଁ



ଏହା ଏକ ଶ୍ରେଷ୍ଠ ରୋଡମ୍ୟାପ ହେବା ସହିତ ସବୁବର୍ଗର ଆଶା ପୂରଣ କରିପାରିବାରେ ସକ୍ଷମ ହେବ ବୋଲି ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି। ଶ୍ରୀ ସାମଲ କହିଛନ୍ତି ଯେ, ଚଳିତ ବଜେଟ୍‌ରେ ଭିତିଭୂମି ନିର୍ମାଣ ପାଇଁ ବ୍ୟୟ ବରାଦ ୧୨ଲକ୍ଷ କୋଟି ଟପିଥିଲାବେଳେ ସାମାଜିକ କ୍ଷେତ୍ରରେ ବ୍ୟୟବରାଦ ବଢ଼ିଛି। ପୂର୍ବରୁ ଚାଲୁଥିବା ଗୋଟିଏ ବି ଯୋଜନା ବନ୍ଦ ହୋଇନାହିଁ। ନିଯୁକ୍ତି ସୃଷ୍ଟି, ଉତ୍ପାଦକତା ବୃଦ୍ଧି ଏବଂ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ଦିଗରେ ସରକାର ବ୍ୟାପକ ଅର୍ଥନୈତିକ ସଂସ୍କାର ଗ୍ରହଣ କରିଛନ୍ତି। ବିକଶିତ ଓଡ଼ିଶା ଗଠନ ପାଇଁ ପ୍ରାଥମିକତା ଦିଆଯାଇଛି। ଜାତୀୟ ଜଳମାର୍ଗ ଯୋଜନାରେ ଆଗାମୀ ୫ ବର୍ଷରେ ୨୦ଟି ନୂତନ ଜଳପଥ ନିର୍ମାଣ କରାଯିବ ଯାହା ଓଡିଶାରୁ ଆରମ୍ଭ ହେବ। ଖଣିଜ ପଦାର୍ଥରେ ଭରପୂର ତାଳଚେର ଓ ଅନୁଗୋଳ, କଳିଙ୍ଗନଗରରୁ ପାରାଦୀପ ବନ୍ଦର ସହ ସଂଯୋଗ କରିବା ପାଇଁ ଓଡ଼ିଶାରେ ଜାତୀୟ ଜଳପଥ ନିର୍ମାଣ ହେବ ଯାହା ଆଗାମୀ ଦିନରେ ଓଡିଶାରେ ଶିଳ୍ପାୟନ କ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିବ। ଓଡ଼ିଶାରେ ବିରଳ ଖଣିଜ କରିଡର କରିବାକୁ ଘୋଷଣା କରାଇଛନ୍ତି। ଏହାଦ୍ୱାରା ଉତ୍ପାଦନ ବୃଦ୍ଧି ପାଇବା ସହ ରାଜ୍ୟରେ ଅଧିକ ନିଯୁକ୍ତିର ସୁଯୋଗ ସୃଷ୍ଟି ହେବ। ଟାୟାର- ୨, ଟାୟାର-୩ ସହର ପାଇଁ ବଜେଟରେ ସ୍ୱତନ୍ତ୍ର ଧ୍ୟାନ ଦେବା ଓଡ଼ିଶାର ପ୍ରମୁଖ ୭ଟି ସହର ପାଇଁ ଅର୍ଥ ମିଳିବାର ସୁଯୋଗ ସୃଷ୍ଟି କରିଛି। ଏହି ବଜେଟ ଦେଶ ଓ ରାଜ୍ୟର ସର୍ବାଙ୍ଗୀନ ଉନ୍ନତି ପାଇଁ ମୂଳଦୂଆ ପକାଇବା ସହ ସାମଗ୍ରିକ ବିକାଶ କରିବ ବୋଲି ଶ୍ରୀ ସାମଲ କହିଛନ୍ତି।

## ସ୍ୱାଗତ ଯୋଗ୍ୟ ବଜେଟ୍ : ଦିଲୀପ ଉମେନ୍

ଭୁବନେଶ୍ୱର (ସବ୍ୟୁ): ଦିଲୀପ ଉମେନ୍, ନିର୍ଦ୍ଦେଶକ ଏବଂ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ, ଆର୍ସେଲରମିତ୍ତଲ ନିପ୍ପନ୍ ଷ୍ଟିଲ ଇଣ୍ଡିଆ (ଏଏମ୍ /ଏନ୍ଏସ୍ ଇଣ୍ଡିଆ) ବଜେଟ୍ ସଂପର୍କରେ ପ୍ରତିକ୍ରିୟା ଦେଇ କହିଛନ୍ତି ଉଦ୍ୟୋଗର ଦୀର୍ଘକାଳୀନ ଅଭିବୃଦ୍ଧି ପାଇଁ ଭିତ୍ତିଭୂମି କ୍ଷେତ୍ରରେ ପୁଞ୍ଜିଗତ ବ୍ୟୟ (କ୍ୟାପେକ୍ସ) ଜାରି ରହିବା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ପ୍ରକଳ୍ପ ପାଇଁ ଆର୍ଥିକ ସହାୟତାକୁ ସୁଦୃଢ଼ କରିବା, ଶିଳ୍ପ କ୍ଲଷ୍ଟର ଗୁଡ଼ିକର ପୁନରୁଦ୍ଧାର ଏବଂ ଟିୟର-୨ ଓ ଟିୟର-୩ ସହର ଗୁଡ଼ିକରେ ଭିତ୍ତିଭୂମି ସମ୍ପ୍ରସାରଣ ପାଇଁ ନିଆଯାଇଥିବା ପଦକ୍ଷେପ ଗୁଡ଼ିକ ଦ୍ୱାରା ଘରୋଇ ଉତ୍ପାଦନ ଏବଂ ପ୍ରତିଯୋଗିତାମୂଳକ ମନୋଭାବକୁ ମଧ୍ୟ ପ୍ରୋତ୍ସାହନ ମିଳିବ। ଏଏମ୍/ଏନ୍ଏସ୍ ଇଣ୍ଡିଆ ଦୀର୍ଘସ୍ଥାୟୀ ଇସ୍ପାତ ନିର୍ମାଣ ଏବଂ ଭାରତର ପ୍ରଗତିରେ ଦୀର୍ଘକାଳୀନ ନିବେଶ ମାଧ୍ୟମରେ ଦେଶ ଗଠନର ପ୍ରୟାସକୁ ସହାୟତା କରିବା ପାଇଁ ପ୍ରତିବଦ୍ଧ ଅଛି।

## ସମ୍ପୂର୍ଣ୍ଣ ଦିଗହୀନ ଏବଂ ଭ୍ରମାତ୍ମକ ବଜେଟ୍ : ଭକ୍ତ

ଭୁବନେଶ୍ୱର,(ସବ୍ୟୁ): ୨୦୨୬-୨୭ ଆଗତ ବଜେଟକୁ ନେଇ ପିସିସି ସଭାପତି ଭକ୍ତ ଚରଣ ଦାସ ଏକ ପ୍ରେସ ବିବୃତିରେ ନିଜ ମତାମତ ଉପସ୍ଥାପନା କରି କହିଥିଲେ ଯେ, ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଆଗତ ବଜେଟ ସମ୍ପୂର୍ଣ୍ଣ ଦିଗହୀନ ଏବଂ ଭ୍ରମାତ୍ମକ । ଏହି ବଜେଟ କୃଷକ ଯୁବକ,ଗରିବ ନିମ୍ନ ମଧ୍ୟବିତ୍ତ, ମଧ୍ୟବିତ୍ତ କାହାକୁ ଖୁସି କରିପାରିନାହିଁ। ଯୁବକ ମାନଙ୍କ ପାଇଁ କର୍ମ ନିଯୁକ୍ତିର କୌଣସି ଯୋଜନା ନାହିଁ। ପୂର୍ବ ବଜେଟ ଅନୁସାରେ ସରକାର ଏକଲକ୍ଷ କୋଟି ଟଙ୍କା ଖର୍ଚ୍ଚ କରିପାରି ନାହାନ୍ତି । ୨୦୨୪-୨୫ ପର୍ଯ୍ୟନ୍ତ ଦେଶ ଉପରେ ୧୯୦ ଲକ୍ଷ କୋଟି ହୋଇଯାଇଛି ଯାହାଯୁପିଏ ସରକାର ସମୟରେ ୫୫ ଲକ୍ଷ କୋଟି ଥିଲା । ଏଇ ୧୨ ବର୍ଷରେ ସରକାର ୧୩୫ ଲକ୍ଷ କୋଟି ଅଧିକ ଋଣ କରିସାରିଲେଣି । ଅଧିକନ୍ତୁ ୨୦୨୬-୨୭ ବେଳକୁ ପୁଣି ୧୭.୨ ଲକ୍ଷ କୋଟି ଋଣ କରିବେ । ଯୁପିଏ ସମୟରେ ଥିବା ଘରୋଇ ସଂଚୟ ୭.୪



% ଖସିଆସି ୫.୩% ହୋଇଯାଇଛି । ଶିକ୍ଷିତ ଯୁବକ ମାନଙ୍କ ବେକାରି ସମସ୍ୟା ଅତି ଉତ୍କଟ । ଓଡିଶା କେନ୍ଦ୍ର ରାଜସ୍ୱ ଆଦାୟର କୋଣସି ଭାଗ ପାଇବାର ବ୍ୟବସ୍ଥା ନାହିଁ । ବଜେଟରେ ଘୋଷଣା ହୋଇଥିବା କେନ୍ଦୁଝର, ପାରାଦ୍ୱୀପ ଆନ୍ତଃଜଳ ଗମନାଗମନ ଏକ ଧୂଆଁ ବାଣ ଛଡା କିଛି ନୁହଁ । ସରକାର ପ୍ରଥମେ ଭୀଷଣ ଭାବରେ ପ୍ରଦୂଷିତ ହେଉଥିବା ମହାନଦୀ ଓ ବୈତରଣୀ ନଦୀକୁ ରକ୍ଷା କରନ୍ତୁ ଇଷ୍ଟ କୋଷ୍ଟ ଫ୍ରାଇଟ କରିଡର ତିଆରି ହେବାର ଯୋଜନା ଅଛି । ବହୁତ ସୁନ୍ଦର ପଦକ୍ଷେପ ତେବେ ସରକାର ସ୍ପଷ୍ଟ କରନ୍ତୁ ଏହା ଶିଳ୍ପପତିଙ୍କ ସ୍ୱାର୍ଥ ପାଇଁ ନୁହେଁ ତ ବୋଲି ପ୍ରଶ୍ନ କରିଛନ୍ତି । ୭ ଗୋଟି ସ୍ପୀଡ଼ ରେଲ କରିଡର ଘୋଷଣା ହେଇଛି କିନ୍ତୁ ଏଥିରେ ଓଡିଶାର ନାମ ନଥିବା ଅତ୍ୟନ୍ତ ଦୁର୍ଭାଗ୍ୟ ଜନକ । ଶ୍ରୀ ଦାସ କହିଲେ, ପ୍ରଦେଶ କଂଗ୍ରେସ କମିଟି ଏହି ବଜେଟକୁ ନିନ୍ଦା କରୁଛି ଏବଂ ଓଡିଶା ପାଇଁ ଅଧିକରୁ ଅଧିକ ପାଣ୍ଠି ଯୋଗେଇବାକୁ ଦାବି କରୁଛି ।

## 'ଓଡ଼ିଶା ଭିଜନ୍ ୨୦୩୬' କୁ ଶକ୍ତିଶାଳୀ ଭାବରେ ସୁଦୃଢ଼ କରୁଛି : ପଙ୍କଜ ଲୋଚନ ମହାନ୍ତି

ଭୁବନେଶ୍ୱର (ସବ୍ୟୁ): କେନ୍ଦ୍ରୀୟ ବଜେଟ୍ ୨୦୨୬, 'ଓଡ଼ିଶା ଭିଜନ୍ ୨୦୩୬' ଏବଂ 'ଇଣ୍ଡିଆ ଭିଜନ୍ ୨୦୪୭' କୁ ଶକ୍ତିଶାଳୀ ଭାବରେ ସୁଦୃଢ଼ କରୁଛି ବୋଲି କହିଛନ୍ତି ଆସୋଚାମ୍ ଓଡ଼ିଶା ରାଜ୍ୟ ବିକାଶ ପରିଷଦର ଅଧ୍ୟକ୍ଷ ପଙ୍କଜ ଲୋଚନ ମହାନ୍ତି । ପ୍ରତିକ୍ରିୟାରେ ସେ କହିଛନ୍ତି ଜାତୀୟ ଜଳପଥ-୫ ଏବଂ ଏନ୍. ଡବ୍ଲୁ-୬୪ର ୧୨,୨୦୦ କୋଟି ଟଙ୍କାର ରୂପାନ୍ତରଣ ପ୍ରକ୍ରିୟା ଅନୁଗୁଳ-ତାଳଚେରକୁ କଳିଙ୍ଗନଗର, ପାରାଦୀପ ଏବଂ ଧାମରା ସହିତ ଯୋଡ଼ିବ, ଯାହା



ପରିବହନ ଖର୍ଚ୍ଚକୁ ୩୦% ପର୍ଯ୍ୟନ୍ତ ହ୍ରାସ କରିବ ଏବଂ ଶିଳ୍ପ, ଏମ୍.ଏସ୍.ଏମ୍.ଇ ଏବଂ ଚାଷୀଙ୍କ ପାଇଁ ଗ୍ରୀନ୍ କାର୍ଗୋ କରିଡର ସୃଷ୍ଟି କରିବ । ରେଆର ଆର୍ଥ ମୂଲ୍ୟ ଶୃଙ୍ଖଳା ଏବଂ ୪୦,୦୦୦ କୋଟି ଟଙ୍କାର ଇଲେକ୍ଟ୍ରୋନିକ୍ସ ମିଶନ, ଓଡ଼ିଶାକୁ ଇଭି, ଅକ୍ଷୟ ଶକ୍ତି, ପ୍ରତିରକ୍ଷା ଏବଂ ସେମିକଣ୍ଡକ୍ଟର ପାଇଁ ଏକ ରଣନୀତିକ କେନ୍ଦ୍ର ଭାବରେ ସ୍ଥାପିତ କରୁଛି । ୧୨.୨ ଲକ୍ଷ କୋଟି ଟଙ୍କାର ଜାତୀୟ ପୁଞ୍ଜିଗତ ବ୍ୟୟ ଏବଂ ଓଡ଼ିଶା ପାଇଁ ଆବଣ୍ଟନ ୬୪,୪୦୮ କୋଟି ଟଙ୍କାକୁ ବୃଦ୍ଧି ପାଇବା ସହିତ, ଏହି ବଜେଟ୍ ସରକାର, ଉଦ୍ୟୋଗୀ, ଶ୍ରମିକ, ଶିକ୍ଷାବିତ୍, ଷ୍ଟାର୍ଟଅପ୍, ବନ୍ଦର ଏବଂ ସମୁଦାୟକୁ ଏଆଇ - ସକ୍ଷମ ଉତ୍ପାଦନ, ସୁଦୃଢ଼ ଭିତ୍ତିଭୂମି ଏବଂ ଅନ୍ତର୍ଭୁକ୍ତ ଜୀବିକା ଗଠନ ପାଇଁ ଆହ୍ୱାନ ଦେଉଛି - ଯାହା ୨୦୪୭ ସୁଦ୍ଧା ଓଡ଼ିଶାକୁ ଏକ ବିଶ୍ୱସ୍ତରୀୟ ପ୍ରତିଯୋଗୀ ଏବଂ ସ୍ଥାୟୀ ଅର୍ଥନୀତି ଆଡକୁ ଆଗେଇ ନେବ।

## ପୂର୍ବ ଭାରତ ସମେତ ଓଡ଼ିଶାର ଆର୍ଥିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବ : ଧର୍ମେନ୍ଦ୍ର

ଭୁବନେଶ୍ୱର, (ସବ୍ୟୁ): 'କେନ୍ଦ୍ର ବଜେଟ୍ ୨୦୨୬-୨୭' ଏକ ଭବିଷ୍ୟତବାଦୀ, ଯୁବଶକ୍ତି-କେନ୍ଦ୍ରିକ, ଜନହିତକର ଏବଂ ନିଯୁକ୍ତିଭିତ୍ତିକ ବଜେଟ୍ । ଭାରତର ଅଭିବୃଦ୍ଧି ସାମର୍ଥ୍ୟର ସମ୍ପୂର୍ଣ୍ଣ ବିନିଯୋଗ, ସବୁ ବର୍ଗର ଲୋକଙ୍କ ସାମଗ୍ରିକ ବିକାଶ ଏବଂ 'ବିକଶିତ ଭାରତ'ର ସ୍ୱପ୍ନକୁ ସାକାର କରିବା ପାଇଁ ଲୋକଭିମୁଖୀ ବଜେଟ୍ ଉପସ୍ଥାପନ ହୋଇ ହୋଇଛି। ଏହି ବଜେଟ୍ ପୂର୍ବ ଭାରତ ବିଶେଷତଃ ଓଡ଼ିଶାର ଆର୍ଥିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବ ବୋଲି ସେ କହିଛନ୍ତି । ନୂଆଦିଲ୍ଲୀ ଠାରେ ବଜେଟ୍ ସମ୍ପର୍କିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇ ଶ୍ରୀ ପ୍ରଧାନ କହିଛନ୍ତି ଯେ, 'ଅର୍ଥନୈତିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା, ସମସ୍ତଙ୍କ ଆଶା-ଆକାଂକ୍ଷା ପୂରଣ କରି ସାମର୍ଥ୍ୟ ବଢ଼ାଇବା ଏବଂ ପ୍ରତିଟି ପରିବାର ଓ ସମ୍ପ୍ରଦାୟ ପାଖରେ ସମ୍ବଳ, ସୁଯୋଗ ଓ ସୁବିଧା ପହଞ୍ଚାଇବା'—ଏହି ତିନୋଟି କର୍ତ୍ତବ୍ୟ ଦ୍ୱାରା ଅନୁପ୍ରାଣିତ ଏହି ବିକଶିତ ଭାରତ ବଜେଟ୍ ସବୁ କ୍ଷେତ୍ରରେ ସର୍ବାଙ୍ଗୀନ ବିକାଶ ଆଣିବ । ଏହି ବଜେଟ୍ ଭାରତର ପରବର୍ତ୍ତୀ ପର୍ଯ୍ୟାୟର ଅଭିବୃଦ୍ଧି ପାଇଁ 'ରିଫର୍ମ ଏକ୍ସପ୍ରେସ୍' ବା ସଂସ୍କାରର ଗତିକୁ ତ୍ୱରାନ୍ୱିତ କରିବ ଏବଂ ୧୪୦ କୋଟିରୁ ଅଧିକ ଭାରତୀଙ୍କ ଲାଭ ସୁନିଶ୍ଚିତ କରିବ ।

ସେ କହିଛନ୍ତି ଯେ ଚଳିତ ବଜେଟରେ ଶିକ୍ଷା କ୍ଷେତ୍ରରେ ୮ ପ୍ରତିଶତ ବୃଦ୍ଧି ହୋଇଛି । ଆଗାମୀ ୫ ବର୍ଷ ପାଇଁ ୧୦,୦୦୦ କୋଟି ଟଙ୍କାର ବ୍ୟୟବରାଦ ସହ 'ବାୟୋଫାର୍ମା ଶକ୍ତି' ଏବଂ ୪୦,୦୦୦ କୋଟି ଟଙ୍କାର 'ଇଣ୍ଡିଆ ସେମିକଣ୍ଡକ୍ଟର ୨.୦' ମିଶନର ଶୁଭାରମ୍ଭ କରାଯାଇଛି। ଏମଏସଏମଇ କ୍ଷେତ୍ରକୁ ସୁଦୃଢ଼ କରିବା ପାଇଁ ୧୦,୦୦୦ କୋଟି ଟଙ୍କାର ଗ୍ରୋଥ୍ ଫଣ୍ଡ ଗଠନ କରାଯାଇଛି। ଯୁବପିଢ଼ିଙ୍କୁ ନିଯୁକ୍ତିକ୍ଷମ କରିବା ପାଇଁ 'ଇଟୁଇ' (ଶିକ୍ଷାରୁ



ନିଯୁକ୍ତି ଓ ଉଦ୍ୟୋଗ) ମାନକ କମିଟି ଗଠନର ପ୍ରସ୍ତାବ ଦିଆଯାଇଛି । ଏହି ବଜେଟ୍‌ରେ ଭିତ୍ତିଭୂମି ବିକାଶ ପାଇଁ ବ୍ୟୟବରାଦକୁ ୧୧ ଲକ୍ଷ କୋଟିରୁ ୧୨.୨ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି। ଦେଶରେ ୭ଟି ହାଇ-ସ୍ପିଡ୍ ରେଳ କରିଡର ସହ ପର୍ଯ୍ୟଟନର ବିକାଶ ପାଇଁ 'ନ୍ୟାସନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ହସ୍ପିଟାଲିଟି' ଗଠନ କରାଯିବ । ସ୍ୱାସ୍ଥ୍ୟ କ୍ଷେତ୍ରରେ ତିନୋଟି ନୂତନ ଅଖିଳ ଭାରତୀୟ ଆୟୁର୍ବେଦ ପ୍ରତିଷ୍ଠାନ (ଏଆଇଆଇଏ) ସ୍ଥାପନ ହେବ। ଏହି ବଜେଟରୁ ଓଡ଼ିଶା ଭଳି ରାଜ୍ୟ ବିଶେଷ ଭାବରେ ଲାଭବାନ ହେବ । ଶ୍ରୀ ପ୍ରଧାନ କହିଛନ୍ତି ଯେ ଓଡ଼ିଶାର ବିକାଶକୁ ଏହି ବଜେଟ୍‌ରେ ସର୍ବାଧିକ ପ୍ରାଥମିକତା ଦିଆଯାଇଛି। କେନ୍ଦ୍ର ବଜେଟ୍ ୨୦୨୬-୨୭ ଓଡ଼ିଶାକୁ ପୂର୍ବ ଭାରତର ଆର୍ଥିକ ପ୍ରଗତିର ପେଣ୍ଠସ୍ଥଳୀ ଭାବେ ଗଢ଼ିତୋଳିବା ପାଇଁ ଏକ ଶକ୍ତିଶାଳୀ ବ୍ଲୁପ୍ରିଣ୍ଟ ପ୍ରଦାନ କରିଛି । ବ୍ରାହ୍ମଣୀ ଓ ମହାନଦୀ ଦେଇ ତାଳଚେର-ଅନୁଗୋଳ ଠାରୁ ପାରାଦୀପ-ଧାମରା ପର୍ଯ୍ୟନ୍ତ ୫ ନମ୍ବର ଜାତୀୟଜଳପଥର ବିକାଶ ଏବଂ ରାଜ୍ୟରେ ନୂତନ 'ରେୟାର ଆର୍ଥ କରିଡର'ର ପ୍ରତିଷ୍ଠା ଓଡ଼ିଶାର ଶିଳ୍ପ ଓ ଖଣିଜ ଭିତ୍ତିଭୂମିକୁ ଏକ ନୂତନ ସ୍ତରକୁ ନେଇଯିବ । ପୂର୍ବୋଦୟ ରାଜ୍ୟଗୁଡ଼ିକ ପାଇଁ ଉଦ୍ଦିଷ୍ଟ 'ଇଷ୍ଟ-କୋଷ୍ଟ ଡେଭଲପମେଣ୍ଟ କରିଡର', ପୂର୍ବରେ ଦାନକୁନିରୁ ସୁରଟକୁ ସଂଯୋଗ କରୁଥିବା ନୂତନ ଫ୍ରେଟ୍ କରିଡର ଜରିଆରେ ଓଡ଼ିଶାର ଶିଳ୍ପ କ୍ଷେତ୍ରରେ ନିଯୁକ୍ତି ଓ ବାଣିଜ୍ୟର ବ୍ୟାପକ ସୁଯୋଗ ସୃଷ୍ଟି ହେବ । ପୂର୍ବ ଭାରତରେ ନ୍ୟାସନାଲ ଇନଷ୍ଟିଚ୍ୟୁଟ ଅଫ୍ ଡିଜାଇନ ପ୍ରତିଷ୍ଠା ରାଜ୍ୟର ଅଭିବୃଦ୍ଧିକୁ ଗତି ଦେବ । ଓଡ଼ିଶାରେ ନାଇପର ପ୍ରତିଷ୍ଠାର ମଧ୍ୟ ଯଥେଷ୍ଟ ସମ୍ଭାବନା ରହିଛି । ଏହି ବଜେଟ୍ ଓଡ଼ିଶାର ସାଧାରଣ ଜନତା, ଚାଷୀ, ମହିଳା, ଯୁବ, ଜନଜାତି ସମେତ ସବୁବର୍ଗଙ୍କୁ ଗୁରୁତ୍ୱ ଦେଉଥିବା ଏକ ଜନହିତକର ବଜେଟ୍ ।

## ଓଡ଼ିଶାର ଗ୍ରୀନ୍ ଲଜିଷ୍ଟିକ୍ସ କ୍ଷେତ୍ରରେ ଏହା ଏକ ଯୁଗାନ୍ତକାରୀ ପଦକ୍ଷେପ : ଉଷା ପାଢ଼ୀ

ଭୁବନେଶ୍ୱର, (ସବ୍ୟୁ): କେନ୍ଦ୍ର ବଜେଟ୍‌ରେ ଜାତୀୟ ଜଳପଥ, ବିଶେଷ କରି ଜାତୀୟ ଜଳପଥ-୫ ର ବିକାଶ ଉପରେ ଦିଆଯାଇଥିବା ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିକୁ ସ୍ୱାଗତ କରିଛନ୍ତି ଓଡ଼ିଶା ସରକାରଙ୍କ ଗୃହ ନିର୍ମାଣ ଓ ନଗର ଉନ୍ନୟନ ଏବଂ ବାଣିଜ୍ୟ ଓ ପରିବହନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଉଷା ପାଢ଼ୀ। ଏହି ଘୋଷଣା ରାଜ୍ୟରେ ଏକ ସ୍ଥାୟୀ, ମିତବ୍ୟୟୀ ଏବଂ ଭବିଷ୍ୟତ-ଉପଯୋଗୀ ଲଜିଷ୍ଟିକ୍ସ ବ୍ୟବସ୍ଥା ଗଠନ ଦିଗରେ ଏକ ନିର୍ଣ୍ଣାୟକ ପଦକ୍ଷେପ ବୋଲି ସେ ପ୍ରକାଶ କରିଛନ୍ତି। ଶ୍ରୀମତୀ ପାଢ଼ୀ କହିଛନ୍ତି ଯେ, ଓଡ଼ିଶାର ଖଣିଜ ସମ୍ପଦ ଭରା ଆଭ୍ୟନ୍ତରୀଣ ଅଞ୍ଚଳକୁ ପ୍ରମୁଖ ଶିଳ୍ପ କେନ୍ଦ୍ର ଏବଂ ପାରାଦୀପ ଓ ଧାମରା ଭଳି ରଣନୈତିକ ବନ୍ଦର ସହିତ ସଂଯୋଗ କରୁଥିବା ଘଡ-୫ ର ବିକାଶ ଦ୍ୱାରା ବହୁ ପରିମାଣର ପଣ୍ୟ ଦ୍ରବ୍ୟ ପରିବହନରେ ସୁବିଧା ହେବ। ଏହାସହ ସଡ଼କ ଓ ରେଳ ଭିତ୍ତିଭୂମି ଉପରେ ପଡୁଥିବା ଅତିରିକ୍ତ ଚାପ ମଧ୍ୟ ହ୍ରାସ ପାଇବ। "ଜାତୀୟ ଜଳପଥ-୫ର ବିକାଶ ଓଡ଼ିଶାର 'ବନ୍ଦର-ଭିତ୍ତିକ ଶିଳ୍ପାୟନ' ଏବଂ 'ଗ୍ରୀନ୍ ମୋବିଲିଟି' (ସବୁଜ ପରିବହନ) ଲକ୍ଷ୍ୟ ସହିତ ସମ୍ପୂର୍ଣ୍ଣ ସମାନ। କୋଇଲା, ଖଣିଜ ପଦାର୍ଥ ଏବଂ ଇସ୍ପାତ ପରିବହନ



ଆଭ୍ୟନ୍ତରୀଣ ଜଳପଥ ମାଧ୍ୟମରେ ହେଲେ ଲଜିଷ୍ଟିକ୍ସ ଖର୍ଚ୍ଚ କମିବା ସହିତ ଭାରତର ଜଳବାୟୁ ଓ ସ୍ଥାୟୀ ବିକାଶ ଲକ୍ଷ୍ୟ ହାସଲ ଦିଗରେ ଏହା ବହୁଳ ସହାୟକ ହେବ," ବୋଲି ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ପାଢ଼ୀ କହିଛନ୍ତି। ଏହି ପ୍ରକଳ୍ପର କାର୍ଯ୍ୟକାରିତା ପାଇଁ ଥିବା ପ୍ରାତିଷ୍ଠାନିକ ବ୍ୟବସ୍ଥା ଉପରେ ଆଲୋକପାତ କରି ସେ କହିଛନ୍ତି ଯେ, ସ୍ପେଶାଲ ପର୍ପସ ଭେହିକିଲ୍ ଭାବେ କାର୍ଯ୍ୟ କରୁଥିବା ଇନଲ୍ୟାଣ୍ଡ ୱାଟରୱେଜ୍ କନସୋର୍ଟିୟମ୍ ଅଫ୍ ଓଡ଼ିଶା ଲିମିଟେଡ୍, ଓଡ଼ିଶା ସରକାର, ଭାରତୀୟ ଆଭ୍ୟନ୍ତରୀଣ ଜଳପଥ ପ୍ରାଧିକରଣ, ପାରାଦୀପ ବନ୍ଦର ପ୍ରାଧିକରଣ ଏବଂ ଅନ୍ୟାନ୍ୟ ଅଂଶୀଦାରଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରି ନିର୍ଦ୍ଧାରିତ ସମୟ ମଧ୍ୟରେ ଏହି କାର୍ଯ୍ୟ ସମ୍ପନ୍ନ କରିବା ପାଇଁ ଏକ ଦୃଢ଼ ମାଧ୍ୟମ ସାଜିବ। ଶ୍ରୀମତୀ ପାଢ଼ୀ କହିଛନ୍ତି, "କେନ୍ଦ୍ର ବଜେଟ୍‌ରେ ଜାତୀୟ ଜଳପଥ-୫ ଉପରେ ଦିଆଯାଇଥିବା ଗୁରୁତ୍ୱ, ଭାରତ ସରକାରଙ୍କ ଭିତ୍ତିଭୂମି ବିକାଶ ପ୍ରତି ଥିବା ପ୍ରତିବଦ୍ଧତାକୁ ଦର୍ଶାଉଛି। ଏହା ଓଡ଼ିଶାକୁ ଦେଶର ଆଭ୍ୟନ୍ତରୀଣ ଜଳପଥ ଏବଂ ଗ୍ରୀନ୍ ଲଜିଷ୍ଟିକ୍ସ ରୂପାନ୍ତରଣର ଏକ ପ୍ରମୁଖ କେନ୍ଦ୍ର ଭାବରେ ସ୍ଥାପିତ କରିବ।

## ଗହୀରମଥାରୁ ଦୁଇ ଟ୍ରଲର ଜବତ : ୨୦ ମତ୍ସ୍ୟଜିବୀ ଗିରଫ

ରାଜନଗର ,(ସବ୍ୟୁ) : ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟରେ ବେଆଇନ ଭାବେ ମାଛ ଧରୁଥିବା ବେଳେ ବନବିଭାଗର ପାଟ୍ରୋଲିଂ ଦଳ ଏଫ.ବି. ମା' ଅନ୍ନପୂର୍ଣ୍ଣା ଓ ବାବା ରଘୁନାଥ-୨ ନାମକ ୨ଟି ଟ୍ରଲରକୁ ଜବତ କରିଛି ।ଦୁଇଟି ଟ୍ରଲର ରୁ ୨୩ କୁଇଣ୍ଟାଲ ୯୦ କେଜି ମାଛ ଜବତ କରାଯାଇଛି ।ଏସିଏଫ ମାନସ ଦାସଙ୍କ ନିର୍ଦ୍ଦେଶକ୍ରମେ ରେଞ୍ଜ ଅଫିସର କପିଳେନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ବନ ବିଭାଗର କର୍ମଚାରୀ ମାନେ ଅନ୍ନପୂର୍ଣ୍ଣା ଟ୍ରଲରରୁ ଗୋଟିଏ ଜିପିଏସ,ଗୋଟିଏ ଭିଏଚଏଫ, ଗୋଟିଏ ଫିସଫାଇଣ୍ଡର, ୧୨ଟି ଟ୍ରଲିଂ ନେଟ, ୧କ୍ୟୁଟାଂଲ ୧୦କେଜି ମାଛ ଜବତ କରିବା ସହ ୧୨ଜଣ ମତ୍ସ୍ୟଜିବୀଙ୍କୁ ଗିରଫ କରିଛି ।ଗିରଫ ମତ୍ସ୍ୟଜିବୀମାନେ ହେଲେ ହରିପଦ ବର, ପଟୁ ମଣ୍ଡଳ, ପଙ୍କଜ ବର, ଶିବପ୍ରସାଦ ବର, ଗଂଜନ ପାଖିରା, ରଂଜିତ ବର, କାର୍ତ୍ତିକ ମଣ୍ଡଳ, ରବିନ ଦାସ, ଅଜୟ ମଙ୍ଗଳ, ଗଣେଷ ମଣ୍ଡଳ, ଲକ୍ଷ୍ମୀଧର ରାଉଳ, ବିଷ୍ଣୁପଦ ବର । ତିନିଜଣ ମତ୍ସ୍ୟଜିବୀ ବାଲେଶ୍ୱର ଜିଲ୍ଲାର ହୋଇଥିବା ବେଳେ ଅନ୍ୟ ୯ଜଣ ମତ୍ସ୍ୟଜିବୀ ପଶ୍ଚିମବଙ୍ଗ ଓ ହାଓ୍ୱାଡ଼ା ପୂର୍ବମେଦିନପୁର ଜିଲ୍ଲାର । ସେହିପରି ବାବା ରଘୁନାଥ-୨ ଟ୍ରଲରରୁ ଗୋଟିଏ ଜିପିଏସ, ଦୁଇଟି ଭିଏଚଏଫ, ଗୋଟିଏ ଫିସଫାଇଣ୍ଡର, ୧୦ଟି ଟ୍ରଲିଂ ନେଟ ଓ ୨୨କ୍ୱଣ୍ଟାଲ ୮୦କେଜି ମାଛ ଜବତ କରିବା ସହ ୮ଜଣ ମତ୍ସ୍ୟଜିବୀଙ୍କୁ ଗିରଫ କରିଛି ।

## ସୁଭଦ୍ରା ଶକ୍ତିମେଳାରେ ଯୋଗ ଦେଲେ ମୁଖ୍ୟମନ୍ତ୍ରୀ

# ୧୮୪୮ ଏସ୍‌ଏଚ୍‌ଜି ପାଇଁ ୧୨୬ କୋଟି ଟଙ୍କାର ସୁଧ-ମୁକ୍ତ ଋଣ ବ୍ୟବସ୍ଥା

ସୋନପୁର, (ସବ୍ୟୁ): ସୁବର୍ଣ୍ଣପୁର ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ୬୩୩ କୋଟି ଟଙ୍କାର ନୂଆ ପ୍ରକଳ୍ପ ଘୋଷଣା କରିଛନ୍ତି । ଭୀମ ଭୋଇଙ୍କ ସମାଧି ପୀଠ ବିକାଶ ପାଇଁ ୩୫ କୋଟି ଟଙ୍କା, ମରାଡ଼ାଗୋଚ୍ଛା ଆଇଏସଏସ ପାଇଁ ୫୫୭ କୋଟି ଟଙ୍କା, ସଂସ୍କୃତି ଭବନ ଠାରେ ଓପନ୍ ଏୟାର ଥିଏଟର ପାଇଁ ୧୧.୨୩ କୋଟି ଟଙ୍କା, ଗାନ୍ଧୀ ଷ୍ଟାଡିୟମର ନବୀକରଣ ପାଇଁ ୨୫.୨୮ କୋଟି ଟଙ୍କା, ବ୍ଲକ୍ ଛକ ଜଙ୍କସନ ରୋଡ ଉନ୍ନତି କରଣ ପାଇଁ ୪.୨୩ କୋଟି ଟଙ୍କା ଘୋଷଣା କରିଛନ୍ତି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିଜ ଅଭିଭାଷଣରେ ସ୍ୱୟଂ ସହାୟକ ଗୋଷ୍ଠୀର ଭଉଣୀମାନେ କେବଳ ଲାଭାର୍ଥୀ ନୁହନ୍ତି, ସେମାନେ ଓଡ଼ିଶା ବିକାଶ ଯାତ୍ରାରେ ଅଂଶୀଦାର ବୋଲି କହିଥିଲେ । ସେମାନଙ୍କ କଠିନ ପରିଶ୍ରମ, ଶୃଙ୍ଖଳା ଏବଂ ଉଦ୍ୟୋଗୀ ମନୋଭାବ ଗ୍ରାମୀଣ ଅର୍ଥନୀତିରେ ପରିବର୍ତ୍ତନ ଆଣିଛି ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ସୁବର୍ଣ୍ଣପୁର ଠାରେ ଆୟୋଜିତ ସୁଭଦ୍ରା ଶକ୍ତିମେଳା କାର୍ଯ୍ୟକ୍ରମରେ କହିଛନ୍ତି ।




ମୁଖ୍ୟମନ୍ତ୍ରୀ ପ୍ରଥମେ ଖଲିଆପାଲି ସ୍ଥିତ ସନ୍ଥକବି ଭୀମ ଭୋଇଙ୍କ ସମାଧି ପୀଠ ପରିଦର୍ଶନ କରି ପରିଚାଳନା କମିଟିର ସଦସ୍ୟ ଓ ସାଧୁମାନଙ୍କ ସହିତ ଆଲୋଚନା କରିଥିଲେ । ସୁବର୍ଣ୍ଣପୁର ଜିଲ୍ଲାବାସୀଙ୍କୁ ମୁଖ୍ୟମନ୍ତ୍ରୀ ଉଦବୋଧନ ଦେଇ କହିଥିଲେ ଯେ, ଓଡ଼ିଶାର ସାମାଜିକ ଓ ଆଧ୍ୟାତ୍ମିକ ଚେତନାକୁ ଦିଗଦର୍ଶନ ଦେଇଥିବା ସନ୍ଥକବି ଭୀମ ଭୋଇଙ୍କ ସମ୍ମାନାର୍ଥେ ତାଙ୍କ ସମାଧି ପୀଠର ବ୍ୟାପକ ବିକାଶ କରାଯିବ ।ଏଥି ନିମନ୍ତେ ୩୫ କୋଟି ଟଙ୍କା ଖର୍ଚ୍ଚ କରାଯିବ ।

ଏଥି ସହିତ ମୁଖ୍ୟମନ୍ତ୍ରୀ ୬୩୩ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପ ନିର୍ମାଣ ପାଇଁ ଘୋଷଣା କରିଥିଲେ । ଏଥିରେ ମରାଡୁଗୋଛା ଠାରେ ୫୫୭ କୋଟି ଟଙ୍କାରେ ନଦୀ ଗର୍ଭ ଜଳାଶୟ ନିର୍ମାଣ, ୧୧.୨୩ କୋଟି ଟଙ୍କାରେ ସଂସ୍କୃତି ଭବନ ଠାରେ ଓପନ୍ ଏୟାର ଥିଏଟର ନିର୍ମାଣ, ୨୫.୨୮ କୋଟି ଟଙ୍କାରେ ଗାନ୍ଧୀ ଷ୍ଟାଡିୟମର ନବୀକରଣ, ୪.୨୩ କୋଟି ଟଙ୍କାରେ ବ୍ଲକ୍ ଛକ ଜଙ୍କସନ ରୋଡ ଉନ୍ନତି କରଣ କାର୍ଯ୍ୟ ରହିଛି । ଆହୁରି ମଧ ମୁଖ୍ୟମନ୍ତ୍ରୀ ଏହି ଅବସରରେ ୨୭୬ କୋଟି ଟଙ୍କା ମୂଲ୍ୟର ୫୮ ଟି ଉନ୍ନୟନମୂଳକ ପ୍ରକଳ୍ପର ଉ଼ଦ୍‌ଘାଟନ ଓ ଶିଳାନ୍ୟାସ କରିଛନ୍ତି । ଏଥିରେ ୧୭୩ କୋଟି ଟଙ୍କା ବ୍ୟୟରେ ୨୪ଟି ପ୍ରକଳ୍ପର

### ୨୭୬ କୋଟିଟଙ୍କାର ୫୮ ଟି ପ୍ରକଳ୍ପର ଉଦଘାଟନ,ଭିତ୍ତିପ୍ରସ୍ତର

ଶିଳାନ୍ୟାସ ଏବଂ ୧୦୩ କୋଟି ଟଙ୍କା ବ୍ୟୟରେ ୩୪ଟି ପ୍ରକଳ୍ପର ଉ଼ଦ୍‌ଘାଟନ କରାଯାଇଛି । ଏସବୁ ପ୍ରକଳ୍ପ ଗୁଡ଼ିକ ସଡ଼କ, ପାନୀୟ ଜଳ, ଜଳ ସେଚନ, ଶିକ୍ଷା, ସ୍ୱାସ୍ଥ୍ୟ ଭିତ୍ତିଭୂମି, ଗ୍ରାମୀଣ ବିକାଶ ଏବଂ ସହରାଞ୍ଚଳ ବିକାଶ କ୍ଷେତ୍ରକୁ ଆହୁରି ସୁଦୃଢ଼ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ସୁଭଦ୍ରା ଶକ୍ତି ମେଳା ଅବସରରେ ମୁଖ୍ୟମନ୍ତ୍ରୀ ସୁବର୍ଣ୍ଣପୁର ଜିଲ୍ଲାର ୧୮୪୮ ଏସଏଚଜିକୁ ୧୨୬ କୋଟି ଟଙ୍କାର ସୁଧ-ମୁକ୍ତ ଋଣ ପ୍ରଦାନ କରିଛନ୍ତି । ସରକାରଙ୍କ ବିଭିନ୍ନ ଯୋଜନାରେ ଗରିବ, ଆଦିବାସୀ, ମହିଳା ଓ ଯୁବବର୍ଗ ସମସ୍ତଙ୍କର ସଶକ୍ତିକରଣ ହେଉଛି । ବିକାଶ ଯେପରି ପ୍ରତ୍ୟେକ ଲୋକଙ୍କ ପାଖରେ ପହଞ୍ଚିବ ତାହା ଆମେ ସୁନିଶ୍ଚିତ କରୁଛୁ । ସୁବର୍ଣ୍ଣପୁର ଜିଲ୍ଲାରେ ୧୦୦୦ କୋଟିରୁ ଅଧିକ ଟଙ୍କାର ଶିଳ୍ପ ପ୍ରକଳ୍ପ କାର୍ଯ୍ୟକାରୀ କରାଯାଇଛି । ସୁବର୍ଣ୍ଣପୁର ଜିଲ୍ଲାରେ କୃଷି, ହସ୍ତତନ୍ତ, ସଂସ୍କୃତି ଓ ପର୍ଯ୍ୟଟନର ବିକାଶ ପାଇଁ ଅପାର ସମ୍ଭାବନା ରହିଛି । କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ବିଭିନ୍ନ ଯୋଜନାର ହିତାଧିକାରୀଙ୍କୁ ସହାୟତା ରାଶି ପ୍ରଦାନ କରିଥିଲେ । ଜିଲ୍ଲାପାଳ ଡ. ନୃପରାଜ ସାହୁ ସ୍ୱାଗତ ଭାଷଣ ଦେଇଥିଲେ ଏବଂ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଅଶ୍ୱିନୀ କୁମାର ମେହେର ଧନ୍ୟବାଦ ଅର୍ପଣ କରିଥିଲେ ।

## ୩୦ ଘଣ୍ଟା ପରେ ନାଉଗାଁ ଥାନାରୁ ମୁକୁଳିଲେ ବାବା ଗଦାଧର

ପାରାଦ୍ୱୀପ,(ଜିପ୍ର): ପ୍ରସିଦ୍ଧ ଶାଳଜଙ୍ଗା ମଠର ମାଘ ମେଳା ଗତ ଶନିବାର ଠାରୁ ଆରମ୍ଭ ହୋଇଛି । ଆସନ୍ତା ୭ଦିନ ଧରି ଏହି ମେଳା ଚାଲିବାକୁ ଥିବା ବେଳେ ଗତ କାଲି ରାତି ଅର୍ଥାତ ଶନିବାର ରାତି ଠାରୁ ମଠ ପରିସରରେ ପ୍ରବଳ ଭକ୍ତ ସମାଗମ ଦେଖିବାକୁ ମିଳିଛି । କିନ୍ତୁ ଏହି ମେଳା ସମୟରେ ମଠର ଗାଦିରେ ବସି ଅଖଣ୍ଡ ଝାଡ଼ବତୀ ଲଗାଇବା ସହ ଯିଏ ଭକ୍ତ ମାନଙ୍କୁ ଆଶୀର୍ବାଦ ଓ ବିଭୁତି ଦେବା କଥା ସେ ସେହି ସମୟରେ ନାଉଗାଁ ଥାନାରେ ଦେଢ଼ ରାତି ଓ ଗୋଟିଏ ଦିନ କାଟି ଶେଷରେ ନିଜ ସମ୍ପର୍କୀୟଙ୍କ ଜିମାନାମାରେ ନାଉଗାଁ ତହସିଲରେ କୋଡିଏ ହଜାର ଟଙ୍କା ସିକ୍ୟୁରିଟି ବଣ୍ଡ ଦେଇ ମୁକ୍ତି ପାଇଛନ୍ତି । ଶାଳଜଙ୍ଗା ମଠର ପରିସରକୁ ପାଦ ଥାପିବେ ନାହିଁ ବୋଲି ପ୍ରଶାସନକୁ ଲିଖିତ ଭାବେ ଜଣାଇବା ପରେ ଏବେ ମଠାଧୀସ ଗଦାଧର ଦାସଙ୍କ ର ନୂଆ ଠିକଣା କେଉଁଠି ହେଲା ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ସୂଚନାଯୋଗ୍ୟ କି ଶାଳଜଙ୍ଗା ମଠର ସିଦ୍ଧ ପୁରୁଷ ବାବା କୁଳମଣି ଦାସଙ୍କର ଦେହ ତ୍ୟାଗ ପରେ ଅନ୍ତେବାସୀ ଗଦାଧର ଦାସ ମଠର ମଠାଧୀସ ହୋଇଥିଲେ । କିନ୍ତୁ ମଠରେ ଉପୁଜିଥିବା ଆର୍ଥିକ ଅନିୟମିତତା ଓ ଜମି ତୋଷରପାତ ଅଭିଯୋଗକୁ ସାମ୍ନା କରି ନପାରି ବାବା ଶେଷରେ ରାତି ଅଧିଆ ମଠର ପ୍ରାଚିର ଡେଇଁ ଫେରାର ହେଲେ । ଗ୍ରାମବାସୀ ଓ ଅନ୍ତେବାସୀ ମିଳିତ ଭାବେ ମଠ ମଧ୍ୟକୁ ବାବା ଗଦାଧରଙ୍କୁ ପୁରେଇ ନଦେବା ପାଇଁ ପ୍ରଶାସନକୁ ଲିଖିତ ଭାବେ ଜଣାଇବା ପରେ ଆରମ୍ଭ ହୋଇଥିଲା ବାବାଙ୍କ ପାଇଁ ପ୍ରକୃତ ଅଡୁଆ । ଶ୍ରଦ୍ଧାଳୁ, ଗ୍ରାମବାସୀ ତଥା ଭକ୍ତ ମାନଙ୍କ ବିଶ୍ୱାସନିୟତା ହରାଇ ବାବା ମାଘ ମେଳାର ଗୋଟିଏ ଦିନ ପୂର୍ବରୁ ଅର୍ଥାତ ଶୁକ୍ରବାର ରାତିରେ ନାଉଗାଁ ଦେଇ ମଠକୁ ଆସୁଥିବା ବେଳେ ଅଧା ରାସ୍ତାରେ ବାବାଙ୍କୁ ଉଠେଇ ନେଇଥିଲା ପୋଲିସ । ଶୁକ୍ରବାର ସାରାରାତି ବାବା ନାଉଗାଁ ଥାନାରେ କଟାଇଥିବା ବେଳେ ଶନିବାର ସକାଳେ ବାବାଙ୍କୁ ସ୍ଥାନୀୟ ତହସିଲଦାରଙ୍କ ନିକଟରେ ଏକ ୧୦୭ ମାମଲାରେ ହାଜର କରାଯାଇଥିଲା । ସେଠାର ବାବା କୋଡିଏ ହଜାର ଟଙ୍କା ସିକ୍ୟୁରିଟି ବଣ୍ଡ ସହିତ ଅନାଦେଶ ପର୍ଯ୍ୟନ୍ତ ଶାଳଜଙ୍ଗା ମଠରେ ପାଦ ଥାପିବେ ନାହିଁ ବୋଲି ଲିଖିତ ଭାବେ ଜଣାଇବା ପରେ ତହସିଲରୁ ପୁଣି ଥାନାକୁ ଆସିଥିଲେ । ଥାନାରେ ଦିନ ତମାମ କଟାଇ ସାରି ଶନିବାର ରାତିରେ ବାବାଙ୍କ ନିକଟ ସମ୍ପର୍କୀୟ ଆସିବାରୁ ଓ ବାବା ତାଙ୍କ ସହିତ ଯିବାକୁ ଇଚ୍ଛା ପ୍ରକାଶ କରିବାରୁ ପୋଲିସ ତାଙ୍କ ସମ୍ପର୍କୀୟ ଙ୍କ ସହିତ ଜିମାନାମା ରେ ଛାଡି ଥିଲା ।ବାବା ଏହାପରେ କେଉଁଠିକି ଗଲେ, ତାଙ୍କ ନୂଆ ଠିକଣା ଏବେ କେଉଁଠି ହେଲା ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ।

# ଆଳୁ, ପିଆଜର ବଳକା ରାଜ୍ୟ କେବେ ?

ଭୁବନେଶ୍ୱର,(ତଥ୍ୟ) ରାଜ୍ୟବାସୀଙ୍କ ଆଭ୍ୟନ୍ତରୀଣ ଚାହିଦା ମେଣ୍ଟାଇବା ପାଇଁ ଓଡ଼ିଶା ବର୍ଷକୁ ପ୍ରାୟ ୧୫ଲକ୍ଷ ମେଟ୍ରିକ୍ ଟନ୍ ଆଳୁ ଆବଶ୍ୟକ କରୁଥିବାବେଳେ ବ୍ୟାପକ ପ୍ରଚାର, ଆଳୁ ମିଶନ ଓ ଅନ୍ୟ ସରକାରୀ ପ୍ରୋତ୍ସାହନ ସତ୍ତ୍ୱେ ବର୍ଷକୁ ଏଠାରେ ୫ଲକ୍ଷ ମେଟ୍ରିକ୍ ଟନ୍ ପର୍ଯ୍ୟନ୍ତ ଆଳୁ ବି ଉତ୍ପାଦିତ ହୋଇପାରୁ ନାହିଁ। ଓଡ଼ିଶାରେ ୪୦ ହଜାର ହେକ୍ଟରରୁ ଅଧିକ ଜମିରେ ଆଳୁ ଚାଷ କରାଯାଉଥିବା ସରକାରୀ ରିପୋର୍ଟରେ ଦର୍ଶାଯାଉଛି। ଆଳୁ ଚାଷକୁ ପ୍ରୋତ୍ସାହନ ଦେବା ପାଇଁ ଖରିଫ୍ ଋତୁରେ ହେକ୍ଟର ପିଛା ୫୮ ହଜାର ଟଙ୍କାର ସହାୟତା ଯୋଗାଇ ଦିଆଯାଉଥିବା କୁହାଯାଉଛି। ଏହାଛଡ଼ା ରବି ଋତୁରେ ରିହାତି ଦରରେ ଆଳୁ ବିହନ ଓ ଆଳୁ ଚାଷ ପାଇଁ ସରକାର ମଧ୍ୟ ପ୍ରୋତ୍ସାହନ ଦେଉଛନ୍ତି। ଏସବୁ ସତ୍ତ୍ୱେ ରାଜ୍ୟର ମୋଟ ଆଳୁ ଉତ୍ପାଦନ ୪ଲକ୍ଷ ମେଟ୍ରିକ ଟନ୍‌ରୁ ସାମାନ୍ୟ ଅଧିକ ରହୁଛି। ପୂର୍ବ ସରକାର ସମୟରେ ଆଳୁ ଉତ୍ପାଦନ କ୍ଷେତ୍ରରେ ଓଡ଼ିଶାକୁ ବଳକା ରାଜ୍ୟରେ ପରିଣତ କରିବା ପାଇଁ ଜାତୀୟ ଉଦ୍ୟାନ କୃଷି ଯୋଜନା ସହିତ ରାଜ୍ୟ ସରକାର ସ୍ୱତନ୍ତ୍ର ଆଳୁ ମିଶନ ଆରମ୍ଭ କରିଥିଲେ। ଆଳୁ ମିଶନରେ ଯେଉଁ ଲକ୍ଷ୍ୟ ରଖାଯାଇଥିଲା ତାହା ପୂରଣ ହୋଇଥିଲେ ୨୦୨୦ ବେଳକୁ ଓଡ଼ିଶା ଏ କ୍ଷେତ୍ରରେ ବଳକା ରାଜ୍ୟରେ ପରିଣତ ହୋଇଥାନ୍ତା। କିନ୍ତୁ ବ୍ୟାପକ ଅର୍ଥ ବରବାଦ ସତ୍ତ୍ୱେ ଏହି ମିଶନ ବିଫଳ ହେବାରୁ ଏବେ ବି ପ୍ରତି ମାସରେ ଓଡ଼ିଶାକୁ ପଶ୍ଚିମବଙ୍ଗ ସମେତ ଉତ୍ତରପ୍ରଦେଶ, ପଞ୍ଜାବ ଆଦି ରାଜ୍ୟ ଉପରେ ନିର୍ଭର କରିବାକୁ ପଡୁଛି। ଯେତେବେଳେ ବି ପଶ୍ଚିମବଙ୍ଗ ଓଡ଼ିଶାକୁ ଆଳୁ ଯୋଗାଣ ଉପରେ କଟକଣା କରୁଛି ସେତେବେଳେ ଓଡ଼ିଆଙ୍କ ହାଣ୍ଡିଶାଳରୁ ଆଳୁ ଉଭାନ ହୋଇଯାଇ ଦର ଢେର ଅଧିକ ବଢ଼ିଯାଉଛି। ଉତ୍ତରପ୍ରଦେଶ, ପଞ୍ଜାବ ଆଦିରୁ ଆଳୁ ମଗାଇଲେ ପରିବହନ ଖର୍ଚ୍ଚ ଯେତେ ହେଉଛି ତାହା ଆଳୁ ଦର ବୃଦ୍ଧିର କାରଣ ପାଲଟୁଛି। ପୂର୍ବରୁ ଓଡ଼ିଶାରେ ପ୍ରାୟ ୫୦ବର୍ଷ ତଳେ ଯେଭଳି ଆଳୁ ଚାଷ ହେଉଥିଲା ଏବେ ତାହା ଦୃଶ୍ୟମାନ ହେଉନାହିଁ। ଆଖୁ, ତୈଳବୀଜ, ଡାଲି, କପା, ନଳିତା ଆଦି ଅର୍ଥକରୀ ଚାଷ ଯେଭଳି ଆମ ରାଜ୍ୟରେ କମୁଛି ସେଥିଯୋଗୁ ଆମକୁ ଅନ୍ୟ ରାଜ୍ୟ ଉପରେ ନିର୍ଭର କରିବାକୁ ପଡୁଛି। ଏବେ ବି ପନିପରିବା, ଫୁଲ, ମାଛ, ଅଣ୍ଡା ଆଦି ଲାଗି ଓଡ଼ିଶା ମଧ୍ୟ ନିର୍ଭରଶୀଳ ହୋଇ ରହିଛି। ଚାଷୀ ନେତାମାନେ କହୁଛନ୍ତି ଯେ ଏବେ ରାଜ୍ୟରେ ଯେତେ ପରିମାଣର ଆଳୁ ଉତ୍ପାଦନ ହେଉଛି ତାହାକୁ ସଂରକ୍ଷଣ କରି ରଖିବା ଲାଗି ପର୍ଯ୍ୟାପ୍ତ ସଂଖ୍ୟକ ଶୀତଳ ଭଣ୍ଡାର ନାହିଁ। ଓଡ଼ିଶାରେ ଯେତେ ସଂଖ୍ୟକ ଶୀତଳ ଭଣ୍ଡାର ଥିଲା ସେଥିରୁ ୮୦ ପ୍ରତିଶତରୁ ଅଧିକ ଅଚଳହୋଇ ପଡିଛି। ଏ ପରିପ୍ରେକ୍ଷୀରେ ଆଳୁ ପଚିଯିବାର ଆଶଙ୍କା ଥିବାରୁ ଚାଷୀମାନେ ଦଲାଲମାନଙ୍କୁ ନାମ ମାତ୍ର ଦରରେ ଅମଳ ସମୟରେ ଯାଚିଗୁଞ୍ଜି ଆଳୁ ବିକିବାକୁ ବାଧ ହେଉଛନ୍ତି। ପଶ୍ଚିମବଙ୍ଗ ଭଳି ଭିତ୍ତିଭୂମି ବିକାଶ କରାଗଲେ ଓଡ଼ିଶା ଆଳୁ ଉତ୍ପାଦନ କ୍ଷେତ୍ରରେ ବଳକା ରାଜ୍ୟରେ ପରିଣତ ହୋଇପାରନ୍ତା। ରାଜ୍ୟ ପାଇଁ ବର୍ଷକୁ ଯେତେ ପିଆଜ ଆବଶ୍ୟକ ତାହାଠାରୁ ଢେର ଅଧିକ ଓଡ଼ିଶାରେ ଫଳୁଛି ବୋଲି ସରକାରୀ ହିସାବରେ କୁହାଯାଉଛି। ତେବେ ମହାରାଷ୍ଟ୍ର ସମେତ ବିଭିନ୍ନ ରାଜ୍ୟରୁ ଓଡ଼ିଶାକୁ ବାର୍ଷିକ ୨ଲକ୍ଷ ମେଟ୍ରିକ୍ ଟନ୍‌ରୁ ଅଧିକ ପିଆଜ ଆମଦାନି କରିବାକୁ ପଡୁଛି। ଓଡ଼ିଶା ପାଇଁ ବାର୍ଷିକ ୪ଲକ୍ଷ ମେଟ୍ରିକ ଟନ୍‌ରୁ କମ୍ ପିଆଜ ଆବଶ୍ୟକ ଥିବାବେଳେ ଆମେ ୪ଲକ୍ଷ ୨୦ ହଜାର ମେଟ୍ରିକ ଟନ୍‌ରୁ ଅଧିକ ପିଆଜ ଚଳାଉଥିବା ଦାବି କରୁଛୁ। ଏ କ୍ଷେତ୍ରରେ ବି ପିଆଜ ସଂରକ୍ଷଣ ପାଇଁ ବ୍ୟାପକ ବ୍ୟବସ୍ଥା ନଥିବାରୁ ଦଲାଲମାନେ ଉତ୍ପାଦନ ପରେ ପରେ ଚାଷୀଙ୍କଠାରୁ ପିଆଜ ଶସ୍ତାରେ କିଣିନେଇ ପରେ ଚଢ଼ା ଦରରେ ଓଡ଼ିଶା ବଜାରରେ ବିକୁଛନ୍ତି।

## ହାଇୱାରେ ବିଦ୍ୟୁତି ତାର ଲାଗି ଚାଳକର ମୃତ୍ୟୁ

ନିମାପଡା,(ସବ୍ୟୁ) : ଶନିବାର ରାତ୍ରରେ ଚାରିଛକ ଥାନା ଅନ୍ତର୍ଗତ ଓଡଗାଁ କେନାଲ ବନ୍ଧରେ ବାଲି ବୋଝେଇ ଏକ ହାଇୱାରେ ୧୧ କେଭି ବିଦ୍ୟୁତ ତାର ଲାଗିବାରୁ ଚାଳକର ମୃତ୍ୟ ଘଟିଥିବା ଜଣାପଡିଛି। ପ୍ରକାଶ ଯେ, ଟ୍ରକ ନଂ ଓଡି-୦୫-ସିଏ-୫୫୨୫ ବାଲି ବେଝେଇ କରି ଯାଉଥିବା ବେଳେ ଓଡଗାଁ କେନାଲ ବନ୍ଧରେ ଚାଳକ ଖୋର୍ଦ୍ଧା ଜିଲ୍ଲା ବାଘମାରୀ ଥାନା ଅନ୍ତର୍ଗତ ବାଙ୍କୀ ତୁଳସୀପୁର ଗ୍ରାମର ଜୟନ୍ତ ନାୟକ (୪୭) ଗାଡିକୁ ଅଟକାଇ ପରିସ୍ରା କରିବାକୁ ଯାଇଥିଲେ। ପରିସ୍ରା କରି ଆସି ଗାଡି ଉପରକୁ ଚଢିବା ବେଳେ ହାଇଓ୍ୱା ଉପରେ ଛିଣ୍ଡି ପଡିଥିବା ୧୧ କେଭି ତାର ବିଦ୍ୟୁତ ଆଘାତ ତାଙ୍କୁ ଲାଗିଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଚାରିଛକ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ତେବେ ଡାକ୍ତର ତାଙ୍କୁ ମୃତ ବୋଲି ଘୋଷଣା କରିଥିଲେ। ଚାରିଛକ ପୁଲିସ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହିତ ହାଇୱାକୁ ଜବତ କରିଛି। ।

## ଦୁର୍ଲଭ ଆୟୁର୍ବେଦିକ ପାଣ୍ଡୁଲିପିର ହେବ ଡିଜିଟାଇଜେସନ

# ସିସିଆର୍‌ଏଏସ୍ ଏବଂ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ମଧ୍ୟରେ ଏମଓୟୁ ସ୍ୱାକ୍ଷରିତ

ଭୁବନେଶ୍ୱର, (ସବ୍ୟୁ): ଭାରତର ଚିକିତ୍ସା ଐତିହ୍ୟକୁ ସୁରକ୍ଷିତ ରଖିବା ଏବଂ ଏହାର ପ୍ରଚାର ପ୍ରସାର ପାଇଁ ଏକ ଐତିହାସିକ ପଦକ୍ଷେପ ସ୍ୱରୂପ, ଆୟୁଷ ମନ୍ତ୍ରଣାଳୟ ଅଧୀନରେ ଥିବାକେନ୍ଦ୍ରୀୟ ଆୟୁର୍ବେଦ ବିଜ୍ଞାନ ଅନୁସନ୍ଧାନ ପରିଷଦ (ସିସିଆରଏଏସ) ଏବଂ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟମଧ୍ୟରେ ଏକ ବୁଝାମଣାପତ୍ର (ଏମଓୟୁ) ସ୍ୱାକ୍ଷରିତହୋଇଅଛି । ଏହି ଚୁକ୍ତି ଅନୁଯାୟୀ, ଦକ୍ଷିଣ ଓ ସାଂସ୍କୃତିକ ଅଧ୍ୟୟନ କେନ୍ଦ୍ର (ଏସଓସିଏସସି) ରେ ସଂରକ୍ଷିତ ଦୁର୍ଲଭ ଆୟୁର୍ବେଦିକ ପାଣ୍ଡୁଲିପି ଏବଂ ତାଳପତ୍ର ପୋଥିଗୁ ଡିଜିଟାଇଜେସନ, ତାଲିକାକରଣ ଏବଂ ପ୍ରକାଶନ କରାଯିବ ।ଏହି ବୁଝାମଣାପତ୍ର ସ୍ୱାକ୍ଷର ସମାରୋହ ଭୁବନେଶ୍ୱରସ୍ଥିତକେନ୍ଦ୍ରୀୟ ଆୟୁର୍ବେଦ ଅନୁସନ୍ଧାନ ସଂସ୍ଥାନ (ସିଏଆରଆଇ) ପରିସରରେ ଶନିବାର ଅନୁଷ୍ଠିତ ହୋଇଛି । ଏହି କାର୍ଯ୍ୟକ୍ରମରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ, ସିସିଆରଏଏସର ମହାନିର୍ଦ୍ଦେଶକ ପ୍ରଫେସର (ବୈଦ୍ୟ) ରବିନାରାୟଣ ଆଚାର୍ଯ୍ୟ ଏବଂ ଭାରତୀୟ ଚିକିତ୍ସା ପଦ୍ଧତି ଜାତୀୟ ପରିଷଦ (ଏନସିଆଇଏସଏମ)ର



ପୂର୍ବତନ ସଭାପତି ପ୍ରଫେସର ବି.ଏସ. ପ୍ରସାଦ ପ୍ରମୁଖ ଉପସ୍ଥିତ ରହିଥିଲେ । ହାଇଦ୍ରାବାଦସ୍ଥିତ ଜାତୀୟ ଭାରତୀୟ ଚିକିତ୍ସା ଐତିହ୍ୟ ସଂସ୍ଥାନ (ଏନଆଇଆଇଏନଏଚ) ଏହି ମିଳିତ ସହଯୋଗର ନେତୃତ୍ୱ ନେଇଥିଲା ।ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ୨,୦୦୦ ରୁ ଅଧିକ ଦୁର୍ଲଭ ତାଳପତ୍ର ପୋଥି ରହିଛି । ଯେଉଁଥିରେ ଆୟୁର୍ବେଦର ଅମୂଲ୍ୟ ଜ୍ଞାନ ରହିଛି । ଏଥିମଧ୍ୟରୁ ଅଧିକାଂଶ ଏପର୍ଯ୍ୟନ୍ତ ଅପ୍ରକାଶିତ ଏବଂ ସାଧାରଣ ବୈଜ୍ଞାନିକ ସମାଜ ପାଇଁ ଅପହଞ୍ଚ ହୋଇ ରହିଛି । ଏହି ସହଭାଗିତା ମାଧ୍ୟମରେ, ସିସିଆରଏଏସ-ଏନଆଇଆଇଏମଏଚ ଅତ୍ୟାଧୁନିକ ଡିଜିଟାଇଜେସନ କୌଶଳ ବ୍ୟବହାର କରି ଏହି ଦୁର୍ଲଭ ଦଲିଲଗୁ ଭବିଷ୍ୟତ ପିଢ଼ି ପାଇଁ ସଂରକ୍ଷିତ କରିବ ବୋଲି ଆଲୋକପାତର କରାଯାଇଥିଲା ।

## ରାଷ୍ଟ୍ରପତିଙ୍କ ଯାଜପୁର ଗସ୍ତ ପାଇଁ ସତନ୍ତ୍ର ଟ୍ରାଫିକ ନିୟନ୍ତ୍ରଣ ବ୍ୟବସ୍ଥା

ଯାଜପୁର,(ସବ୍ୟୁ): ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ଆସନ୍ତା ଫେବୃଆରୀ ୩ ତାରିଖରେ ଯାଜପୁର ମାଆ ବିରଜା ମନ୍ଦିର ଦର୍ଶନ ଏବଂ ନାଭିଗୟାରେ ପିଣ୍ଡଦାନ ପାଇଁ ଆସୁଛନ୍ତି । ରାଷ୍ଟ୍ରପତି ଏବଂ ଭିଭିଆଇପିଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଜିଲ୍ଲା ପୋଲିସ ପ୍ରଶାସନ ପକ୍ଷରୁ ସଓ୍ୱତନ୍ତ୍ର ଟ୍ରାଫିକ ନିୟନ୍ତ୍ରଣ ବ୍ୟବସ୍ଥା ସୁନିଶ୍ଚିତ କରାଯାଇଛି । ଏହି କ୍ରମରେ ଫେବୃଆରୀ ୩ ତାରିଖ ଦିନ ଯାଜପୁରର ବିଭିନ୍ନ ମାର୍ଗରେ ଯାନବାହାନ ଚଳାଚଳ ଉପରେ ନିଷେଧାଦେଶ ଜାରି କରାଯାଇଛି । ବିଂାରପୁର ଆଡୁ ଯେଉଁ ଯାନବାହନଗୁଡିକ କଟକ ଯିବେ, ସେହି ଗାଡ଼ି ସବୁ ରସିକ ଛକରୁ ଅଲକୁଣ୍ଡ, ପ୍ରୀତିପୁର ଭାୟା ରାମବାଗ ଛକରେ ବାହାରି ରିଙ୍ଗ ରୋଡ ଓ ମାଂସାପୋଲ ରାସ୍ତା ଦେଇ କୁଆଖିଆ ଓ ସଠିପୁର ଯିବେ । ଦୁଇ ଚକିଆ, ତିନି ଚକିଆ ଯାନ ମଙ୍ଗଳା ମନ୍ଦିର ଜାଉଁଳି ବନ୍ଧ ଠାରୁ ପ୍ରହରାଜପୁର ଦେଇ ସୁନଦୁରାଇମୁହଁ ରେ ନଦୀବନ୍ଧ ରାସ୍ତାକୁ ପହଞ୍ଚିବେ । ସେହିପରି କଟକରୁ ଆସୁଥିବା ଯାନବାହାନ ରିଙ୍ଗ ରୋଡ ଦେଇ ରାମବାଗ ଛକରୁ ପ୍ରୀତିପୁର ଅଲକୁଣ୍ଡ ଦେଇ ବିଂାରପୁର ଯିବେ । ଦୁଇ ଚକିଆ, ତିନି ଚକିଆ ଯାନ ସୁନଦୁରାଇମୁହଁ ମଙ୍ଗଳା ମନ୍ଦିରଠାରୁ ପ୍ରହରାଜପୁର ଦେଇ ମଙ୍ଗଳା ମନ୍ଦିରରେ ପହଞ୍ଚିବେ । ସଠିପୁରରୁ ଆସୁଥିବା ଯେଉଁ ଯାନବାହାନ ବିଂାରପୁର ଯିବେ, ସେମାନେ ଡକ ଛକ କିଲ୍ଲା ଛକ ରିଙ୍ଗ ରୋଡ ଦେଇ ରାମବାଗ ଛକରୁ ପ୍ରୀତିପୁର ଅଲକୁଣ୍ଡ ଦେଇ ବିଂାରପୁର ଯିବେ । ଗରିଆପୁର ଛକରୁ କୌଣସି ଯାନବାହାନ ଯୋଡ଼ିକୂଅ ପଟକୁ ଛଡାଯିବ ନାହିଁ । ମହାବୀର ଛକରୁ ଟିଭିଏସ ଛକ ଦେଇ କୌଣସି ଯାନବାହାନ ଯୋଡ଼ିକୂଅ ପଟକୁ ଛଡାଯିବ ନାହିଁ ।ମହିଳା କଲେଜ ଛକରୁ କୌଣସି ଯାନବାହାନ କୁସୁମା ପଟକୁ ଛଡାଯିବ ନାହିଁ । ମଙ୍ଗଳ ମନ୍ଦିର ଛକରେ ସମସ୍ତ ଗାଡ଼ିକୁ ଅଟକାଇ ଦିଆଯିବ । ବିରଜା ହାଇସ୍କୁଲ ଛକରୁ କୌଣସି ଯାନବାହାନ ମନ୍ଦିର ପଟକୁ ଛଡାଯିବ ନାହିଁ । ସେହିଭଳି ଯୋଡ଼ିକୁଅ ଛକରୁ ବିରଜା ମନ୍ଦିର ପର୍ଯ୍ୟନ୍ତ ଯେତେ ସବୁ ଗଳି ରାସ୍ତା ଅଛି, ସେସବୁ ଗଳିରୁ କୌଣସି ଯାନବାହାନ ମୁଖ୍ୟ ରାସ୍ତାକୁ ବାହାରିବେ ନାହିଁ । ସେମାନେ ସାହିର ଅନ୍ୟ ରାସ୍ତା ବ୍ୟବହାର କରିବେ । ବୈଦ୍ୟରାଜପୁର ପୋଲ ଛକରୁ କୌଣସି ଯାନବାହାନ ଅଠରନଳା ଛକକୁ ଛଡାଯିବ ନାହିଁ । ଜନସାଧାରଣଙ୍କ ଅବଗତି ନିମନ୍ତେ ପୋଲିସ ପ୍ରଶାସନ ପକ୍ଷରୁ ଏହି ଟ୍ରାଫିକ ନିୟନ୍ତ୍ରଣ ବ୍ୟବସ୍ଥା ସମ୍ପର୍କରେ ସୂଚନା ଦିଆଯାଇଛି ।

## ଜିଲ୍ଲା ପ୍ରଶାସନ,ଡିଡିଏମ୍ ଓ ପୋଲିସ ଚୁପ

# ବାରମାଣ ବିଏସକ୍ୟୁ -୨ ଖଣି ପାର୍ଶ୍ୱରୁ ଚୋରି ହେଲାଣି ଶହେ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର କଳାପଥର

ଚଣ୍ଡିଖୋଲ, (ସବ୍ୟୁ) ଯାଜପୁର ଜିଲ୍ଲା ଲଘୁ ଖଣି ଅଧିକାରୀଙ୍କ ଅଧିନରେ ଥିବା ଧର୍ମଶାଳା ତହସିଲର ବାରମାଣ ମୌଜାରେ ଥିବା ବିଏସକ୍ୟୁ-୨ କଳାପଥର ଖଣି ପାର୍ଶ୍ୱସ୍ଥ ଦୁଇଟି ସ୍ଥାନରୁ ଦୀର୍ଘ ଦିନ ହେଲା ଚାଲିଛି ବେଆଇନ ଖଣି ଖନନ। ଜଙ୍ଗଲ ଓ ପରିବେଶକୁ ଧ୍ୱଂସକରି ମାଫିଆମାନେ ଏଠାରୁ ଚୋରି କରୁଛନ୍ତି ଦୈନିକ କୋଟିକୋଟି ଟଙ୍କାର କଳାପଥର। ଦିନ ଦ୍ୱିପହରରେ ମାଫିଆମାନେ ପାହାଡରେ ଶକ୍ତିଶାଳୀ ବିସ୍ଫୋରଣ କରି ବଡବଡ ମେସିନ ଓ ଟ୍ରକ ଲଗାଇ ଖଣିରୁ ବୋହି ନେଉଛନ୍ତି ମୂଲ୍ୟବାନ ପଥର। ଅତିକମରେ ଏଠାରୁ ଦିନକୁ ଦୁଇଶହରୁ ଉର୍ଦ୍ଧ୍ୱ ଟ୍ରକ କଳାପଥର ଚୋରି ହେଉଛି। ଇତିମଧ୍ୟରେ ଶହେ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର କଳାପଥର ଏହି ଦୁଇ ବେଆଇନ ଖତିର ଚୋରି ହୋଇ ସାରିଲାଣି ଓ ସରକାର ଇତିମଧ୍ୟରେ ସେ ବାବଦରେ ୫୨ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ରାଜସ୍ୱ ହରାଇ ସାରିଲେଣି। ଖଣିରେ ଦିନରାତି ଶକ୍ତିଶାଳୀ ବିସ୍ଫୋରଣ ହେବା ଯୋଗୁଁ ସମଗ୍ର ଅଞ୍ଚଳରେ ଦୈନିକ ଅନୁଭୂତ ହେଉଛି ଏକାଧିକ ମୃଦୁ ଭୂକମ୍ପ। ସ୍ଥାନୀୟ ଲୋକେ,ସ୍କୁଲ କଲେଜ ଓ ବିଭିନ୍ନ ଦେବସ୍ଥଳୀ ଏଥି ଯୋଗୁ ଅସୁରକ୍ଷିତ। ଏହି ବେଆଇନ ଖଣି ଖନନ ଓ ପଥର ଚୋରିକୁ ରୋକିବା ପାଇଁ ବାରମ୍ବାର ଅଞ୍ଚଳବାସୀ ଯାଜପୁର ଜିଲ୍ଲା ପ୍ରଶାସନ,ଜିଲ୍ଲା ଲଘୁ ଖଣି ଅଧିକାରୀ (ଡିଡିଏମ) ଓ ସ୍ଥାନୀୟ ପୋଲିସର ଦୃଷ୍ଟି ଆକର୍ଷଣ କରୁଛନ୍ତି। ଏତେସବୁ ପରେବି ସବୁ ଜାଣି ସବୁଦେଖି ଯାଜପୁର ଜିଲ୍ଲାପାଳ,ଜିଲ୍ଲା ଏସପି ଓ ଜିଲ୍ଲା ଲଘୁ ଖଣି ଅଧିକାରୀ କାହିଁକି ଚୁପହୋଇ ବସିଛନ୍ତି ତାହା ସାଧାରଣରେ ପ୍ରଶ୍ନ ହେଉଛି। ଏହି ବେଆଇନ ଖଣିରୁ ବଡବଡ ମେସିନ ଓ ହାଇୱା ଯୋଗେ ଦିନରାତି ପାଖରେ ରହିଥିବା ଷ୍ଟୋନ କ୍ରସର ଗୁଡିକୁ ଆଖିବୁଜା କଳାପଥର ଚୋରା ଚାଲାଣ ହେବା ହେଉଛି। ଏବେ ବାରମାଣ ମୌଜାର ଏହି ନିଷିଦ୍ଧ ଖଣି ସହିତ ବ୍ୟାପକ ସ୍ଥାନରୁ ମାଫିଆମାନେ ୨୦ରୁ୩୦ଫୁଟ ଗାଡକରି ପଥର ଖୋଳି ନେଉଥିବାରୁ ସମଗ୍ର ଅଞ୍ଚଳରେ କୃତ୍ରିମ ହ୍ରଦ ସୃଷ୍ଟି ହୋଇଛି। ଏପରି ଗର୍ହିତ କାର୍ଯ୍ୟ ଖଣି,ଜଙ୍ଗଲ ଓ ପରିବେଶ ଆଇନର ବିରୁଦ୍ଧାଚରଣ କରୁଥିଲେ ମଧ୍ୟ ବିଭାଗୀୟ ଅଧିକାରୀ ମାନେ ନିଦାବିଷ୍ଟ ସାଜି ଖଣି ଚୋରଙ୍କୁ ସୁରକ୍ଷା ଦେଇଚାଲିଥିବା ଅଭିଯୋଗ ହୋଇଛି। ଏହି ଚୋରିରେ ବିଏସକ୍ୟୁ-୨ ଖଣିର ଲିଜଧାରୀ ସିଧାସଳଖ ସଂପୃକ୍ତଥିବା ଆଲୋଚନା ହେଉଛି। ସଂପୃକ୍ତ ଲିଜଧାରୀଙ୍କ ମେସିନ ଓ ଟ୍ରକ ଏହି ବେଆଇନ ଖଣି ଖନନରେ ଲାଗିଥିବା ଦେଖାଯାଇଛି। ସ୍ଥାନୀୟ ଜେନାପୁର ଥାନା ପୋଲିସ ଓ ଖଣି ବିଭାଗ ଅଧିକାରୀଙ୍କ ଠାରୁ ସାହସ ପାଇ ମାଫିଆମାନେ ଏଠାରୁ ପଥର ଚୋରି କରୁଥିବା ସାଧାରଣରେ ଆଲୋଚନା ହେଉଛି। ସରକାରୀ



ନିୟମ ଓ ଲଘୁ ଖଣି ଆଇନର ଚୁକ୍ତି ଅନୁଯାଇ ଲିଜଧାରୀଙ୍କ ଖଣି ପରିସର ବା ତା ନିକଟରେ କୌଣସି ପ୍ରକାର ବେଆଇନ ଖନନ ହୋଇପାରିବ ନାହିଁ। ଯଦି କୌଣସି ବେଆଇନ ଖନନ ବା ପଥର ଚୋରି ହୁଏ ତେବେ ସଂପୃକ୍ତ ଲିଜଧାରୀ ସଙ୍ଗେସଙ୍ଗେ ତାହା ଜିଲ୍ଲା ଲଘୁ ଖଣି ଅଧିକାରୀ (ଡିଡିଏମ)ଙ୍କ ନଜରକୁ ଆଣିବା ପାଇଁ କଡା ନିୟମ ରହିଛି । ଯଦି ସଂପୃକ୍ତ ଲିଜଧାରୀ ତାଙ୍କ ଖଣି ନିକଟରୁ ଚାଲିଥିବା ବେଆଇନ ଖନନ ସମ୍ପର୍କରେ ଖଣି ବିଭାଗକୁ ଜାଣି ସୁଣି ନଜଣାନ୍ତି ତେବେ ସେହି ଚୋରି ତାଙ୍କ ଦ୍ୱାରା ହୋଇଥିବି ବିବେଚନା ହେବ ବୋଲି ମଧ୍ୟ ନିୟମ ରହିଛି। ହେଲେ ବାଡ ଫସଲ ଖାଇବା ନିତିରେ ଲିଜଧାରୀଙ୍କ ମିଳିଭଗତରେ ଏହି ଦୁଇ ସ୍ଥାନରୁ ବ୍ୟାପକ ପଥରଚୋରି ଚାଲିଥିବାରୁ ସେ ସମ୍ପର୍କରେ ଲିଜଧାରୀ ପ୍ରଶାସନକୁ ଜଣାଉ ନଥିବା କୁହାଯାଉଛି। ଏହି ଚୋରିରେ ଲିଜଧାରୀଙ୍କ ସଂପୃକ୍ତି ବିଷୟରେ ଖଣିରୁ ପଥର ଚୋରି କରୁଥିବା ଆଲୋଚନା ହେଉଛି। ସଂପୃକ୍ତ ଖଣି ଓ ପୋଲିସ ବିଭାଗର କେତେକ ଅଧିକାରୀ ଲିଜଧାରୀଙ୍କ ସହ ଅନୈତିକ ସମ୍ପର୍କ ରଖି ଏହି ଚୋରିକୁ ପ୍ରୋତ୍ସାହନ ଦେଉଥିବାରୁ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଗଠିତ ଜିଲ୍ଲା ଟାସ୍କଫୋର୍ସ ଏହି ବଡଧରଣ ପଥରଚୋରି ଓ ସରକାରୀ ରାଜସ୍ୱ ଆତ୍ମସାତକୁ ରୋକିବା ପାଇଁ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁବୋଲି ବୁଦ୍ଧିଜୀବୀ ମହଲରୁ ଦାବି ହୋଇଛି।

ବାରମାଣ ମୌଜାର ଏହି ବିଏସକ୍ୟୁ ୨ ପଥରଖଣିକୁ ଜିଲ୍ଲା ଲଘୁ ଖଣି ଅଧିକାରୀ ଜନୈକ କୁନା ପ୍ରଧାନଙ୍କୁ ପଥର ଉତ୍ତୋଳନ ପାଇଁ ଲିଜ ଦେଇଛନ୍ତି। ତାହାର ଲିଜ କେଶ ନଂ ୨୨/୨୦୨୦-୨୧ ରହିଛି। ବାରମାଣ ମୌଜାର ଖାତା ନମ୍ବର ୨୪୭ (ଏ-ଏଏ) ଓ ପ୍ଲଟ ନମ୍ବର

### ସରକାର ହରାଇଲେଣି ୫୦ କୋଟି ରାଜସ୍ୱ

ଜିଲ୍ଲା ଖଣି ଅଧିକାରୀ ଅବଗତ ଥିଲେ ମଧ୍ୟ କେଉଁ କାରଣରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରି ଚୂପହୋଇ ବସିଛନ୍ତି ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଖଣି ବିଭାଗ ଆଖିରେ ଆଙ୍ଗୁଟି ଗେଞ୍ଜି ଉକ୍ତ ଲିଜଧାରୀ କୋଟିକୋଟି ଟଙ୍କାର ରାଜସ୍ୱ ଫାଙ୍କିବା ପାଇଁ ଏପରି ଅଭିନବ ଢଙ୍ଗରେ ନିଷିଦ୍ଧ

୧୨୬୧ରେ ଏହି ଖଣି ରହିଛି । ଏହି ସ୍ଥାନରୁ ୭.୩୦ ଏକର ଖଣିକୁ କୁନା ପ୍ରଧାନଙ୍କୁ ଲିଜ ଦିଆଯାଇଛି। ଉକ୍ତ ଖଣିର ଲିଜ ଅବଧି ୧୮/୧୦/୨୦୨୨ ଠାରୁ ୧୭/୧୦/୨୦୨୭ ପର୍ଯ୍ୟନ୍ତ ରହିଥିଲା ବେଳେ ଏହାର ପରିବେଶ ମଞ୍ଜୁରୀ ଅବଧି ୦୩/୦୬/୨୦୨୭ ଓ ପ୍ରାଥମିକ ସିଟିଓ ଅବଧି ୦୩/୦୬/୨୦୨୫ ପର୍ଯ୍ୟନ୍ତ ରହିଥିଲା। ତେବେ ମାତ୍ର ୭.୩୦ ଏକର ଖଣିରୁ ପଥର ଉତ୍ତୋଳନ ପାଇଁ ସଂପୃକ୍ତ ଲିଜଧାରୀଙ୍କୁ ଅନୁମତି ମିଳିଥିଲେ ମଧ୍ୟ ଏବେ ସେହି ଖଣି ପାଖାପାଖି ପ୍ରାୟ ୫୦ ଏକରରୁ ଉର୍ଦ୍ଧ୍ୱ ଅଞ୍ଚଳରୁ ବେଆଇନ ଭାବେ ପଥର ଖନନ ଚାଲିଥିବା ଅଭିଯୋଗ ହୋଇଛି। ବାରମାଣ ମୌଜାରେ ଚାଲିଥିବା ଏହି ବେଆଇନ ଖଣି ଖନନ ଓ କୋଟିକୋଟି ଟଙ୍କାର କଳାପଥର ଚୋରୀ ସମ୍ପର୍କରେ ଯାଜପୁର ଜିଲ୍ଲା ଲଘୁ ଖଣି ଅଧିକାରୀ (ଡିଡିଏମ) ଜୟପ୍ରକାଶ ନାୟକଙ୍କୁ ପଚାରିବାରେ ସେ,ଏପରି ଅଭିଯୋଗ ପାଇଛନ୍ତି ଓ ଏହାଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ପୋଲିସ ଫୋର୍ସ ଓ ଆବଶ୍ୟକୀୟ କର୍ମଚାରୀ ଯୋଗାଇ ଦେବାକୁ ଯାଜପୁର ଜିଲ୍ଲାପାଳ ଓ ଏସପିଙ୍କୁ ବାରମ୍ବାର ଜଣାଇଥିଲେ ମଧ୍ୟ ଅଦ୍ୟାବଧି ତାଙ୍କୁ ପୋଲିସ ସହାୟତା ମିଳିନଥିବା ପ୍ରକାଶ କରିଛନ୍ତି। ତେବେ ବଡ ଖଣି ଚୋରି ଓ କୋଟିକୋଟି ଟଙ୍କାର ସରକାରୀ ରାଜସ୍ୱ ଆତ୍ମସାତକୁ ରୋକିବା ପାଇଁ ଡିଡିଏମ ଜିଲ୍ଲା ପ୍ରଶାସନକୁ ସହାୟତା ମାଗୁଥିଲା ବେଳେ କେଉଁଥି ପାଇଁ ଜିଲ୍ଲାପାଳ ଓ ଏସପି ତାଙ୍କୁ ସହାୟତା ଦେଉନାହାନ୍ତି ତାହା ନିୟୁତ ପ୍ରଶ୍ନ ସୃଷ୍ଟି କରିଛି।

# ୧୨ରେ ଦେଶବ୍ୟାପୀ ସାଧାରଣ ଧର୍ମଘଟ ସଫଳ ନେଇ ବୈଠକ

ବାରିପଦା, (ସବ୍ୟୁ) : ଶ୍ରମିକ ବିରୋଧୀ ୪ଟି ଶ୍ରମ କୋର୍ଡ ଓ ଆଇନ୍‌ର ପ୍ରତ୍ୟାହାର, ଦରଦାମ ବୃଦ୍ଧି ନିୟନ୍ତ୍ରଣ କରିବା, ସ୍କିମ ଓରକର ଯଥା ଅଙ୍ଗନବାଡି, ଆଶା, ପାଚିକା, ଗ୍ରାମ ପଞ୍ଚାୟତ କର୍ମଚାରୀଙ୍କୁ ଶ୍ରମିକ ମାନ୍ୟତା, ମାସିକ ୨୮ହଜାର ଟଙ୍କା ସର୍ବନିମ୍ନ ମଜୁରୀ ଲାଗୁ, ଶ୍ରମିକ ବିରୋଧୀ ଶ୍ରମ ଶକ୍ତି ନୀତି-୨୦୨୫ ର ପ୍ରତ୍ୟାହାର, ରାଷ୍ଟ୍ରୀୟ ଉଦ୍ୟୋଗରୁ ପୁଞ୍ଜି ପ୍ରତ୍ୟାହାର ଓ ଘରୋଇକରଣ ବନ୍ଦ, ବିଦ୍ୟୁତ୍ ସଂଶୋଧନ ବିଲ୍ ୨୦୨୫ର ବାତିଲ, ରାଜ୍ୟରେ ଶ୍ରମ ଦିବସ ଓ ମହିଳାମାନଙ୍କୁ ରାତ୍ରୀକାଳୀନ କାର୍ଯ୍ୟାଦେଶ ବାତିଲ୍, ପୁରୁଣା ପେନସନ ସ୍କିମର ପ୍ରଚଳନ, ସର୍ବନିମ୍ନ ମାସିକ ପେନସନ ୯ହଜାର ଟଙ୍କା, ଭିବିଜି ରାମ୍‌ଜି ଆଇନ୍ ୨୦୨୫ର ପ୍ରତ୍ୟାହାର, ନିର୍ମାଣ ଶ୍ରମିକଙ୍କ ବହୁବିଧ ସମସ୍ୟାର ସମାଧାନ ଇତ୍ୟାଦି ଅନ୍ୟାନ୍ୟ ଦାବିରେ ଆସନ୍ତା ଫେବୃଆରୀ ୧୨ତାରିଖରେ ଦେଶର ପ୍ରମୁଖ କେନ୍ଦ୍ରୀୟ ଶ୍ରମିକ ସଂଗଠନ ଓ ସ୍ୱାଧୀନ ଫେଡେରେସନ ସମୂହଙ୍କ ପକ୍ଷରୁ ସର୍ବଭାରତୀୟ ସାଧାରଣ ଧର୍ମଘଟ ଅନୁଷ୍ଠିତ ହେବ ।

ଏହି ଧର୍ମଘଟକୁ ଜିଲ୍ଲାରେ ସଫଳ କରିବା ପାଇଁ ଆଜି ମୟୂରଭଞ୍ଜ ପରିବହନ ଶ୍ରମିକ ସଂଘ କାର୍ଯ୍ୟାଳୟ, ବାରିପଦାଠାରେ ଆଇଏନ୍‌ଟିୟୁସି, ଏଆଇଟିୟୁସି, ସିଆଇଟିୟୁ, ଏଆଇୟୁଟିୟୁସି, ଏଚ୍‌ଏମ୍‌ଏସର ମିଳିତ ବୈଠକ ସାଥୀ ରବି ଗୋସ୍ୱାମୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ଉପଖଣ୍ଡ ଓ ବ୍ଲକ୍ ସ୍ତରୀୟ ପଥପ୍ରାନ୍ତ ସଭା ସହ ଶୋଭାଯାତ୍ରା ଅନୁଷ୍ଠିତ ହେବାକୁ ସ୍ଥିର ହୋଇଛି । ୩ରେ ଯଶିପୁର, ୭ରେ କରଞ୍ଜିଆ, ୯ରେ ରାଇରଙ୍ଗପୁର, ୧୦/୧୧ ବାରିପଦା ଧାର୍ଯ୍ୟ ହୋଇଥିବା ବେଳେ ଅନ୍ୟ ଅଞ୍ଚଳ ଗୁଡ଼ିକର ତାରିଖ ସ୍ଥାନୀୟ ନେତୃତ୍ୱ ସ୍ଥିର କରି ତୁରନ୍ତ ଜଣାଇବାକୁ ଅନୁରୋଧ କରାଯାଇଥିଲା।

ଏହି ପ୍ରସ୍ତୁତି ବୈଠକରେ ଆଇଏନ୍‌ଟିୟୁସି ପକ୍ଷରୁ ସର୍ବଶ୍ରୀ ଶାନ୍ତନୁ କୁମାର ପାଲ୍, ଏଆଇଟିୟୁସି ପକ୍ଷରୁ କାହ୍ନୁଚରଣ ବେହେରା, ହୃଷିକେଶ ସାହୁ, ସିଆଇଟିୟୁ ପକ୍ଷରୁ ରଘୁନାଥ ପଣ୍ଡା, ମୋଟର ପରିବହନ ସଂଘ ପକ୍ଷରୁ ଗଂଗାଧର ସାମଲ, ସୁବାସ ଚନ୍ଦ୍ର ତ୍ରିପାଠୀ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

# କଂଗ୍ରେସର "ଗାନ୍ଧି ପଥେ ଓଡିଶା' ପଦଯାତ୍ରା

## ପିସିସି ସଭାପତି ଭକ୍ତ, ପ୍ରାକ୍ତନ ମନ୍ତ୍ରୀ ନେତ୍ରାନନ୍ଦ ସାମିଲ

ତିହିଡି, (ସବ୍ୟୁ): ତିହିଡି ବ୍ଲକ ଅନ୍ତର୍ଗତ ସାହାପୁର ପଞ୍ଚାୟତ ଅଧିନ ଚାରିବାଟିଆଠାରୁ ତିହିଡି କାଳୀପଡିଆ ଯାଏଁ କଂଗ୍ରେସର "ଗାନ୍ଧି ପଥେ ଓଡିଶା' ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏଥିରେ ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତଚରଣ ଦାସ, ବରିଷ୍ଠ କଂଗ୍ରେସ ନେତା ତଥା ପ୍ରାକ୍ତନ ମନ୍ତ୍ରୀ ନେତ୍ରାନନ୍ଦ ମଲ୍ଲିକଙ୍କ ସମେତ ବହୁ କଂଗ୍ରେସ ନେତା ସାମିଲ ହୋଇଥିଲେ । ପୂର୍ବାହ୍ନରେ ଚାରିବାଟିଆଠାରେ ୨୦୦୫ ମସିହାରେ ତତ୍କାଳୀନ ଚାନ୍ଦବାଲି ବିଧାୟକ ନେତ୍ରାନନ୍ଦଙ୍କ ଦ୍ୱାରା ସ୍ଥାପିତ ଗାନ୍ଧୀ ପ୍ରତିମୂର୍ତ୍ତିରେ କଂଗ୍ରେସ ନେତାମାନେ ମାଲ୍ୟାର୍ପଣ କରିବା ସହିତ ପୀରହାଟ ଦେଇ ପ୍ରାୟ ୧୦ କିମିରୁ ଅଧିକ ପଦଯାତ୍ରା କରି ତିହିଡି କାଳୀପଡିଆଠାରେ ପହଞ୍ଚିଥିଲେ । ପରେ ସେଠାରେ ବ୍ଲକ କଂଗ୍ରେସ ସଭାପତି ସରୋଜ ଦାସଙ୍କ ଅଧ୍ୟକ୍ଷତାରେ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା ।



ଏହି ସଭାରେ କଂଗ୍ରେସ ନେତାମାନେ ସେମାନଙ୍କ ବକ୍ତବ୍ୟରେ ବିଜେପି ସରକାରର ଚାଷୀମାରଣ ନୀତିକୁ ସମାଲୋଚନା କରିବା ସହିତ ନିର୍ବାଚନ ବେଳେ ବିଜେପି ଦେଇଥିବା ବିଭିନ୍ନ ପ୍ରତିଶ୍ରୁତି ରକ୍ଷାରେ ସଂପୂର୍ଣ୍ଣ ବିଫଳ ହୋଇଛି । ତେଣୁ କଂଗ୍ରେସ ଅହିଂସା ମାର୍ଗରେ ସରକାରଙ୍କୁ ନିଜର ହକ୍ ମାଗିବ ବୋଲି କହିଥିଲେ। ଏହି ସଭାରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ କଂଗ୍ରେସ ନେତା ତଥା ପ୍ରାକ୍ତନ ସାଂସଦ ଅନନ୍ତ ପ୍ରସାଦ ସେଠୀ, ବାସୁଦେବପୁର ବିଧାୟକ ଅଶୋକ ଦାସ, ଟାଣ୍ଡୁଆ ନେତା ଅସିତ ପଟ୍ଟନାୟକ, ଅମୀୟ ମହାପାତ୍ର, ଶୁଭେନ୍ଦୁ ମହାନ୍ତି, ଜିଲ୍ଲା କଂଗ୍ରେସ ସଭାପତି ନଳିନୀ ମହାନ୍ତି, ଯୁବନେତା ଆଶିଷ ମଲ୍ଲିକ, ମଧୁସ୍ମିତା ସେଠୀ, ରଞ୍ଜନ ବେହେରା, ଦିଗମ୍ବର ଦାସ ପ୍ରମୁଖ ବହୁ କଂଗ୍ରେସ ନେତା ସାମିଲ ହୋଇଥିଲେ ।

ଏଠାରେ ସୂଚନାଯୋଗ୍ୟ ଯେ, ଦୀର୍ଘଦିନର ନିରବତା ପରେ ଏ ଅଞ୍ଚଳର ଟାଣ୍ଡୁଆ କଂଗ୍ରେସ ନେତା ତଥା ପ୍ରାକ୍ତନ ମନ୍ତ୍ରୀ ନେତ୍ରାନନ୍ଦ ଓ ତାଙ୍କ ପୁତ୍ର ଆଶିଷ ଦଳୀୟ କାର୍ଯ୍ୟକ୍ରମରେ ସକ୍ରିୟ ହେବା ଘଟଣା କଂଗ୍ରେସ କର୍ମୀଙ୍କ ମଧ୍ୟରେ ଉଭୟ ଆନନ୍ଦ ଓ ଉତ୍ସାହ ଭରି ଦେଇଛି ।

# ମା' ରତନେଈ ମନ୍ଦିରର ମୁଖ୍ୟଦ୍ୱାର ପ୍ରତିଷ୍ଠା ଉତ୍ସବ

ବୁଗୁଡ଼ା, (ସବ୍ୟୁ) : ବୁଗୁଡ଼ା ବ୍ଲକ ଭାମଶ୍ୟାଳି ପଞ୍ଚାୟତ ଅନ୍ତର୍ଗତ କୁଆଁନଳା ଗ୍ରାମସ୍ଥ ମା ରତନେଈ ମନ୍ଦିର ମୁଖ୍ୟଦ୍ୱାର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଆଚାର୍ଯ୍ୟ ଭାବେ ସୁବାସ ଚନ୍ଦ୍ର ଦାଶ, ପ୍ରଚାରକ ଭାବେ ଚନ୍ଦ୍ର ଶେଖର ଦାଶ ଓ ହିମାଂଶୁ ଶେଖର ଦାଶ ଯୋଗ ଦେଇ ଯଥା ରୀତିନୀତି ପ୍ରକାରେ ପୂଜାପାଠ ସମ୍ପାଦନ କରିଥିବା ବେଳେ କର୍ତ୍ତା ଦାୟିତ୍ୱ ସୀତାରାମ ଦାଶ ନିର୍ବାହ କରିଥିଲେ । ଏ ଅବସରରେ ଅଷ୍ଟ ପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା । ଏଥିରେ ଗୋଲିଆ, ଭାମଶ୍ୟାଳି, କୁଶପଲ୍ଲୀ ଓ କୁଆଁନଳା ଆଦି ଗ୍ରାମର ନାମ ସଂକୀର୍ତ୍ତନ ଦଳ ଅଂଶ ଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମ ପରିଚାଳନାରେ କୁଆଁନଳା ଗ୍ରାମବାସୀ ସହଯୋଗ କରିଥିଲେ ।



# ପୂର୍ବତନ ସାଂସଦ, କଂଗ୍ରେସ ନେତ୍ରୀ ସୁଶୀଳା ତିରିଆଙ୍କ ପରଲୋକ

ବାରିପଦା, (ସବ୍ୟୁ) : ବରିଷ୍ଠ କଂଗ୍ରେସ ନେତ୍ରୀ ସୁଶ୍ରୀ ସୁଶୀଳା ତିରିଆଙ୍କ ୭୦ବର୍ଷ ବୟସରେ ଭୁବନେଶ୍ୱର ସ୍ଥିତ ଏମ୍ସ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ଅବସ୍ଥାରେ ରବିବାର ସନ୍ଧ୍ୟାରେ ପରଲୋକ ହୋଇଯାଇଛି । ସ୍ୱର୍ଗତ ତିରିଆ ମୟୂରଭଞ୍ଜ ଲୋକସଭାରୁ ଦୁଇଥର ସାଂସଦ ଭାବେ ନିର୍ବାଚିତ ହୋଇଥିବାବେଳେ ରାଜ୍ୟସଭାରେ ମଧ୍ୟ ଦୁଇଥର ସାଂସଦ ଭାବେ ନିର୍ବାଚିତ ହୋଇଥିଲେ । ସେ ଦୀର୍ଘଦିନ ଧରି କଂଗ୍ରେସର ସିଡବ୍ଲୁସି ସଦସ୍ୟ ଭାବେ ଦକ୍ଷତାର ସହ କାର୍ଯ୍ୟ ତୁଲାଇ ଥିଲେ ।

ତାଙ୍କ ପରଲୋକ ଖବରରେ ସମଗ୍ର ମୟୂରଭଞ୍ଜ ଜିଲ୍ଲାରେ ଶୋକର ଛାୟା ଖେଳିଯାଇଛି । ସେ ଜଣେ ଦକ୍ଷ ନେତ୍ରୀ ଓ ପରପୋକାରୀ ଭାବେ ସବୁଠି ଆଦୃତ ଥିଲେ । ଆସନ୍ତାକାଲି ମୟୂରଭଞ୍ଜରେ ତାଙ୍କର ଶେଷକୃତ୍ୟ ସମ୍ପର୍ଣ୍ଣ ହେବ ବୋଲି ଜଣାଯାଇଛି । ତାଙ୍କର ସାଂସଦ ସମୟରେ ମୟୂରଭଞ୍ଜ ଜିଲ୍ଲାର ବିକାଶରେ ଅନେକ ଉଲେଖନୀୟ କାର୍ଯ୍ୟ ସମ୍ପାଦିତ ହୋଇଥିଲା । ତାଙ୍କ ପରଲୋକରେ ପିସିସି ସଭାପତି ଭକ୍ତ ଚରଣ ଦାସ ଗଭୀର ଶୋକ ବ୍ୟକ୍ତ କରି କହିଛନ୍ତି କଂଗ୍ରେସ ଦଳ ଜଣେ ଦୃଢ ନାରୀ ନେତ୍ରୀ ତଥା ବିଶିଷ୍ଟ ସେବୀକାଙ୍କୁ ହରାଇଲା ।

# ଭଞ୍ଜନଗର ବିଧାୟକଙ୍କ ପିତୃ ବିୟୋଗ

ଭଞ୍ଜନଗର, (ସବ୍ୟୁ): ଗଞ୍ଜାମ ଜିଲା ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକଙ୍କ ପିତା ଶ୍ୟାମସୁନ୍ଦର ନାୟକ (୯୬) ରବିବାର ଅପରାହ୍ନରେ ବିଧାୟକଙ୍କ ଭୁବନେଶ୍ୱର ସ୍ଥିତ ସରକାରୀ ବାସଭବନରେ ପରଲୋକ ଘଟିଛି । ଏହି ଖବର ଭଞ୍ଜନଗରରେ ପ୍ରଚାରିତ ହେବା ପରେ ଶୋକର ଛାୟା ଖେଳିଯାଇଛି । ସେ ଜଣେ ଜଣାଶୁଣା ସ୍ୱେଚ୍ଛାସେବୀ, ଏ କ୍ଲାସ୍ ଠିକାଦାର, ରାଜନେତା ଥିଲେ । ବିଧାୟକଙ୍କ ଭୁବନେଶ୍ୱର ବାସଭବନରେ ବହୁ ରାଜନେତା, ଧମପରାୟଣ ପରଉପକାରୀ ବିଶିଷ୍ଟ



ବ୍ୟକ୍ତି ପହଞ୍ଚି ତାଙ୍କର ଶେଷ ଦର୍ଶନ କରିଛନ୍ତି । ରାତିରେ ଶ୍ୟାମସୁନ୍ଦରଙ୍କ ମରଶରୀର ତାଙ୍କ ବାସଭବନ ତିଲିସିଙ୍ଗି ଗ୍ରାମରେ ପହଞ୍ଚିବା ପରେ ତାଙ୍କର ଅନ୍ତିମ ସତ୍କାର କରାଯିବା କାର୍ଯ୍ୟକ୍ରମ ରହିଛି ।

## ବାଇଶି ଦିଗଭାଗ ସଂକୀର୍ତ୍ତନମଣ୍ଡଳୀ ପକ୍ଷରୁ

# ଅନ୍ଦରପୁର ଗ୍ରାମ ଅଧିକାରୀ, ମହନ୍ତ, କଟୁଆଳଙ୍କ ନାମ ଘୋଷଣା



କଟକ, (ସ୍ୱପ୍ର): ଅନ୍ଦରପୁର ଗ୍ରାମର ଅଧିକାରୀ, ମହନ୍ତ, କଟୁଆଳ ଚୟନ ନେଇ ଯେଉଁ ବିବାଦ ଉପୁଜିଥିଲା ତାହାର ପୂର୍ଣ୍ଣଛେଦ ପଡିଛି । ରବିବାର ବାଇଶି ଦିଗଭାଗ ସଂକ୍ରିର୍ତ୍ତନ ମଣ୍ଡଳୀ ମହାସଭାରେ ସର୍ବାଧିକାରୀ ସୁବାଷ ଚନ୍ଦ୍ର ସାହୁ ଅନ୍ଦରପୁର ଗ୍ରାମର ଅଧିକାରୀ ଭାବେ ପୁନର୍ବାର ପ୍ରମୋଦ କୁମାର ଭୋଲଙ୍କୁ ଦାୟିତ୍ୱ ଦେଇଛନ୍ତି । ସେହିପରି ଦିଲ୍ଲୀପ କୁମାର ଜେନାଙ୍କୁ ଗ୍ରାମର ମହନ୍ତ ଓ ବିଶ୍ୱରଂଜନ ସ୍ୱାଇଁଙ୍କୁ କଟୁଆଳ ଭାବେ ଚୟନ କରାଯାଇ ଦାୟିତ୍ୱ ଦିଆଯାଇଛି । ଏଥିରେ ଅନ୍ଦରପୁର ଗ୍ରାମବାସୀ ଓ ବାଇଶି ଦିଗଭାଗର ସମସ୍ତ ସଭ୍ୟ ଉପସ୍ଥିତ ଥିଲେ । ଏହି ଦାୟିତ୍ୱକୁ ଆମ୍ଭେ ସୁଚାରୁ ରୂପ ସମ୍ପନ୍ନ କରିବୁ ବୋଲି ଅଧିକାରୀ, ମହନ୍ତ, କଟୁଆଳ ପ୍ରକାଶ କରିଥିଲେ । ଶେଷରେ ହରିବୋଲ ଦେଇ ଏମାନଙ୍କୁ ମହାସଭାରେ ସ୍ୱାଗତ କରାଯାଇଥିଲା । ପରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଅନ୍ଦରପୁର ଗ୍ରାମ ଅଧିକାରୀଙ୍କୁ ଓ୍ୱାର୍ଡ କର୍ପୋରେଟର ଅରବିନ୍ଦ ଜେନା, ବିନୋଦ ବେହେରା, ଚିତ୍ତରଞ୍ଜନ ନାୟକ, ନଗେନ ଦାସ, ସୁରେନ୍ଦ୍ର ପଟ୍ଟନାୟକ, ବାସୁଦେବ ସ୍ୱାଇଁ, ରଞ୍ଜିତ ରାଉତ ପ୍ରମୁଖଙ୍କ ସହିତ ବହୁ ସଂଖ୍ୟାରେ ଅନ୍ଦରପୁର ଗ୍ରାମର ଯୁବକ ଓ ମୁରବୀ ଉପସ୍ଥିତରେ ସମ୍ବର୍ଦ୍ଧିତ କରାଯାଇଥିଲା ।

# ସରସ୍ୱତୀ ବିଦ୍ୟା ମନ୍ଦିର, ନୀଳକଣ୍ଠନଗର ପକ୍ଷରୁ ମେଧାବୀ ଅଭିନନ୍ଦନ ଉତ୍ସବ

ବ୍ରହ୍ମପୁର, (ସବ୍ୟୁ): ରବିବାର ଦିନ ନୀଳକଣ୍ଠନଗର ସରସ୍ୱତୀ ବିଦ୍ୟା ମନ୍ଦିର ପ୍ରାଙ୍ଗଣରେ ଏକ ମେଧାବୀ ଅଭିନନ୍ଦନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ୨୦୨୫ ମସିହାରେ ଏହି ଅନୁଷ୍ଠାନରେ କୋଚିଂ ନେଇଥିବା ଛାତ୍ରଛାତ୍ରୀମାନଙ୍କ ମଧ୍ୟରୁ ୨୧୩ ଜଣ ଛାତ୍ରଛାତ୍ରୀ ବିଭିନ୍ନ ମେଡ଼ିକାଲ କଲେଜରେ ଡାକ୍ତର ପାଠ୍ୟକ୍ରମରେ ନାମ ଲେଖାଇଛନ୍ତି । ତନ୍ମଧ୍ୟରୁ ୯ ଜଣ ଛାତ୍ରଛାତ୍ରୀ ସର୍ବଭାରତୀୟ ସ୍ତରର ଏମ୍‌ସ ଭଳି ଅନୁଷ୍ଠାନରେ ନାମ ଲେଖାଇଛନ୍ତି । ସେହିପରି ସର୍ବଭାରତୀୟ ସ୍ତରର ଆଇ.ଆଇ.ଟି. ରେ ୫ ଜଣ ଏବଂ ଏନ୍.ଆଇ.ଟି ଭଳି ଅନୁଷ୍ଠାନରେ ୨୫ ଜଣ ଛାତ୍ରଛାତ୍ରୀ ନାମ ଲେଖାଇଛନ୍ତି । ତାସହିତ ଆଇଜର୍, ନାଇଜର ଏବଂ ଆଇ.ସି.ଏ.ଆର୍ ଭଳି ସର୍ବଭାରତୀୟ ସ୍ତରର ଅନୁଷ୍ଠାନରେ ବହୁ ମେଧାବୀ ଛାତ୍ରଛାତ୍ରୀ ଚଳିତ ବର୍ଷ ଅଧ୍ୟୟନ କରୁଛନ୍ତି । ଏହି ଉତ୍ସବ ପରିପ୍ରେକ୍ଷୀରେ ସମସ୍ତ ଆମନ୍ତ୍ରିତ ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ଅନୁଷ୍ଠାନ ଦ୍ୱାରା ସ୍ୱାଗତ ସମ୍ବର୍ଦ୍ଧନା ଦେବା ସହ ଜଣେ ସୁନାଗରିକ ହେବାପାଇଁ ପ୍ରୋତ୍ସାହିତ କରାଯାଇଥିଲା ।




ଏହି ଅବସରରେ ମୁଖ୍ୟଅତିଥି ରୂପେ ଚିକିଟି ବିଧାୟକ, ମନୋରଞ୍ଜନ ଦ୍ୟାନ ସାମନ୍ତରା, ସମ୍ମାନିତ ଅତିଥି ରୂପେ ଉଚ୍ଚ ଶିକ୍ଷା ବିଭାଗର ଆଂଚଳିକ ନିର୍ଦ୍ଦେଶକ ଡ. ନାରାୟଣ ବେହେରା, ସମ୍ମାନିତ ଅତିଥି ରୂପେ ବ୍ରହ୍ମପୁର ଏମ୍.କେ.ସି.ଜି ମେଡ଼ିକାଲ୍ କଲେଜର ପ୍ରାଧ୍ୟାପକ ଡ. ମନୋଜ କୁମାର ସେଠୀ ଯଥା ଆଇ.ଆର୍.ଇ.ଏଲ୍, ଓସ୍କୋମ୍ ଛତ୍ରପୁରର ମୁଖ୍ୟ ସି.ଭି. ରମନ ମୂର୍ତ୍ତୀ ମଂଚ ଅଳଙ୍କୃତ କରି ଉପସ୍ଥିତ ଏକ ହଜାର ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରେରଣା ଏବଂ ଉତ୍ସାହ ଭରି ଦେଇଥିଲେ । ଏହି ଅବସରରେ ପରିଚାଳନା କମିଟିର ଯୁଗ୍ମ ସମ୍ପାଦକ ଶ୍ରୀ ନୀଳକଣ୍ଠ ସାହୁ, କୋଷାଧ୍ୟକ୍ଷ ସୋମନାଥ ନନ୍ଦ, ଅନୁଷ୍ଠାନର ପ୍ରାଧାନାଚାର୍ଯ୍ୟ ଏସ୍.ମୋହନ ରାଓ, ଶୈକ୍ଷିକ ପରାମର୍ଶଦାତା ଉମାଧବ ମହାନ୍ତି ଏବଂ ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ସୁବ୍ରତ କୁମାର ପାଣିଗ୍ରାହୀ ମଂଚାସୀନ ଥିଲେ । ପରିଚାଳନା ସମିତିର ଉପଦେଷ୍ଟା କେ.ଭେଙ୍କେଟ୍ ରାଓ, ହରେକୃଷ୍ଣ ପାଢ଼ୀ, ଡ. ରାଜେନ୍ଦ୍ର ଡାକୁଆ ଉପସ୍ଥିତ ରହି ସମସ୍ତ ଆମନ୍ତ୍ରିତ ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ସମ୍ମାନିତ କରିବା ସହ ପ୍ରୋତ୍ସାହିତ କରିଥିଲେ ।

ଏହି କାର୍ଯ୍ୟକ୍ରମରେ ଆର୍ଥିକ ଦୁର୍ବଳ ମେଧାବୀ ଦୁଇ ଛାତ୍ର ରୁଦ୍ର ପ୍ରତାପ ସ୍ୱାଇଁଙ୍କୁ ୧ ଲକ୍ଷ ଟଙ୍କା ଏବଂ କୃଷ୍ଣଚନ୍ଦ୍ର ପଣ୍ଡାଙ୍କୁ ୩୦ ହଜାର ଟଙ୍କା, ବିଜୟ କୁମାର ପାଢ଼ୀଙ୍କ ଦ୍ୱାରା ତାଙ୍କ ପୁତ୍ର ଡ. ରାକେଶ କୁମାର ପାଢ଼ୀଙ୍କ ସ୍ମୃତି ଉଦ୍ଦେଶରେ ଦିଆଯାଇଥିଲା । ଏହି ପରିପ୍ରେକ୍ଷୀରେ ସୁଶ୍ରୀ ଅର୍ପିତା ପଣ୍ଡା ଏବଂ ସୁଶ୍ରୀ ପ୍ରଗତି କିରଣ ବେହେରା ସୁଲଳିତ ସଙ୍ଗୀତ ଗାନ କରିଥିଲେ । ସୁଶ୍ରୀ ସ୍ନେହା ବେହେରା କାଠପାଦ ନୃତ୍ୟ ପରିବେଷଣ କରିଥିଲେ ।

ଯୁକ୍ତ ତିନି ବିଭାଗ ଏବଂ ନିଟ୍ କୋଚିଂ ନେଉଥିବା ବହୁ ଛାତ୍ରଛାତ୍ରୀ ନୃତ୍ୟ ପରିବେଷଣରେ ଭାଗ ନେଇଥିଲେ । ଯୁକ୍ତ ତିନି ବାଳିକା ବିଭାଗର ଏନ୍.ସି.ସି. ଛାତ୍ରଛାତ୍ରୀ ଏବଂ ବହୁ ସଂଖ୍ୟାରେ ସ୍ୱେଚ୍ଛାସେବୀ ଛାତ୍ରଛାତ୍ରୀ ଏହି କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ । କୋଚିଂ ପରିବାର ସମସ୍ତ ଅଣଶିକ୍ଷକ କର୍ମକର୍ତ୍ତା, ଯୁକ୍ତ ତିନି, କୋଚିଂ ବିଭାଗର ବହୁ ପ୍ରାଧ୍ୟାପକ ଏବଂ ପ୍ରାଧ୍ୟାପିକା ଆନ୍ତରିକତାର ସହ ଯୋଗଦାନ କରି ଏହି କାର୍ଯ୍ୟକ୍ରମକୁ ସଫଳତାର ସହ ପରିଚାଳନା କରିଥିଲେ। ଶେଷରେ ବିଦ୍ୟାଳୟର ପ୍ରାଧାନାଚାର୍ଯ୍ୟ ଏସ୍.ମୋହନ ରାଓ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ସଡ଼କ ଦୁର୍ଘଟଣାରେ ମୃତ ପରିବାରଙ୍କୁ ସମବେଦନା ଜଣାଇଲେ ମନ୍ତ୍ରୀ ବିଭୂତି

ବ୍ରହ୍ମପୁର, (ସବ୍ୟୁ): ଗତକାଲି ହଳଦିଆପଦର ଠାରେ ଘଟିଥିବା ମର୍ମନ୍ତୁଦ ଦୁର୍ଘଟଣା ଅଞ୍ଚଳବାସୀଙ୍କୁ ସ୍ତବ୍ଧ କରିଦେଇଛି । ଆଜି ବାଣିଜ୍ୟ ଓ ପରିବହନ ଏବଂ ଖଣି ଓ ଇସ୍ପାତମନ୍ତ୍ରୀ ବିଭୂତି ଭୂଷଣ ଜେନା ୫ ଜଣ ମୃତକଙ୍କ ପରିବାରବର୍ଗଙ୍କୁ ଭେଟି ସାନ୍ତ୍ୱନା ଦେବା ସହ ସମବେଦନା ଜଣାଇଛନ୍ତି । ଫୁଲଟା ଗ୍ରାମର କୃଷ୍ଣ ନାହାକ ଏବଂ ଚନ୍ଦୁରୁ ନାହାକଙ୍କ ପରିବାରବର୍ଗଙ୍କୁ ଭେଟି ସାନ୍ତ୍ୱନା ଦେବା ସହ ସମବେଦନା ଜଣାଇଥିଲେ । ପରେ ମାନ୍ୟବର ମନ୍ତ୍ରୀ ଜେନା ବ୍ରହ୍ମପୁର ଅଯୋଧ୍ୟାନଗର ସ୍ଥିତ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ରାମଚନ୍ଦ୍ର ପଣ୍ଡାଙ୍କ ପରିବାରବର୍ଗଙ୍କୁ ଭେଟି ସମବେଦନା ଜଣାଇଥିଲେ । ସେଠାରୁ କୁକୁଡ଼ାଖଣ୍ଡି ବ୍ଲକ୍ ଗୁଣ୍ଡବନ୍ଧ ଗ୍ରାମର ଶିବରାମ ଜେନାଙ୍କ ପରିବାରବର୍ଗଙ୍କୁ ଭେଟି ସମବେଦନା ଜଣାଇଥିଲେ । ପରେ ସେଠାରୁ ଦିଗପହଣ୍ଡି ସମାସିଂଶାସନ ଗ୍ରାମର ସତ୍ୟନାଥ ବେଜଙ୍କ ପରିବାରବର୍ଗଙ୍କୁ ଭେଟି ସମବେଦନା ଜଣାଇଥିଲେ । ଏହାସହ ଗତକାଲି ଦୁର୍ଘଟଣା ଘଟାଇଥିବା ଟ୍ରକ୍ ଡ୍ରାଇଭର ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଜିଲ୍ଲାପାଳ ଏବଂ ବ୍ରହ୍ମପୁର ଆରକ୍ଷୀ ଅଧିକ୍ଷକଙ୍କୁ ମନ୍ତ୍ରୀ ଶ୍ରୀ ଜେନା ନିର୍ଦ୍ଦେଶ ଦେଇଥିଲେ । ଗତକାଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଦୁର୍ଘଟଣାରେ ପ୍ରାଣ ହରାଇଥିବା ମୃତକଙ୍କ ପରିବାରର ନିକଟତମ ଆତ୍ମୀୟଙ୍କୁ ୪ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ସହାୟତା ଘୋଷଣା କରିଥିଲେ । ମନ୍ତ୍ରୀ ବିଭୂତି ଭୂଷଣ ଜେନା ପ୍ରତି ପରିବାରବର୍ଗଙ୍କୁ ରେଡକ୍ରସ୍ ତରଫରୁ ୩୦ ହଜାର ଟଙ୍କାର ଚେକ୍ ପ୍ରଦାନ କରିଥିଲେ । ଆଜି ତାଙ୍କ ସହ ଭାରତୀୟ ବିଜେପିର ବରିଷ୍ଠ ନେତା ସୁନିଲ କୁମାର ସାହୁ, ଗଞ୍ଜାମ ଜିଲ୍ଲା ସାଧାରଣ ସମ୍ପାଦକ ଗୌରୀ ସାମନ୍ତରା, ଜିଲ୍ଲା ଉପସଭାପତି ପ୍ରଭାତ କିରଣ ଷଡ଼ଙ୍ଗୀ, ଜିଲ୍ଲା ସମ୍ପାଦକ ଶିବ ଶଙ୍କର ନାୟକ, ରାଜ୍ୟ ଯୁବମୋର୍ଚ୍ଚା ସମ୍ପାଦକ ତୁଡୁନ ପାତ୍ର, ଅଶୋକ ଶୁକ୍ଲା, ବାଳକୃଷ୍ଣ ସାମନ୍ତରା ପ୍ରମୁଖଙ୍କ ସହ ବିଭିନ୍ନ ସରକାରୀ ଅଧିକାରୀ ଉପସ୍ଥିତ ଥିଲେ ।

## ୨୭ତମ ଇଉଫୋରିଆ-୨୬ ଉଦ୍‌ଯାପିତ

# ମିଷ୍ଟର ଇଉଫୋରିଆ ଆର୍ଯ୍ୟନ୍ ଦାସ ଓ ମିସ୍ ଉଉଫୋରିଆ ବନ୍ଦିତା ଜେନା

ବାରିପଦା, (ସବ୍ୟୁ) : ରାଜ୍ୟସ୍ଥରୀୟ ଆନ୍ତଃମହାବିଦ୍ୟାଳୟ ସାଂସ୍କୃତିକ ମହୋତ୍ସବ ଇଉଫୋରିଆ-୨୦୨୬ ବିଗତ ୪ଦିନ ଧରି ସ୍ଥାନୀୟ ଶହୀଦ ସ୍ମୃତି ଭବନରେ ସଭାପତି ତାପସ ପାଢ଼ୀ ଏବଂ ଉପସଭାପତି ପୁରୁଷତ୍ତୋମ ଅଗ୍ରଓ୍ୱାଲଙ୍କ ତତ୍ତ୍ୱାବଧାନରେ ସଂପୂର୍ଣ୍ଣ ହୋଇଯାଇଅଛି ।

ଏହି ମହୋତ୍ସବର ଉଦ୍‌ଯାପନୀ ସନ୍ଧ୍ୟାରେ ଓଡ଼ିଆ ଚଳଚ୍ଚିତ୍ର ଜଗତର ପ୍ରଚ୍ଛଦପଟ ଗାୟିକା ସୋହିନୀ ମିଶ୍ର ସମସ୍ତଙ୍କୁ ସଂଗୀତରେ ବାନ୍ଧି ରଖିଥିଲେ । ତତ୍‌ସହିତ ଓଲିଉଡ଼ ଚକଲେଟ ହିରୋ ସ୍ୱରାଜ ବାରିକ, ଇଣ୍ଟରନ୍ୟାସନାଲ ୟୁଟୁବର ଲବ ହାଁସଦାଃଙ୍କୁ ଦେଖିବା ପାଇଁ ଯୁବପିଢୀ ମାନଙ୍କ ମଧ୍ୟରେ ଉତ୍କଣ୍ଠା ଦେଖିବାକୁ ମିଳିଥିଲା ବୋଲି ସାଧାରଣ ସମ୍ପାଦକ ସତ୍ୟସ୍ୱରୂପ ଦାସ ଜଣାଇଛନ୍ତି । ଯୁବପ୍ରତିଭା ମାନଙ୍କ ମଧ୍ୟରେ ଥିବା ଅନ୍ତର୍ନିହିତ କଳାକୁ ଲୋକଲୋଚନକୁ ଆଣିବାରେ ଦି-ଇଉଫୋରିଆ ଅନୁଷ୍ଠାନ ୨୭ବର୍ଷ ଧରି ତାର ପ୍ରଚେଷ୍ଟାରେ ଲାଗି ରହିଥିବାବେଳେ ସ୍ଥାନୀୟ ସହୀଦ ସ୍ମୃତି ଭବନରେ ୪ଦିନ ଧରି ଏହି ମହୋତ୍ସବରେ ୧୭ଟି ଏକକ ଓ ୯ଟି ଦଳଗତ ପ୍ରତିଯୋଗିତା ହେବା ସହିତ ମିଷ୍ଟର ଓ ମିସ ଇଉଫୋରିଆ ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ




କରାଯାଇଥିଲା ବୋଲି ଅଧ୍ୟକ୍ଷ ଅସିତ୍ କୁମାର ଗିରି ଜଣାଇଛନ୍ତି ।

ଉପସଭାପତି ଶିବନାରାୟଣ ମିଶ୍ର, ଅଂକୁର ଖୁରାନାଙ୍କ ସହିତ ମିସ୍ ସ୍ନେହା ସଲୋନୀ ମଞ୍ଚ ପରିଚାଳନା କରିଥିବାବେଳେ ଅତିଥି ଭାବେ ଭିଜିଲାନ୍ସ ମୁଖ୍ୟାଳୟ, କଟକ ଡିଏସପି ଜୟନ୍ତୀ ଦଳାଇ, ଓଡ଼ିଆ ଫିଲ୍ମ ନିର୍ଦ୍ଦେଶକ ସଂଜୀବ ଦ୍ୱିବେଦୀ, ଓଡ଼ିଆ ଫିଲ୍ମ ପ୍ରଯୋଜକ ଶୁଭେନ୍ଦୁ ସାହୁ, ଉମେଶ ପଟ୍ଟନାୟକ ଓ ସଂସ୍କୃତିକ ସମ୍ପାଦକ ରାକେଶ ବେହେରା ପ୍ରମୁଖ ଉପସ୍ଥିତ ରହି କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ବିତରଣ କରିଥିଲେ। ଗତ ବର୍ଷର ମିସ ଇଉଫୋରିଆ ସୁଲଗ୍ନା ଦାସ କ୍ରାଉନିଂ କରିଥିବାବେଳେ ବାରିପଦା, ଝାରପୋଖରୀଆ, ଖୁଣ୍ଟା, କଟକ, ଭୁବନେଶ୍ୱର, ବ୍ରହ୍ମପୁର ସମେତ ଓଡିଶାର ବହୁ କଲେଜ ପ୍ରତିଯୋଗୀମାନେ ଏଥିରେ ଅଂଶଗ୍ରହଣ କରିଥିଲେ। ବାରିପଦାର ଡ୍ରପ ବିଟ୍‌ସ ଡ୍ୟାନ୍ସ ଷ୍ଟୁଡିଓ, ନମ୍ବର ଓ୍ୱାନ୍ ଡ୍ୟାନ୍ସ ଗ୍ରୁପ, ଇନ୍‌ସପାଆର ଡ୍ୟାନ୍ସ ଷ୍ଟୁଡିଓ, ଆର.ଏନ ଡ୍ୟାନ୍ସ ଗ୍ରୁପ, ଅନଲୀ ୱାନ ଡ୍ୟାନ୍ସ ଷ୍ଟୁଡିଓ ମଞ୍ଚରେ ନୃତ୍ୟର କଳା ପରିବେଷଣ କରିଥିଲେ। ମିଷ୍ଟର ଇଉଫୋରଆ-୨୬ ଭାବେ ସେଣ୍ଟ ମେରିସ୍ ସିନିୟର ସେକେଣ୍ଡାରୀ କନଭେଣ୍ଟ ସ୍କୁଲର ଆର୍ଯ୍ୟନ୍ ଦାସ ଏବଂ ମିସ ଇଉଫୋରିଆ-୨୬ ଭାବେ ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ କଲେଜର ବନ୍ଦିତା ଜେନା । ସେହିପରି ପ୍ରଥମ ରନର୍ସ ଅପ୍ ମିଷ୍ଟର ଇଉଫୋରଆ ଭାବେ ମୟୂରଭଞ୍ଜ ଆଇନ୍ ମହାବିଦ୍ୟାଳୟର ଆଶିଷ କୁମାର ବେହେରା, ପ୍ରଥମ ରନର୍ସ ଅପ୍ ମିସ୍ ଇଉଫୋରିଆ ଭାବେ ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ କଲେଜର ଅର୍ପିତା ଋଷିପ୍ରିୟା, ଦ୍ୱିତୀୟ ରନର୍ସ ଅପ୍ ମିଷ୍ଟର ଇଉଫୋରଆ ଭାବେ ରେଭେନ୍ସା ୟୁନିଭର୍ସିଟିର ଶାଶ୍ୱତ ଦ୍ୱିତୀୟ ରନର୍ସ ଅପ୍ ମିସ ଇଉଫୋରିଆ ଭାବେ ସୀମାନ୍ତ ଇଞ୍ଜିନିୟରିଂ କଲେଜର ସିଲବି ସୋଲନୀ ବିବେଚିତ ହୋଇଛନ୍ତି।

ଡିସିପ୍ଲିନ୍ ଟିମ ପ୍ରିନ୍ସ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁସନ୍ସକୁ ମିଳିଥିବାବେଳେ ଚାମ୍ପିୟନ ଟିମ୍ ହେଇଛନ୍ତି ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ କଲେଜ କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ତୁଲେଇ ଥିଲେ ସୁଶାନ୍ତ ଆଚାର୍ଯ୍ୟ, ଆୟୁଷ ପ୍ରିୟଦର୍ଶୀ, ଲିଜାରାଣୀ ସାହୁ, ମହେଶ କୁମାର ସାହୁ, ଧନଞ୍ଜୟ ସାହୁ ଓ ଦେବବ୍ରତ ଦେ ବୋଲି ଉପସଭାପତି ପଙ୍କଜ ସାହୁ ଜଣାଇଛନ୍ତି ।

# ମୟୂରଭଞ୍ଜ ପୁସ୍ତକମେଳା ଉଦ୍‌ଯାପିତ

ବାରିପଦା, (ସବ୍ୟୁ) : ସମ୍ପ୍ରତି କାଳଖଣ୍ଡର ଯୁବସମାଜ ତଥା ଛାତ୍ରଛାତ୍ରୀଙ୍କୁ ପଠନପ୍ରିୟ ଓ ପୁସ୍ତକ ଅନୁରାଗୀ ବନ୍ଧୁଭାବେ ଗଢି ତୋଳିବା ଲକ୍ଷ୍ୟ ନେଇ ପ୍ରବୀଣ ଶିକ୍ଷାଗୁରୁ ଡଃ. ସୁଶାନ୍ତ କୁମାର ବଶାଙ୍କ ପୌରୋହିତ୍ୟ ଏବଂ ମୁଖ୍ୟଅତିଥି ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ସେବାନିବୃତ୍ତ ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ସୁଶ୍ରୀ ବୀଣାପାଣି ପଣ୍ଡା, ମୁଖ୍ୟବକ୍ତା ପୂର୍ଣ୍ଣଚନ୍ଦ୍ର ହାୟର୍ ସେକେଣ୍ଡାରୀ ସ୍କୁଲର ଅଧାପନା ପ୍ରମୁଖ ଅଧାପକ ଡ଼ଃ ଆଦର୍ଶ ଶତପଥୀ ତଥା ସମ୍ମାନିତ ଅତିଥି ବର୍ଷୀୟାନ ପ୍ରାକ୍ତନ ଶିକ୍ଷକ ନରସିଂହ ବାରିକ ଯୋଗଦାନ ପୂର୍ବକ ପ୍ରସ୍ତୁତ ହୋଇଥିବା କାର୍ଯ୍ୟକ୍ରମ ପରଦିନ ହର୍ଷ ଉଲ୍ଲାସ ମଧ୍ୟରେ ସରକାରଙ୍କ ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଜିଲ୍ଲାପ୍ରଶାସନ ଆନୁକୁଲ୍ୟରେ ଆୟୋଜିତ ପୁସ୍ତକ ମହୋତ୍ସବ ଦ୍ୱାଦଶ ମୟୂରଭଞ୍ଜ ପୁସ୍ତକ ମେଳାର ଉଦ୍‌ଯାପନ ସମାରୋହ ୩୧ଜାନୁଆରୀ ୨୦୨୬ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି । ଉତ୍ସବରେ ପୁସ୍ତକ ମେଳା ସଭାପତି ପଦ୍ମନାଭ ସାହୁ ପୌରୋହିତ୍ୟ କରିଥିବାବେଳେ ଜିଲ୍ଲାର ପ୍ରଶାସନିକ ଅଧିକାରୀ ଉପଜିଲ୍ଲାପାଳ ବିଶିଷ୍ଟ କବି ଡଃ ଦୟାସିନ୍ଧୁ ପରିଡ଼ା ମୁଖ୍ୟଅତିଥି, ସମାଜସେବୀ ମମତା ମହାପାତ୍ର ମୁଖ୍ୟବକ୍ତା ଏବଂ ପୂର୍ବତନ ରାଜ୍ୟ ସୂଚନା କମିଶନର ଆଇନଜ୍ଞ ଶଶିପ୍ରଭା ବିନ୍ଧାଣୀ ସ୍ୱତନ୍ତ୍ର ସମ୍ମାନିତ ଅତିଥି ଭାବେ ଯୋଗଦାନ ପୂର୍ବକ ସଭାରେ ଉଦ୍‌ବୋଧନ ଦେଇଥିଲେ । ସମ୍ପାଦକ ଇଂ. ମନୋଜ କୁମାର ଦଳବେହେରା ମହୋତ୍ସବ ଆୟୋଜନ ଓ ପରିଚାଳନାରେ ଜିଲ୍ଲାପ୍ରଶାସନଙ୍କ ସକାରାତ୍ମକ ମନୋଭାବ ସମ୍ବନ୍ଧରେ ନିଜ ସଂକ୍ଷିପ୍ତ ବକ୍ତବ୍ୟରେ ପ୍ରକାଶ କରି ରାଜ୍ୟ ତଥା ଜିଲ୍ଲାପ୍ରଶାସନଙ୍କୁ କୃତଜ୍ଞତା ଜଣାଇଥିଲେ । ସମାରୋହରେ ସର୍ବଶ୍ରୀ ଲକ୍ଷ୍ମୀ ଚାନ୍ଦ ଭୁବନେଶ୍ୱର ଉପନ୍ୟାସ', ଡଃ ଦେବାଶିଷ ପାତ୍ର ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟ ଗଳ୍ପ',



ସୁଜିତ କୁମାର ଶତପଥୀ ବଲାଙ୍ଗୀର କବିତା' ଓ ସ୍ନିଗ୍ଧା ନାୟକ ଝାରସୁଗୁଡ଼ା ଶିଶୁ ସାହିତ୍‌'ରେ ଅତିଥିମାନଙ୍କ ଠାରୁ ଚଳିତବର୍ଷର ମୟୂରଭଞ୍ଜ ପୁସ୍ତକ ମେଳା ସାରସ୍ୱତ ପୁରସ୍କାର' ଗ୍ରହଣ କରିଥିବାବେଳେ ମାଟିର କୃତୀ ପ୍ରତିଭା ଇଂ. ସୁଶାନ୍ତ କୁମାର ବେହେରା ବିତନୁ ନାୟକ ସ୍ମୃତି ସମ୍ମାନ' ଅତିଥିଙ୍କ ଅମୃତ ହସ୍ତରୁ ଲାଭ କରିଥିଲେ ।

ଏତଦ୍‌ବ୍ୟତୀତ ମେଳା ଦିନମାନଙ୍କରେ ଛାତ୍ରଛାତ୍ରୀ, ମା'ମାଉସୀ ମହିଳାବର୍ଗ ତଥା ଅଭିଭାବକଙ୍କ ଅଂଶଗ୍ରହଣରେ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତା ଯଥା - ଚିତ୍ରାଙ୍କନ, ବକ୍ତୃତା , କୁଇଜ୍, ଫେନସି ଡ୍ରେସ୍, ଏକକ ଅଭିନୟ, ଶଙ୍ଖ ଓ ହୁଳହୁଳି, ପ୍ରବନ୍ଧ, ଗଳ୍ପ ଲିଖନ, ଦେଶାତ୍ମବୋଧକ/ ଭଜନ, ଗୀତାଶ୍ଳୋକ ଆବୃତ୍ତି, ପାରମ୍ପାରିକ/ ଲୋକନୃତ୍ୟ, ଲକ୍ଷ୍ମୀପୁରାଣ ପାଠ, ଶାସ୍ତ୍ରୀୟ ନୃତ୍ୟ, କବିତା ଲିଖନ, ପିଠା ପ୍ରସ୍ତୁତି ଆଦିର ଅନୁନ୍ୟ ପ୍ରାୟଃ ୮୦ରୁ ଉର୍ଦ୍ଧ୍ୱ କୃତି ପ୍ରତିଯୋଗୀଙ୍କୁ ଅତିଥିମାନେ ଟ୍ରଫି, ପ୍ରମାଣପତ୍ର ପୁରସ୍କାର ଦେଇଥିଲେ । ମଞ୍ଚ ଆମନ୍ତ୍ରଣ ଓ ପରିଚୟ ପ୍ରଦାନ କରିଥିଲେ କବୀ ଓ ଅଧିବକ୍ତା ପାର୍ବତୀ ବାରିକ । ସାଧାରଣ ସମ୍ପାଦକ ଧନ୍ୟବାଦ ଦେଇଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ସଭ୍ୟ/ସଭ୍ୟା ସର୍ବଶ୍ରୀ ଅଧାପକ ସମରେନ୍ଦ୍ର ବଶା, ସନ୍ଦୀପ କୁମାର ଚାନ୍ଦ, ଡଃ ଶଶିଧର ବିଶ୍ୱାଳ, ଶିଉଲାଲ ମହାନ୍ତ, କାବେରୀ ମିଶ୍ର, ଜ୍ୟୋତିର୍ମୟୀ କବାଟ, ବାସନ୍ତୀଲତା ମହାପାତ୍ର, ସ୍ନେହଲତା ନାୟକ, ସ୍ୱପ୍ନା ଦଣ୍ଡପାଟ, ପ୍ରଦୀପ କୁମାର ଭୂୟାଁ ପ୍ରମୁଖ ।

## ଢେଙ୍କାନାଳ ଐତିହ୍ୟ ପଦଯାତ୍ରୀଙ୍କୁ ସମ୍ବର୍ଦ୍ଧନା

ଢେଙ୍କାନାଳ, (ସବ୍ୟୁ) : ଢେଙ୍କାନାଳ ଐତିହ୍ୟ ପଦଯାତ୍ରା ସମ୍ବର୍ଦ୍ଧିତ ଅନୁଷ୍ଠାନକୁ ଜଗତସିଂହପୁର ଠାରେ ଢେଙ୍କାନାଳ ଐତିହ୍ୟ ପଦଯାତ୍ରା ଅନୁଷ୍ଠାନକୁ ଐତିହ୍ୟ କ୍ଷେତ୍ରରେ ନିରନ୍ତର କାର୍ଯ୍ୟ ଯୋଗୁଁ ଏକ ଭବ୍ୟ ସମାରୋହରେ ସମ୍ବର୍ଦ୍ଧିତ କରା ଯାଇଛି । ଆଦିକବି ସାରଳା ଦାସ ସଂସ୍କୃତି ଭବନ ଠାରେ ଆୟୋଜିତ ଜଗତସିଂହପୁର ଐତିହ୍ୟ ପଦଯାତ୍ରାର ପ୍ରଥମ ସ୍ୱନକ୍ଷତ୍ର ଉତ୍ସବ ଅବସରରେ ଏହି ସମ୍ବର୍ଦ୍ଧନା ପ୍ରଦାନ କରାଯାଇ ଥିଲା । ଡ.ବସନ୍ତ ମଞ୍ଜରୀ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାରୋହରେ ଡ.ଦୀପକ ସାମନ୍ତରାୟ,ଅମ୍ବିକା ପ୍ରସାଦ ପଟ୍ଟନାୟକ,ରଞ୍ଜନ କୁମାର ପଣ୍ଡା,ଶିକ୍ଷାବିତ ଭଗବାନ ଦାଶ,ଉକିଳ କେଶରୀ ମହାନ୍ତି ପ୍ରମୁଖ ଅତିଥି ଭାବରେ ଯୋଗ ଦେଇ ଆମ ପ୍ରାଚୀନ ଐତିହ୍ୟର ସଂରକ୍ଷଣ ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ । ଅତିଥି ମାନେ ଢେଙ୍କାନାଳ ଐତିହ୍ୟ ପଦଯାତ୍ରାର ନିଷ୍ଠାପର ଉଦ୍ୟମକୁ ପ୍ରଶଂସା କରିବା ସହିତ ଉପଢୌକନ,ଫୁଲଗଛ ଚାରା ଓ ମାନପତ୍ର ଦେଇ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ । ଢେଙ୍କାନାଳ ଐତିହ୍ୟ ପଦଯାତ୍ରାର ଆବାହକ ଅଧ୍ୟାପକ ସୁରେଶ ପ୍ରସାଦ ମିଶ୍ର,ବଦ୍ରିନାଥ ଜେନା, ରମେଶ ପତି, ବିଶ୍ୱରଞ୍ଜନ ଦେହୁରୀ, ହୃଦାନନ୍ଦ ବେହେରା ଓ ଜନ୍ମେଜୟ ରାଉତ ପ୍ରମୁଖ ଏହି ସମ୍ବର୍ଦ୍ଧନା ଗ୍ରହଣ କରିଥିଲେ ।

## କଳମଛୁଇଁ ଶିଶୁମନ୍ଦିରରେ ଅଭିଭାବକ ସମ୍ମିଳନୀ

ସାଉଥବଲଣ୍ଡା, (ସବ୍ୟୁ): ତାଳଚେର ବ୍ଲକ କଳମଛୁଇଁ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଏକ ଅଭିଭାବକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର କାର୍ଯ୍ୟକାରୀ ପ୍ରଧାନାଚାର୍ଯ୍ୟ ଅନୀଲ କୁମାର ସାହୁଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି ସମ୍ମିଳନୀରେ ପରିଚାଳନା ସମିତିର ଉପସଭାପତି ତପନ କୁମାର ସାହୁ ଅଧ୍ୟକ୍ଷତା କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ମାସରସ୍ୱତୀଙ୍କ ନିକଟରେ ପ୍ରଦୀପ ପ୍ରଜ୍ଜଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା। ବିଦ୍ୟାଳୟ ପରିଚାଳନା ସମିତିର ସଂପାଦକ ବିଭୂତି ଭୂଷଣ ସ୍ୱାଇଁ, ଯୁଗ୍ମ ସଂପାଦକ ବିକ୍ରମ ଜେନା, କୋଷାଧ୍ୟକ୍ଷ ପଂଚାନନ ବେହେରାଙ୍କ ଉପସ୍ଥିତିରେ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ବରିଷ୍ଠ ଆଚାର୍ଯ୍ୟ ମଳୟ ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଦ୍ୟାଳୟର କାର୍ଯ୍ୟକାରୀ ପ୍ରଧାନାଚାର୍ଯ୍ୟ ଅନୀଲ କୁମାର ସାହୁ ସମ୍ମିଳନୀର ଆଭିମୁଖ୍ୟ ସମ୍ବନ୍ଧରେ ସୂଚନା ପ୍ରଦାନ କରିଥିଲେ। ସମ୍ପାଦକ ବିଭୂତି ଭୂଷଣ ସ୍ୱାଇଁ ଛାତ୍ରଛାତ୍ରୀମାନଙ୍କର ଶୈକ୍ଷିକ ପାଠ୍ୟକ୍ରମ ସହ ଆସନ୍ତା ଶିକ୍ଷାବର୍ଷରୁ ନୂତନ ଶିକ୍ଷା ନୀତି ଆଧାରରେ ଶିକ୍ଷାଦାନ କରିବା ଉପରେ ଆଲୋକପାତ କରିଥିଲେ। ଏହି ସମ୍ମିଳନୀରେ ଦୁଇଶହରୁ ଉର୍ଦ୍ଧ୍ୱ ଅଭିଭାବକ, ଅଭିଭାବିକା ଉପସ୍ଥିତ ରହି ଛାତ୍ରଛାତ୍ରୀମାନଙ୍କର ସର୍ବାଙ୍ଗୀନ ଉନ୍ନତି ପାଇଁ ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ଆଚାର୍ଯ୍ୟା ପ୍ରିୟଙ୍କା ବେହେରା ଓ ସରସ୍ୱତୀ ସାହୁ ପରିଚାଳନା କରିଥିବା ବେଳେ କୋଷାଧ୍ୟକ୍ଷ ପଂଚାନନ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଆଚାର୍ଯ୍ୟ ଚତୁର୍ଭୁଜ ସାହୁ, କୁମୁଦ ବେହେରା, ସଞ୍ଜୟ ସାଲିମା, ପ୍ରକାଶ ପ୍ରଧାନ, ଦୁର୍ଯ୍ୟୋଧନ ନାୟକ, ସବିତା ସାହୁ, ସରୋଜା ବେହେରା, ଭଗବାନ ବେହେରା, ସରିତା ନାୟକ, ସୁକନ୍ୟା ମାଝୀ, ରୀତା ଭୂତିଆ ପ୍ରମୁଖ ସହଯୋଗ କରିଥିଲେ।

## ଅଗ୍ନି ବିପନ୍ନଙ୍କୁ ସହାୟତାର ହାତ ବଢାଇଲେ ବିଭୁତି



ଗୋଡ଼ିବନ୍ଧ, (ସବ୍ୟୁ): ତାଳଚେର ବ୍ଲକ ଗୋଡିବନ୍ଧର ଗୁରୁଜାଙ୍ଗ ଗ୍ରାମରେ ଭୟାନକ ଅଗ୍ନିକାଣ୍ଡ ହେଇଥିଲା । ଏହି ଅଗ୍ନି ବିପନ୍ନ ପରିବାରକୁ ସାହାଯ୍ୟ ସହଯୋଗର ହାତ ବଢାଇଛନ୍ତି ସମାଜସେବୀ ତଥା ଭାଜପାର ଅମ୍ଳାନ ଯୁବ ନେତା ବିଭୂତି ସାହୁ । କରୋନା ସମୟରେ ଅବିଭକ୍ତ ଢେଙ୍କାନାଳ ଜିଲ୍ଲାରେ ହଜାର ହଜାର ଲୋକଙ୍କ ସଦା ସର୍ବଦା ସାହାଯ୍ୟ କରି ବିଭୂତି ଚର୍ଚ୍ଚାରେ ଥିଲେ । ଏହି ବ୍ୟକ୍ତି,ବ୍ୟକ୍ତିତ୍ୱ ଓ ଅନୁଷ୍ଠାନର ପ୍ରତୀକ ବିଭୂତି ସାହୁ କରୋନା ପରି ଭୟାବହ ପରିସ୍ଥିତିରେ ବାହାର ରାଜ୍ୟରୁ ଅମ୍ଳଜାନ ଆମଦାନୀ କରି ବହୁ ଡାକ୍ତରଖାନାକୁ ଯୋଗାଇଥିଲେ । ଅନୁରୂପ ଭାବେ ଗତ ୨୮ ତାରିଖର ଘଟିଥିବା ଲୋମ ହର୍ଷଣକାରୀ ଅଗ୍ନିକାଣ୍ଡରେ ତାଳଚେର ବ୍ଲକ୍ ଗୁରୁଜାଙ୍ଗ ଗ୍ରାମର ଗିରୀଶ ବେହେରାଙ୍କ ଘରେ ଅଗ୍ନିକାଣ୍ଡ ଘଟିଥିଲା । ଘରର ସମସ୍ତ ଆସବାବପତ୍ର ସହ ଖାଦ୍ୟ ସାମଗ୍ରୀ ପୋଡ଼ି ପାଉଁଶ ହୋଇଯାଇଥିଲା । ଅପରାହ୍ନ ୨ଟା ସମୟରେ ସପରିବାର ଘରେ ବିଶ୍ରାମ ନେଉଥିବା ବେଳେ କୌଣସି କାରଣରୁ ନିଆଁ ଲାଗି ଯାଇଥିଲା । ଶୀତ କାକର ଦିନରେ ଅସହାୟ ଅବସ୍ଥାରେ ଖୋଲା ଆକାଶ ତଳେ ଦିନ କାଟୁଥିବା ଖବର ଶ୍ରୀ ସାହୁ ପାଇବା ପରେ ତୁରନ୍ତ ପୀଡ଼ିତ ଗିରିଶଙ୍କ ପରିବାରକୁ ଭେଟିଥିଲେ । ଅଗ୍ନିବିପନ୍ନ ପରିବାରକୁ ସମବେଦନା ଜଣାଇବା ସହ ବସ୍ତ୍ର, ଜରିପାଲ ଓ ଶୁଖିଲା ଖାଦ୍ୟ ପ୍ରଦାନ କରି ସହଯୋଗ କରିଥିଲେ ଓ ସରକାରୀ, ବେସରକାରୀ କିମ୍ବା ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆଗେଇ ଆସି ତୁରନ୍ତ ଅଗ୍ନିବିପନ୍ନ ପରିବାରକୁ ସାହାଯ୍ୟ ସହଯୋଗ କରିବାକୁ ନିବେଦନ କରିଥିଲେ । ଶ୍ରୀ ସାହୁଙ୍କ ଏହି ମହତ କାର୍ଯ୍ୟରେ ମହେଶ୍ୱର ବାରିକଙ୍କ ସମେତ ଗ୍ରାମବାସି ସହଯୋଗ କରିଥିଲେ ।

## ପ୍ରାଣବନ୍ଧୁ ଫାର୍ମାସୀ କଲେଜ ର ୨୦୦୨ ମସିହା ବ୍ୟାଚର ବନ୍ଧୁ ମିଳନ



ଆଠମଲ୍ଲିକ, (ସବ୍ୟୁ) : ଅନୁଗୁଳ ସ୍ଥିତ ପ୍ରାଣବନ୍ଧୁ ଫାର୍ମାସୀ କଲେଜର ୨୦୦୨ ମସିହା ବ୍ୟାଚ ତଥା ଫାର୍ମାସିଷ୍ଟ ମାନଙ୍କୁ ନେଇ ଆଠମଲ୍ଲିକ ର ବିନିକେୟୀ ପୀଠ ଠାରେ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଫାର୍ମାସିଷ୍ଟ ଚିନ୍ମୟ ପ୍ରଧାନଙ୍କ ନେତୃତ୍ୱରେ ବହୁ ଫାର୍ମାସିଷ୍ଟ ଏକତ୍ରିତ ହୋଇ ଆଗାମୀ ଦିନର କାର୍ଯ୍ୟକ୍ରମ ଓ ଭବିଷ୍ୟତକୁ ନେଇ ଆଲୋଚନା ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଫାର୍ମାସିଷ୍ଟ ହେମନ୍ତ ବାରିକ, କୁମାର ଗୌରବ, ସତ୍ୟ ସୁନ୍ଦର ଶତପଥି, ଅଶୋକ ସାହୁ, ବୁବୁ ଚୌଧୁରୀ, ମାନସ ପ୍ରଧାନ, ବିନୋଦ ବେହେରା, ସୁନିଲ ପାଣି, ନାରାୟଣ ପ୍ରମୁଖ ଯୋଗ ଦେଇଥିଲେ ।

## ହିନ୍ଦୋଳ ମହାବିଦ୍ୟାଳୟ ପଦାର୍ଥ ବିଜ୍ଞାନ ବିଭାଗ ପକ୍ଷରୁ ମହାକାଶ ଗବେଷଣାର ସାମାଜିକ ପ୍ରଭାବ ଶୀର୍ଷକ ସମ୍ମାନ

ହିନ୍ଦୋଳ, (ସବ୍ୟୁ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡ ଖଜୁରିଆକଟା ସ୍ଥିତ ହିନ୍ଦୋଳ ମହାବିଦ୍ୟାଳୟ ପଦାର୍ଥ ବିଜ୍ଞାନ ବିଭାଗ ଓ ଓଡ଼ିଶା ଫିଜିକାଲ୍ ସୋସାଇଟ୍ ସହଯୋଗ ଓ ପିଏମ୍ -ଉଷା ଆର୍ଥିକ ସହାୟତାରେ ହିନ୍ଦୋଳ ମହାବିଦ୍ୟାଳୟ ଅଡିଟରୀୟମ୍‌ରେ ମହାକାଶ ଗବେଷଣାର ସାମାଜିକ ପ୍ରଭାବ ଶୀର୍ଷକ ଦୁଇ ଦିବସୀୟ ଜାତୀୟସଂପାନ ୩୧ ତାରିଖ ଦିନ ପୂର୍ବାହ୍ନ ୯ , ୩୦ ମିନିଟ୍ ସମୟେ ଉଦଘାଟିତ ହୋଇଛି । ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର୍ ପ୍ରଦୀପ କୁମାର ଧଳଙ୍କ ପୌରହିତ୍ୟରେ ଅନୁଷ୍ଠିତ ସମ୍ମାନରେ ରସାୟନ ବିଜ୍ଞାନ ବିଭାଗର ମୁଖ୍ୟ ସୁକାନ୍ତ କୁମାର ପତିଙ୍କ ସଂଯୋଜନାରେ ପିଏମ୍ - ଉଷାର କାର୍ଯ୍ୟ ନିର୍ବାହୀ ସଂଯୋଜକ ତଥା ଇଂରାଜୀ ବିଭାଗର ଅଧ୍ୟାପକ ଦିଲ୍ଲୀପ କୁମାର ଗଡନାୟକ ପ୍ରାରମ୍ଭିକ ସୂଚନା ଓ ଅତିଥି ପରିଚୟ ପ୍ରଦାନ କରିଥିଲା । ସମ୍ମାନରେ ମୁଖ୍ୟ ଅତିଥି ଭାବେ ରାୟପୁର ସ୍ଥିତ ପଣ୍ଡିତ ରବିଶଙ୍କର ଶୁକ୍ଳା ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର୍ ଏସ୍‌କେ ପାଣ୍ଡେ ଯୋଗଦେଇ ସମାଜର ବିଭିନ୍ନ କ୍ଷେତ୍ରରେ ମହାକାଶ ଗବେଷଣାର ପ୍ରଭାବ ଓ ଉପଯୋଗ ଉପରେ ଗବେଷଣା ଲବ୍ଧ ତଥ୍ୟ ଆଧାରିତ ବିସ୍ତୃତ ଆଲୋଚନା କରିଥିଲେ । ସମ୍ମାନିତ ଅତିଥି ରୂପେ ସମ୍ବଲପୁରସ୍ଥିତ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ତଥା ଓଡ଼ିଶା ରାଜ୍ୟ ଉଚ୍ଚଶିକ୍ଷା ପରିଷଦର କାର୍ଯ୍ୟ ନିର୍ବାହୀ ସଦସ୍ୟ ପ୍ରଫେସର୍ ଅତନୁ କୁମାର ପତି ଯୋଗଦେଇ ମହାକାଶ ଗବେଷଣା ମାନବ ସମାଜ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ମତବ୍ୟକ୍ତ କରିବା ସହ ଛାତ୍ର ଛାତ୍ରୀ ମାନଙ୍କୁ ଏ ଦିଗରେ ଉଚ୍ଚଶିକ୍ଷା ଓ ଗବେଷଣା କରିବା ପାଇଁ ପରାମର୍ଶ ଦେଇଥିଲେ । ଏହି ଅବସରରେ ଅତିଥିଙ୍କ ଦ୍ୱାରା ସ୍ମରଣିକା ଉନ୍ମୋଚନ କରାଯାଇଥିଲା । ଅନ୍ୟ ମାନଙ୍କ ମଧ୍ୟରେ ଭୁବନେଶ୍ୱର ସ୍ଥିତ ଜାତୀୟ ବିଜ୍ଞାନ ଶିକ୍ଷା ଓ ଅନୁସନ୍ଧାନ ପ୍ରତିଷ୍ଠାନର ପ୍ରଫେସର୍ ତଥା ଭଟ୍ଟନଗର ପୁରସ୍କାର ବିଜେତା ବୈଜ୍ଞାନିକ ବେଦାଙ୍ଗଦାସ ମହାନ୍ତି, ଓଡ଼ିଶା ପଦାର୍ଥ ବିଜ୍ଞାନର ସଭାପତି ଡକଫର ସ୍ୱିପା ମିଶ୍ର ଓ ସମ୍ପାଦକ ଡକଫର ରାଜକିଶୋର ମିଶ୍ର, ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ ପ୍ରାଧ୍ୟାପକ ଲମ୍ବୋଦର ପ୍ରସାଦ ସିଂ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ଜାତୀୟ ସଂପାନରେ ବିଭିନ୍ନ ବିଶ୍ୱବିଦ୍ୟାଳୟ, ମହାବିଦ୍ୟାଳୟ, ଗବେଷଣା ଅନୁଷ୍ଠାନର ଶତାଧିକ ବିଭାଗୀୟ ଅଧ୍ୟାପକ, ବୈଜ୍ଞାନିକ ସମେତ ବହୁ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ । ଏଥିରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ମାନେ କାର୍ଯ୍ୟକ୍ରମର ସଫଳତା ପାଇଁ ପୂର୍ଣ୍ଣ ସହଯୋଗ କରିଥିଲେ । କର୍ଯ୍ୟକ୍ରମର ସଂଯୋଜକ ଜୟନ୍ତ ନାରାୟଣ ପତି ସମସ୍ତଙ୍କୁ ଧନ୍ୟବାଦ ସହ କୃତଜ୍ଞତା ଜ୍ଞାପନ କରିବା ପରେ ଛାତ୍ର ଛାତ୍ରୀ ମାନେ ଚିତ୍ତାକର୍ଷକ ନୃତ୍ୟ ପରିବେଷଣ କରିଥିଲେ ।

## ପୁରାତନ ଛାତ୍ରଛାତ୍ରୀଙ୍କ ବନ୍ଧୁ ମିଳନ

ଢେଙ୍କାନାଳ, (ସବ୍ୟୁ) : ଢେଙ୍କାନାଳ ଜିଲ୍ଲା ଓଡାପଡା ବ୍ଲକ ସିମିନଇ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୧୯୬୦ରୁ ୧୯୬୩ ବ୍ୟାଚ ପୁରାତନ ଛାତ୍ରଛାତ୍ରୀଙ୍କ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଦିର୍ଘ ୬୬ ବର୍ଷ ପରେ ବନ୍ଧୁ ମିଳନ ଉତ୍ସବରେ ଏକତ୍ରିତ ହୋଇ ନିଜ ନିଜର ଅନୁଭୂତି ବର୍ଣ୍ଣନା କରିଥିଲେ । ପ୍ରଫେସର ତଥା ପୂର୍ବତନ ଅଧ୍ୟକ୍ଷ ପୁରାତନ ଛାତ୍ର ଭବାନୀ ଶଙ୍କର ମିଶ୍ରଙ୍କ ସଭାପତିତ୍ୱରେ ସିମିନଇ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୧୯୬୦ରୁ ୧୯୬୩ ବର୍ଷରେ ଶିକ୍ଷାଲାଭ କରୁଥିବା ଛାତ୍ରଛାତ୍ରୀଙ୍କୁ ନେଇ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ପୁରାତନ ଛାତ୍ର କୈଳାସ ଚନ୍ଦ୍ର ରାଉତ,କୈଳାସ ମହାରଣା,ଭାସ୍କର ମହାରଣା,ପୂର୍ଣ୍ଣଚନ୍ଦ୍ର ରଥ,ଉଦୟନାଥ ମହାରଣା, ଖଗେଶ୍ୱର ରାଉଳ, ଖଗେଶ୍ୱର ଜେନା, ମୂରଲୀ ସିଂହ, ଗୌରାଙ୍ଗ ଚରଣ ରାଉତ, ଗୋଲକ ବିହାରୀ ମହାନ୍ତି,ଦିବାକର ଭଞ୍ଜଙ୍କ ସହିତ ବହୁ ପୁରାତନ ଛାତ୍ରଛାତ୍ରୀ ଯୋଗଦେଇଥିଲେ । ଦିର୍ଘ ୬୬ ବର୍ଷ ପରେ ବନ୍ଧୁଙ୍କୁ ଦେଖି ଏକ ଭାବବିହ୍ୱଳ ପରିବେଶ ସୃଷ୍ଟି ହୋଇଥିଲା । ବନ୍ଧୁମାନେ ନିଜ ନିଜର ସୁଖଦୁଃଖ ବାଣ୍ଟିଥିଲେ । ମୁଖ୍ୟ ଅତିଥି ଭବାନୀ ଶଙ୍କର ମିଶ୍ର ପିଲାଦିନରେ ସ୍ମୃତିକୁ ସମସ୍ତଙ୍କ ସମ୍ମୁଖରେବଖାଣିଥିଲେ । ସେହିପରି ଗୋଲକ ବିହାରୀ ମହାନ୍ତି ସେଦିନର ବନ୍ଧୁବର୍ଗଙ୍କ ପରିବାର ଏବଂ ଶିକ୍ଷକ ଶିକ୍ଷୟତ୍ରୀଙ୍କ ଅବଦାନ ସମ୍ପର୍କରେ କହିଥିଲେ । କାର୍ଯ୍ୟକ୍ରମରେ ଆଞ୍ଚଳିକ ମହାବିଦ୍ୟାଳୟର ଅଧ୍ୟକ୍ଷ ଅଶୋକ କୁମାର ମହାରଣା ସ୍ୱାଗର ଭାଷଣ ସହିତ ଧନ୍ୟବାଦ ଅର୍ପଣ କରିଥିଲେ । ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ସହଯୋଗରେ ସମସ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲଶ । ଅଗାମୀଦିନରେ ବିଦ୍ୟାଳୟର ୧୪୦ବର୍ଷ ପୂର୍ତ୍ତି ପାଳନ କରିବାକୁ ବୈଠକରେ ସ୍ଥିର କରାଯାଇଥିଲା । ପ୍ରତିବର୍ଷ ଫେବୃଆରୀ ୧ ତାରିଖରେ ପୁରାତନ ବନ୍ଧୁ ମାନଙ୍କର ବନ୍ଧୁ ମିଳନ ନିର୍ଦ୍ଦିଷ୍ଟ ଭାବରେକ ରିବାକୁ ବୈଠକରେ ନିଷ୍ପତି କରାଯାଇଛି । ଅନ୍ୟମାନଙ୍କ ମଧ୍ୟରେ ଚାଷୀ ନେତା ସୁଧାକର ପରିଡା ଏବଂ ଛାତ୍ରୀ ପ୍ରିୟଦର୍ଶନୀ ରାଉଥ ଓ ସିପ୍ରା ପ୍ରିୟଦର୍ଶନୀ ସହଯୋଗ କରିଥିଲେ ।

## ଦରଦୀ ସମାଜସେବୀଙ୍କ ପରଲୋକ



ରେଙ୍ଗାଲି, (ସବ୍ୟୁ): କଣିହାଁ ବ୍ଲକ ବାଜ୍ରକୋଟ ଗ୍ରାମର ସମାଜସେବୀ ଅଶୋକ କୁମାର ଗଡନାୟକ ଗତକାଲି ବୌଦ ନିକଟରେ କାର ଯୋଗେ ଆସୁଥିବା ସମୟରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ବରଣ କରିଥିଲେ । ଏହି ଖବର ଶୁଣିବା ପରେ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଥିଲା । ସେ ଜଣେ ମିଷ୍ଟଭାଷୀ ଓ ପରୋପକାରୀ ମଣିଷ ଥିଲେ । ୨୦୦୦ ରୁ ୨୦୦୪ ମସିହା ପର୍ଯ୍ୟନ୍ତ ସେ ସହ ସମ୍ପାଦକ ଦାୟିତ୍ୱରେ ରହି ରେଙ୍ଗାଳି ପ୍ରକଳ୍ପରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ସ୍ଥାପିତ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ । ଜାଭିୟର ଇଂରାଜୀ ବିଦ୍ୟାଳୟର ଉପଦେଷ୍ଟା ଭାବେ ଓ ବଜ୍ରକୋଟ ଅରବିନ୍ଦ ବିଦ୍ୟାଳୟର ପ୍ରତିଷ୍ଠାତା ତଥା ବର୍ତ୍ତମାନ ଅରବିନ୍ଦ ବିଦ୍ୟାଳୟ ରେଙ୍ଗାଲିର ସମ୍ପାଦକ ଦାୟୀତ୍ୱ ତୁଲାଇ ଆସୁଥିଲେ । ତାଙ୍କ ମର ଶରୀର ବିଳମ୍ବିତ ରାତିରେ ରେଙ୍ଗାଳି ପହଞ୍ଚିବା ପରେ ଜାଭିୟର୍ସ ପବ୍ଲିକ ସ୍କୁଲ ଓ ଅରବିନ୍ଦ ପୂର୍ଣ୍ଣାଙ୍ଗ ବିଦ୍ୟାଳୟଠାରେ ଶ୍ରଦ୍ଧା ସୁମନ ଅର୍ପଣ କରାଯାଇଥିଲା । ପରେ ନିଜ ଗ୍ରାମ ଶ୍ମଶାନରେ ଶବଦାହ ହୋଇଥିଲା ।

## ବ୍ରହ୍ମାକୁମାରୀଜ୍ ପାଠଶାଳାର ଗୃହପ୍ରବେଶ

କଣିହାଁ, (ସବ୍ୟୁ): କଣିହାଁ ବ୍ଲକ ଅନ୍ତର୍ଗତ ଦୁର୍ଗାପୁର ଠାରେ ବ୍ରହ୍ମାକୁମାରୀଜ୍ ପାଠଶାଳା ର ଗୃହପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ମୂଖ୍ୟ ଅତିଥି ଭାବରେ ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି, ସମ୍ମାନୀତ ଅତିଥି ଭାବରେ ବ୍ରହ୍ମାକୁମାରୀ ଲୀନା ଯୋଗଦେଇ ଆନୁଷ୍ଠାନିକ ଭାବରେ ଗୃହ ପ୍ରବେଶ କରିଥିଲେ । ପରେ ଶାନ୍ତି ପାଠ କରାଯାଇଥିଲା । ବ୍ରହ୍ମା କୁମାରୀ ଲିନା ଓମ ଶାନ୍ତି ର ମୁଖ୍ୟ ଲକ୍ଷ୍ୟ ହେଉଛି ଆତ୍ମାର ମୂଳ ସ୍ୱରୂପ 'ଶାନ୍ତି' କୁ ପୁନର୍ଜାଗ୍ରତ କରିବା ଏବଂ ମନରେ ଗଭୀର ଶାନ୍ତି, ସ୍ଥିରତା ଓ ସକରାତ୍ମକତା ଆଣିବା । ଏହା ଦ୍ୱାରା ୩ ପ୍ରକାରର କ୍ଲେଶ ଯଥା ଆଧାତ୍ମିକ, ଆଧିଭୌତିକ, ଆଧିଦୈବିକ ରୁ ମୁକ୍ତି ମିଳିଥାଏ ବୋଲି କହିଥିଲେ । ଏଥିରେ ଦୁର୍ଗାପୁର କେନ୍ଦ୍ରର ସମସ୍ତ ଭାଇ ଭଉଣୀ ଉପସ୍ଥିତ ରହି ସହଯୋଗ କରିଥିଲେ ।

### ବଜେଟରେ ଜାତୀୟ ଜଳପଥ ୫ ଉପରେ ବାଜିଲା ମୋହର

## ଖବରକୁ ନେଇ ତାଳଚେର ଅଞ୍ଚଳରେ ଖୁସିର ମାହୋଲ

ତାଳଚେର, (ସବ୍ୟୁ): ଦୈନିକ 'ସମୟ' ଖବର କାଗଜ ଗୁଡ଼ିକରେ ଘୋଷଣାରେ ଲଟକି ଥିବା ଜାତୀୟ ଜଳପଥ ୫ ଖବର ପ୍ରସାରଣ ପରେ ଆଜି କେନ୍ଦ୍ର ସରକାରଙ୍କ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ବଜେଟରେ ଏହାକୁ ପ୍ରାଧାନ୍ୟ ଦେଇଥିବାରୁ ତାଳଚେର ଅଂଚଳରେ ଏକ ରକମର ଖୁସୀର ଲହରୀ ଖେଳିଯାଇଛି । ଘଟଣାରୁ ପ୍ରକାଶ କେନ୍ଦ୍ର ସରକାରଙ୍କ ଭୂତଳ ପରିବହନ ମନ୍ତ୍ରାଳୟ ବ୍ରାହ୍ମଣୀ ନଦୀରେ ତାଳଚେର ଠାରୁ ଧାମରା ପର୍ଯ୍ୟନ୍ତ ୨୬୫ କିମି ଜଳପଥକୁ ଜାତୀୟ ଜଳପଥ ୫ଭାବେ ୨୦୦୮ ମସିହାରେ ଘୋଷଣା କରୁଥିଲେ ହେଁ ତାହା ବର୍ତ୍ତମାନ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇ ନପାରି ନାଲିଫିତା ତଳେ ଚାପି ହୋଇ ପଡ଼ିଥିବା ଅଭିଯୋଗ ହେଉଛି । ୧୪ ବର୍ଷରୁ ଉର୍ଦ୍ଧ୍ୱର୍ ହେବ ଏହା କାର୍ଯ୍ୟକ୍ଷମ ହେଉ ନଥିବାରୁ ଏହା ହେବ ନା ନାହିଁ ସେନେଇ ସନ୍ଦେହ ସୃଷ୍ଟି ହୋଇଛି । ତାଳଚେର କୋଇଲା ଖଣି ଅଂଚଳରୁ କୋଇଲା ଉତ୍ପାଦନ ହୋଇ ଏବେ ରେଳ ଓ ଟ୍ରକ ଯୋଗେ ପରିବହନ ହେଉଥିବାରୁ ଜାତୀୟ ରାଜପଥରେ ବ୍ୟାପକ ଟ୍ରାଫିକ ସମସ୍ୟା ସୃଷ୍ଟି ହେବା ସହ ପ୍ରଦୂଷିତ ବଢୁଛି । ସେହିଭଳି ରେଳ ମାଧ୍ୟମରେ ବ୍ୟାପକ କୋଇଲା ପରିବହନ ହେଉଥିବାରୁ ତାଳଚେର କଟକ ଓ ତାଳଚେର ସମ୍ବଲପୁର ରେଳପଥ ଦେଇ ଯାଇଥିବା ସମସ୍ତଙ୍କ ଯାତ୍ରୀବାହୀ ଟ୍ରେନ୍ ତାଳଚେର ଷ୍ଟେସନକୁ ଆସିପାରୁ ନାହିଁ । ତାଳଚେରବାସୀ ଉପଯୁକ୍ତ ରେଳସେବା ପାଇପାରୁ ନାହାନ୍ତି । ଏସବୁକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ତାଳଚେରରୁ ଜଳପଥ କୋଇଲା ପରିବହନ ଧାମରା ବନ୍ଦର ପର୍ଯ୍ୟନ୍ତ କରିବାକୁ ନିଷ୍ପତି ନେଇଥିଲେ । ଏହା ଦ୍ୱାରା ଟ୍ରାଫିକ୍ ଓ ପ୍ରଦୁଷ୍ୟଣ କେତେକାଂଶ କମି ପାରିବ ବୋଲି ଆଶା କରାଯାଇଥିଲା ।ବ୍ରାହ୍ମଣୀ ନଦୀ ଖନନ କାରାଯାଇ ଛୋଟଛୋଟ ଜାହାଜ ଦ୍ୱାରା କୋଇଲା ସମେତ ବିଭିନ୍ନ ଦ୍ରବ୍ୟ ପରିବହନ ଲକ୍ଷ୍ୟ ନେଇ ୨୦୦୮ ମସିହାରେ ଏହି ରୁଟରେ ଜାତୀୟ ଜଳପଥର ମାନ୍ୟତା ମିଳିଛି । ଏହା ସହ ତାଳଚେର ନିକଟସ୍ଥ ବ୍ରାହ୍ମଣୀ ନଦୀରେ ଦ୍ୱିତୀୟ ପୋଲ ନିର୍ମାଣ ସହ ଧରମପୁର ଓ କଙ୍କିଳି ଗ୍ରାମପାର୍ଶ୍ୱରେ ବର୍ଥ ନିର୍ମାଣ କରାଯାଇ କୋଇଲା ପରିବହନ ସୁବିଧା ହୋଇ ପାରିବ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି । କେନ୍ଦ୍ର ସରକାରଙ୍କ ଦ୍ୱାରା ଏହି ଜଳପଥ ଉନ୍ନତିକରଣ ଡ଼ିପିଆର ପ୍ରସ୍ତୁତ ହୋଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ଆର୍ଥିକ ମଞ୍ଜୁରୀ ମିଳିନଥିବା ଜଣାପଡ଼ିଛି । ସୂଚନା ଯୋଗ୍ୟ ୨୦୦୬ ମସିହା ଡ଼ିସେମ୍ବରରୁ ୮ ରେ ତତ୍କାଳୀନ କେନ୍ଦ୍ର ସରକାର ଜାତୀୟ ଜଳପଥ ବାବଦରେ ଏକ ବିଲ୍ ସଂସଦରେ ଉପସ୍ଥାପନ କରିଥିଲେ । ପରେ କିଛି ସଂଶୋଧନ ହୋଇ ୨୦୦୮ ମସିହାରେ ଉକ୍ତ ବିଲ୍ ପାରିତ ହୋଇଥିଲା । ଫଳରେ ତାଳଚେରରୁ ଧାମରା ମଧ୍ୟରେ ଜାତୀୟ ଜଳପଥ ୫ର ନିର୍ମାଣ କରାଯିବାକୁ ନିଷ୍ପତି ହୋଇଥିଲା । ମାତ୍ର ତାହା ସେହି ସମୟରେ ହୋଇ ପାରିନଥିଲା । ପରବର୍ତୀ ସମୟରେ ୨୦୧୬ ମସିହାରେ ଏହି ଜଳପଥ ନେଇ ବାର୍ଷିକ ୧୮ ମିଲିୟନ ଟନ୍ ଦ୍ରବ୍ୟ ପରିବହନ କରିବାକୁ ଏକ ପ୍ରକଳ୍ପ ପ୍ରସ୍ତୁତ କରାଯାଇଥିଲା । ଏହା ସହ ତାଳଚେର ଧାମରା ଜଳପଥରେ ୫ଟି ବ୍ୟରେଜ୍ ତାଳଚେରରୁ ଯୋକାଡ଼ିଆ ପର୍ଯ୍ୟନ୍ତ ନିର୍ମାଣ କରାଯାଇ ଜଳରସ୍ତର ଠିକ୍ ରଖାଯିବାକୁ ସ୍ଥିର ହୋଇଥିଲା । ଯାହା ପଳରେ ଏକାକୀ ଦୁଇଟି ୫ଶହ ଟୋନ ବୋଝେଇ ବିଶିଷ୍ଟ ଜାହାଜ ସୁରୁଖୁରୁରେ ଚଳାଚଳ କରିପାରିବ । ଏହି ଜଳପଥରେ ମୁଖ୍ୟତଃ ତାଳଚେରୁ କୋଇଲା ସାର ଓ ଉଦ୍ୟୋଗ ଯନ୍ତ୍ରାଂଶ ଆଦି ଦ୍ରବ୍ୟ ପରିବହନ କରାଯିବାକୁ ସ୍ଥିର ହୋଇଥିବା ବେଳେ ଏହା କାର୍ଯ୍ୟକ୍ଷମ ହେଲେ ଏହି ଜଳପଥ ଦେଇ ବାର୍ଷିକ ୨୩ମିଲୟନ ଟନ୍ ଦ୍ରବ୍ୟ ପରିବହନ ହୋଇ ପାରିବ ବୋଲି ଜଣାପଡ଼ିଛି । ସ୍ଥାନୀୟ ଲୋକମାନେ ନିଯୁକ୍ତି ପାଇପାରିବେ ଛୋଟବଡ଼ ବ୍ୟବସାୟ କରି ନିଜର ଗୁଜୁରାଣ ମେଣ୍ଟାଇ ପାରିବେ । ଖୁବଶିଘ୍ର କିପରି ଏହାର କାର୍ଯ୍ୟକ୍ଷମ ହେବ ସେ ନେଇ ନିର୍ବାଚିତ ଜନପ୍ରତିନିଧିମାନେ ଉଦ୍ୟମ କରିବାକୁ ଦାବି ହୋଇଥିଲା, ମାତ୍ର ଏହାର ଆଜି ଏହାର ସଫଳ ରୂପାୟନ ହୋଇଥବାରୁ ଅର୍ଥମନ୍ତ୍ରୀ ସୀତାରମଣଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି ।

## ଓଏଚପିସି ଇଣ୍ଟରୟୁନିଟ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ
## ପୁରୁଷ ବିଭାଗରେ ବାଲିମେଳା ଓ ମହିଳା ବିଭାଗରେ ଚିପିଲିମା ଦଳ ଚାମ୍ପିଅନ

ରେଙ୍ଗାଳି, (ସବ୍ୟୁ): କଣିହାଁ ବ୍ଲକ ରେଙ୍ଗାଳି ପ୍ରକଳ୍ପ ଓଏଚପିସି ପ୍ରଶାସନିକ ଭବନ ପରିସରରେ ରାଜ୍ୟ ସ୍ତରୀୟ ଇଣ୍ଟରୟୁନିଟ ବ୍ୟାଡମିଣ୍ଟନ ପ୍ରତିଯୋଗୀତା ଶନିବାର ରାତିରେ ଉଦଯାପିତ ହୋଇଯାଇଛି । ରାଜ୍ୟର ବିଭିନ୍ନ ପ୍ରାନ୍ତରେ ଥିବା ୭ ଟି ଜଳ ବିଦ୍ୟୁତ ପ୍ରକଳ୍ପର ମହିଳା ଓ ପୁରୁଷ ଖେଳାଳୀ ଯୋଡିଙ୍କୁ ନେଇ ୪ଦିନ ଧରି ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା । ମହିଳା ବିଭାଗରେ ଅନୁଷ୍ଠିତ ଫାଇନାଲ ମ୍ୟାଚ ଚିପିଲିମା ଓ ବୁର୍ଲା ଦଳ ମଧ୍ୟରେ ହୋଇଥିଲା । ଚିପିଲିମାର ନିର୍ମଳା ସମଦ, ସୁଶ୍ରୀ ସୁନିତା ମୁଣ୍ଡାଙ୍କ ଯୋଡି ବୁର୍ଲାର ଜ୍ୟୋତି ଟପୋ, ମୋନାଲିସା ଯୋତିଙ୍କ ଯୋଡ଼ିଙ୍କୁ (୧୦-୨୧,୨୧-୧୦,୨୧-୧୪) ପଏଣ୍ଟ ବ୍ୟବଧାନରେ ପରାସ୍ତ କରି ଚମ୍ପିୟାନ ହୋଇଥିଲେ । ସେହିପରି ପୁରୁଷ ବିଭାଗରେ ବାଲିମେଳାର ତାପସ ପାଲ, ସିମାଞ୍ଚଳ ସୁବୁଦ୍ଧିଙ୍କ ଯୋଡି ଇନ୍ଦ୍ରାବତୀର ଯଶୋବନ୍ତ ନାଏକ, ଜ୍ୟୋତି ବେହେରାଙ୍କ ଯୋଡ଼ିଙ୍କୁ ଲଗାତାର ଦୁଇଟି




ସେଟ୍‌ରେ (୨୧-୧୭,୨୨-୨୦) ପଏଣ୍ଟ ବ୍ୟବଧାନରେ ପରାସ୍ତ କରି ଚମ୍ପିୟାନ ହୋଇଥିଲା । ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି ଯୋଗ ଦେଇ ଉଭୟ ପୁରୁଷ ଓ ମହିଳା ଚମ୍ପିୟାନସ୍ ଜୋଡ଼ିଙ୍କୁ ଚମ୍ପିୟାନସ ଟ୍ରଫି ପ୍ରଦାନ କରିଥିଲେ । ରେଙ୍ଗାଳିୟୁନିଟର ବରିଷ୍ଠ ସାଧାରଣ ପରିଚାଳକ ସରୋଜ କୁମାର ବହିଦାରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପୁରସ୍କାର ପ୍ରଦାନ ଉତ୍ସବରେ ସମ୍ମାନିତ ଅତିଥି ଭାବେ ମାନବ ସମ୍ବଳ ନିର୍ଦ୍ଦେଶକ ସନ୍ଦୀପ କୁମାର ପଟ୍ଟନାୟକ, ତହସିଲଦାର ଚିନ୍ମୟ ଦାସ, ପାଲଲହଡ଼ା ଏସଡିପିଓ କୈଳାସ ଚନ୍ଦ୍ର ସେଠୀ ପ୍ରମୁଖ ଯୋଗ ଦେଇଥିଲେ । ଟେକ୍ନିକାଲ ଉଇଂ ହେଡ ଜିଏମ ସୁବ୍ରତ କୁମାର ଷଡଙ୍ଗୀ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ପରିଚାଳନା କରିବା ସହ ଧନ୍ୟବାଦ ପ୍ରଦାନ କରିଥିଲେ । ଓଏସବିଏ ର ରେଫରୀ ସ୍ୱାଧୀନ ମିଶ୍ର ଓ ସହକର୍ମୀ ମ୍ୟାଚ ପରିଚାଳନା କରିଥିଲେ । ଏହି ଅବସରରେ ଓଏଚପିସି କର୍ମଚାରୀ ଓ ସେମାନଙ୍କ ପରିବାର ପକ୍ଷରୁ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା । ମାନବ ସମ୍ବଳ ଅଧିକାରି ଆଶିଷ ମହାପାତ୍ର, ଅର୍ଥ ବିଭାଗ ଅଧିକାରୀ ବିଶାଲ ରଂଜନ ଜୈନ, ପାଓ୍ୱାର ପ୍ରୋଜେକଫ ଓ୍ୱାର୍କରସୟୁନୀୟନ ସମ୍ପାଦକ ବିରେଶ ଚନ୍ଦ୍ର ପତି, ଅବସରପ୍ରାପ୍ତ ଏଜିଏମ ପ୍ରଦୀପ ପ୍ରଧାନଙ୍କ ସମେତ ସମସ୍ତ ଅଫିସର, ଯନ୍ତ୍ରୀ, କର୍ମଚାରୀଙ୍କ ସହଯୋଗରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

## ଶେଷ ହେଲା ଯୋରନ୍ଦା ମେଳା

ଢେଙ୍କାନାଳ, (ସବ୍ୟୁ): ଢେଙ୍କାନାଳ ପ୍ରସିଦ୍ଧ ଯୋରନ୍ଦା ମେଳା ରବିବାର ଦିନ ଶେଷ ହୋଇଛି । ମେଳା ବୁଲିବା ସହିତ ଝାଡଦୀପରେ ଘୃତାହୂତୀ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ରବିବାର ଆସିବାର କାର୍ଯ୍ୟକ୍ରମ ରହିଥିବା ବେଳେ ତାହା ଶେଷରେ ବନ୍ଦ ହେଲା । ଫଳରେ ଗୋଟିଏ ସପ୍ତାହ ଧରି ଜିଲ୍ଲାପ୍ରଶାସନ ଠାରୁ ଆରମ୍ଭ କରି ପୋଲିସ ପ୍ରଶାସନ ଯୋଜନା ଚଳାଇଥିବାବେଳେ ଶେଷରେ ଫସର ଫାଟିଯାଇଛି । ମେଳା ବୁଲିବା ସହିତ ମୁଖ୍ୟମନ୍ତ୍ରୀ ଉପାସିନ ପୀଠ, ବତୀ ଘର ଭିତ୍ତିପ୍ରସ୍ତର ସ୍ଥାପନ କରିବାକୁ ଥିବା ବେଳେ ଶୂନ୍ୟ ମଣ୍ଡପ ନିର୍ମାଣ ପାଇଁ ପାଇଁ ଭୂମୀ ପୂଜନ ଯୋଜନା ରହିଥିଲା ।

### ଅସଦାଚରଣ ଅଭିଯୋଗରେ ବୃଦ୍ଧଙ୍କୁ କୋର୍ଟ ଚାଲାଣ
# ସାନି ତଦନ୍ତ ଦାବିରେ ଥାନା ଘେରାଉ




ତିହିଡ଼ି,(ସବ୍ୟୁ): ଭଦ୍ରକ ଜିଲ୍ଲା ତିହିଡି ଥାନାରେ ଅସଦାଚରଣରେ ଜଣେ ବୃଦ୍ଧଙ୍କୁ ଗିରଫ୍ କରି କୋର୍ଟ ଚାଲାଣ କରିଛି ପୋଲିସ ।ଏହାକୁ ବିରୋଧ କରି ଅଭିଯୁକ୍ତଙ୍କ ଘଟଣାର ସାନି ତଦନ୍ତ ଦାବି କରି ମୁକୁନ୍ଦପୁର ପଞ୍ଚାୟତ ଅଧିନ ଆରସା ଗ୍ରାମବାସୀ ତିହିଡ଼ି ଥାନା ଘେରାଉ କରିଛନ୍ତି । ପୂର୍ବ ଶତୃତା ତଥା ପ୍ରତିଶୋଧ ପରାୟଣ ହୋଇ ଜଣେ ମହିଳା ନିଜର ୭ ବର୍ଷର ନାବାଳିକାକୁ ସେହି ଗ୍ରାମର ସୁରେନ୍ଦ୍ରନାଥ ବେହେରାଙ୍କ ବିରୋଧରେ ଅସଦାଚରଣ ଅଭିଯୋଗ କରାଯାଇଥିବା ଅଭିଯୋଗ ମୂଳେ ପୋଲିସ ଗିରଫ୍ କରି କୋର୍ଟ ଚାଲାଣ କରିଛି। ପୋଲିସ ତରବରିଆ ଭାବେ ତଦନ୍ତ ନକରି ଅଚାନକ ସୁରେନ୍ଦ୍ରନାଥଙ୍କୁ ଗିରଫ୍ କରିଛି। ତେବେ ଘଟଣା ପଛରେ ପୂର୍ବ ଶତୃତା ଏବଂ ରଫାଦଫା କରିବା ଲାଗି ଅଭିଯୋଗକାରିଣୀ ଟଙ୍କା ମାଗିଥିବା ଘଟଣା ଗ୍ରାମବାସୀ ଜାଣିବା ପରେ ରବିବାର ଦିନି ଶତାଧିକ ମହିଳା ଓ ପୁରୁଷ ସମ୍ମିଳୀତ ଭାବେ ପୋଲିସଙ୍କୁ ଭେଟି ଏପରି ଦାବି କରିଛନ୍ତି। ନାବାଳିକାର ପିତା ପୂର୍ବରୁ ବିବାହ କରିଥିଲେ। ମାତ୍ର କିଛି ଦିନ ପରେ ତାଙ୍କୁ ଘରୁ ବାହାର କରି ଦେଇଥିଲେ। ଏବଂ ସେହି ଅସହାୟ ମହିଳାଙ୍କୁ ସୁରେନ୍ଦ୍ରନାଥ ଆଶ୍ରୟ ଦେଇଥିଲେ। ଶେଷରେ ଛାଡପତ୍ର ପାଇଁ ତାଙ୍କ ସ୍ୱାମୀ ୩ ଲକ୍ଷ ୫୦ ହଜାର ଟଙ୍କା ଦେଇ ସମାଧାନ ହୋଇଥିଲା। ପରେ ସେ ଦ୍ୱିତୀୟ ବିବାହ କରିଥିଲେ ମାତ୍ର ସୁରେନ୍ଦ୍ରନାଥଙ୍କ ସହ ଶତୃତା ଲାଗି ରହିଥିଲା। କିଛିଦିନ ତଳେ ଅଭିଯୋଗକାରୀ ସ୍ୱାମୀ ସ୍ତ୍ରୀ ସୁଚିନ୍ତିତ ତଥା ସୁପରିକଳ୍ପିତ ଭାବେ ସୁରେନ୍ଦ୍ରନାଥ ତାଙ୍କ ନାବାଳିକା ସହ ଅସଦାଚରଣ କରିଥିବା ଅଭିଯୋଗ ମୁତାବକ ପୋଲିସ ତାଙ୍କ ଗିରଫ୍ କରି କୋର୍ଟ ଚାଲାଣ କରିଛି। ପୋଲିସ ପକ୍ଷରୁ ସାନି ତଦନ୍ତ କରିବା ସହିତ ସୁରେନ୍ଦ୍ରନାଥଙ୍କୁ ଅବିଳମ୍ବେ ଦୋଷମୁକ୍ତ କରିବାକୁ ଦାବି କରିଛନ୍ତି। ଏନେଇ ଆଇଆଇସି ସତ୍ୟବ୍ରତ ଗ୍ରହାଚାର୍ଯ୍ୟଙ୍କୁ ପଚାରିବାରୁ ଆଇନ୍ ଅନୁଯାଇ ପଦକ୍ଷେପ ନିଆଯାଇଥିବା କହିଛନ୍ତି। ଏହି ପ୍ରତିବାଦ କାର୍ଯ୍ୟକ୍ରମରେ ରୀନାରାଣୀ ସ୍ୱାଇଁ, ବିଭୁତି ଭୁଷଣ ପାଡ଼, ଭାଷ୍କର ଚନ୍ଦ୍ର ନାୟକ, ରାଧାକାନ୍ତ ମହଲା, ସୁଶମା ମହଲା, କମଳାକାନ୍ତ ସ୍ୱାଇଁ, ଭାଗବତ ଜେନା, କୁଞ୍ଜଲତା ମହଲା, ପୁଷ୍ପଲତା ମହାଳିକ, କବିତା ସେନାପତି, ବାସନ୍ତୀ ସାହୁ, ରେବତୀ ମହଲା ପ୍ରମୁଖ ଶତାଧିକ ଲୋକ ସାମିଲଥିଲେ । ତିହିଡି ଥାନା ମୁକୁନ୍ଦପୁର ପଞ୍ଚାୟତ ଅଧୀନ ଆରସା ଗ୍ରାମର ଶତାଧିକ ଅଧିବାସୀ ରବିବାର ପୂର୍ବାହ୍ନରେ ଥାନା ଘେରାଉ କରିଛନ୍ତି । ଗ୍ରାମର ଜଣେ ବୃଦ୍ଧଙ୍କୁ ମିଥ୍ୟା ଅଭିଯୋଗରେ ପୋଲିସର ଗିରଫଦାରୀ ପ୍ରତିବାଦରେ ଗ୍ରାମବାସୀ ଏହି ପଦକ୍ଷେପ ନେଇଥିବା ଜଣାଯାଇଛି।ପ୍ରକାଶ ଯେ ଆରସା ଗ୍ରାମର ଜଣେ ବୃଦ୍ଧ ସେହି ଗ୍ରାମର ଜଣେ ନାବାଳିକାଙ୍କୁ ଗତ ମାସ ୨୩ତାରିଖରେ ଅସଦାଚରଣ କରିଥିବା ନେଇ ନାବାଳିକାଙ୍କ ମା ଥାନାରେ ଅଭିଯୋଗ କରିଥିଲେ । ପୋଲିସ ଏହି ଘଟଣାରେ ଏକ ମକଦ୍ଦମା ରୁଜୁ କରି ସେହି ବୃଦ୍ଧଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ତେବେ ଏହି ଘଟଣା ପରେ ଗ୍ରାମବାସୀଙ୍କ ମଧ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଇଥିଲା।ଜଣେ ୭୨ ବର୍ଷୀୟ ବୃଦ୍ଧଙ୍କୁ ମିଥ୍ୟା ମକଦ୍ଦମାରେ ଫସାଇ ଦିଆଯାଇଛି ବୋଲି ଗ୍ରାମବାସୀ ଦର୍ଶାଇଥିଲେ । ଏହାର ପ୍ରତିବାଦ ସ୍ୱରୂପ ସେମାନେ ଥାନା ଘେରାଉ କରି ପୋଲିସ ଘଟଣାର ନିରପେକ୍ଷ ତଦନ୍ତ କରି ପ୍ରକୃତ ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଉ ବୋଲି ସେମାନେ ଦାବି ଜଣାଇଛନ୍ତି।

### ଛାତ୍ରଙ୍କ ବ୍ୟାଗରୁ ବନ୍ଧୁକ ବାହାରିବା ଘଟଣା
# ସ୍କୁଲ ଗେଟ୍‌ରେ ତାଲା ଦେଇ ଧାରଣା ଦେଲେ ଅଭିଭାବକ

ବାଲେଶ୍ୱର,(ସବ୍ୟୁ):ଖନ୍ତାପଡ଼ା ଥାନା ଅନ୍ତର୍ଗତ ଶ୍ରୀଜଙ୍ଗ ପଞ୍ଚାୟତସ୍ଥିତ ଦାସ ମହାପାତ୍ର ବାଞ୍ଛାନିଧି ସରକାରୀ ଉଚ୍ଚ ବିଦ୍ୟାଳୟରେ ଗତ ୩ ଦିନ ତଳେ ଜଣେ ଅଷ୍ଟମ ଶ୍ରେଣୀ ଛାତ୍ରଙ୍କ ବ୍ୟାଗରୁ ବନ୍ଧୁକ ବାହାରିଥିଲା। ତେଣୁ ସେହି ଛାତ୍ରଙ୍କୁ ଟିସି ଦେବା ଦାବିରେ ଶନିବାର ଅଭିଭାବକମାନେ ସ୍କୁଲ ଗେଟରେ ତାଲା ପକାଇ ଧାରଣା ଦେଇଛନ୍ତି । ଏହି ଛାତ୍ର ପୂର୍ବରୁ ଜଣେ ଛାତ୍ରକୁ ବ୍ଲେଡ୍‌ରେ ଆକ୍ରମଣ କରିଥିଲେ ଏବଂ ଅନ୍ୟ ଜଣେ ଛାତ୍ରୀଙ୍କୁ ତେଲେଙ୍ଗା କଟୁରି ଦେଖାଇ ଭୟଭୀତ କରାଇଥିଲେ। ସେହି ଛାତ୍ର ବାରମ୍ବାର ଏଭଳି ଘଟଣା ଘଟାଉଥିବାରୁ ପିଲାମାନେ ନିଜକୁ ସୁରକ୍ଷିତ ମଣୁ ନଥିବା ଅଭିଭାବକମାନେ କହିଛନ୍ତି। ତେଣୁ ସେହି ଛାତ୍ରକୁ ବାଧ୍ୟତାମୂଳକ ଟିସି ଦେବାକୁ ଅଭିଭାବକମାନେ ଅଡ଼ି ବସିଛନ୍ତି। ଯାହାକୁ ନେଇ କିଛି ଅଭିଭାବକ ଶନିବାର ବିଦ୍ୟାଳୟ ଗେଟ୍‌ରେ ଚାବି ପକାଇ ଧାରଣା ଦେଇଛନ୍ତି । ସୂଚନା ମୁତାବକ, ଗତ ୨୯ ତାରିଖରେ ବିଦ୍ୟାଳୟରୁ ଜଣେ ଛାତ୍ର ବ୍ୟାଗରୁ ବନ୍ଧୁକ ବାହାରିଥିଲା। ପୁଲିସ ଏହି ବନ୍ଧୁକକୁ ମଧ୍ୟ ଜବତ କରିଥିଲା। ତେବେ ବନ୍ଧୁକଟି ଛାତ୍ର ଜଣକ ସରସ୍ୱତୀ ପୂଜା ଭସାଣି ସମୟରେ ପାଇଥିଲା ବୋଲି ପୁଲିସ କହିଛି। ପ୍ରଧାନଶିକ୍ଷୟିତ୍ରୀଙ୍କ ଅଭିଯୋଗ ମୂଳେ ପୁଲିସ ଏହି ଘଟଣାର ତଦନ୍ତ କରୁଛି। ଅନ୍ୟ ପଟେ ଅଭିଭାବକମାନେ ସେହି ପିଲାକ ବାଧ୍ୟତାମୂଳକ ଟିସି ନଦେଲେ ଅନ୍ୟ ଅଭିଭାବକମାନେ ନିଜ ପିଲାର ଟିସି ନେବେ ବୋଲି କହିଛନ୍ତି। ପ୍ରଧାନ ଶିକ୍ଷୟିତ୍ରୀ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ଘଟଣା ବାବଦରେ ଅବଗତ କରିଥିଲେ ବୋଲି ପ୍ରତିକ୍ରିୟା ରଖିଛନ୍ତି। ପ୍ରଧାନ ଶିକ୍ଷୟିତ୍ରୀଙ୍କ କହିବା ମୁତାବକ ଜିଲ୍ଲା ଶିକ୍ଷାଧିକାରୀ ଏହି ଛାତ୍ରଙ୍କୁ ଟିସି ଦେଇହେବନି ବୋଲି କହିଛନ୍ତି ବୋଲି ପ୍ରତିକ୍ରିୟାରେ ମତ ରଖିଛନ୍ତି। ଧାରଣା ସ୍ଥଳକୁ ଜିଲ୍ଲା ପ୍ରଶାସନ, ଜିଲ୍ଲା ଶିକ୍ଷାଧିକାରୀ ଓ ପୁଲିସ ପ୍ରଶାସନ ପହଞ୍ଚି ସନ୍ତୋଷ ମୂଳକ ଉତ୍ତର ରଖିବା ସହିତ ସ୍ପଷ୍ଟୀକରଣ ଦିଅନ୍ତୁ ବୋଲି ଧାରଣାରତ ଅଭିଭାବକମାନେ ଦାବି ରଖିଛନ୍ତି । ଯଦି ଏହାକୁ ସମାଧାନ ନ କରାଯାଏ ତେବେ ଏହି ପ୍ରତିବାଦ ଆଗକୁ ଆନ୍ଦୋଳନର ରୂପ ନେବ ବୋଲି କହିଛନ୍ତି ।

## ଧସିଗଲା କାନପୁର ପ୍ରକଳ୍ପର ମାଟିବନ୍ଧ

କେନ୍ଦୁଝର, (ଜିପ୍ର) : କେନ୍ଦୁଝରଜିଲ୍ଲା ଯୋଡ଼ା ବ୍ଲକ ବାସୁଦେବପୁରଠାରେ ନିର୍ମାଣ ହୋଇଥିବା କାନପୁର ବୃହତ୍ ଜଳସେଚନ ପ୍ରକଳ୍ପର ମାଟିବନ୍ଧ ଧସିଯାଇଛି। ବୈତରଣୀ ନଦୀରେ ହୋଇଥିବା ଏହି ନଦୀବନ୍ଧ କାମ ଚୁଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଥିବା ବେଳେ ପ୍ରକଳ୍ପର ମୁଖ୍ୟ ମାଟିବନ୍ଧର ଦୁଇଟି ସ୍ଥାନରେ ମାଟି ଧସିଯାଇଥିବା ଦେଖିବାକୁ ମିଳିଛି। ଏହି ଘଟଣା ପରେ ଜଳସମ୍ପଦ ବିଭାଗ ପକ୍ଷରୁ ଖୋଳତା ଆରମ୍ଭ ହୋଇଛି। ମାଟି ନମୁନା ପରୀକ୍ଷା ପାଇଁ ଭୁବନେଶ୍ୱର ସ୍ଥିତ କେନ୍ଦ୍ରୀୟ ପରୀକ୍ଷାଗାରକୁ ପଠାଯାଇଛି। କାନପୁର ଜଳସେଚନ ପ୍ରକଳ୍ପ ପାଇଁ ନିର୍ମିତ ବନ୍ଧର ଲମ୍ବ ୩୫୭୦ ମିଟର ଓ ଉଚ୍ଚତା ୩୯.୫୦ ମିଟର। ଏହାକୁ ଓ ଦ୍ୱିତୀୟ ବୃହତ୍ତମ ବନ୍ଧ ବୋଲି କୁହାଯାଉଛି। ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି। ତେବେ ଚିନିବର୍ଷ ଧରି ବିଭିନ୍ନ ବୈଷୟିକ ତ୍ରୁଟି ଯୋଗୁଁ ପ୍ରକଳ୍ପ ଉଦ୍‌ଘାଟନରେ ବିଳମ୍ବ ହେଉଛି। ଏବେ ପ୍ରକଳ୍ପର ମାଟିବନ୍ଧ ଦୁଇଟି ସ୍ଥାନରେ ବସିଯାଇ ମାଟି ଧସିଯାଇଛି। ପ୍ରକଳ୍ପ ପାଇଁ ବିସ୍ଥାପିତ ହୋଇଥିବା ଗ୍ରାମବାସୀ ଜଗଯାଉ ତିରିଆ, ଭାଗୀରଥି ବାରିକ, ବାଉରଧ ମହାନ୍ତ, ପଙ୍କଜ ମହାନ୍ତ, ଉମାକାନ୍ତ ମହାନ୍ତଙ୍କ ଅଭିଯୋଗ ଅନୁଯାୟୀ, ନିମ୍ନମାନର କାର୍ଯ୍ୟ କରାଯାଉଥିବାରୁ ଏଭଳି ଭାବେ ଜଳଭଣ୍ଡାରରେ ଜଳ ଗଚ୍ଛିତ ରଖାଯାଉଥିଲା ଯେଉଁଥି ପାଇଁ ଏପରି ଅବସ୍ଥା ହୋଇଛି। ବନ୍ଧ ନିର୍ମାଣ କାର୍ଯ୍ୟ କରୁଥିବା ଠିକାଦାରୀ ସଂସ୍ଥା କଣାପଥର ପରିବର୍ତ୍ତେ ନିମ୍ନମାନର ପଥର ବ୍ୟବହାର କରିଛି। ଏହାକୁ ସ୍ଥାନୀୟ ଲୋକେ ବିରୋଧ କରିବା ସତ୍ତ୍ୱେ ଠିକାଦାର ସଂସ୍ଥା ପକ୍ଷରୁ ଅଣଦେଖା କରାଯାଉଥିଲା। ବନ୍ଧ ମାଟି ଦବିବାର ଏହା ଅନ୍ୟତମ କାରଣ ବୋଲି ଅଭିଯୋଗ ହେଉଛି। ଏ ସମ୍ପର୍କରେ କାନପୁର ପ୍ରକଳ୍ପର ମୁଖ୍ୟ ନିର୍ମାଣ ଯନ୍ତ୍ରୀ ମନୋଜ ବେହେରା କହିଛନ୍ତି, ମାଟିବନ୍ଧ ଦବିବା ଦୃଷ୍ଟିକୁ ଆସିବା ପରେ ବ୍ୟାମ ବିଶେଷଜ୍ଞ ଧନେଶ୍ୱର ସାହାଙ୍କ ନେତୃତ୍ୱରେ ଏକ ବିଶେଷଜ୍ଞ ଦଳ ସ୍ଥିତି ଅନୁଧ୍ୟାନ କରିଛନ୍ତି। କେଉଁ କାରଣ ପାଇଁ ଏପରି ହେଲା, ତା'ର ଖୋଳତା ଆରମ୍ଭ କରାଯାଇଛି। ବନ୍ଧ ଯାଞ୍ଚ ପାଇଁ ଜଳାଶୟ ଡ୍ରେନରୁ ମାଟି ନମୁନା ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ଭୁବନେଶ୍ୱର ପଠାଯାଇଛି।

# ପ୍ରାଣବଲ୍ଲଭ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ



ଆନନ୍ଦପୁର,(ସବ୍ୟୁ): ଆନନ୍ଦପୁର ଉପଖଣ୍ଡ ଘସେଇ ଗ୍ରାମରେ ଥିବା ପ୍ରାଣବଲ୍ଲଭ ପବ୍ଲିକ ସ୍କୁଲର ୨୩ ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏହି ବାର୍ଷିକ ଉତ୍ସବରେ କ୍ୟାନାଲ ମ୍ୟାନ ଅଫ ଓଡ଼ିଶା ଭାବେ ପରିଚିତ ପଦ୍ମଶ୍ରୀ ଦଇତାରୀ ନାଇକ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ଉଦଘାଟକ ଭାବେ ଆନନ୍ଦପୁର ଉପଖଣ୍ଡର ଉପ ଜିଲ୍ଲାପାଳ ସୁମାମଣି ସୁନା ଛାତ୍ର ଛାତ୍ରୀଙ୍କ ମାନଙ୍କୁ ଶିକ୍ଷା ହିଁ ଜୀବନର ଅସଲ ଉଦ୍ଦେଶ୍ୟ ବୋଲି କହିବା ସହ ଅଭିଭାବକ ମାନେ ନିଜର ପିଲାମାନଙ୍କ ବର୍ତ୍ତମାନ ସମୟରେ ସଚେତନ କରିବାର ଆବଶ୍ୟକତା ରହିଛି ବୋଲି ନିଜ ବକ୍ତବ୍ୟରେ କହିଥିଲେ । ମୁଖ୍ୟବକ୍ତା ଭାବେ ଇଂରାଜୀମାଧମ ସ୍କୁଲରର ଚେୟାରମ୍ୟାନ ଡ. ଅନୀଲ କୁମାର ରାୟ ଓ ବିଶେଷ ଅତିଥି ଭାବେ ଘସିପୁରା ବ୍ଲକ ଏଜୁକେସନ ଅଫିସର ସଦ୍ୟସ୍ନାନ ପଣ୍ଡା, ଅନ୍ୟତମ ବିଶେଷ ଅତିଥି ରୋହିତ୍ ଗ୍ରାମ ପଞ୍ଚାୟତର ସରପଞ୍ଚ ମନ୍ଦାକିନୀ ପାତ୍ର ଯୋଗଦେଇଥିଲେ । ଆନନ୍ଦପୁର ଉପଖଣ୍ଡର ଦୁଇ ମହାନ ଗୁରୁ ଭାସ୍କର ନନ୍ଦ ଖୁଣ୍ଟିଆ ଓ ସରୋଜ କୁମାର ପଣ୍ଡାଙ୍କୁ ଅନୁଷ୍ଠାନ ତରଫରୁ ଗୁରୁ ବନ୍ଦନା ପୁରସ୍କାର ପ୍ରଦାନ କରାଯାଇଥିଲା । ଏହି ବାର୍ଷିକ ଉତ୍ସବରେ ସ୍କୁଲର ଅଧ୍ୟକ୍ଷ ଡ. ସୁଜାତ ଘୋଷ ସ୍ୱାଗତ ସମ୍ଭାଷଣ ଦେବା ସହ ସ୍କୁଲର ମ୍ୟାନେଜିଙ୍ଗ ଟ୍ରଷ୍ଟି ଡ.ଅଶୋକ କୁମାର ପୁହାଣ ଅତିଥି ପରିଚୟ ପ୍ରଦାନ କରିଥିଲେ । ଶେଷରେ ବିଦ୍ୟାଳୟ ପକ୍ଷରୁ ଉପାଧ୍ୟକ୍ଷ ଶିକ୍ଷୟିତ୍ରୀ ଶ୍ରୀମତୀ ରଞ୍ଜିତା ଜେନା ପ୍ରାଚାର୍ଯ୍ୟ ସମସ୍ତ ଅତିଥି, ଅଭିଭାବକ, ମିଡିଆ ବନ୍ଧୁ, ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ, ସହକର୍ମୀ, ଛାତ୍ର ଛାତ୍ରୀ ମାନଙ୍କୁ ଧନ୍ୟବାଦ ଜ୍ଞାପନ ସହିତ କାର୍ଯ୍ୟକ୍ରମର ସମାପନ ଘୋଷଣା କରାଯାଇଥିଲା।

# ଜବରଦଖଲ ଉଚ୍ଛେଦକୁ ବିରୋଧ

ବାଲେଶ୍ୱର,(ସବ୍ୟୁ) ଖୁବଶୀଘ୍ର ବାଲିଆପାଳରୁ ଡଗରା ବଡ଼ଗୁମୁଟି ଛକ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ କରାଯିବ। ରାସ୍ତା ନିର୍ମାଣ ହେଲେ କାଳିପଦା ବଜାରଟି ଉଚ୍ଛେଦ ହେବ। ପ୍ରଶସ୍ତୀକରଣକୁ ବିରୋଧ କରି ଶନିବାର କାଳିପଦା ଠାରେ ଥିବା କାଳୀ ମନ୍ଦିର ପରିସରରେ କାଳିପଦା ବଜାର କମିଟି ଏବଂ କାଳିପଦା ବଞ୍ଚାଅ ଅଭିଯାନ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ କାଳିପଦା ବଞ୍ଚାଅ ଅଭିଯାନର ଆବାହକ ଅରୁଣ ଜେନା, ବଜାର କମିଟିର ସଭାପତି ନିତ୍ୟାନନ୍ଦ ଦାସ, ସଦସ୍ୟ ଅନନ୍ତ ପିଳା, ଅମୂଲ୍ୟ ଦାସ ଉପସ୍ଥିତ ଥିଲେ। ପ୍ରସ୍ତାବିତ ଚଉମୁଖ ବନ୍ଦର କାର୍ଯ୍ୟକୁ ସରକାର ତ୍ୱରାନ୍ୱିତ କରିବା ପାଇଁ ପୂର୍ତ୍ତ ବିଭାଗ ଦ୍ୱାରା ରାସ୍ତାର ନିର୍ମାଣ କାର୍ଯ୍ୟ ଆରମ୍ଭ କରିଛନ୍ତି। ଯାହାକି ରାସ୍ତାର ଓସାର ୮୦ରୁ ୧୦୦ କଡ଼ି ପ୍ରଶସ୍ତ ରହିଛି। ଏହି ପ୍ରଶସ୍ତୀକରଣ ହେଲେ କାଳିପଦା ବଜାର ଠାରେ ଥିବା ଶହ ଶହ ଉଠା ଦୋକାନୀ, ସ୍ଥାୟୀ କୋଠା ଘର ଭାଙ୍ଗିବା ସହିତ କାଳିପଦା ବଜାର ଠାରେ ଥିବା କାଳୀ ମନ୍ଦିର ଶ୍ରୀହୀନ ହେବାରୁ କେହି ବଞ୍ଚାଇ ପାରିବେ ନାହିଁ ବୋଲି ଶ୍ରୀ ଦାସ କହିଛନ୍ତି। ଏନେଇ ପୂର୍ତ୍ତ ବିଭାଗ ପକ୍ଷରୁ ଆଠ ଦିନ ମଧ୍ୟରେ ଉଠିଯିବା ପାଇଁ ଡାକବାଜି ଯନ୍ତ୍ର ମାଧ୍ୟମରେ ଲୋକଙ୍କୁ କୁହାଯାଇଛି। ସରକାରଙ୍କ ଦ୍ୱାରା ରାସ୍ତା କାର୍ଯ୍ୟ ନିର୍ମାଣ ପାଇଁ ସ୍ଥାନୀୟ ବାସିନ୍ଦା ଏବଂ ବଜାର କମିଟି, କାଳିପଦା ବଜାର ବଞ୍ଚାଅ ଅଭିଯାନ ସହିତ ଆଲୋଚନା କରି ରାସ୍ତା ୫୦ରୁ ୬୦ କଡ଼ି ବା ଅନ୍ୟ ବିକଳ୍ପ ଦ୍ୱାରା ଏହାର ସମାଧାନ ନକଲେ ଜନ ଆନ୍ଦୋଳନର କରାଯିବ ବୋଲି କୁହାଯାଇଛି।

## ଜଙ୍ଗଲରେ ପୁଲିସ ଏନକାଉଣ୍ଟର
# ବ୍ୟାଙ୍କ ଡକାୟତି ଘଟଣାର ମୁଖ୍ୟ ଅଭିଯୁକ୍ତ ସିପୁ ଗୁରୁତର



ଯୋଡ଼ା, (ସବ୍ୟୁ): ବଡ଼ବିଲ ଥାନା ଅଞ୍ଚଳରେ ବ୍ୟାଙ୍କ ଅଫ ମହାରାଷ୍ଟ୍ରରେ ହୋଇଥିବା ବଡ଼ ଧରଣର ଡକାୟତିରେ ସଂପୃକ୍ତ ଖସିଯାଇଥବବା ମୁଖ୍ୟ ଅଭିଯୁକ୍ତ ସିପୁ କୁମାରକୁ ଜଙ୍ଗଲ ଭିତରେ ଏନକାଣ୍ଟର କରିଛି ବଡ଼ବିଲ ପୋଲିସ ଗତ କିଛି ଦିନ ତଳେ କେନ୍ଦୁଝର ଜିଲ୍ଲା ବଡ଼ବିଲ ଥାନା ଅଞ୍ଚଳରେ ବ୍ୟାଙ୍କ ଅଫ ମହାରାଷ୍ଟ୍ରରେ ବ ଧରଣର ଡକାୟତି ହୋଇଥିଲା। ଯାହା କେସ ନମ୍ବର ୨୯/୨୬ ଥିଲା। ଏହି ଘଟଣାରେ ପୁଲିସ ୩ ଜଣଙ୍କୁ ଗିରଫ କରିଥିବା ବେଳେ ଅନ୍ୟ ଜଣେ ମୁଖ୍ୟ ଅଭିଯୁକ୍ତ ସିପୁ କୁମାର ଖସିଯାଇଥିଲା।ସିପୁ ଘର ବିହାରର ପାଟଣା ଜିଲ୍ଲା ପିପରା ଗାଁରେ। ମୋଷ୍ଟ ୱାଣ୍ଟେଡ ଆନ୍ତଃରାଜ୍ୟ ଏହି ସିପୁ ନାମରେ ରହିଛି ଅନେକ ମାମଲା। ବହୁ ହତ୍ୟା , ବେଆଇନ ଅସ୍ତ୍ରଶସ୍ତ୍ର, ଡକାୟତି , ଚୋରି ଓ ଜୋର ଜବରଦସ୍ତ ଟଙ୍କା ଆଦାୟ ଭଳି ସଙ୍ଗିନ ମାମଲା ଓଡ଼ିଶା, ବିହାର ଓ ଝାରଖଣ୍ଡରେ ରହିଛି । ତାକୁ ଗତ ଏକ ସପ୍ତାହରୁ ଅଧିକ ଦିନ ହେବ ପୁଲିସ ଖୋଜି ଖୋଜି ନାକେଦମ ହୋଇ ପଡ଼ିଥିବା ବେଳେ ଓଡ଼ିଶା ଝାରଖଣ୍ଡ ସୀମା ସ୍ଥିତ ଟାଙ୍କୁରା ଜଙ୍ଗଲରେ ସିପୁ ଥିବା ଖବର ପାଇ ରାତିରେ ଜଙ୍ଗଲରେ ଅପରସନ ଆରମ୍ଭ କରିଥିଲା ବଡବିଲ ପୁଲିସ । ଯେଉଁଥିରେ ସିପୁ ଖସିଯିବା ପାଇଁ ପୁଲିସ ଉପରକୁ ଗୁଳି ଚଳାଇଥିଲା।ପୁଲିସ ନିଜ ସୁରକ୍ଷା ପାଇଁ ଓଲଟା ଫାୟାରିଙ୍ଗ କରିବା ଫଳରେ ସିପୁର ଗୋଡ଼ ଗୁଳି ବାଜିଥିଲା। ତାକୁ ପୁଲିସ କାବୁ କରି ଗୁରୁତର ଅବସ୍ଥାରେ ବ ମେଡିକାଲରେ ଭର୍ତ୍ତି କରିଛି। ତା ନିକଟରୁ ଏକ ଦେଶୀ ବନ୍ଧୁକ ପୁଲିସ ଜବତ କରିଛି।

## ଗାଡ଼ିଆରୁ ଉଦ୍ଧାର ହେଲା ମୃତଦେହ

କେନ୍ଦୁଝର,(ଜିପ୍ର) : ଇଟା ଗଢ଼ିବାକୁ ଯାଇ ଜଣେ ୨୫ବର୍ଷିୟ ଯୁବକଙ୍କ ସନ୍ଦେହ ଜନକ ଭାବେ ମୃତ୍ୟୁ ହୋଇଛି । କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଡୁମୁରିଆ ପଞ୍ଚାୟତ କୋଠାଘର ଗ୍ରାମ ବିଲ ମଧ୍ୟରେ ଥିବା ଏକ ଛୋଟ ଗାଡ଼ିଆରୁ ରବିବାର ଅପରାହ୍ଣରେ ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଛି । ମୃତ ଯୁବକ ଜଣଙ୍କ ପାଟଣା ଥାନା ଏରେଣ୍ଡେଇ ପଞ୍ଚାୟତ ଡିଆନାଳୀ ଗ୍ରାମର ସ୍ୱର୍ଗତ ଉମ୍ବରୁଧର ମୁଦି ଙ୍କବିବାହିତ ପୁଅ ଶିବ ମୁଦି (୨୫)।ସୂଚନା ଅନୁଯାୟୀ, ଶିବ ମୁଦି ଗାଁର ଦିବ୍ୟ ଲୋଚନ ମହାନ୍ତଙ୍କ ମାଟି ଇଟା ଗଢ଼ିବା ପାଇଁ ଗାଁର ଅନ୍ୟ ମିସ୍ତ୍ରୀଙ୍କ ସହ ଯାଇଥିଲେ। ରବିବାର୍ ଅପରାହ୍ଣରେ ବିଲ ମଝିରେ ଥିବା ଏକ ଗାଡ଼ିଆକୁ ଶୌଚ ହେବା ପାଇଁ ଯାଇ ସେ ଆଉ ଫେରି ନଥିଲେ। ପରେ ତାଙ୍କର ସାଙ୍ଗ ଜଣେ ଆସି ଦେଖିଲାବେଳକୁ ଶିବଙ୍କ ଗୋଡ ପାଣିରେ ପଡ଼ିଥିବା ବେଳେ ଶରୀରର ଉପର ଭାଗ ଗାଡିଆର ଶୁଷ୍କ ଜମି ଉପରେ ପଡିଥିଲା ।ଘଟଣା ସ୍ଥଳରେ ପାଟଣା ଅଗ୍ନିଶମ ବାହିନୀ ଓ ଘଟଗାଁ ଥାନା ପକ୍ଷରୁ ଥାନା ଅଧିକାରୀ ଶୁଭ୍ରାଂଶୁ କୁମାର ଜେନା ପହଞ୍ଚି ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପାଟଣା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛନ୍ତି । ଏନେଇ ଘଟଗାଁ ଥାନାରେ ୭/୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି । ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ପ୍ରକୃତ ଘଟଣା ଜଣା ପଡ଼ିବ ବୋଲି ଥାନା ଅଧିକାରି କହିଛନ୍ତି ।

## କନ୍ୟା ସନ୍ତାନ ଜନ୍ମ ହେବାରୁ ନିର୍ଯାତନା
# ଏସ୍‌ପିଙ୍କୁ ମହିଳାଙ୍କ ଗୁହାରି

ବାଲେଶ୍ୱର,(ସବ୍ୟୁ) :କନ୍ୟାସନ୍ତାନକୁ ଜନ୍ମ ଦେବାରୁ ସ୍ତ୍ରୀକୁ ମାଡ଼ ମାରି ଘରୁ ତଡିଦେଲା ନିର୍ଦ୍ଦୟ ସ୍ୱାମୀ । ସିଂଲା ଥାନା ପୁଲିସ ପାଖରୁ ନ୍ୟାୟ ନ ମିଳିବାରୁ ଅସହାୟା ମହିଳା ଜଣକ ଆରକ୍ଷୀ ଅଧୀକ୍ଷକଙ୍କ ନିକଟରେ ଗୁହାରି କରିଛନ୍ତି। ଆରକ୍ଷୀ ଅଧୀକ୍ଷକଙ୍କୁ ଦିଆଯାଇଥିବା ଅଭିଯୋଗପତ୍ରର ବିବରଣୀ ଅନୁଯାୟୀ, ବାଲିଆପାଳ ଥାନା ଦେଉଳି ପଞ୍ଚାୟତ ଅନ୍ତର୍ଗତ ଗେଙ୍ଗୁଟିଆ ଗ୍ରାମର ସ୍ୱର୍ଗତ ଅଜୟ କୁମାର ପାତ୍ରଙ୍କ ଝିଅ ଭାରତୀ ପାତ୍ର । ବଡ଼ ବାପା ବିନୟ ପାତ୍ର ଓ ମାଆ ଗୀତାଞ୍ଜଳି ଚକସାର୍ଥୀ ଗ୍ରାମର ଜଗନ୍ନାଥ କରଙ୍କ ପୁଅ ପ୍ରୀତୀଶ ଜୟନ୍ତ କର ସହ ତାଙ୍କର ବୈଦିକ ରୀତିରେ ୨୦୨୨ ମସିହାରେ ବିବାହ କରାଇଥିଲେ। କିଛି ଦିନ ପରିବାରରେ ସବୁ ଠିକ୍‌ଠାକ୍ ଚାଲିଥିଲା । ମାତ୍ର ୨୦୨୩ ମସିହା ମେ ୭ ତାରିଖରେ ଭାରତୀ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଏକ କନ୍ୟା ସନ୍ତାନକୁ ଜନ୍ମ ଦେବା ପରେ ଶାଶୂଘର ଲୋକ ମୁହଁ ଫେରାଇନେଲେ। ଡାକ୍ତରଖାନାରେ ଔଷଧ ସହିତ ଅନ୍ୟ ଖର୍ଚ୍ଚ ପୈଠ ନ କରି ମା ଓ ଝିଅଙ୍କୁ ହସ୍ପିଟାଲରେ ଛାଡି ପଳାଇଆସିଲେ। ବଡ଼ବାପା ବିନୟ ପାତ୍ର ହସ୍ପିଟାଲରେ ପହଞ୍ଚି ସମସ୍ତ ଖର୍ଚ୍ଚ ବହନ କରିବା ସହ ଝିଆରୀ ଭାରତୀକୁ ଘରକୁ ନେଇ ଆସିଥିଲେ। ପରେ ଭଦ୍ର ବ୍ୟକ୍ତିଙ୍କ ଦ୍ୱାରା ବୁଝାମଣା ହୋଇ ଭାରତୀକୁ ଶାଶୂ ଘରକୁ ପଠାଇଥିଲେ। ମାତ୍ର ଝିଅ ଜନ୍ମ କରିଥିବାରୁ ଭାରତୀକୁ ଶାଶୂଘର ଲୋକ ବାରମ୍ବାର ନିର୍ଯାତନା ଦେଇ ଶେଷରେ ତାକୁ ମାଡ଼ ମାରି ଘରୁ ତଡ଼ିଦେଲେ। ଭାରତୀ ଘଟଣା ବିଷୟରେ ସିଂଲା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ତେବେ ସିଂଲା ଥାନାକୁ ବାରମ୍ବାର ଦୌଡ଼ି ନିରାଶ ହେବା ପରେ ବଡ଼ବାପା ବିନୟ ପାତ୍ରଙ୍କ ସହିତ ଯାଇ ଆରକ୍ଷୀ ଅଧୀକ୍ଷକଙ୍କ ଠାରେ ନ୍ୟାୟ ପାଇଁ ସେ ଗୁହାରି କରିଛନ୍ତି । ଆରକ୍ଷୀ ଅଧିକ୍ଷକ ବିହୀତ ପଦକ୍ଷେପ ନେବେ ବୋଲି ପ୍ରତିଶୃତି ଦେଇଥିବା ଭାରତୀ କହିଛନ୍ତି ।

# ମନ୍ଦିର ନିକଟରୁ ଯୁବକଙ୍କ ଶବ ଉଦ୍ଧାର, ହତ୍ୟା ଅଭିଯୋଗ

ସୋର,(ସବ୍ୟୁ):ସୋର ଥାନା ବାଗୁଡି ମଣି ମନ୍ଦିର ନିକଟରୁ ଜଣେ ଯୁବକଙ୍କ ଝୁଲନ୍ତା ଶବ ଉଦ୍ଧାର କରାଯାଇଥିବା ବେଳେ ପରିବାର ଲୋକେ ହତ୍ୟା ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁସାରେ ସୋର ଥାନା ମୁଳିସିଂ ଗ୍ରାମର ରବିନ୍ଦ୍ର ସିଂ(୨୮) ୪ ବର୍ଷ ତଳେ ବାଗୁଡି ଗ୍ରାମର ରୁକ୍ମଣି ସିଂଙ୍କୁ ବିବାହ କରିଥିଲେ। ରବିନ୍ଦ୍ର ହାଇଦ୍ରାବାଦର ଏକ ଚକୋଲେଟ କମ୍ପାନୀରେ କାମ କରୁଥିବା ବେଳେ ଗତ ୪ଦିନ ତଳେ ଘରକୁ ଆସିଥିଲେ।ରୁକ୍ମିଣୀଙ୍କର ଅନ୍ୟ ଜଣେ ପୁରୁଷଙ୍କ ସହିତ ପରକୀୟା ପ୍ରୀତି ଥିବା ଜାଣିପାରି ଥିଲେ।ଫଳରେ ରୁକ୍ମିଣୀ ଙ୍କ ସହିତ ତାଙ୍କର ଝଗଡା ହୋଇଥିବାରୁ ସେ ତାଙ୍କ ବାପା ଘର ବାଗୁଡିରେ ରହୁଥିଲେ।ରବିନ୍ଦ୍ର ତାଙ୍କୁ ବୁଝାସୁଝା କରି ଘରକୁ ଆଣିବାକୁ ବାଗୁଡି ଯାଇଥିଲେ। ମାତ୍ର ଆଜି ସକାଳେ ବାଗୁଡିରେ ଥିବା ମଣି ମନ୍ଦିର ନିକଟ ବରଗଛ ଘଣ୍ଟାରେ ବେକରେ ଲୁଗା ବାନ୍ଧି ଝୁଲୁଥିବାର ସ୍ଥାନୀୟଲୋକେ ଦେଖି ତାଙ୍କୁ ଉଦ୍ଧାର କରି ସୋର ମେଡିକାଲକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।ଖବର ପାଇ ସୋର ପୁଲିସ ମେଡିକାଲରେ ପହଞ୍ଚି ୬/୨୬ ରେ ଏକ ମାମଲା ରୁଜୁ କରି ଶବ ଜବତ କରି ବ୍ୟବଛେଦ ପାଇଁ ରଖିବା ସହିତ ଘଟଣାର ଅଧିକ ତଦନ୍ତ ଆରମ୍ଭ କରିଛି। ଅନ୍ୟ ପଟେ ରବୀନ୍ଦ୍ରଙ୍କ ମାଆ ତାଙ୍କୁ ହତ୍ୟା କରାଯାଇଥିବା ନେଇ ସୋର ଥାନାରେ ଅଭିଯୋଗ କରିଛନ୍ତି।

## ଜଗଜ୍ଜନନୀ ପ୍ରକାଶିକାଙ୍କ ପରଲୋକ

ଭଦ୍ରକ,(ସବ୍ୟୁ): ଜଗଜ୍ଜନନୀ ପତ୍ରିକାର ପ୍ରକାଶିକା ତଥା ରାଜନେତା ଓ ନାଟ୍ୟକାର ସୁଧାକର ନନ୍ଦଙ୍କ ପତ୍ନୀ ଚିନ୍ମୟୀ ନନ୍ଦ(୭୮)ଙ୍କର ରବିବାର ସକାଳ ପ୍ରାୟ ସାଢ଼େ୯ଟା ଭଦ୍ରକସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ସେ ଗତ କିଛି ଦିନ ଧରି ଅସୁସ୍ଥ ଥିଲେ। ଜଣେ ଧର୍ମପ୍ରାଣା ଓ ସ୍ନେହୀ ମହିଳା ଭାବେ ସେ ପରିଚିତ ଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ବହୁ ପ୍ରତିଷ୍ଠିତ ବ୍ୟକ୍ତି ଓ ସମାଜର ବିଭିନ୍ନ ବର୍ଗର ଲୋକମାନେ ଅନ୍ତିମ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ଅନ୍ତିମ ସଂସ୍କାର କରାଯାଇଥିଲା। ପୁତ୍ର ତାରାଶ୍ରୀ ରବି ତନୟ ମୁଖାଗ୍ନି ପ୍ରଦାନ କରିଥିଲେ। ତାଙ୍କ ବିୟୋଗରେ ବହୁ ସାହିତ୍ୟିକ,ରାଜନୈତିକ ବ୍ୟକ୍ତି ଶୋକ ପ୍ରକାଶ କରିଛନ୍ତି।

# ଯୁବ ସ୍କିଲ ବିକାଶ କାର୍ଯ୍ୟକ୍ରମ



ଠାକୁରମୁଣ୍ଡା (ସବ୍ୟୁ): ଡନ ବୋସ୍କୋ ଟେକ ତାହାର ୨୦ ବର୍ଷର ସ୍କିଲ ଶିକ୍ଷା ଓ ଯୁବ ସଶକ୍ତିକରଣ ଯାତ୍ରା ପାଳନ ଅବସରରେ ଡ଼ିବି ଟେକ ଠାକୁରମୁଣ୍ଡା ଓ ସମ୍ବଲପୁର କେନ୍ଦ୍ରରେ ପୋଷ୍ଟର ମେକିଂ ଏବଂ ରିଲସ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା।ଏହି କାର୍ଯ୍ୟକ୍ରମରେ ଗ୍ରାଫିକ ଡିଜାଇନ, ଆଇଟି କଷ୍ଟମର କେୟାର, ଗେଷ୍ଟ ସର୍ଭିସ ଆସୋସିଏଟ, ହାଉସ କିପିଂ ଆସିଷ୍ଟାଣ୍ଟ ଓ ଇଲେକ୍ଟ୍ରିସିଆନ (ଡୋମେଷ୍ଟିକ ସୋଲୁସନ୍ସ) ପରି ବିଭିନ୍ନ ବ୍ୟବସାୟିକ ଭୂମିକାରେ ପ୍ରଶିକ୍ଷଣ ନେଉଥିବା ଯୁବକ ଯୁବତୀମାନେ ଅଂଶଗ୍ରହଣ କରିଥିଲେ।ପ୍ରତିଯୋଗିତାରେ ତିଆରି କରାଯାଇଥିବା ରିଲ ଓ ପୋଷ୍ଟର ମାଧ୍ୟମରେ ସେମାନେ ଡ଼ିବି ଟେକ ରେ ଶିକ୍ଷା ପାଇବା ପୂର୍ବରୁ ଓ ପରେ ତାଙ୍କ ଜୀବନର ପରିବର୍ତ୍ତନ ଅନୁଭୂତି ସେୟାର କରିଥିଲେ।ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଥିଲା।ସ୍କିଲ ଟ୍ରେନିଂ ଦ୍ୱାରା ଯୁବକ ମାନେ କିପରି ଆତ୍ମବିଶ୍ୱାସ, ନିଯୁକ୍ତି ସୁଯୋଗ ଓ କାମର ଗରିମା ପାଉଛନ୍ତିସେଥିରେ ଆଲୋକପାତ କରିବା।ଡ଼ିବି ଟେକ ୨୦ ଅବସରରେ ଆୟୋଜିତ ଏହି କାର୍ଯ୍ୟକ୍ରମ ଯୁବ ସଶକ୍ତିକରଣ ଓ ଜୀବିକା ସୃଷ୍ଟି ପ୍ରତି ଉଇ ଦୁଇ ଦଶକର ପ୍ରତିବଦ୍ଧତାକୁ ପୁନରୁଚ୍ଚାରଣ କରିଥିଲା।

## ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ଆଗୁଆ ପେନସନ ପ୍ରଦାନ

ବାସୁଦେବପୁର,(ସବ୍ୟୁ):ବାସୁଦେବପୁର ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପରିସର ମଧ୍ୟରେ ଚାରି ଜଣ ଅବସର ଶିକ୍ଷକ ଶିକ୍ଷୟତ୍ରଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ସହିତ ଆଗୁଆ ପେନସନ ଓ ଜଣଙ୍କୁ ଫେମିଲ ପେନସନ ପ୍ରଦାନ କରାଯାଇଛି। ଆୟୋଜିତ ବିଦାୟ କାଳୀନ ସମ୍ବର୍ଦ୍ଧନା ସଭାରେ ଭାରପ୍ରାପ୍ତ ବ୍ଲକ ଶିକ୍ଷାଧିକାରୀ ଜଗବନ୍ଧୁ ସାହୁ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ବାସୁଦେବପୁର ବିଧାୟକ ଅଶୋକ କୁମାର ଦାସ,ଶିକ୍ଷକ ନେତା ନକୁଳ ଚରଣ ବାରିକ,ଦିଲ୍ଲୀପ କୁମାର ମିଶ୍ର ଉଦବୋଧନ ଦେଇଥିଲେ। ଇଶ୍ୱରପୁର ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟତ୍ରୀ ଅନୁପମା ପଲାଇ,ଅଯୋଧ୍ୟା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷୟତ୍ରୀ ସବିତା କର,ଦାସସାହି ବୀଣାପଦା ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଶ୍ରୀକାନ୍ତ କୁମାର ପଣ୍ଡା ଓ ଫେମିଲ ପେନସନ ମାଣିକ ପ୍ରଧାନଙ୍କୁ ପ୍ରଦାନ କରାଯାଇଛି। ଏହି ସଭାରେ ଏବିଇଓ ଅମୀୟ କୁମାର ମହାଳିକ ଓ ନିତ୍ୟାନନ୍ଦ ପାତ୍ର ଯୋଗ ଦେଇଥିଲେ। ବିଆରସିସି ତଥା ଏବିଇଓ ଉର୍ମିଳା କର ଧନ୍ୟବାଦ ଅର୍ପଣ କରିଥିଲେ। ବାସୁଦେବପୁର ପ୍ରାଥମିକ ଶିକ୍ଷକ ସଂଘର ସଭାପତି ରମ୍ଭାମଣୀ ପଣ୍ଡା,ସମ୍ପାଦକ ଶାନ୍ତନୁ କୁମାର ପଲିତା ପରିଚାଳନା କରିଥିଲେ।

# ଜିଲ୍ଲାସ୍ତରୀୟ ଜୁନିୟର ରେଡ୍‌କ୍ରସ ଶିବିର ଉଦ୍‌ଯାପିତ

ଭଦ୍ରକ,(ସବ୍ୟୁ):ଭଦ୍ରକ ଚରମ୍ପାସ୍ଥିତ ଆରସିବିଏଲ୍ ସରକାରୀ ଉଚ୍ଚ ବିଦ୍ୟାଳୟରେ ୩ଦିନ ବ୍ୟାପି ଚାଲିଥିବା ଭଦ୍ରକ ଜିଲ୍ଲାସ୍ତରୀୟ ଜୁନିୟର ରେଡକ୍ରସ ଶିବିର ଉଦଯାପିତ ହୋଇ ଯାଇଅଛି। ଏହି ଶିବିରରେ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା,ସଡ଼କ ସୁରକ୍ଷା ପ୍ରାଥମିକ ଚିକିତ୍ସା,ଜଳବାୟୁ ପରିବର୍ତ୍ତନ,ଅଗ୍ନି ନିରାପତ୍ତା,ରକ୍ତଦାନ,ଏଡ଼ସ ସଚେତନତା ଇତ୍ୟାଦି ସମ୍ବନ୍ଧରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ଜିଲ୍ଲା ଅତିରିକ୍ତ ପରିବହନ ଅଧିକାରୀ ସଡ଼କ ସୁରକ୍ଷା ସମ୍ବନ୍ଧରେ ଓ ଅଗ୍ନି ନିରାପତ୍ତା ସେବା ଅଧିକାରୀ ଗଣ ଅଗ୍ନି ନିରାପତ୍ତା ସମ୍ବନ୍ଧରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଏଥିରେ ଦୁଇଶତ ଏଗାରଟି ବିଦ୍ୟାଳୟରୁ ସାତଶହ ତିନିଜଣ ଶିବିରାର୍ଥି ଯୋଗଦାନ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ ପ୍ରଥମ ହୋଇଥିବା ଛାତ୍ରଛାତ୍ରୀ ରାଜ୍ୟ ସ୍ତରୀୟ ଶିବିରରେ ଫେବୃୟାରୀ ୯ ତାରିଖରେ ୟୁନିଟ ୧ ବିଦ୍ୟାଳୟରେ ଯୋଗଦାନ କରିବେ। ବିଭିନ୍ନ ପ୍ରତିଯୋଗିତାରେ ନୃସିଂହ ଚରଣ ସାହୁ,ବସନ୍ତ କୁମାର ଲେଙ୍କା,ଖଗେଶ୍ୱର ଜେନା,ମଦନ ମୋହନ ପାଣିଗ୍ରାହୀ,ଦିପ୍ତିମୟୀ ସାହୁ,ଜିତେନ୍ଦ୍ର ମିଶ୍ର ବିଚାରକ ଭାବରେ ଯୋଗଦାନ କରିଥିଲେ। ଏହି ଶିବିରକୁ ଭଦ୍ରକ ଜିଲ୍ଲାପାଳ ଦିଲୀପ ରାଉତରାୟ ପରିଦର୍ଶନ କରି ଛାତ୍ରଛାତ୍ରୀ ମାନଙ୍କୁ ସ୍ୱାସ୍ଥ୍ୟ ସେବା ଓ ବନ୍ଧୁତା ସମ୍ପର୍କରେ ଆଲୋକପାତ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଭଦ୍ରକଜିଲ୍ଲା ଶିକ୍ଷାଧିକାର ଡଃ.ଜଗବନ୍ଧୁ ସାହୁ ଓ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାର ଡଃ.ପ୍ରଫୁଲ କୁମାର ସାହୁ ପ୍ରତିଯୋଗିତାରେ ସଫଳତା ହାସଲ କରିଥିବା ଶିବିରାର୍ଥିଙ୍କୁ ପୁରସ୍କାର ବିତରଣ କରିଥିଲେ। ସଭାରେ ଜିଲ୍ଲା ଜୁନିୟର ରେଡକ୍ରସ ସମ୍ପାଦକ ରାଜେନ୍ଦ୍ର ପ୍ରସାଦ ନାୟକ ବିବରଣୀ ପ୍ରଦାନ,ଜିଲ୍ଲା ଜୁନିୟର ରେଡକ୍ରସ ଅଧିକାରୀ ନରେନ୍ଦ୍ର ପ୍ରସାଦ ସାହୁ,ସ୍ୱାଗତ ଭାଷଣ ଓ ସଂଗଠନ ସଂପାଦକ ଉମେଶ ଚନ୍ଦ୍ର ମାଝି ଧନ୍ୟବାଦ ଅର୍ପଣ କରିଥିଲେ।

# ବ୍ୟାସବିହାରରେ ଓଡ଼ିଶା ଦର୍ଶନ ଦଳକୁ ସ୍ୱାଗତ



ବାଲେଶ୍ୱର,(ସବ୍ୟୁ) :ଓଡ଼ିଶା ଜାତୀୟ ସେବା ଯୋଜନା ଶାଖା ତରଫରୁ ଓଡ଼ିଶା ଦର୍ଶନ କାର୍ଯ୍ୟକ୍ରମର ଚତୁର୍ଥ ଦଳର କାର୍ଯ୍ୟକ୍ରମ ଅଧିକାରୀ ଓ ସ୍ୱେଚ୍ଛାସେବୀ ମାନଙ୍କୁ ଫକୀରମୋହନ ବିଶ୍ୱବିଦ୍ୟାଳୟର ଜାତୀୟ ସେବା ଯୋଜନା ବ୍ୟୁରୋ ତରଫରୁ ଆୟୋଜିତ ସ୍ୱାଗତୋତ୍ସବରେ ସ୍ୱାଗତ ଓ ସମ୍ବର୍ଦ୍ଧିତ କରାଯାଇଛି । ଏହି କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓଡ଼ିଶା ଦର୍ଶନ ଓ ଯୁବ ଭାବ ବିନିମୟ କାର୍ଯ୍ୟକ୍ରମ ସ୍ୱେଚ୍ଛାସେବୀମାନଙ୍କୁ ବିଭିନ୍ନ ଅଞ୍ଚଳର କଳା, ସଂସ୍କୃତି ଓ ପରମ୍ପରା ସମ୍ପର୍କରେ ଅବଗତ କରାଇବାର ଏକ ମୁଖ୍ୟ ମାଧ୍ୟମ ବୋଲି ବକ୍ତବ୍ୟ ପ୍ରଦାନ କରିଥିଲେ । ବିଶ୍ୱବିଦ୍ୟାଳୟର ସଭା କକ୍ଷରେ ପାରମ୍ପରିକ ରୀତିରେ କାର୍ଯ୍ୟକ୍ରମ ଅଧିକାରୀ ଓ ସ୍ୱେଚ୍ଛାସେବୀମାନଙ୍କୁ ସ୍ୱାଗତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ କୁଳପତି ଦଳ ମୁଖ୍ୟ ଦୁର୍ଗା ମାଧବ ଦାଶ, ଗୋଲକ ବିହାରୀ ସ୍ୱାଇଁ, ଅନୀଲ କୁମାର ପାତ୍ର, ଶ୍ରାବଣୀ ସାହୁ, କାସ୍ମିରା ମୁର୍ମୁ ଓ ଅନିଶା ପ୍ରମୁଖଙ୍କୁ ଉତ୍ତରୀୟ ସହ ପୁଷ୍ପଗୁଚ୍ଛ ପ୍ରଦାନ କରି ଅଭିନନ୍ଦନ ଜଣାଇବା ସହିତ ସ୍ୱେଚ୍ଛାସେବୀ ମାନଙ୍କୁ ସ୍ୱାଗତ ଜଣାଇ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ସମ୍ମାନିତ ଅତିଥି ଭାବେ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା, ମହାବିଦ୍ୟାଳୟ ଉନ୍ନୟନ ପରିଷଦର ନିର୍ଦ୍ଦେଶକ ପ୍ରଫେସର ସନ୍ତୋଷ କୁମାର ଅଗ୍ରୱାଲ, ମହାବିଦ୍ୟାଳୟ ଉନ୍ନୟନ ପରିଷଦ ଅଧିକାରୀ ପ୍ରଫେସର ପବିତ୍ର ମୋହନ ନାୟକ ଓ ଜାତୀୟ ସେବା ଯୋଜନା ବ୍ୟୁରୋର କାର୍ଯ୍ୟକ୍ରମ ସଂଯୋଜକ ପ୍ରଫେସର ଅମୂଲ୍ୟ କୁମାର ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇ ଓଡ଼ିଶା ଦର୍ଶନ କାର୍ଯ୍ୟକ୍ରମର ସଦସ୍ୟ ମାନଙ୍କୁ ଉତ୍ସାହିତ କରିଥିଲେ । ଏନଏସଏସ ପ୍ରୋଗ୍ରାମ ଅଫିସର ଡ଼କ୍ଟର ପ୍ରତିମା ପ୍ରଧାନ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ । ପ୍ରାକ୍ତନ ଜିଲ୍ଲା ଅଧିକାରୀ ଗୌରାଙ୍ଗ ପଣ୍ଡା, କାର୍ଯ୍ୟକ୍ରମ ଅଧିକାରୀ ଶ୍ରୀହରିଶଙ୍କର ପାଣିଗ୍ରାହୀ, ମୌସୁମୀ ଭୋଳ ଓ ଅଫିସ ସହାୟକ ତାପସ କୁମାର ପାତ୍ର ପ୍ରମୁଖ କ୍ଷେତ୍ରୀୟ ଭ୍ରମଣ କାର୍ଯ୍ୟ ପରିଚାଳନା କରିଥିଲେ ।ଶେଷରେ କାର୍ଯ୍ୟକ୍ରମ ଅଧିକାରୀ ଡ଼. ଅଭୟ କୁମାର ନାୟକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।ଏହି କାର୍ଯ୍ୟକ୍ରମ ଅନ୍ତର୍ଗତ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରୁ ୨୬ ଜଣ, ନୟାଗଡ଼ରୁ ୪ ଜଣ, ପୁରୀରୁ ୫ ଜଣ, ଗଜପତିରୁ ୫ ଜଣ ସ୍ୱେଚ୍ଛାସେବୀ ଓ ୬ ଜଣ କାର୍ଯ୍ୟକ୍ରମ ଅଧିକାରୀ ଯୋଗ ଦେଇଥିଲେ । ଓଡ଼ିଶା ଦର୍ଶନ କାର୍ଯ୍ୟକ୍ରମର ସଦସ୍ୟମାନେ ଫକୀରମୋହନ ବିଶ୍ୱବିଦ୍ୟାଳୟ ପରିସର, ରେମୁଣା କ୍ଷୀରଚୋରା ଗୋପୀନାଥ ମନ୍ଦିର, ଇମାମୀ ଜଗନ୍ନାଥ ମନ୍ଦିର, ଚାନ୍ଦିପୁର ବେଳାଭୂମି, ନୀଳଗିରିଜଗନ୍ନାଥ ମନ୍ଦିର, ରାଜପ୍ରାସାଦ ଓ ପଞ୍ଚଲିଙ୍ଗେଶ୍ୱର ପ୍ରଭୃତି ସ୍ଥାନ ପରିଭ୍ରମଣ କରି ମୟୂରଭଞ୍ଜ ଅଭିମୁଖେ ଯାତ୍ରା କରିଥିଲେ । ଏଥିସହ ଚାନ୍ଦିପୁର ବେଳାଭୂମିରେ ସ୍ୱଚ୍ଛ ସାଗର ସୁରକ୍ଷିତ ସାଗର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

# ଖଣ୍ଡଦେଉଳା ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ



ବେତନଟୀ ,(ସବ୍ୟୁ): ମୟୂରଭଞ୍ଜ ଜିଲ୍ଲା ବେତନଟୀ ଉପାନ୍ତ ଅଞ୍ଚଳ ରୂପେ ପରିଚିତ ବୈଶିଙ୍ଗା ଥାନା ଅଧିନ ଖଣ୍ଡଦେଉଳା ଗ୍ରାମର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ୬୧ତମ ବାର୍ଷିକ ଉତ୍ସବ ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ପୂର୍ଣ୍ଣଚନ୍ଦ୍ର ଓଝାଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇ ଯାଇଛି। ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ରୂପେ ବେତନଟୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ବିପ୍ଳବ କର,ତିନିଜଣ ପ୍ରାକ୍ତନ ପ୍ରଧାନ ଶିକ୍ଷକ ଅନାଦି ଚରଣ ସିଂହ,ଲମ୍ବୋଦର ପଣ୍ଡା, ସନାତନ ସିଂ, ସିଆରସିସି ଦେବାଶୀଷ ସାହୁ, ବିଦ୍ୟାଳୟର ଦୁଇ ଜଣ ପୂର୍ବତନ ସମ୍ପାଦକ ପିତାମ୍ବର ଶତପଥି ଓ ଲକ୍ଷ୍ମୀଧର ବିଷାଣୀ ଙ୍କ ସମେତ ୨ଜଣ ୱାଡମେମ୍ବର ରୂପମଣୀ ପରିଡା,କଟି ସିଂ ପ୍ରମୁଖ ମଞ୍ଚାସୀନ ଥିଲେ। ଉପସ୍ଥିତ ଛାତ୍ରଛାତ୍ରୀ, ଅଭିଭାବକ, ପରିଚାଳନା କମିଟିର ସଭ୍ୟ, ସଭ୍ୟାଙ୍କ ଉଦ୍ଦେଶ୍ୟରେ ମଂଚାସୀନ ଅତିଥିଗଣ ଶିକ୍ଷା ସମ୍ପର୍କରେ କିଛି ଉପଦେଶ ବକ୍ତବ୍ୟ ଛଳରେ ଦେଇଥିଲେ।ଏହି ଅବସରରେ ୨୦୨୫-୨୬ ଶିକ୍ଷାବର୍ଷ ପାଇଁ ବିଦ୍ୟାଳୟର ଶ୍ରେଷ୍ଠ ଶିକ୍ଷକ ବିରେନ୍ଦ୍ର ସିଂ, ଶ୍ରେଷ୍ଠ ଛାତ୍ର କାର୍ତ୍ତିକ ବେହେରା, ଶ୍ରେଷ୍ଠ ଛାତ୍ରୀ ଦିପ୍ତିମୟୀ ଦାସ, ଶ୍ରେଷ୍ଠ କ୍ରୀଡାବିତ୍ ଭରତ ସିଂ, ଶ୍ରେଷ୍ଠ ନୃତ୍ୟାଙ୍ଗନା ଉଷା ସିଂ, ଗତ ଶିକ୍ଷାବର୍ଷର ଶ୍ରେଷ୍ଠ କୃତୀ ଛାତ୍ର କ୍ଷୀତେଶ ପରିଡା ଇତ୍ୟାଦିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ତପନ କୁମାର ପତି ମଞ୍ଚ ପରିଚାଳନା ସହିତ ଧନ୍ୟବାଦ ଅର୍ପଣ କରିଥିଲେ।

**(ଶ୍ରୀମଭଗବଦ୍ ଗୀତା ୨/୨୬)**

**ସାଂଖ୍ୟଯୋଗଃ**

**ଶ୍ରୀଭଗବାନୁବାଚ**

**ଅଥ ଚୈନଂ ନିତ୍ୟଜାତଂ ନିତ୍ୟଂ ବା ମନ୍ୟସେ ମୃତମ୍**
**ତଥାପି ତ୍ୱଂ ମହାବାହୋ ! ନୈନଂ ଶୋଚିତୁମର୍ହସି ।। ୨୬ ।।**

(ଇଦାନୀଂ ଦେହେନ ସହ ଆତ୍ମନୋ ଜନ୍ମ, ତଦ୍ୱିନାଶେ ଚ ବିନାଶଂ ଅଙ୍ଗୀକୃତ୍ୟ ଅପି ଶୋକଃ ନ କାର୍ଯ୍ୟ ଇତି ଆତ ଆହ)–ଅଥଚ (ଯଦ୍ୟପି) ଏନଂ (ଆତ୍ମନଂ) ନିତ୍ୟଜାତଂ (ନିତ୍ୟଂ ସର୍ବଦା ତତ୍ତଦ୍ଦେହେ ଜାତେ ଜାତଂ) ବା (ଅଥବା) ନିତ୍ୟଂ ମୃତଂ (ସର୍ବଦା ତତ୍ତଦ୍ଦେହେ ମୃତେ ମୃତଂ) ମନ୍ୟସେ, ହେ ମହାବାହୋ ! ତଥାପି ତ୍ୱଂ ଏନଂ (ଆତ୍ମାନଂ) ଶୋଚିତୁଂ ନ ଅର୍ହସି ॥ ୨୬ ॥

# ରାଜନୀତିରେ ନୂଆ ଓ ପୁରୁଣାଙ୍କ ସ୍ଥାନ

ବିମାନ ଦୁର୍ଘଟଣାରେ ମହାରାଷ୍ଟ୍ରର ଉପମୁଖ୍ୟମନ୍ତ୍ରୀ ତଥା ବରିଷ୍ଠ ରାଜନେତା ଅଜିତ ପାୱାରଙ୍କ ଦେହାନ୍ତ ହେବାରୁ ମହାରାଷ୍ଟ୍ର ସରକାରରେ ତାଙ୍କର ସ୍ଥାନ ଅପୂରଣୀୟ ବୋଲି ମନେ ହୋଇଥିଲା । ମାତ୍ର ବହୁ ଭାବିଚିନ୍ତି ଓ ବିଚାରବିମର୍ଷ କରି କେନ୍ଦ୍ର ଓ ରାଜ୍ୟର ରାଜନେତାମାନେ ତାଙ୍କର ବିଧବା ପତ୍ନୀ ସୁନେତ୍ରା ପାୱାରଙ୍କୁ ସେହି ସ୍ଥାନ ପୂରଣ କରିବାର ସୁଯୋଗ ଏବେ ଦେଇଛନ୍ତି । ସେ ଏବେ ରାଜ୍ୟସଭାର ସାଂସଦ ଅଛନ୍ତି । ପତି ଅଜିତଙ୍କ ଦେହାନ୍ତ ଘଟଣା ତାଙ୍କୁ ଯେପରି ବାଧିଥିବ, ଅନ୍ୟମାନଙ୍କୁ ହୁଏତ ସେପରି ବାଧି ନଥିବ । ନିଜର ଦୁଃଖକୁ ଭୁଲିଯିବାକୁ ସେ ହୁଏତ ଚେଷ୍ଟା କରିବେ–ପତି ଅଜିତଙ୍କ ଅସମ୍ପୂର୍ଣ୍ଣ କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବା ଲାଗି । ଅଜିତଙ୍କର ଦୁଇ ପୁତ୍ର ଜୟ ଓ ପାର୍ଥଙ୍କୁ ହୁଏତ ଅଜିତଙ୍କ ସ୍ଥାନରେ ରଖାଯାଇ କାର୍ଯ୍ୟ କରିବାକୁ ସୁଯୋଗ ମିଳିଲା ନାହିଁ । ମାତ୍ର ବୟସ, ଅଭିଜ୍ଞତା ଓ ଅଜିତଙ୍କ ସହଧର୍ମିଣୀ ଭାବେ ତାଙ୍କ ପତ୍ନୀ ସୁନେତ୍ରା ହିଁ ତାଙ୍କ ସ୍ଥାନ ନେବା ହେଉଛି ଏକପ୍ରକାର ଉପଯୁକ୍ତ ବିଚାର ବୋଲି କୁହାଯାଇ ପାରିବ ।

ଓଡ଼ିଶାରେ ଏକଦା ବିଧାୟକ ପ୍ରଦୀପ ମହାରଥୀଙ୍କ ଦେହାନ୍ତ ପରେ ପିପିଲି ବିଧାନସଭା ଆସନ ପାଇଁ ଯେଉଁ ଉପ- ନିର୍ବାଚନ ହୋଇଥିଲା, ସେଥିରେ ପ୍ରାର୍ଥୀ ହେବାକୁ ଅନେକେ ତାଙ୍କର ପତ୍ନୀ ପ୍ରତିଭା ମହାରଥୀଙ୍କୁ ଚାହୁଁଥିଲେ ମଧ୍ୟ କାହିଁକି କେଜାଣି ବିଜେଡ଼ି ସଭାପତି ତଥା ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସେଠାରେ ମହାରଥୀଙ୍କ ପୁତ୍ରଙ୍କୁ ଉପନିର୍ବାଚନ ଲଢ଼ିବାକୁ ସୁଯୋଗ ଦେଇଥିଲେ । ସେ ଜୟଯୁକ୍ତ ହୋଇ ବିଧାୟକ ମଧ୍ୟ ହୋଇଥିଲେ । ମାତ୍ର ଗତ ନିର୍ବାଚନରେ ସେ ସେହି ଆସନରୁ ଜୟଯୁକ୍ତ ହୋଇ ପାରିଲେ ନାହିଁ ।

> **କେନ୍ଦ୍ର ମନ୍ତ୍ରିମଣ୍ଡଳରେ ପ୍ରଧାନମନ୍ତ୍ରୀ ମୋଦିଜୀ ଅଭିଜ୍ଞ, ବୟସ୍କ ଓ ନୂତନ ଯୁବକମାନଙ୍କୁ ଯେପରି ସୁଯୋଗ ଦେଇ ଏକ ନୂତନ ଭାରତ ଗଠନ କରିବାର ସଂକଳ୍ପ ନେଇଛନ୍ତି, ରାଜ୍ୟ ମନ୍ତ୍ରିମଣ୍ଡଳରେ ସେହି ଢାଞ୍ଚାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଭୟ ଅଭିଜ୍ଞ ଓ ନୂତନ ମନ୍ତ୍ରିମାନଙ୍କୁ ମନ୍ତ୍ରିମଣ୍ଡଳରେ ସ୍ଥାନିତ କରିଛନ୍ତି– ନୂତନ ଓଡ଼ିଶା ଗଠନର ଲକ୍ଷ୍ୟ ରଖିଛନ୍ତି ।**

ପ୍ରଦୀପଙ୍କ ପତ୍ନୀ ପ୍ରତିଭାଙ୍କୁ ଜଣେ ଅଧ୍ୟାପିକା, ଲେଖିକା ବା ବକ୍ତା ଭାବେ ଏ ପର୍ଯ୍ୟନ୍ତ ମଧ୍ୟ ସମସ୍ତେ ମନେ ରଖିଛନ୍ତି । ପରିବେଶ ଓ ପରିସ୍ଥିତି ଯୋଗୁଁ ରାଜନୀତିରେ ପରିବର୍ତ୍ତନ ହୋଇଥାଏ । ସୁନେତ୍ରାଙ୍କ କ୍ଷେତ୍ରରେ ତାହା ହିଁ ହୋଇଥିବ, ମହାରାଷ୍ଟ୍ରର ଭବିଷ୍ୟତ ପାଇଁ ।

ଏବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ବିଜେପିର ସଭାପତି ଓ ନେତାମାନେ ମିଳିମିଶି ବିହାରର ନୀତିନ ନବୀନଙ୍କୁ ବିଜେପିର ରାଷ୍ଟ୍ରୀୟ ସଭାପତି ହେବାର ସୁଯୋଗ ଦେଇଛନ୍ତି । ଦେଖିବାକୁ ଗଲେ ତାଙ୍କର ବୟସ ଏତେ ବେଶୀ ନୁହେଁ । ମାତ୍ର ୪୫ ବର୍ଷ । ଏହା ପୂର୍ବରୁ ପ୍ରାୟ ମାସକ ତଳେ ତାଙ୍କୁ ଦଳର କାର୍ଯ୍ୟକାରୀ ସଭାପତି ହେବାର ସୁଯୋଗ ମିଳିଥିଲା । ସେ ବିଜେପିର ଏବେ ୧୬ତମ ରାଷ୍ଟ୍ରୀୟ ସଭାପତି, ଯିଏ କି ସର୍ବ କନିଷ୍ଠ ସଭାପତି ଭାବେ ବିବେଚନା କରାଯାଇଛି । ପରିସ୍ଥିତି ବଦଳୁଛି । ବିଜେପି ପରି ଗୋଟିଏ ଶୃଙ୍ଖଳିତ ରାଷ୍ଟ୍ରୀୟ ରାଜନୀତିକ ଦଳର ନେତୃତ୍ୱ ନେଇ ସେ ଆସନ୍ତା ୨୦୪୭ରେ ଯେତେବେଳେ ଭାରତ ତା' ସ୍ୱାଧୀନତାର ଶତବାର୍ଷିକ ଉତ୍ସବ ପାଳନ କରିବ, ସେହି ମାର୍ଗରେ ଭାରତକୁ ନେଇପାରିବେ ବୋଲି ତାଙ୍କ ଉପରେ ଦଳ ତଥା ଦେଶବାସୀଙ୍କର ଭରସା ହୁଏତ ରହିଛି । ସେ ମଧ୍ୟ ମନ୍ତ୍ରୀ ଥିଲେ । ଜଣେ ଭଲ ସଂଗଠକ ଭାବେ ତାଙ୍କର ଖ୍ୟାତି ରହିଛି । ତେଣୁ ଏଠି ବିଜେପିର ରାଷ୍ଟ୍ରୀୟ ସଭାପତି ଭାବେ ତାଙ୍କୁ ବହୁ ଭାବିଚିନ୍ତି ନିର୍ବାଚିତ କରାଯାଇଛି ।

କେନ୍ଦ୍ର ମନ୍ତ୍ରିମଣ୍ଡଳରେ ପ୍ରଧାନମନ୍ତ୍ରୀ ମୋଦିଜୀ ଅଭିଜ୍ଞ, ବୟସ୍କ ଓ ନୂତନ ଯୁବକମାନଙ୍କୁ ଯେପରି ସୁଯୋଗ ଦେଇ ଏକ ନୂତନ ଭାରତ ଗଠନ କରିବାର ସଂକଳ୍ପ ନେଇଛନ୍ତି, ରାଜ୍ୟ ମନ୍ତ୍ରିମଣ୍ଡଳରେ ସେହି ଢାଞ୍ଚାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଭୟ ଅଭିଜ୍ଞ ଓ ନୂତନ ମନ୍ତ୍ରିମାନଙ୍କୁ ମନ୍ତ୍ରିମଣ୍ଡଳରେ ସ୍ଥାନିତ କରିଛନ୍ତି– ନୂତନ ଓଡ଼ିଶା ଗଠନର ଲକ୍ଷ୍ୟ ରଖିଛନ୍ତି ।

ରାଜ୍ୟରେ ବିରୋଧୀ ଦଳର ନେତା ଓ ଏକଦା ଚବିଶ ବର୍ଷର ମୁଖ୍ୟମନ୍ତ୍ରୀ ଥିବା ନବୀନ ପଟ୍ଟନାୟକଙ୍କ ଦଳ ବିଜେଡି ହେଉଛି ରାଜ୍ୟର ବଡ଼ ବିରୋଧୀ ଦଳ । ସେ ମଧ୍ୟ ଦଳରେ ଥିବା ଅଭିଜ୍ଞ ଓ ବୟସ୍କ ନେତା ଓ କର୍ମୀମାନଙ୍କ ସମେତ ନୂତନ ଓ ଅଳ୍ପ ବୟସ୍କ ବିଧାୟକ, ନେତା ବା କର୍ମୀମାନଙ୍କୁ ଭାବିଚିନ୍ତି ଗୁରୁତ୍ୱ ଦେଉନ ଥିବାରୁ ସମ୍ଭବତଃ ତାଙ୍କ ଦଳ ମଧ୍ୟରେ ପୂର୍ବପରି ଥିବା ଏକତା ଆଉ ହୁଏତ ରହି ପାରୁନାହିଁ । ତେଣୁ ଆସନ୍ତା ଏପ୍ରିଲରେ ରାଜ୍ୟସଭା ନିର୍ବାଚନ ଲାଗି ସେ ଉପଯୁକ୍ତ ପ୍ରାର୍ଥୀ ଜଣେ ବାଛିବା ଖୁବ୍ କଷ୍ଟକର ବୋଲି ମନେ ହେଉଛି । ଦେଖାଯାଉ, ଦଳ କିପରି ଜଣେ ପ୍ରାର୍ଥୀଙ୍କୁ ବାଛୁଛି ।

**ସଙ୍କଳ୍ପ**

ନିଜ ସୁଖ ପାଇଁ, ଜାତ ନୁହେଁ ହିନ୍ଦୁ,ବିଶ୍ୱହିତେ ହିନ୍ଦୁ,ପ୍ରତି ରକ୍ତବିନ୍ଦୁ ।

**ଗୋପବନ୍ଧୁ ଦାସ**

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ସାମ୍ରାଜ୍ୟବାଦୀ ଆକ୍ରମଣର ଘେରରେ ଭେନେଜୁଏଲା-୩



**ଲଲାଟେନ୍ଦୁ ସାମନ୍ତରାୟ**

ଭେନେଜୁଏଲାର ବାହାରେ, ଦକ୍ଷିଣ ଗୋଲାର୍ଦ୍ଧରେ, ଆଜିର ସାମ୍ରାଜ୍ୟବାଦ ଏହି ସମାନ ଢାଞ୍ଚା ଅନୁସରଣ କରେ । ମହାଜନୀ ଆର୍ଥିକ ପୁଞ୍ଜି ଜରିଆରେ, କୌଶଳଗତ ରଣନୈତିକ ସମ୍ବଳ ଉପରେ ନିୟନ୍ତ୍ରଣ ଏବଂ ଆନ୍ତର୍ଜାତିକ ଅନୁଷ୍ଠାନଗୁଡ଼ିକର ହେରଫେର ମାଧ୍ୟମରେ, ସାମ୍ରାଜ୍ୟବାଦୀ ଶକ୍ତିମାନେ କେବଳ ଗୋଟିଏ ଦେଶ ନୁହେଁ, ସମଗ୍ର ଅଞ୍ଚଳକୁ ନିଜ ଅଧୀନରେ ରଖିବାକୁ ଚେଷ୍ଟା କରନ୍ତି । ଯେତେ ସମୟ ପର୍ଯ୍ୟନ୍ତ ଗୋଟିଏ ଦେଶର ସରକାର ବିଶ୍ୱ ପୁଞ୍ଜିର ନିର୍ଦ୍ଦେଶକୁ ମାନି ଚଳନ୍ତି, ସେତେବେଳ ପର୍ଯ୍ୟନ୍ତ ବିଶ୍ୱ ପୁଞ୍ଜି ସେହି ଦେଶର ସାର୍ବଭୌମତ୍ୱକୁ ଗ୍ରହଣ କରିଥାଏ । ଯେତେବେଳେ କୌଣସି ଦେଶ ଏହାକୁ ପ୍ରତିରୋଧ କରେ, ସେତେବେଳେ ତା' ଉପରେ ନିଷେଧାଜ୍ଞା ଲଗାଯାଏ, ତା ବିରୋଧରେ ଆର୍ଥିକ ଆକ୍ରମଣ କରାଯାଏ, ସେହି ଦେଶ ମଧ୍ୟରେ ବିଦ୍ରୋହ, ଗୃହଯୁଦ୍ଧ ଲଗାଇ ଦିଆଯାଏ ଏବଂ ଆବଶ୍ୟକ ହେଲେ ସାମରିକ ହସ୍ତକ୍ଷେପ ଦ୍ୱାରା ସେହି ଦେଶର ସାମ୍ରାଜ୍ୟବାଦ ବିରୋଧୀ ପ୍ରତିରୋଧକୁ ଦମନ କରାଯାଏ ।

ଭେନେଜୁଏଲାର ଅଭିଜ୍ଞତା ଏହାର ବ୍ୟତିକ୍ରମ ନୁହେଁ । ଏହାର ଅର୍ଥନୀତି, ରାଜନୈତିକ ନେତୃତ୍ୱ ଏବଂ ସାମ୍ବିଧାନିକ ବ୍ୟବସ୍ଥା ଉପରେ ହୋଇଥିବା ଆକ୍ରମଣ ଏକ ବିଭ୍ରାଟ ନୁହେଁ ବରଂ ସ୍ୱାଧୀନ ରାଷ୍ଟ୍ରଗୁଡ଼ିକୁ ଅଧୀନସ୍ଥ କରିବା ଏବଂ ବିଶ୍ୱ ପୁଞ୍ଜିର ଅପ୍ରତିଦ୍ୱନ୍ଦ୍ୱୀ ଆଧିପତ୍ୟକୁ ସୁରକ୍ଷିତ କରିବା ପାଇଁ ସାମ୍ରାଜ୍ୟବାଦର ମୌଳିକ ପ୍ରବୃତ୍ତିର ଏକ ପୂର୍ବାନୁମାନଯୋଗ୍ୟ ପ୍ରକାଶନ, ଏହା ସାମ୍ରାଜ୍ୟବାଦର ସ୍ୱାଭାବିକ କାର୍ଯ୍ୟକଳାପକୁ ପ୍ରତିଫଳିତ କରୁଛି ।

ହ୍ୟୁଗୋ ଚାଭେଜଙ୍କ ମୃତ୍ୟୁ ପରେ ରାଷ୍ଟ୍ରପତି ନିକୋଲାସ୍ ମାଦୁରୋଙ୍କ ଶାସନକାଳରେ ଭେନେଜୁଏଲା ବିରୋଧରେ ସାମ୍ରାଜ୍ୟବାଦୀ ଆକ୍ରମଣ ତୀବ୍ର ହୋଇଥିଲା । ସାମ୍ରାଜ୍ୟବାଦୀ ଦୃଷ୍ଟିକୋଣରୁ ଦେଖିଲେ, ମାଦୁରୋଙ୍କ ମୁଖ୍ୟ ଅପରାଧ ଥିଲା ବଲିଭାରିଆନ୍ ପ୍ରକଳ୍ପକୁ ଭଙ୍ଗ କରିବାକୁ ଏବଂ ଜାତୀୟ ସାର୍ବଭୌମତ୍ୱକୁ ପରିତ୍ୟାଗ କରିବାକୁ ସେ ଅସ୍ୱୀକାର କରିଥିଲେ । ସେ ତୈଳ ଉପରେ ରାଷ୍ଟ୍ରର ନିୟନ୍ତ୍ରଣକୁ ସୁରକ୍ଷିତ କରିଥିଲେ, ମହାଜନୀ ଆର୍ଥିକ ପୁଞ୍ଜି ଦ୍ୱାରା ଥୋପା ଯାଇଥିବା ଘରୋଇକରଣକୁ ବିରୋଧ କରିଥିଲେ ଏବଂ ସାମ୍ରାଜ୍ୟବାଦୀ ଅନୁଷ୍ଠାନଗୁଡ଼ିକ ଦ୍ୱାରା ଲାଗୁ କରାଯାଇଥିବା ନବ୍ୟ-ଉଦାରବାଦୀ ନୀତିକୁ ପ୍ରତ୍ୟାଖ୍ୟାନ କରିଥିଲେ । ଅନ୍ୟ ଭାବରେ କହିଲେ, ଏହା ଏକ ନିର୍ଭରଶୀଳ ଦେଶ ଦ୍ୱାରା ସାମ୍ରାଜ୍ୟବାଦୀ ନିୟନ୍ତ୍ରଣକୁ ଦୁର୍ବଳ କରିବା ପାଇଁ ଏକ ପ୍ରୟାସ ଥିଲା । ଏହିପରି ପ୍ରୟାସକୁ ସାମ୍ରାଜ୍ୟବାଦୀ ପୁଞ୍ଜି କଦାପି ବରଦାସ୍ତ କରି ପାରିବ ନାହିଁ ।

ଅନ୍ତର୍ଜାତୀୟ ପର୍ଯ୍ୟବେକ୍ଷଣ ସତ୍ତ୍ୱେ ମାଦୁରୋଙ୍କ ନିର୍ବାଚନକୁ ଆମେରିକା ଓ ତାହାର ମିତ୍ରଦେଶମାନେ ତୁରନ୍ତ ଅବୈଧ ଘୋଷଣା କରିଥିଲେ । ଭେନେଜୁଏଲାର ଜନତାଙ୍କ ଗଣତାନ୍ତ୍ରିକ ନିଷ୍ପତ୍ତିକୁ କେବଳ ସର୍ତ୍ତସାପେକ୍ଷ ଭାବରେ ଗ୍ରହଣ କରାଗଲା– ଯେପର୍ଯ୍ୟନ୍ତ ସେହି ଗଣତନ୍ତ୍ର ବିଶ୍ୱ ଆର୍ଥିକ ପୁଞ୍ଜି ପ୍ରତି ଆଜ୍ଞାକାରୀ ସରକାର ସୃଷ୍ଟି କରୁଥିଲା, ସେପର୍ଯ୍ୟନ୍ତ ତାହାକୁ ପ୍ରଶଂସା କରାଯାଉଥିଲା । କିନ୍ତୁ ଯେତେବେଳେ ଭେନେଜୁଏଲାର ଲୋକେ ସ୍ୱାଧୀନ ପଥ ବାଛି, ସାର୍ବଭୌମତ୍ୱ ଓ ସାମାଜିକ ପୁନଃବଣ୍ଟନ ପାଇଁ ପ୍ରତିଶ୍ରୁତିବଦ୍ଧ ସରକାରକୁ ସମର୍ଥନ କଲେ, ସେହି ଗଣତନ୍ତ୍ରକୁ ଅସ୍ୱୀକାର କରାଗଲା । ଭେନେଜୁଏଲାର ଲୋକମାନେ କେବଳ ସେମାନଙ୍କ ରାଜନୈତିକ ପସନ୍ଦ ପାଇଁ ଦଣ୍ଡିତ ହେଉଛନ୍ତି । ସାର୍ବଭୌମ ଓ ସାମାଜିକ ନ୍ୟାୟ ପକ୍ଷରେ ବାରମ୍ବାର ଦିଆଯାଇଥିବା ଜନମତକୁ ସାମ୍ରାଜ୍ୟବାଦ ଅବୈଧ ବୋଲି ଚିହ୍ନଟ କରୁଛି । ବିଶ୍ୱ ଆର୍ଥିକ ପୁଞ୍ଜିର ସ୍ୱାର୍ଥ ସେବା କଲେ ଗଣତନ୍ତ୍ର 'ଗ୍ରହଣଯୋଗ୍ୟ', ତାହା ନ କଲେ ସେହି ଗଣତନ୍ତ୍ର 'ଅସ୍ୱୀକାରଯୋଗ୍ୟ' ଘୋଷିତ ହୁଏ ।

ଭେନେଜୁଏଲାର ଲୋକମାନେ ଭୋଗୁଥିବା ଅର୍ଥନୈତିକ କଷ୍ଟ କୌଣସି ଆକସ୍ମିକ ଘଟଣା ନୁହେଁ ଏହା ଜନସାଧାରଣଙ୍କ ପ୍ରତିରୋଧକୁ ଭାଙ୍ଗିବା ପାଇଁ ପରିକଳ୍ପିତ ଏକ ଅର୍ଥନୈତିକ ଯୁଦ୍ଧର ଫଳ । ଖାଦ୍ୟ, ଔଷଧ ଓ ଆର୍ଥିକ ପ୍ରବେଶକୁ ଅବରୋଧ କରୁଥିବା ପ୍ରତିବନ୍ଧକଗୁଡ଼ିକ ସାମୂହିକ ଶାସ୍ତି–ଯାହା ସାମ୍ରାଜ୍ୟବାଦୀ ଆଧିପତ୍ୟର ଏକ ପରିଚିତ ଓ ନିର୍ମମ ଉପକରଣ ।

ଏହିପରି ଅର୍ଥନୈତିକ ଯୁଦ୍ଧ ଆମେରିକୀୟ ସାମ୍ରାଜ୍ୟବାଦୀ ଆକ୍ରମଣର ମୁଖ୍ୟ ଅସ୍ତ୍ର ହୋଇଗଲା । ଏକତରଫା ପ୍ରତିବନ୍ଧକ, ଆର୍ଥିକ ଅବରୋଧ, ରାଷ୍ଟ୍ରୀୟ ସମ୍ପତ୍ତି ଜବତ ଏବଂ ତୈଳ ରପ୍ତାନି ଉପରେ ପ୍ରତିବନ୍ଧକ ବ୍ୟବସ୍ଥିତ ଭାବରେ ଲାଗୁ କରାଯାଇଥିଲା । ଏହି ପଦକ୍ଷେପଗୁଡ଼ିକ ଭେନେଜୁଏଲାରେ ଅଭାବ, ମୁଦ୍ରାସ୍ଫୀତି (ଦରଦାମ ବୃଦ୍ଧି) ଏବଂ ସାମାଜିକ ଦୁଃଖ ସୃଷ୍ଟି କରିଥିଲା । ଏହି ଯନ୍ତ୍ରଣା ଆକସ୍ମିକ ନଥିଲା, ବଲିଭାରିଆନ୍ ପ୍ରକ୍ରିୟା ପ୍ରତି ଜନସାଧାରଣଙ୍କ ସମର୍ଥନକୁ ଦୁର୍ବଳ କରିବା ଏବଂ ରାଜନୈତିକ ଆତ୍ମସମର୍ପଣକୁ ବାଧ କରିବା ପାଇଁ ଏହା ଜାଣିଶୁଣି ପ୍ରସ୍ତୁତ କରାଯାଇଥିଲା ।

ଏହିପରି ଏକ ଅର୍ଥନୈତିକ ଭାବେ ଶ୍ୱାସରୁଦ୍ଧକାରୀ ଅବସ୍ଥା ସୃଷ୍ଟି କରିବା ସହିତ, ସମାନ୍ତରାଳ ଭାବେ ଭେନେଜୁଏଲାକୁ ଏକ ବିଫଳ ରାଷ୍ଟ୍ର ଭାବରେ ଚିତ୍ରଣ କରୁଥିବା ଏକ ନିରନ୍ତର ବିଶ୍ୱ ଗଣମାଧ୍ୟମ ଅଭିଯାନ ମଧ୍ୟ ଚାଲିଛି । ଅର୍ଥନୈତିକ ପ୍ରତିବନ୍ଧକ ସହ ବିଭିନ୍ନ ପ୍ରତିବନ୍ଧକର ବିନାଶକାରୀ ପ୍ରଭାବକୁ ଘୋଡାଇ ଦେଇ ପ୍ରଶାସନିକ ସମସ୍ୟାକୁ ଅତିରଞ୍ଜିତ କରାଯାଇଛି ଏବଂ ଏହାକୁ ଭେନେଜୁଏଲାର ପ୍ରଶାସନିକ ବ୍ୟବସ୍ଥାଗତ ପତନର ପ୍ରମାଣ ଭାବରେ ଉପସ୍ଥାପିତ କରାଯାଉଛି ।

ଏହି ପରିପ୍ରେକ୍ଷୀରେ ମାନବିକ ଅଧିକାରର ଆଲୋଚନାକୁ ଶଠତାପୂର୍ଣ୍ଣ ଭାବରେ ବ୍ୟବହାର କରାଗଲା, ମାନବାଧିକାର ନାମରେ ଯାହା କୁହାଗଲା, ତାହା ନିଛକ ଦୋମୁହାଁ ନୀତିର ଉଦାହରଣ ବ୍ୟତୀତ ଆଉ କିଛି ନୁହେଁ । ସାମ୍ରାଜ୍ୟବାଦୀ ସ୍ୱାର୍ଥକୁ ସେବା କରୁଥିବା ଦମନକାରୀ ଶାସନ ସହିତ ସାମ୍ରାଜ୍ୟବାଦୀ ଶକ୍ତିମାନେ ଘନିଷ୍ଠ ସମ୍ପର୍କ ବଜାୟ ରଖିଛନ୍ତି । ସରଳ ଭାଷାରେ କହିବାକୁ ଗଲେ, ବୁର୍ଜୁଆ ନୈତିକତା ସର୍ବଦା ଶ୍ରେଣୀ ସ୍ୱାର୍ଥର ସେବା କରେ । ଭେନେଜୁଏଲା କ୍ଷେତ୍ରରେ, ଏହି ଛଦ୍ମବେଶୀ ମାନବିକ ଅଧିକାରର ଆଲୋଚନା ଅର୍ଥନୈତିକ ଏବଂ ରାଜନୈତିକ ଆକ୍ରମଣର ଏକ ଆବରଣ ଭାବରେ କାର୍ଯ୍ୟ କରୁଛି ।

ଅର୍ଥନୈତିକ ଏବଂ ଆଦର୍ଶଗତ ଯୁଦ୍ଧ ସହିତ, ଖୋଲାଖୋଲି ଭାବରେ ବାରମ୍ବାର ଶାସନ-ପରିବର୍ତ୍ତନ ପ୍ରୟାସ ଚାଲିଲା । ଆତ୍ମଘୋଷିତ, ଅନିର୍ବାଚିତ ମଧ୍ୟବର୍ତ୍ତୀକାଳୀନ ରାଷ୍ଟ୍ରପତିମାନଙ୍କୁ ସ୍ୱୀକୃତି ଦିଆଯାଇଥିଲା । ଦେଶଭିତରେ ବିଦ୍ରୋହ ଓ ଅସ୍ଥିରତା ସୃଷ୍ଟି କରିବାର ଉଦ୍ୟମଗୁଡ଼ିକୁ ଉତ୍ସାହିତ କରାଯାଇଥିଲା । କୂଟନୈତିକ ଚାପ ଏବଂ ସାମରିକ ଧମକ ନିତିଦିନିଆ ହୋଇଗଲା । ଏହି ସମସ୍ତ କାର୍ଯ୍ୟକଳାପ ଭେନେଜୁଏଲାର ସାର୍ବଭୌମତ୍ୱ ଏବଂ ଆନ୍ତର୍ଜାତୀୟ ଆଇନ ପ୍ରତି ଖୋଲାଖୋଲି ସାମ୍ରାଜ୍ୟବାଦୀ ଶକ୍ତିମାନଙ୍କର ଅବମାନନାକୁ ପ୍ରଦର୍ଶନ କରିଥିଲା । ତଥାପି, ଶାସନ ପତନ ଘଟାଇବାରେ ଆମେରିକା ଓ ତା'ର ମିତ୍ରଶକ୍ତିମାନଙ୍କ ବିଫଳତା ସେମାନଙ୍କୁ ଆତ୍ମପରୀକ୍ଷାକୁ ବାଧ କରିଲା ନାହିଁ ବରଂ ସାମ୍ରାଜ୍ୟବାଦୀ ଆକ୍ରମଣକୁ ଆଉ ତୀବ୍ର କରିବାରେ ପ୍ରେରିତ କଲା ।

ଏହି ସମସ୍ତ ପଦକ୍ଷେପ ଭେନେଜୁଏଲାର ବଲେଭେରିଆନ୍ ଶାସନ ବ୍ୟବସ୍ଥାକୁ ଭାଙ୍ଗି ପକାଇବାରେ ବିଫଳ ହେବାରୁ ସାମ୍ରାଜ୍ୟବାଦୀ ଶତ୍ରୁତା ଆଉ ଅଧିକ ବଢ଼ିଗଲା । ସାମ୍ରାଜ୍ୟବାଦୀ ଶକ୍ତି ତା'ର ପରବର୍ତ୍ତୀ ଆକ୍ରମଣ ପାଇଁ ଭେନେଜୁଏଲାର ଲୋକ ଓ ସରକାରଙ୍କର ଦୃଢ଼ ପ୍ରତିରୋଧକୁ ବାହାନା ହିସାବରେ ବ୍ୟବହାର କଲା ।

ସାମ୍ରାଜ୍ୟବାଦୀ ଆମେରିକାର ଭେନେଜୁଏଲା ଉପରେ ଆକ୍ରମଣର ଅନ୍ୟତମ କାରଣ ହେଲା, ଭେନେଜୁଏଲା ଚୀନ, ରୁଷ, ଇରାନ କ୍ୟୁବା ଏବଂ ଅନ୍ୟାନ୍ୟ ଦକ୍ଷିଣ ଗୋଲାର୍ଦ୍ଧର ଦେଶ ସହିତ ସମ୍ପର୍କ ସ୍ଥାପନ କରି ସେମାନଙ୍କ ସହ ବିକଳ୍ପ ଆର୍ଥିକ ବ୍ୟବସ୍ଥା ଗଢ଼ିଲା, ତେଲ ବ୍ୟବସାୟରେ ଡଲାର ବ୍ୟତୀତ ନିଜ ନିଜ ଦେଶର ମୁଦ୍ରା ବ୍ୟବହାର କରିବା ଆରମ୍ଭ କରି, ବିଶ୍ୱ ବଜାରରେ ଡଲାରର ଆଧିପତ୍ୟକୁ ଚ୍ୟାଲେଞ୍ଜ କରିବାରେ ସକ୍ରିୟ ଭୂମିକା ନେଇଥିଲା । ଭେନେଜୁଏଲାର ଏହିପରି ବୈଦେଶିକ ଓ ବାଣିଜ୍ୟିକ ସମ୍ପର୍କ ଶାନ୍ତି ପ୍ରତି କୌଣସି ବିପଦ ସୃଷ୍ଟି କରେ ନାହିଁ । ଅପରନ୍ତୁ, ଏହା ଡଲାରର ବିଶ୍ୱ ମୁଦ୍ରା ଭାବରେ ଆଧିପତ୍ୟକୁ ଦୁର୍ବଳ କରିବାର ସମ୍ଭାବନା ସୃଷ୍ଟି କରେ, ଲାଟିନ୍ ଆମେରିକା ଉପରେ ଆମେରିକାର ଏକଚାଟିଆ ଆଧିପତ୍ୟକୁ ଚ୍ୟାଲେଞ୍ଜ କରେ, ସାମ୍ରାଜ୍ୟବାଦୀ ନିୟନ୍ତ୍ରଣକୁ ଧମକ ଦେଇଥାଏ । ଏହି କାରଣରୁ, ଆମେରିକା ପାଇଁ ଭେନେଜୁଏଲା କେବଳ ରାଜନୈତିକ ନୁହେଁ, ଆର୍ଥିକ ବିପଦ ଭାବରେ ମଧ୍ୟ ଦେଖାଦେଲା । ଅତଏବ, ଡଲାର ଆଧିପତ୍ୟ ରକ୍ଷା କରିବା ପାଇଁ ଆମେରିକାର ଭେନେଜୁଏଲା ବିରୁଦ୍ଧରେ ଏହି ଆକ୍ରମଣ । ଏହା ଏକ ବାସ୍ତବ ସତ୍ୟ ଯେ ସାମ୍ରାଜ୍ୟବାଦ ଏହାର ଦାବିକୃତ ପ୍ରଭାବ କ୍ଷେତ୍ର ମଧ୍ୟରେ କୌଣସି ଦେଶର ସ୍ୱାଧୀନ ବିକାଶକୁ ଗ୍ରହଣ କରିପାରିବ ନାହିଁ ।

ଯେତେବେଳେ ପ୍ରତିବନ୍ଧକ ଏବଂ ଗୁପ୍ତ କାର୍ଯ୍ୟକଳାପ ବିଫଳ ହେଲା, ସାମ୍ରାଜ୍ୟବାଦୀ ଲକ୍ଷ୍ୟ ପୂରଣ କରିପାରିଲା ନାହିଁ, ସାମ୍ରାଜ୍ୟବାଦର ଅତ୍ୟାଚାର ଆହୁରି ବୃଦ୍ଧି ପାଇଲା । ଭେନେଜୁଏଲା ଓ କାରିବିଆନ୍ ଅଞ୍ଚଳରେ ନୌସେନା ମୁତୟନ, ଗୁପ୍ତ କାର୍ଯ୍ୟାନୁଷ୍ଠାନ ଏବଂ ରାଷ୍ଟ୍ରୀୟ ନେତୃତ୍ୱକୁ ଗିରଫ କିମ୍ବା ହଟାଇବାର ଉଦ୍ୟମ ଇରାକ ଏବଂ ଲିବିୟାରେ ଦେଖାଯାଇଥିବା ପରିଚିତ ଧାରାକୁ ଅନୁସରଣ କଲା । **ରାଷ୍ଟ୍ରପତି ମାଦୁରୋଙ୍କ ଉପରେ ଆକ୍ରମଣ ଏବଂ ତାଙ୍କର ସସ୍ତ୍ରିକ ଅପହରଣ ହେଉଛି ଏହି ଅରାଜକତାର ସର୍ବଶେଷ ଏବଂ ନଗ୍ନ ଅଭିବ୍ୟକ୍ତି । ଆତ୍ମସମର୍ପଣ କରିବାକୁ ମନା କରୁଥିବା ଦେଶର ରାଜନୈତିକ ନେତୃତ୍ୱକୁ ଧ୍ୱଂସ କରିବାର ଏହା ଏକ କୁତ୍ସିତ ପ୍ରୟାସ । ଏହି କାର୍ଯ୍ୟଗୁଡ଼ିକ ପୁଞ୍ଜିବାଦର ସବୁଠାରୁ ଆକ୍ରମଣାତ୍ମକ ପର୍ଯ୍ୟାୟ ଭାବରେ ସାମ୍ରାଜ୍ୟବାଦର ପ୍ରକୃତ ପ୍ରକୃତିକୁ ପ୍ରତିଫଳିତ କରେ ।**

**ଏହା ସହିତ ଏକ ଅତ୍ୟନ୍ତ ଆପତ୍ତିଜନକ ଆକ୍ରମଣ ହେଉଛି ରାଷ୍ଟ୍ରପତି ନିକୋଲାସ୍ ମାଦୁରୋଙ୍କ ବିରୋଧରେ ଆମେରିକା ଆରମ୍ଭ କରିଥିବା ମାଦକ ଦ୍ରବ୍ୟ ଚୋରାକାରବାର, ମାନବ ଚାଲାଣ ଓ 'ନାର୍କୋ-ଆତଙ୍କବାଦ' ଭଳି ମନଗଢ଼ା ଅଭିଯୋଗ, ଏବଂ ଏହି ମିଥ୍ୟା ଅଭିଯୋଗକୁ ବାହାନା କରି ଆମେରିକାର ମ୍ୟାନହାଟାନ୍ ଫେଡେରାଲ କୋର୍ଟରେ ମାଦୁରୋଙ୍କୁ ବିଚାର କରିବାର ଏକ ଖୋଲା ପ୍ରହସନ । ଏହାର ଉତ୍ତରରେ ମାଦୁରୋ କୋର୍ଟରେ ସ୍ପଷ୍ଟ ଭାଷାରେ କହିଥିଲେ–ଏହି ଅଭିଯୋଗଗୁଡ଼ିକ ହାସ୍ୟକର ।**

ଏହି ଅଭିଯୋଗର ଉଦ୍ଦେଶ୍ୟ ନ୍ୟାୟ ସ୍ଥାପନ ନୁହେଁ, ବରଂ ଏକ ସ୍ୱାଧୀନ ଦେଶର ସାର୍ବଭୌମତ୍ୱକୁ ଅପରାଧ ଭାବେ ଚିତ୍ରିତ କରି ସାମ୍ରାଜ୍ୟବାଦୀ ହସ୍ତକ୍ଷେପକୁ ଯୁକ୍ତିସଙ୍ଗତ କରିବା । ଆମେରିକାର ଏହି ଖେଳ ନୂଆ ନୁହେଁ । ୧୯୮୯ ମସିହାରେ ପାନାମାର ରାଷ୍ଟ୍ରପତି ମାନୁଏଲ୍ ନୋରିଏଗାଙ୍କୁ ମାଦକ ଚୋରାଚାଲାଣ ଅଭିଯୋଗରେ ସାମରିକ ଆକ୍ରମଣ ମାଧ୍ୟମରେ ଧରି ନେଇ ଦୀର୍ଘକାଳୀନ କାରାଦଣ୍ଡ ଦିଆଯାଇଥିଲା । ୨୦୦୩ରେ ଇରାକର ରାଷ୍ଟ୍ରମୁଖ୍ୟ ସଦ୍ଦାମ୍ ହୁସେନ୍‌ଙ୍କୁ ବିନାଶକାରୀ ଅସ୍ତ୍ର (WMD) ତିଆରି କରୁଛନ୍ତି ବୋଲି ମିଥ୍ୟା ଦାବି ଆଧାରରେ ସତ୍ତାଚ୍ୟୁତ କରି ଫାସୀ ଦିଆଯାଇଥିଲା । ୨୦୧୧ରେ ଲିବିଆର ମୁଆମ୍ମର୍ ଗଦାଫିଙ୍କୁ 'ମାନବିକ ହସ୍ତକ୍ଷେପ' ନାମରେ ଆମେରିକା ଓ ନାଟୋର ମିଳିତ ଶକ୍ତିର ଆକ୍ରମଣରେ ହତ୍ୟା କରାଯାଇଥିଲା ଏବଂ ଲିବିଆର ଅର୍ଥନୀତିକୁ ଧ୍ୱଂସ କରାଯାଇଥିଲା ।

ଏହି ସମସ୍ତ ମାମଲାରେ ଆମେରିକା ନିଜ ସାମ୍ରାଜ୍ୟବାଦୀ ପ୍ରଭୁତ୍ୱ ସ୍ଥାପନ ଓ ସ୍ୱାଧୀନ, ଆତ୍ମନିର୍ଭର ଦେଶମାନଙ୍କ ସାର୍ବଭୌମତ୍ୱକୁ ଧ୍ୱଂସ କରିବା ପାଇଁ ମନଗଢ଼ା ଓ ଅତିରଞ୍ଜିତ ଅଭିଯୋଗକୁ ଅସ୍ତ୍ର ଭାବେ ବ୍ୟବହାର କରିଛି । ଆଜି ଭେନେଜୁଏଲା ଓ ତା'ର ରାଷ୍ଟ୍ରପତି ନିକୋଲାସ୍ ମାଦୁରୋଙ୍କ କ୍ଷେତ୍ରରେ ଏହି ସେଇ ପୁରୁଣା ଖେଳର ପୁନରାବୃତ୍ତି ଘଟିଛି ।

ଏହା ସହିତ ସାମ୍ରାଜ୍ୟବାଦୀ ଆମେରିକା ଭେନେଜୁଏଲାରେ ଯେଉଁ ସମସ୍ତ କାର୍ଯ୍ୟ କରୁଛି ତାହା ଗଣତନ୍ତ୍ରର ପୁନରୁଦ୍ଧାର ପାଇଁ ଉଦ୍ଦିଷ୍ଟ ବୋଲି ଦାବି କରୁଛି, ଏହା ସମାନ ଭାବରେ ବିପଦଜନକ । ଗଣତନ୍ତ୍ରର ପୁନରୁଦ୍ଧାର ଏକ ନିଛକ ବାହାନା, ଏହି ବାହାନାରେ, ଏକ ସ୍ୱାଧୀନ ଦେଶର ସାର୍ବଭୌମତ୍ୱ ଉଲ୍ଲଂଘନ କରାଯାଏ, ଏହାର ନିର୍ବାଚିତ ନେତୃତ୍ୱକୁ ଅପରାଧୀ କରାଯାଏ ଏବଂ ଏହାର ଲୋକଙ୍କୁ ସାମୂହିକ ଦଣ୍ଡ ଦିଆଯାଏ ଏବଂ କାର୍ଯ୍ୟତଃ ଗଣତନ୍ତ୍ର ଏକ ସ୍ଲୋଗାନରେ ସୀମିତ ହୋଇ ରହିଯାଏ । ଯେତେବେଳେ ଏହାର ଫଳାଫଳ ସାମ୍ରାଜ୍ୟବାଦୀ ସ୍ୱାର୍ଥକୁ ସେବା କରେ, ସେତେବେଳେ ହିଁ ଗଣତନ୍ତ୍ରକୁ ସ୍ୱୀକାର କରାଯାଏ ।

ଏତେ ସମସ୍ତ ଚାପ ସତ୍ତ୍ୱେ ଭେନେଜୁଏଲା ଭୁଶୁଡ଼ି ପଡ଼ିନାହିଁ । ସେଠାକାର ଲୋକମାନଙ୍କର ଦୃଢ଼ ମନୋବଳ ସାମ୍ରାଜ୍ୟବାଦୀ ଅହଂକାରକୁ ଏକ ଶକ୍ତ ଉତ୍ତର ଦେଉଛି । ସାମୂହିକ ସଂଗଠନ, ବୃହତ ଜନ ଆନ୍ଦୋଳନ ଏବଂ ବଲିଭାରିଆନ୍ ପ୍ରକ୍ରିୟା ଦ୍ୱାରା ଗଢି ଉଠିଥିବା ରାଜନୈତିକ ଚେତନା ମାଧ୍ୟମରେ ଲୋକମାନେ ସେମାନଙ୍କର ବିପ୍ଳବକୁ ରକ୍ଷା କରିବା ଜାରି ରଖିଛନ୍ତି, ଭେନେଜୁଏଲାର ଜାତୀୟ ଆସେମ୍ବ୍ଲି ମାଦୁରୋଙ୍କ ସପକ୍ଷରେ ରହିଛି ଏବଂ ଆମେରିକା ଦ୍ୱାରା ତାଙ୍କର ଅପହରଣକୁ ବିଶ୍ୱାସଘାତକତା, କାପୁରୁଷୋଚିତ, ବର୍ବର ଆକ୍ରମଣ ବୋଲି ଅଭିହିତ କରିଛି । ବିଭିନ୍ନ ଦେଶର ବିପୁଳ ଜନ-ସମର୍ଥନ ସହିତ ରୁଷ, ଚୀନ, ଉତ୍ତର କୋରିଆ ସମେତ ବିଶ୍ୱର ବହୁ ଦେଶ ଭେନେଜୁଏଲା ସପକ୍ଷରେ ଠିଆ ହୋଇଛନ୍ତି । ତେବେ ୧୫୦ କୋଟି ଜନସଂଖ୍ୟାର ଆମ ଦେଶ ଭାରତର ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଦ୍ୱାରା ଜାରି କରାଯାଇଥିବା ବିବୃତ୍ତିରେ କେବଳ ଭେନେଜୁଏଲାର ଘଟଣାକ୍ରମକୁ ନେଇ ଗଭୀର ଉଦ୍‌ବେଗ ପ୍ରକାଶ କରାଯାଇଛି ଏବଂ 'ଏହି ଅଞ୍ଚଳରେ ଶାନ୍ତି ଏବଂ ସ୍ଥିରତା ସୁନିଶ୍ଚିତ କରିବା ପାଇଁ ଆଲୋଚନା' ଲାଗି ଆହ୍ୱାନ କରାଯାଇଛି । କିନ୍ତୁ, ବ୍ରାଜିଲ୍ ଏବଂ ଦକ୍ଷିଣ ଆଫ୍ରିକା ପରି ବ୍ରିକ୍ସ ସଂଗଠନରେ ଥିବା ଭାରତର ସହଯୋଗୀ ଦେଶମାନେ ଆମେରିକାର ଆକ୍ରମଣକୁ ସ୍ପଷ୍ଟ ଏବଂ ଦୃଢ଼ ଭାବରେ ନିନ୍ଦା କରିଛନ୍ତି । ରାଷ୍ଟ୍ରପତି ମାଦୁରୋ ଏବଂ ତାଙ୍କ ପତ୍ନୀଙ୍କ ମୁକ୍ତି ଦାବି କରିଛନ୍ତି, ଯାହା ଭାରତ କରି ପାରି ନାହିଁ । ପୃଥିବୀର ଦେଶମାନଙ୍କର ସ୍ୱାଧୀନତା ଏବଂ ସାର୍ବଭୌମତ୍ୱର ସୁରକ୍ଷା କରିବା ସମ୍ପର୍କରେ ଭାରତର ଦୀର୍ଘକାଳ ଧରି ବଜାୟ ରଖିଥିବା ଏବଂ ଭେନେଜୁଏଲା ସହିତ ସମ୍ପର୍କ ଆଉ ଆଗପରି ନାହିଁ ।

ଭେନେଜୁଏଲା ସପକ୍ଷରେ ହେଉଥିବା ସଂଗ୍ରାମ କେବଳ ଏକ ଦେଶ କିମ୍ବା ଏକ ସରକାରକୁ ରକ୍ଷା କରିବାର ଲଢ଼େଇ ନୁହେଁ ଏହା ମୂଳତଃ ଆଜିର ବିଶ୍ୱ ଶୃଙ୍ଖଳା ଓ ଅନ୍ତର୍ଜାତୀୟ ସମ୍ପର୍କର ଭବିଷ୍ୟତ କେଉଁ ଦିଗକୁ ଯିବ-ସେଥିପାଇଁ ଏକ ନିର୍ଣ୍ଣାୟକ ସଂଗ୍ରାମ । ଏହି ସଂଗ୍ରାମ ଏକ ମୌଳିକ ପ୍ରଶ୍ନ ଉଠାଏ: ଆମର ଏହି ବିଶ୍ୱ କ'ଣ ସାମ୍ରାଜ୍ୟବାଦୀ ଶକ୍ତିର ଜୋର-ଜୁଲୁମ, ପ୍ରତିବନ୍ଧକ, ଧମକ ଓ ସାମରିକ ଶକ୍ତି ଦ୍ୱାରା ଶାସିତ ହେବ, ନା ରାଷ୍ଟ୍ରଗୁଡ଼ିକ ମଧ୍ୟରେ ସମତା, ସାର୍ବଭୌମତ୍ୱ ଏବଂ ପାରସ୍ପରିକ ସମ୍ମାନ ଉପରେ ଆଧାରିତ ଏକ ବହୁଧ୍ରୁବୀୟ ବ୍ୟବସ୍ଥା ଦିଗରେ ଆଗକୁ ବଢ଼ିବ? ଭେନେଜୁଏଲା ସହିତ ଛିଡ଼ା ହେବାର ଅର୍ଥ କେବଳ ସାମ୍ରାଜ୍ୟବାଦୀ ଅବରୋଧରେ ପଡ଼ିଥିବା ଏକ ଭୌଗଳିକ ଭୂମିଖଣ୍ଡ ସପକ୍ଷରେ ଠିଆହେବା ନୁହେଁ ଏହା ହେଉଛି ଏକ ସାର୍ବଜନୀନ ଓ ଐତିହାସିକ ସିଦ୍ଧାନ୍ତକୁ ସମର୍ଥନ କରିବା ।

**ମୋ-୯୪୩୮୫୫୬୧୨୯**

# ସ୍ୱାସ୍ଥ୍ୟପାଇଁ ହାନିକାରକ-କୋଲେଷ୍ଟ୍ରଲ



**ଡାକ୍ତର ଦୀନବନ୍ଧୁ ମହାରଣା**

ଉଚ୍ଚ ରକ୍ତଚାପ ଓ ହୃଦ୍‌ରୋଗରେ ପୀଡ଼ିତ ରୋଗୀମାନଙ୍କୁ ଅଧିକ ତେଲଛଣା ଖାଦ୍ୟ ଘିଅ, ଛେନା, ଲହୁଣୀ ପ୍ରଭୃତି ଖାଦ୍ୟ ପଦାର୍ଥ ଖାଇବାକୁ ବାରଣ କରାଯାଇଥାଏ । କାରଣ ଏହି ପ୍ରକାର ଖାଦ୍ୟ ପଦାର୍ଥ ମଧ୍ୟରେ ଥିବା କୋଲେଷ୍ଟ୍ରଲ ଉପରୋକ୍ତ ରୋଗ ସୃଷ୍ଟିର ମୂଳ କାରଣ। କୋଲେଷ୍ଟ୍ରଲ ଏକ ପ୍ରକାର ମହମ ସଦୃଶ ଧଳା ହାଲୁକା ଚର୍ବି ଜାତୀୟ ଉପାଦାନ, ଯାହାକି ପ୍ରୋଟିନ ମଲିକ୍ୟୁଲ ସହିତ ମିଶି ଶରୀର ଭିତରେ ରକ୍ତନଳୀ ମଧ୍ୟରେ ସଂଚରିତ ହୋଇଥାଏ ଏବଂ ଏହାକୁ ଲିପ୍ରୋପ୍ରୋଟିନ କୁହାଯାଏ । ରକ୍ତରେ ଯେତେବେଳେ କୋଲେଷ୍ଟ୍ରଲର ମାତ୍ରା ବଢ଼ିଯାଏ, ସେତେବେଳେ ହାର୍ଟ ଆଟାକ୍ ହେବାର ବିପଦ ଅଧିକ ରହେ । ଯଦି ୧୦୦ମି.ଲି. ରକ୍ତରେ କୋଲେଷ୍ଟ୍ରଲର ମାତ୍ର ୨୦୦ମି.ଗ୍ରା. ରହେ, ତେବେ ତାହାକୁ ସ୍ୱାଭାବିକ ସ୍ଥିତି ବିବେଚନା କରାଯାଏ, କିନ୍ତୁ ଏହାଠାରୁ ଅଧିକ କୋଲେଷ୍ଟ୍ରଲର ମାତ୍ରା ସ୍ୱାସ୍ଥ୍ୟ ପାଇଁ ସର୍ବଦା ହାନିକାରକ ଅଟେ । ଏଥିପାଇଁ ରକ୍ତରେ କୋଲେଷ୍ଟ୍ର, ଏହି ମାତ୍ରା କୌଣସି ପରିସ୍ଥିତିରେ ବଢ଼ାଇବା ଅନୁଚିତ । ଏଥିପାଇଁ ସତର୍କତା ସ୍ୱରୂପ ବର୍ଷକୁ ଅନ୍ତତଃ ଥରେ ନିଜର କୋଲେଷ୍ଟ୍ରର ପରୀକ୍ଷା କରାଇନେବା ଉଚିତ । କରୋନାରୀ ହାର୍ଟ ଡିଜିଜ୍ ଆଧୁନିକ ସମୟରେ ଏକ ଘାତକ ସ୍ୱାସ୍ଥ୍ୟ ସମସ୍ୟା ରୂପେ ଦେଖାଦେଲାଣି ।

ଏହା ଏକପ୍ରକାର ଜଟିଳ ତଥା ମାରାତ୍ମକ ହୃଦ୍‌ରୋଗ । ରକ୍ତରେ କୋଲେଷ୍ଟ୍ରଲ ସ୍ତର ବୃଦ୍ଧି ଏହି ରୋଗର ମୁଖ୍ୟ କାରଣ । ସାଧାରଣତଃ, ରକ୍ତରେ କୋଲେଷ୍ଟ୍ରଲର ମାତ୍ରା ବୃଦ୍ଧି ପାଇଲେ ଏହି ଅତିରିକ୍ତ କୋଲେଷ୍ଟ୍ରଲ ରକ୍ତ-ନଳୀ ଭିତର ପାର୍ଶ୍ୱ କାନ୍ଥରେ ପତଳା ଆବରଣ ରୂପେ ଜମିବାକୁ ଲାଗେ ଏବଂ ଧୀରେ ଧୀରେ ଏହି ପ୍ରକ୍ରିୟା ଅଧିକ ଦିନ ଲାଗି ରହିବା ଫଳରେ କୋଲେଷ୍ଟ୍ରଲ ରକ୍ତନଳୀ (ଧମନୀ)କୁ ଏପରି ଅବରୁଦ୍ଧ କରିଦିଏ ଯେ, ରକ୍ତ ପ୍ରବାହ ଏକ ପ୍ରକାର ବନ୍ଦ ହୋଇଯାଏ । ଏହା ଏକ ଅତ୍ୟନ୍ତ ଘାତକ ସ୍ଥିତି । ଏହା ଫଳରେ ସେହିସବୁ ରକ୍ତନଳୀ ସହ ସଂଯୁକ୍ତ ଅଙ୍ଗରେ ଥିବା କୋଷଗୁଡ଼ିକ ମଧ୍ୟ ରକ୍ତ ଯୋଗାଣ ବାଧାପ୍ରାପ୍ତ ହୁଏ ।

ଯଦି ହୃତ୍‌ପିଣ୍ଡ ସହ ସଂଯୁକ୍ତ ରକ୍ତନଳୀରେ ଏପରି ସମସ୍ୟା ଉତ୍ପନ୍ନ ହୁଏ, ତେବେ ହୃତ୍‌ପିଣ୍ଡକୁ ରକ୍ତ ଯୋଗାଣ କରୁଥିବା ରକ୍ତନଳୀ ସହ ସଂଯୁକ୍ତ କୋଷଗୁଡ଼ିକ ମଧ୍ୟ ପ୍ରଭାବିତ ହୋଇଥାଏ । ସାଧାରଣତଃ, ହୃତ୍‌ପିଣ୍ଡର କୋଷଗୁଡ଼ିକୁ କରୋନାରୀ ଧମନୀ ରକ୍ତ ଯୋଗାଣ କରିଥାଏ । ତେଣୁ ଏହା ଅବରୁଦ୍ଧ ହେବା ଫଳରେ ଯେଉଁ ହୃତ୍‌ରୋଗ ଦେଖାଯାଏ, ତାହାକୁ କରୋନାରୀ ହାର୍ଟ ଡିଜିଜ୍ କୁହାଯାଏ । ଏଭଳି ହୃଦ୍‌ରୋଗରେ ରୋଗୀର ଛାତିରେ ଯନ୍ତ୍ରଣା ହେବା ସହ ହୃତ୍‌କ୍ରିୟା ବନ୍ଦ ହୋଇ ମୃତ୍ୟୁ ହୋଇଯାଇପାରେ ।

**ସବୁପ୍ରକାର କୋଲେଷ୍ଟ୍ରଲ ହାନିକାରକ ନୁହେଁ :**

ଆମେ ସବୁ ପ୍ରକାର କୋଲେଷ୍ଟ୍ରାଲକୁ ସ୍ୱାସ୍ଥ୍ୟ ପାଇଁ ହାନିକାରକ କହିପାରିବା ନାହିଁ । କାରଣ ଏଥିରେ ଭଲ ଓ ମନ୍ଦ ଉଭୟ ପ୍ରକାର କୋଲେଷ୍ଟ୍ରଲ ମିଳିଥାଏ । ହାନିକାରକ କୋଲେଷ୍ଟ୍ରଲକୁ 'ଲୋ ଡେନ୍ସିଟି କୋଲେଷ୍ଟ୍ରଲ' ବା ଏଲ୍.ଡ଼ି.ଏଲ୍ କୋଲେଷ୍ଟ୍ରଲ କୁହାଯାଏ । ଏହା ରକ୍ତନଳୀର ଆଭ୍ୟନ୍ତରୀଣ କାନ୍ଥରେ ସହଜରେ ଜମିଯାଇ ରକ୍ତନଳୀ ମାର୍ଗକୁ ସଂକୀର୍ଣ୍ଣ କରିଦିଏ । ଏହା ଫଳରେ ରକ୍ତ ସଂଚାଳନ ଗତିରେ ବାଧା ଆସିଥାଏ ଏବଂ ହୃଦ୍‌ରୋଗ, ରକ୍ତଚାପ, ଧମନୀ କାଠିନ୍ୟ (ଆର୍ଟିରିୟୋସ୍କ୍ଲୋରୋସିସ୍) ଆଦି ରୋଗ ଉତ୍ପନ୍ନ ହୋଇଥାଏ ।

ଭଲ କିସମର କୋଲେଷ୍ଟ୍ରଲକୁ ହାଇ ଡେନ୍‌ସିଟି ଲିପୋପ୍ରୋଟିନ୍ ବା ଏଚ୍.ଡି.ଏଲ କୁହାଯାଏ । ଏହା ରକ୍ତ ନଳୀଗୁଡ଼ିକରେ ଜମିରହିଥିବା ଏଲ୍.ଡି.ଏଲ୍ କୋଲେଷ୍ଟ୍ରଲକୁ ଛଡ଼ାଇବାରେ ସହାୟକ ହୋଇଥାଏ ।

**କୋଲେଷ୍ଟ୍ରଲ କେଉଁ ଖାଦ୍ୟ ପଦାର୍ଥରୁ ମିଳେ :**

ସାଧାରଣତଃ ସାଚ୍ୟୁରେଟେଡ୍ ଫ୍ୟାଟ୍ ବା ସଂତୃପ୍ତ ବସା ଜାତୀୟ ଖାଦ୍ୟପେୟ ଯଥା- ରିଫାଇନ୍ ତେଲ, ଡାଲଡା, ବନସ୍ପତି ଘିଅ, ଲହୁଣୀ, ଛେନାର, ଦେଶୀଘିଅ ଏବଂ ଏହିସବୁ ବସା ଜାତୀୟ ତେଲରୁ ପ୍ରସ୍ତୁତି ବିଭିନ୍ନ ତେଲଛଣା ଖାଦ୍ୟ, ମାଂସ, ଚର୍ବି ଜାତୀୟ ଖାଦ୍ୟ ପଦାର୍ଥରୁ କୋଲେଷ୍ଟ୍ରଲ ଉଚ୍ଚ ମାତ୍ରାରେ ମିଳେ । ରନ୍ଧନ ପାଇଁ ଉଦ୍ଦିଷ୍ଟ ଖାଦ୍ୟ ତେଲ ମଧ୍ୟରୁ ପାମୋଲିନ୍ ଅଏଲ୍ ଏହାର ଏକ ମୁଖ୍ୟ ସ୍ରୋତ । ତେଣୁ ହୃତ୍‌ପିଣ୍ଡରୁ ମୁକ୍ତି ପାଇଁ ଚାହୁଁଥିବା ସ୍ୱାସ୍ଥ୍ୟପ୍ରେମୀ ବ୍ୟକ୍ତିଙ୍କୁ ଏଲ୍.ଡି.ଏଲ୍. କୋଲେଷ୍ଟ୍ରଲ ନଥିବା ଖାଦ୍ୟ ଯଥା- ସୂର୍ଯ୍ୟମୁଖୀ ତେଲ (ସନ୍‌ଫ୍ଲାୱାର ଅଏଲ୍), ସୋୟାବିନ୍, ଅଏଲ୍, ଖାଇବାକୁ ଦିଆଯାଇଥାଏ ।

**କୋଲେଷ୍ଟ୍ରେଲ କିପରି ନିୟନ୍ତ୍ରଣ କରିବେ?**

ରକ୍ତବାହୀ ନଳୀରେ ପ୍ରବାହିତ ହେଉଥିବା ପ୍ରତି ୧୦୦ମି.ଲି. ରକ୍ତରେ ପ୍ରାୟତଃ ୨୦୦ମି.ଗ୍ରା. କୋଲେଷ୍ଟ୍ରଲ ରହିବାର ଦେଖାଯାଏ । ତେବେ ସୁସ୍ଥ ସବଳ ରହିବା ତଥା ଭବିଷ୍ୟତରେ ଯେପରି ହୃଦ୍‌ରୋଗ, ଉଚ୍ଚ ରକ୍ତଚାପ ପ୍ରଭୃତି ରୋଗ ଦେଖା ନ ଦେବ, ସେଥିପାଇଁ ପ୍ରତି ୧୦୦ମି.ଲି. ରକ୍ତରେ ୧୫୦ମି.ଗ୍ରା. ମଧ୍ୟରେ କୋଲେଷ୍ଟ୍ରଲ ରହିବା ଉଚିତ୍ । ଏହି ମାତ୍ରା ଯେପରି ଅଧିକ ବୃଦ୍ଧି ନ ପାଇବ ସେଥିପାଇଁ ସତର୍କତା ଅବଲମ୍ବନ କରିବା ଉଚିତ୍ ।

ରକ୍ତରେ କୋଲେଷ୍ଟ୍ରଲ ସ୍ତର ନିୟନ୍ତ୍ରିତ ରଖିବା ପାଇଁ ନିମ୍ନଲିଖିତ ଟିପ୍ସଗୁଡ଼ିକ ଧ୍ୟାନରେ ରଖିବା ଆବଶ୍ୟକ ।

* ସର୍ବପ୍ରଥମେ ନିଜର ଖାଦ୍ୟପେୟ ପ୍ରତି ଧ୍ୟାନ ଦିଅନ୍ତୁ । ଅଧିକ ତେଲ ଛଣା ଖାଦ୍ୟ, ମାଂସ, ଚର୍ବି, ଛେନା, ଦୁଗ୍ଧ, ଲହୁଣୀ ପ୍ରଭୃତି ଖାଦ୍ୟ ଯଥାସମ୍ଭବ କମ୍ ଖାଇବା ଉଚିତ । ବନସ୍ପତି ଘିଅ, ଡାଲଡ଼ା, ପାମୋଲିନ ତେଲ ପ୍ରଭୃତି ମଧ୍ୟ ନିୟମିତ ଖାଇବା ଅନୁଚିତ । ଏହିସବୁ ସଂତୃପ୍ତବସା (ସାଚ୍ୟୁରେଟେଡ୍, ଫ୍ୟାଟ୍) ଖାଦ୍ୟରୁ ଅଧିକ ପରିମାଣରେ କୋଲେଷ୍ଟ୍ରଲ ମିଳିଥାଏ, ଯାହାକି ମେଦବୃଦ୍ଧି, ରକ୍ତିଚାପ, ହୃଦରୋଗର କାରଣ ହୋଇଥାଏ । ତେଣୁ ଏଭଳି ଖାଦ୍ୟ ପଦାର୍ଥ ନିୟମିତ ଖାଇବା ଉଚିତ ।
* ନିଜର ଦୈନନ୍ଦିନ ଭୋଜନରେ ଅଙ୍କୁରିତ ଡାଲି, ସବୁଜ ପନିପରିବା, ଋତୁକାଳୀନ ଫଳ, ସାଲାଡ଼, ଚୋକଡ଼ଯୁକ୍ତ ଅଟାରୁଟି ଖାଇବା ହିତକର । ସହଜରେ ହଜମ ହୋଇପାରୁନଥିବା ଖାଦ୍ୟ, ଗରିଷ୍ଠ ଖାଦ୍ୟ ଖାଆନ୍ତୁ ନାହିଁ।
* ନିୟମିତ ବ୍ୟାୟାମ, ଯୋଗ କିମ୍ବା ପ୍ରାଣାୟମ ଆଦି ଶାରୀରିକ କ୍ରିୟା ଅଭ୍ୟାସ କରନ୍ତୁ । ଦୌଡ଼ିବା, ପ୍ରାତଃଭ୍ରମଣ ମଧ୍ୟ ଲାଭଦାୟକ ଅଟେ । ଏପରି ନିୟମିତ କରିବା ଦ୍ୱାରା କୋଲେଷ୍ଟ୍ରଲ ବୃଦ୍ଧି ନିୟନ୍ତ୍ରିତ ହୋଇଥାଏ । ମୋଟା ଲୋକମାନଙ୍କ ପାଇଁ ଏହା ନିହାତି ଆବଶ୍ୟକ ।
* ଧୂମପାନ କିମ୍ବା ମଦ୍ୟପାନ କରନ୍ତୁ ନାହିଁ ।
* ଓଜନକୁ ନିୟନ୍ତ୍ରଣରେ ରଖନ୍ତୁ । ମାଂସାହାରୀ ବ୍ୟକ୍ତିମାନେ ଚିକେନ୍ କିମ୍ବା ମଟନ ପରିବର୍ତ୍ତେ ମାଛ ଖାଇବା ଭଲ । ତେଲରେ ନ ଛାଣି କେତେକ ଖାଦ୍ୟ ସେକି କିମ୍ବା ସିଝାଇ ଖାଇବା ଉଚିତ୍ ।
* କୋଲେଷ୍ଟ୍ରଲ କମାଇବା ପାଇଁ ସୋରିଷ, ମେଥି କିମ୍ବା ଅଁଳା ସେବନ କରନ୍ତୁ । ଅଁଳା ଜୁସ୍ ବା ଅଁଳା ମୁରବ୍ବା ସେବନ କଲେ କୋଲେଷ୍ଟ୍ରଲ କମାଇବାରେ ଏହା ସହାୟକ ହୋଇଥାଏ ।

**ଓଡ଼ିଶା ଆୟୁର୍ବେଦ ସେବାସଦନ**
**ରୁମ୍ ନଂ-୧୧୧, ମ୍ୟୁନିସିପାଲିଟି ମାର୍କେଟ କମ୍ପ୍ଲେକ୍ସ, ଓ.ଏମ୍.ପି. ଛକ, କଟକ-୩**
**ମୋ-୯୪୩୭୦୪୩୧୦୩**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଫୋକସ୍...

ହେବ ବୋଲି ଆକଳନ କରାଯାଇଛି । ୨୦୨୬-୨୭ ଆର୍ଥିକ ବର୍ଷରେ ଋଣ ଜିଡିପି ଅନୁପାତ ୫୫.୬ ପ୍ରତିଶତ ହେବ ବୋଲି ଆକଳନ କରାଯାଇଛି । ୭ ଟି ରଣନୈତିକ ଏବଂ ସୀମାନ୍ତ କ୍ଷେତ୍ରରେ ଉତ୍ପାଦନ ବୃଦ୍ଧି ପାଇଁ ଲକ୍ଷ୍ୟ ରଖାଯାଇଛି । ବାୟୋ ଫାର୍ମା ଶକ୍ତି ଘୋଷଣା କରାଯାଇଛି । ଆଗାମୀ ୫ ବର୍ଷ ମଧ୍ୟରେ ଭାରତକୁ ଏକ ବିଶ୍ୱ ବାୟୋ ଫାର୍ମା ଉତ୍ପାଦନ କେନ୍ଦ୍ର ଭାବେ ବିକଶିତ କରିବା ପାଇଁ ୧୦ ହଜାର କୋଟି ଟଙ୍କା ବ୍ୟୟ ବରାଦ ହୋଇଛି । ତିନୋଟି ନୂତନ ଜାତୀୟ ଔଷଧ ଶିକ୍ଷା ଏବଂ ଗବେଷଣା ପ୍ରତିଷ୍ଠା ସହ ବାୟୋ ଫାର୍ମା ଶକ୍ତି କେନ୍ଦ୍ର ନେଟୱର୍କ ସୃଷ୍ଟି କରାଯିବ । ୭ ଟି ବର୍ତ୍ତମାନ ସଂସ୍ଥାକୁ ଉନ୍ନିତ କରାଯିବ । ହଜାରରୁ ଅଧିକ ସ୍ୱୀକୃତି ପ୍ରାପ୍ତ ଭାରତ କ୍ଲିନିକାଲ ପରୀକ୍ଷଣ କ୍ଷେତ୍ର ଏବଂ ନେଟୱାର୍କ କ୍ଷେତ୍ର ସୃଷ୍ଟି କରାଯିବ । ଉପକରଣ ଏବଂ ସାମଗ୍ରୀ ଉତ୍ପାଦନ କରିବା ଭାରତୀୟ ଆଇପି ଡିଜାଇନ କରିବା, ପ୍ରଯୁକ୍ତି ବିଦ୍ୟା ଆଦିକୁ ସୁଦୃଢ଼ କରିବା ପାଇଁ ଭାରତ ସେମି କଣ୍ଡକ୍ଟର ମିଶନ ୨ ଆରମ୍ଭ କରାଯିବ । ଇଲେକ୍ଟ୍ରୋନିକ୍ସ ଉତ୍ପାଦନ ଯୋଜନା ବ୍ୟୟ ବରାଦକୁ ୪୦ ହଜାର କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି । ଖଣିଜ ସମୃଦ୍ଧି ରାଜ୍ୟ ଓଡ଼ିଶା, କେରଳ, ଆନ୍ଧ୍ରପ୍ରଦେଶ ଓ ତାମିଲନାଡ଼ୁକୁ ଖଣି ପ୍ରକ୍ରିୟାକରଣ, ଗବେଷଣା ଏବଂ ଉତ୍ପାଦନକୁ ପ୍ରୋତ୍ସାହିତ କରିବା ପାଇଁ ସମର୍ପିତ ବିରଳ ମୃତ୍ତିକା କରିଡର ପ୍ରତିଷ୍ଠା କରାଯିବ । ପୁଞ୍ଜି ସାମଗ୍ରୀ କ୍ଷମତାକୁ ସୁଦୃଢ଼ କରିବା ପାଇଁ ପଦକ୍ଷେପ ନିଆଯାଇଛି । ସିପିଏସଇଗୁଡ଼ିକ ଦ୍ୱାରା ଦୁଇଟି ସ୍ଥାନରେ ଡିଜିଟାଲ ସକ୍ଷମ ସ୍ୱୟଂଚାଳିତ ସେବା ବ୍ୟୁରୋ ପ୍ରତିଷ୍ଠା କରାଯିବ । ବୟନ ଶିଳ୍ପ କ୍ଷେତ୍ର ପାଇଁ ସମନ୍ୱିତ କାର୍ଯ୍ୟକ୍ରମ ଘୋଷଣା କରାଯାଇଛି । କଣ୍ଟେନର ଉତ୍ପାଦନ ପାଇଁ ଏକ ଯୋଜନା ଘୋଷଣା କରାଯିବ । ଜାହାଜ ବଜେଟ୍ ୧୦ ହଜାର କୋଟି ଟଙ୍କାରୁ ଅଧିକ ରହିଛି । ପୁରୁଣା ଶିଳ୍ପ କ୍ଷେତ୍ରକୁ ପୁନଃରୁଦ୍ଧାର କରାଯିବ । ୨୦୦ ଶିଳ୍ପର ପୁରୁଣା କ୍ଲଷ୍ଟରକୁ ପୁନଃ ଉଦ୍ଧାର ଲାଗି ଘୋଷଣା କରାଯାଇଛି । ଚମ୍ପିଆନ ଏସ୍‌ଏମ୍‌ଇ ସୃଷ୍ଟି ଲାଗି ଏକ ସମର୍ପିତ ୧୦ ହଜାର କୋଟି ଟଙ୍କାର ଏସ୍‌ଏମ୍‌ଇ ଅଭିବୃଦ୍ଧି ପାଣ୍ଠି ପରିଚାଳନା କରାଯିବ । ଭିତ୍ତିଭୂମିକୁ ଶକ୍ତିଶାଳୀ ପ୍ରୋତ୍ସାହନ ଲକ୍ଷ୍ୟରେ ସାଧାରଣ ପୁଞ୍ଜି ବ୍ୟୟ ୧୨.୨ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି । ପରିବେଶ ଗତ ଭାବରେ ସ୍ଥାୟୀ ମାଲ ପରିବହନକୁ ପ୍ରୋତ୍ସାହିତ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି । ଆଗାମୀ ୫ ବର୍ଷ ମଧ୍ୟରେ ୨୦ ଟି ନୂଆ ଜଳପଥ କାର୍ଯ୍ୟକ୍ଷମ ହେବ । ଏତଦ୍ ବ୍ୟତୀତ ବାରାଣସୀ ଓ ପାଟନାରେ ଅନ୍ତଃଦେଶୀୟ ଜଳପଥକୁ ସେବା ଯୋଗାଇ ଦେଉଥିବା ଏକ ଜାହାଜ ମରାମତି ଇକୋ ସିଷ୍ଟମ ସ୍ଥାପନ କରାଯିବ । ୨୦୪୭ ସୁଦ୍ଧା ଆଭ୍ୟନ୍ତରିଣ ଜଳପଥ ଏବଂ ଉପକୂଳ ଜାହାଜର ଅଂଶକୁ ୬ ପ୍ରତିଶତରୁ ୧୨ ପ୍ରତିଶତକୁ ବୃଦ୍ଧି କରିବାକୁ ରେଳ ଏବଂ ସଡ଼କ ପରିବହନରେ ଏକ ମୋଡାଲ ପରିବର୍ତ୍ତନକୁ ପ୍ରୋତ୍ସାହିତ କରିବା ଲାଗି ଉପକୂଳ କାର୍ଗୋ ପ୍ରୋତ୍ସାହିତ ଯୋଜନା ଆରମ୍ଭ କରାଯିବ । ଦୀର୍ଘ କାଳୀନ ଶକ୍ତି ସୁରକ୍ଷା ଓ ସ୍ଥିରତା ସୁନିଶ୍ଚିତ କରିବା ପାଇଁ ଆଗାମୀ ୫ ବର୍ଷ ମଧ୍ୟରେ ୨୦ ହଜାର ଟଙ୍କା ବ୍ୟୟ ବରାଦ ଘୋଷଣା କରାଯାଇଛି । ପ୍ରତି ସହରରେ ଆର୍ଥିକ କ୍ଷେତ୍ର ପାଇଁ ୫ ବର୍ଷ ମଧ୍ୟରେ ୫ ହଜାର କୋଟି ଟଙ୍କାର ଆବଣ୍ଟନ ଘୋଷଣା କରାଯାଇଛି । ମୁମ୍ବାଇ-ପୁନେ, ହାଇଦ୍ରାବାଦ-ବେଙ୍ଗାଲୁରୁ, ହାଇଦ୍ରାବାଦ- ଚେନ୍ନାଇ, ଚେନ୍ନାଇ -ବେଙ୍ଗାଲୁରୁ, ଦିଲ୍ଲୀ- ବାରାଣସୀ ଓ ବାରାଣସୀ- ସିଲିଗୁଡ଼ି ମଧ୍ୟରେ ୭ ହାଇସ୍ପିଡ୍ ରେଳ କରିଡରକୁ ବୃଦ୍ଧି ଏକ ବିକଶିତ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି । ଲୋକଙ୍କ ଆକାଂକ୍ଷା ପୂରଣ ପାଇଁ କ୍ଷମତା ନିର୍ମାଣ କରାଯିବ । ବିକଶିତ ସହଯୋଗୀ ସ୍ୱାସ୍ଥ୍ୟ ବୃତ୍ତିଗତ ବର୍ତ୍ତମାନ ପ୍ରତିଷ୍ଠାନ ଗୁଡ଼ିକୁ ଉନ୍ନତି କରାଯିବ । ଘରୋଇ ଓ ସରକାରୀ କ୍ଷେତ୍ରରେ ନୂତନ ଏଏଚ୍‌ପି ପ୍ରତିଷ୍ଠା କରାଯିବ । ତିନୋଟି ନୂଆ ଅଖିଳ ଭାରତୀୟ ଆୟୁର୍ବେଦ ପ୍ରତିଷ୍ଠା ହେବ । ୨୦ ହଜାରରୁ ଅଧିକ ପ୍ରାଣୀ ଚିକିତ୍ସା ବୃତ୍ତିଗତ ଉପଲବ୍ଧିକା ବୃଦ୍ଧି କରାଯିବ । ଭାରତୀୟ ସୃଜନ ଶୀଳ , ପ୍ରଯୁକ୍ତିବିଦ୍ୟାପ୍ରତିଷ୍ଠା ମୁମ୍ବାଇକୁ ମାଧ୍ୟମିକ ବିଦ୍ୟାଳୟ ଏବଂ ୫ ଶହ କଲେଜର ଭିଜୁଆଲ କଣ୍ଟେକଫ କ୍ରିୟଟର ଲ୍ୟାବ ସ୍ଥାପନ ସହାୟତ ଯୋଗାଇ ଦିଆଯିବ । ପ୍ରମୁଖ ଶିଳ୍ପ ଏବଂ ଲଜିଷ୍ଟିକ କରିଡର ନିକଟରେ ୫ ବିଶ୍ୱ ବିଦ୍ୟାଳୟ ଟାଉନସିପ ସୃଷ୍ଟି କରାଯିବ । ନେସନାଲ କାଉନସିଲ ଫର ହୋଟେଲ ମ୍ୟାନେଜମେଣ୍ଟ ଆଣ୍ଡ କ୍ୟାଟେରିଂ ଟେକ୍ନୋଲିଜକୁ ନେସନାଲ ଇନଷ୍ଟିଚ୍ୟୁଟ ଅଫ ହସ୍ପିଟାଲିଟିକୁ ଉନ୍ନିତ କରାଯିବ । ଆଇଆଇଏମ୍ ସହଯୋଗରେ ହାଇବ୍ରିଡ ମୋଡରେ ଉଚ୍ଚ ମାନର ୧୨ ସପ୍ତାହ ତାମିଲ ପାଠ୍ୟକ୍ରମ ମାଧ୍ୟମରେ ୨୦ ପର୍ଯ୍ୟଟନ ସ୍ଥଳୀରେ ୧୦ ହଜାର ଗାଇଡଙ୍କ ଦକ୍ଷତା ବୃଦ୍ଧି ପାଇଁ ପାଇଲଟ ଯୋଜନା ଘୋଷଣା କରାଯାଇଛି । କୃଷକଙ୍କ ଆୟ ବୃଦ୍ଧି ଲକ୍ଷରେ ୫ ଶହ ଜଳ ଭଣ୍ଡାର ଏବଂ ଅମୃତ ସରବର ସମନ୍ୱିତ ବିକାଶ ପାଇଁ ନୂତନ ପଦକ୍ଷେପ ନିଆଯିବ । ନଡିଆ , ଚନ୍ଦନ, ପୋକୋ ଓ କାଜୁ ଉତ୍ପାଦନ ବୃଦ୍ଧି ଏବଂ ଉତ୍ପାଦତକା ବୃଦ୍ଧି ପାଇଁ ନଡିଆ ପ୍ରୋତ୍ସାହନ ଯୋଜନ ଆରମ୍ଭ କରାଯିବ । ଦିବ୍ୟାଙ୍ଗଙ୍କ ଶସକ୍ତିକରଣ ଲାଗି ଦିବ୍ୟାଙ୍ଗ କୌଶଳ ଯୋଜନା ଆରମ୍ଭ କରାଯିବ । ଦୁର୍ଗାପୁରରେ ଏକ ସଂଯୁକ୍ତି ନୋଟ ସହିତ ସମନ୍ୱିତ ପୂର୍ବ ତନଶିଳ୍ପ କରିଡର ବିକଶିତ ହେବ । ୫ ପୂର୍ବୋଦ୍ୟୋୟ ରାଜ୍ୟରେ ୫ ପର୍ଯ୍ୟଟନ ସ୍ଥଳଳ ସୃଷ୍ଟି ହେବ । ୪ ହଜାର ଇ ବସ୍ ବ୍ୟବସ୍ଥା କରିବେ । ୧୬ ତମ ଅର୍ଥ କମିଶନଙ୍କ ସୁପାରିଶ ଆଧାରରେ ୨୦୨୬-୨୭ ଆର୍ଥିକ ବର୍ଷ ଲାଗି ରାଜ୍ୟଗୁଡ଼ିକୁ ୧.୪ ଲକ୍ଷ କୋଟି ଟଙ୍କା । ଆର୍ଥିକ କମିଶନ ଆଧାରରେ ପ୍ରଦାନ କରିବାକୁ ଅର୍ଥମନ୍ତ୍ରୀ ଘୋଷଣା କରିଛନ୍ତି

ନୂତନ ଆୟକର ଆଇନ କାର୍ଯ୍ୟକାରୀ ହେବ । ମଟର ଦୁର୍ଘଟଣା ଦାବି ଟ୍ରିବ୍ୟୁନାଲ ଦ୍ୱାରା ଜଣେ ବ୍ୟକ୍ତିଙ୍କୁ ପ୍ରନାନ କରାଯାଉଥିବା ଆୟକର ମୁକ୍ତ ହେବ । ଏହି ଆକାଉଣ୍ଟରେ ଟିଡିଏସ୍ ଉଚ୍ଛେଦ କରାଯିବ । ବିଦେଶୀ ପର୍ଯ୍ୟଟନ କାର୍ଯ୍ୟକ୍ରମ ପ୍ୟାକେଜ ବିକ୍ରେୟ ଉପରେ ଟିସିଏସ ହାରକୁ ୨ ପ୍ରତିଶତକୁ ହାର କରାଯିବ । ଶିକ୍ଷା ଏବଂ ଚିକିସା ପାଇଁ ଏଲ୍ଆରଏସ୍ ରେମିଣ୍ଟି ନିମନ୍ତେ ପିସିଏସ୍ ହାରକୁ ୨ ପ୍ରତିଶତକୁ ହ୍ରାସ କରାଯିବ । ଡିଭିଡେଣ୍ଟ ସୁଦ୍ଧ ଇତ୍ୟାଦି ଉପରେ ଟିଡିଏସ୍ ପାଇଁ ଫର୍ମ ୧୫ ଜି କିମ୍ବା ୧୫ ଏଚ୍ ଲାଗି ଡିପଜିଟ୍ ଏକକ ଫାଇଲିଂ ବ୍ୟବସ୍ଥା କରାଯାଇଛି । ନାମମାତ୍ର ଫି ପ୍ରଦାନ ସହ ସଂଶୋଧିତ ରିଟର୍ଣ୍ଣ ଦାଖଲ ପାଇଁ ଉପଲବ୍ଧ ସମୟ ୩୧ ଡିସେମ୍ବରରୁ ୩୧ ମାର୍ଚ୍ଚ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ଜରିମାନା ଓ ଦଣ୍ଡ ପ୍ରକିୟାକୁ ଯୁକ୍ତିଯୁକ୍ତ କରିବା ଲାଗି ପ୍ରସ୍ତାବ ଆସିଛି । ବିଶ୍ୱ ବ୍ୟବସାୟ ଏବଂ ନିବେଶକୁ ଆକୃଷ୍ଟ କରିବା ଲାଗି ଯେକୌଣସି ବିଦେଶୀ କମ୍ପାନୀକୁ ୨୦୪୭ ପର୍ଯ୍ୟନ୍ତ ଟିକସ ରିହାତି ପ୍ରଦାନ କରାଯିବ । ସଂଖ୍ୟାଲଘୁ ଅଂଶିଦାରଙ୍କ ସ୍ୱାର୍ଥରେ ସମସ୍ତପ୍ରକାର ଅଂଶିଦାରଙ୍କ ପାଇଁ ବ୍ୟୟିକ ଉପରେ ପୁଞ୍ଜି ଲାଭ ଭାବରେ କର ଲଗାଯିବ । ମଦ ଏବଂ ଖଣିଜ ପଦାର୍ଥ ଭଳି ସାମଗ୍ରୀର ବିକ୍ରତା ପାଇଁ ପିସିଏସ୍ ପାଇଁ ୨ ପ୍ରତିଶତ ଯୁକ୍ତିଯୁକ୍ତ କରାଯିବ । କେନ୍ଦୁପତ୍ର ଉପରେ ଟିକସ ୫ ପ୍ରତିଶତରୁ ୨ ପ୍ରତିଶତକୁ ହ୍ରାସ କରାଯିବ । ରପ୍ତାନି ପାଇଁ ସାମୁଦ୍ରିକ ଖାଦ୍ୟ ଉତ୍ପାଦ ପ୍ରକ୍ରିୟାକରଣ ପାଇଁ ବ୍ୟବହୃତ ନିର୍ଦ୍ଦିଷ୍ଟ ଇନପୁଟର ଶୁଳ୍କମୁକ୍ତ ଆମଦାନୀ ସୀମା ୧ ପ୍ରତିଶତରୁ ୩ ପ୍ରତିଶତକୁ ବୃଦ୍ଧି କରାଯିବ । ବେସମାରିକ , ତାଲିମ ଏବଂ ଅନ୍ୟାନ୍ୟ ବିମାନ ନିର୍ମାଣ ପାଇଁ ଆବଶ୍ୟକୀୟ ଉତ୍ପାଦନ ଏବଂ ଅଂଶ ଉପରେ ମୌଳିକ ସୀମା ଶୁଳ୍କ ଛାଡ କରାଯିବ । ୧୭ ଟି ଔଷଧ ଉପରେ ମୌଳିକ କଷ୍ଟମ ଶୁଳ୍କକୁ ଛାଡ କରାଯିବ । ୭ ଟି ବିରଳ ରୋଗ ପାଇଁ ଔଷଧ ଏବଂ ଖାଦ୍ୟର ଶୁଳ୍କମୁକ୍ତ ଆମଦାନୀ କରାଯିବ । ସୀମା ଶୁଳ୍କ ଉପରେ ବାଧ୍ୟତାମୂଳକ ଅଗ୍ରଗତି ନିମୟର ବୈଧତା ଅବଧି ୩ ବର୍ଷରୁ ୫ ବର୍ଷକୁ ବୃଦ୍ଧି କରାଯିବ । ନୂତନ ରପ୍ତାନି ପାଇଁ ସୁଯୋଗ ସୃଷ୍ଟି କରାଯିବା ସହ ସହଜ ଜୀବନ ଜାପନ ଲାଗି ବ୍ୟବସ୍ଥା କରାଯାଇଛି । ସଚୋଟ କରଦାତା ଓ ବିବାଦ ସମାଧାନ କରିବାକୁ ଉଚ୍ଛୁକଙ୍କ ଲାଗି ଦଣ୍ଡ ବଦଳରେ ଅତିରିକ୍ତ ପରିମାଣ ଦେଇ ମାମଲାକୁ ବନ୍ଦ କରାଯିବ ।

## ଅଭିବୃଦ୍ଧିମୂଳକ...

ହେଉଛି ଓଡ଼ିଶା ପାଇଁ ରେୟାର-ଆର୍ଥ କରିଡର : ବିରଳ ଖଣିଜ ପଦାର୍ଥ ନିମନ୍ତେ ଖଣି, ପ୍ରକ୍ରିୟାକରଣ, ଗବେଷଣା ଏବଂ ଉତ୍ପାଦନ କ୍ଷମତା ନିର୍ମାଣ ପାଇଁ କେନ୍ଦ୍ର ସରକାର ଓଡ଼ିଶାରେ ଏକ ଉତ୍ସର୍ଗୀକୃତ ରେୟାର-ଆର୍ଥ କରିଡର ପ୍ରତିଷ୍ଠା କରିବାକୁ ଘୋଷଣା କରିଛନ୍ତି । ଏହାର ଉଦ୍ଦେଶ୍ୟ ହେଉଛି, ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ ଆମଦାନୀ ନିର୍ଭରଶୀଳତା ହ୍ରାସ କରିବା, ସ୍ଥାନୀୟ ଶିଳ୍ପକୁ ପ୍ରୋତ୍ସାହିତ କରିବା ଏବଂ ଇଲେକ୍ଟ୍ରୋନିକ୍ସ ଏବଂ ଅକ୍ଷୟ ଶକ୍ତି ସମେତ ଉଚ୍ଚ-ବୈଷୟିକ କ୍ଷେତ୍ରକୁ ସମର୍ଥନ କରିବା । ପୂର୍ବ ତଟ ବିକାଶ କରିଡରରେ ପୂର୍ବ ଉପକୂଳରେ ଥିବା ପର୍ଯ୍ୟଟନ ଏବଂ ଅର୍ଥନୈତିକ ହବ୍ ଅନ୍ତର୍ଭୁକ୍ତ – ଏହାର ଉପକୂଳ ଭୌଗୋଳିକ ଏବଂ ଅର୍ଥନୈତିକ ସଂଯୋଗ ହେତୁ ଓଡ଼ିଶା ଲାଭାନ୍ୱିତ ହେବାର ସମ୍ଭାବନା ରହିଛି । 5 ଟି ପୂର୍ବୋଦୟ ରାଜ୍ୟ (ଯଥା – ବିହାର, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ, ଓଡ଼ିଶା ଏବଂ ଆନ୍ଧ୍ରପ୍ରଦେଶ) ରେ 5ଟି ପର୍ଯ୍ୟଟନ ସ୍ଥଳୀ ସୃଷ୍ଟି କରାଯିବ ଏବଂ ସର୍ବସାଧାରଣ ପରିବହନ ପାଇଁ 4000 ଇ-ବସ୍ ଯୋଗାଇ ଦିଆଯିବ । ଆସନ୍ତା ପାଞ୍ଚ ବର୍ଷ ମଧ୍ୟରେ 20ଟି ନୂତନ ଜାତୀୟ ଜଳପଥ କାର୍ଯ୍ୟକ୍ଷମ ହେବ, ଏହି ପଦକ୍ଷେପର ଏକ ଅଂଶ ଭାବରେ NW-5 ପ୍ରଥମ ପର୍ଯ୍ୟାୟରେ କାର୍ଯ୍ୟକାରୀ ହେବ । NW-5 ଖଣିଜ ସମୃଦ୍ଧ ଅଞ୍ଚଳ ତାଳଚେର ଏବଂ ଅନୁଗୁଳ ଅଞ୍ଚଳକୁ ଓଡିଶାର ପାରାଦୀପ ଏବଂ ଧାମରା ଭଳି ପ୍ରମୁଖ ଶିଳ୍ପ ଏବଂ ବନ୍ଦର ହବ୍ ସହିତ ସଂଯୋଗ କରିବ, ଯାହା ଦକ୍ଷ ଏବଂ ସୁଲଭ ମାଲ ପରିବହନରେ ସହାୟକ ହେବ, ଯାହାଦ୍ୱାରା ସଡ଼କ ଏବଂ ରେଳ ନେଟୱାର୍କ ଉପରେ ଲଜିଷ୍ଟିକ୍ ଚାପ ହ୍ରାସ ହେବ । ଏହି ପଦକ୍ଷେପର ଉଦ୍ଦେଶ୍ୟ ହେଉଛି ସ୍ଥାୟୀ ଆଭ୍ୟନ୍ତରୀଣ ଜଳ ପରିବହନକୁ ସମୃଦ୍ଧ କରିବା, ବହୁଳ ଦ୍ରବ୍ୟ (ଖଣିଜ ଏବଂ ଶିଳ୍ପ ସାମଗ୍ରୀ ପରି) ପାଇଁ ସଂଯୋଗ ବୃଦ୍ଧି କରିବା ଏବଂ ପୂର୍ବ ଉପକୂଳରେ ଏକ ଲଜିଷ୍ଟିକ୍ ଏବଂ ଶିଳ୍ପ ହବ୍ ଭାବରେ ଓଡିଶାର ଭୂମିକାକୁ ମଜବୁତ କରିବା । ଏକ ନୂତନ ପଦକ୍ଷେପ ଭାବରେ "ସହର ଅର୍ଥନୈତିକ ଅଞ୍ଚଳ" ସହରୀ ପରିଚାଳିତ ଅର୍ଥନୈତିକ ଅଭିବୃଦ୍ଧି ସୁନିଶ୍ଚିତ ହେବ ଏବଂ ଆଞ୍ଚଳିକ ସହରାଞ୍ଚଳ କ୍ଲଷ୍ଟରଗୁଡ଼ିକ ଲଭାନ୍ୱିତ ହେବ । ଏହି ଅଞ୍ଚଳର ବିକାଶ ପାଇଁ ଆସନ୍ତା ପାଞ୍ଚ ବର୍ଷ ମଧ୍ୟରେ CER ପିଛା 5000 କୋଟି ଟଙ୍କା ଆବଣ୍ଟନ କରିବାକୁ ପ୍ରସ୍ତାବ ଦିଆଯାଇଛି । ଭିତ୍ତିଭୂମି , ସେବା ଏବଂ ପୁଞ୍ଜି ବିନିଯୋଗ ସଂଯୋଗରେ ଉନ୍ନତି ଆଣି ସହର ଏବଂ ଏହାର ଆଖପାଖ ଅଞ୍ଚଳର ଅର୍ଥନୈତିକ ସାମର୍ଥ୍ୟକୁ ବ୍ୟବହାର କରିବା ଉଦ୍ଦେଶ୍ୟରେ CER ଗୁଡିକ ସମନ୍ୱିତ ସହରୀ ଅଭିବୃଦ୍ଧି ଜୋନ୍ ଭାବରେ ପରିକଳ୍ପନା କରାଯାଇଛି । ଏହା ପ୍ରସ୍ତାବିତ ଭୁବନେଶ୍ୱର-କଟକ-ପାରାଦୀପ-ପୁରୀ ସହରାଞ୍ଚଳ କରିଡର କାର୍ଯ୍ୟକାରୀ କରିବାରେ ସହାୟକ ହେବ । ବନ୍ୟଜନ୍ତୁ ପର୍ଯ୍ୟଟନ ଏବଂ ପରିବେଶ ସୁରକ୍ଷାକୁ ପ୍ରୋତ୍ସାହିତ କରିବା ପାଇଁ ଓଡିଶା, କର୍ଣ୍ଣାଟକ ଏବଂ କେରଳ ସମେତ ରାଜ୍ୟର ପ୍ରମୁଖ କଇଁଛ ବସା ବାନ୍ଧିବା ସ୍ଥଳ ନିକଟରେ କଇଁଛ ଟ୍ରେଲ୍ ବିକଶିତ କରାଯିବ । ବଜେଟରେ ଏହି ପ୍ରକୃତି ଭିତ୍ତିକ ପର୍ଯ୍ୟଟନ ଯୋଜନ, ପରିବେଶ ଅନୁକୂଳ ପର୍ଯ୍ୟଟନ ଭିତ୍ତିଭୂମି ଉପରେ ଧ୍ୟାନ କେନ୍ଦ୍ରିତ କରିବ । ବିକଶିତ ଭାରତର ଆବଶ୍ୟକତାକୁ ଲକ୍ଷ୍ୟରଖି, ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ (ଏମଜିଏନଆରଇଜିଏ) ଏକ ବଡ଼ ପରିବର୍ତ୍ତନ କରାଯାଇଛି । ନୂତନ ଯୋଜନା ବିକଶିତ ଭାରତ – ରୋଜଗାର ଗ୍ୟାରେଣ୍ଟି ଓ ଆଜୀବିକ(ଗ୍ରାମୀଣ )ଅଧୀନରେ ପ୍ରତି ଗ୍ରାମୀଣ ପରିବାର ପିଛା 125 ଦିନର ରୋଜଗାରର ବୈଧାନିକ ଗ୍ୟାରେଣ୍ଟି ପ୍ରଦାନ କରାଯାଇଛି, ଯାହାକି ପୂର୍ବ 100 ଦିନ ତୁଳନାରେ ବୃଦ୍ଧି ପାଇଛି । କେନ୍ଦ୍ର ଏବଂ ରାଜ୍ୟ ମଧ୍ୟରେ ଏହି ଯୋଜନାରେ ଭାଗୀଦାରୀର ଅନୁପାତ 60:40 ରହିଛି ।2026-27 ବର୍ଷପାଇଁ , ମୋଟ 1ଲକ୍ଷ 51 ହଜାରେ କୋଟି ଟଙ୍କାର ଆବଶ୍ୟକତା ମଧ୍ୟରୁ କେନ୍ଦ୍ର ସରକାରଙ୍କ ଅଂଶ 95,692 କୋଟି ଟଙ୍କା ହେବ ବୋଲି ଆକଳନ କରାଯାଇଛି ଓ ବଜେଟରେ ବ୍ୟୟ ବରାଦ କରାଯାଇଛି ।

ଓଡିଶା ଭଳି ଉପକୂଳବର୍ତ୍ତୀ ରାଜ୍ୟ ମାନଙ୍କରେ, କୃଷକଙ୍କ ଆୟ, ଉତ୍ପାଦକତା ଏବଂ ଗ୍ରାମୀଣ ନିଯୁକ୍ତି ବୃଦ୍ଧି ପାଇଁ ଉଚ୍ଚ ମୂଲ୍ୟର କୃଷିର ଅଂଶ ଭାବରେ ନଡିଆ, କାଜୁ ଏବଂ ଚନ୍ଦନ ପାଇଁ ଯୋଜନା ଏବଂ ସହାୟକ ପଦକ୍ଷେପ ମଧ୍ୟ ଘୋଷଣା କରାଯାଇଛି । ନଡ଼ିଆ ଉତ୍ପାଦନ ଏବଂ ଉତ୍ପାଦକତା ବୃଦ୍ଧି ପାଇଁ ଏକ ନଡ଼ିଆ ପ୍ରୋତ୍ସାହନ ଯୋଜନା ଲକ୍ଷ୍ୟ ରଖାଯାଇଛି । ଏହି ଯୋଜନାରେ ପ୍ରମୁଖ ନଡ଼ିଆ ଉତ୍ପାଦନକାରୀ ରାଜ୍ୟ ଉପରେ ଧ୍ୟାନ ଦିଆଯିବ ଏବଂ କୃଷକଙ୍କ ଆୟ ବୃଦ୍ଧି ପାଇଁ ପୁରୁଣା, ଅଣ-ଉତ୍ପାଦକ ଗଛ ବଦଳରେ ଅଧିକ ଅମଳକ୍ଷମ କିସମ ଭଳି ପଦକ୍ଷେପ ଅନ୍ତର୍ଭୁକ୍ତ ହେବ । ଲିଥିୟମ୍ ପରି ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥକୁ ସୁରକ୍ଷିତ ଓ ଉପଲବ୍ଧ କରିବା ଉଦ୍ଦେଶ୍ୟରେ ନ୍ୟାସନାଲ କ୍ରିଟିକାଲ୍ ମିନେରାଲ୍ ମିଶନ୍ ମାଧ୍ୟମରେ ଖଣି କ୍ଷେତ୍ର ପାଇଁ ସାତ ବର୍ଷ ମଧ୍ୟରେ 34,300 କୋଟି ଟଙ୍କା ବ୍ୟୟ କରାଯାଇଛି । ପ୍ରମୁଖ ପଦକ୍ଷେପ ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ଖଣିଜ ମୂଲ୍ୟ ଶୃଙ୍ଖଳା ପାଇଁ 16,300 କୋଟି ଟଙ୍କା, ଆମଦାନୀ ଉପରେ ନିର୍ଭରଶୀଳତା ହ୍ରାସ କରିବା ପାଇଁ ଚାରିଟି ରାଜ୍ୟରେ ନୂତନ "ରେୟାର ଆର୍ଥ କରିଡର" ଏବଂ କୋଇଲା ବାଷ୍ପୀକରଣ ପାଇଁ 35,000 କୋଟି ଟଙ୍କାର ପ୍ରୋତ୍ସାହନ ଅନ୍ତର୍ଭୁକ୍ତ ।

ମୁଁ ନିଶ୍ଚିତ ଯେ, ଚଳିତ ବଜେଟ୍‌ରେ ଥିବା ପ୍ରାବଧାନ ଗୁଡିକ ସମୃଦ୍ଧ ଓଡ଼ିଶା - ବିକଶିତ ଭାରତର ଲକ୍ଷ୍ୟକୁ ହାସଲ କରିବାରେ ସହାୟକ ହେବ । ସବୁ ଦୃଷ୍ଟିକୋଣରୁ ଏହା ଏକ ଐତିହାସିକ ବଜେଟ୍ ।

## ଚଳିତ...

ଭୁବନେଶ୍ୱର ମେଟ୍ରୋପ୍ରକଳ୍ପକୁ ହଟାଇ ଦେଇଥିଲେ ଏବଂ ଲୋକଙ୍କ ଆବଶ୍ୟକତାକୁ ପୂର୍ବପରି ଜାରି ରହିଛି । ଆଶ୍ଚର୍ଯ୍ୟଜନକ ଯେ ପର୍ଯ୍ୟଟନ କେନ୍ଦ୍ରିକ , ବୌଦ୍ଧ ସର୍କିଟ୍ ଯୋଜନା, ହୀରା ତ୍ରିଭୁଜ ସମେତ ଅନେକ ଗୁରୁତ୍ୱ ପୂର୍ଣ୍ଣ ବୌଦ୍ଧ ସ୍ଥଳୀ ଥିବା ସତ୍ତ୍ୱେ ଓଡିଶାକୁ ଛାଡି ଦିଆଯାଇଛି । ଓଡିଶା କେବଳ ଏହାର ପ୍ରାକୃତିକ ସମ୍ପଦ ଛଡାଇନେବା ପାଇଁ ବ୍ୟୟ ବରାଦ ପାଇଛି । ଲୋକଙ୍କ ସୁବିଧା ପାଇଁ ସମ୍ପଦ ବଣ୍ଟନ କ୍ଷେତ୍ରରେ ସମ୍ପୂର୍ଣ୍ଣ ଅଣଦେଖା କରାଯାଇଛି । ଓଡିଶା ଏବଂ ଏହାର ଲୋକମାନେ କେନ୍ଦ୍ରିୟ ବଜେଟରେ ଅଧିକରୁ ଅଧିକ ପାଇବାର ଯୋଗ୍ୟ ବୋଲି ନବୀନ କହିଛନ୍ତି ।

## ଦୟାନନ୍ଦ ଗୁରୁକୁଳ ଶିକ୍ଷାଶ୍ରମର ରକ୍ତଦାନ ଶିବିର

ବେତନଟୀ , (ସବ୍ୟ) :ମୟୂରଭଞ୍ଜ ଜିଲ୍ଲା ବେତନଟୀ ବ୍ଲକ ଅନ୍ତର୍ଗତ ମନ୍ତ୍ରୀଡ଼ାହିସ୍ଥିତ ଦୟାନନ୍ଦ ଗୁରୁକୁଳ ଶିକ୍ଷାଶ୍ରମ ଓ ଓଡ଼ିଶା ରକ୍ତଦାତା ସଙ୍ଗଠନର ମିଳିତ ସହଯୋଗରେ ଶିକ୍ଷାଶ୍ରମର ବାର୍ଷିକୋତ୍ସବ ପାଳନ ଅବସରରେ ପ୍ରଧାନ ଆଚାର୍ଯ୍ୟ ସୁରେଶ କୁମାର ପାଣିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରକୁ ମୁଖ୍ୟ ଅତିଥି ସାମାଜିକ କର୍ମୀ ରାମକିଙ୍କର ନାୟକ ଉଦଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ପ୍ରାକ୍ତନ ଜିଲ୍ଲା ଅଧିକାରୀ ଅଧ୍ୟାପକ ଗୌରାଙ୍ଗ ପଣ୍ଡା, ସିନ୍ଧିଆ ସଓ୍ୱାସ୍ଥ୍ୟକେନ୍ଦ୍ରର ମେଡିକାଲ ଅଫିସର ଡ଼ା. ତନ୍ମୟ କୁମାର ଭୂୟାଁ, ସୁବର୍ଣ୍ଣରେଖା ମହାବିଦ୍ୟାଳୟର ପ୍ରୋଗ୍ରାମ ଅଫିସର ଡ଼. ପ୍ରେମାନନ୍ଦ ସେଠୀ, କୃଷି ଅଧିକାରୀ ପ୍ରଦୀପ କୁମାର ବେହେରା ଓ ଓଡ଼ିଶା ରକ୍ତଦାତା ସଙ୍ଗଠନର ସାଧାରଣ ସମ୍ପାଦକ ଗୋପାଳ ଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇଥିଲେ । ଓଡ଼ିଶା ରକ୍ତକେନ୍ଦ୍ରର ମୋନାନି ମଲ୍ଲିକ, ସୁଦେସ୍ନା ସ୍ୱାଇଁ, ବିନୋଦ ବିହାରୀ ଦାସ ଓ ବିଦ୍ୟାଧର ସାହୁ ପ୍ରମୁଖ ଯୋଗଦେଇ ଏହି ଶିବିରରୁ ୨୩ୟୁନିଟ ରକ୍ତ ସଂଗ୍ରହ କରିଥିଲେ । ଶେଷରେ ଅର୍ଚ୍ଚନା ବେହେରା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ମହାତ୍ମାଗାନ୍ଧୀଙ୍କ ତିରୋଧାନ ଦିବସ ପାଳିତ

ଭଦ୍ରକ,(ସବ୍ୟ): ଭଦ୍ରକ ଜିଲ୍ଲା ପ୍ରଶାସନ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଜାତିରପିତା ମହାତ୍ମାଗାନ୍ଧୀଙ୍କ ତିରୋଧାନ ଦିବସ ଭଦ୍ରକ ଗାନ୍ଧୀ ପଡିଆ ଠାରେ ପାଳିତ ହୋଇଯାଇଛି । ଏହି ଅବସରରେ ଜିଲ୍ଲାପାଳ ଦିଲୀପ ରାଉତରାଏ ନୂଆବଜାର ଗାନ୍ଧୀପଡିଆ ସ୍ଥିତ ଗାନ୍ଧୀଙ୍କମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । ଜିଲ୍ଲାର ପ୍ରଶାସନିକ ଅଧିକାରୀ,ବରିଷ୍ଠ ନାଗରିକ ମହାସଂଘ,ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନର କର୍ମକର୍ତ୍ତା,ଜିଲ୍ଲା ଅଗ୍ନିଶମ ବିଭାଗ,ପୌରପାଳିକା କର୍ମଚାରୀ,ଗାନ୍ଧୀ ଓଡିଶା ବାଳାଶ୍ରମର ଅନ୍ତେବାସୀ ଯୋଗ ଦେଇ ଗାନ୍ଧୀଙ୍କମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । ଜିଲ୍ଲା ସଂସ୍କୃତି ଅଧିକାରୀ ତନୁଜା ସିର୍କା କାର୍ଯ୍ୟକ୍ରମର ପରିଚାଳନା କରିଥିଲେ । ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନର ଇଂ.ଅଖିଳ ମୋହନ ପାଢ଼ୀ,ଶାନ୍ତନୁ ରାଉତ,ବରିଷ୍ଠ ନାଗରିକ ମହାସଂଘର ସାଧାରଣ ସମ୍ପାଦକ କୈଳାସ ମହାପାତ୍ର,ତ୍ୟାଗଭୂମି ସାଂସ୍କୃତିକ ସମ୍ମେଳନ ସଭାପତି ଅଜୟ ନାୟକ,ଓକିଲ ସଂଘର ଦିବ୍ୟସିଂହ ନାୟକ ପ୍ରମୁଖ ଯୋଗ ଦେଇ ଗାନ୍ଧିଜୀଙ୍କ ସ୍ମୃତିଚାରଣ କରିଥିଲେ ।

## ଧର୍ମପ୍ରାଣା ମହିଳାଙ୍କ ପରଲୋକ

ନିଶ୍ଚିନ୍ତକୋଇଲି ,(ସବ୍ୟ): ନିଶ୍ଚିନ୍ତକୋଇଲି ବ୍ଲକ ବଡଖିର ପଞ୍ଚାୟତ ଗୋପପୁର ଗ୍ରାମର ସ୍ୱର୍ଗତ ବନମାଳି ପଣ୍ଡାଙ୍କ ସହଧର୍ମିଣୀ ଶୈଳବାଳା ପଣ୍ଡା(୮୦)ଙ୍କର ପବିତ୍ର ମାଘ ସପ୍ତମୀରେ ନିଜ ବାସଭବନରେ ପରଲୋକ ହୋଇଯାଇଛି । ତାଙ୍କ ମରଶରୀରକୁ ଏକ ବିରାଟ ଶୋଭାଯାତ୍ରାରେ ନିଆଯାଇ ଶୋକାକୂଳ ପରିବେଶରେ ଗ୍ରାମୟ ଶ୍ମଶାନରେ ଦାହ କରାଯାଇଥିଲା । ତାଙ୍କର କନିଷ୍ଠ ପୁତ୍ର ଅଧ୍ୟାପକ ପ୍ରଶାନ୍ତ କୁମାର ପଣ୍ଡା ମୁଖାଗ୍ନି ଦେଇଥିଲେ । ତାଙ୍କ ବିୟୋଗରେ ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା, ଜିଲ୍ଲାପରିଷଦ ସଭ୍ୟ ବିପ୍ଳବ କେଶରୀ କାପ, ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ବିନୋଦ କୁମାର ଷଡଙ୍ଗୀ, ସରପଞ୍ଚ ହିମାଂଶୁ ନାରାୟଣ ମଲ୍ଲ, ସମିତି ସଭ୍ୟ ପ୍ରଦୋଷ କୁମାର ସାହୁ,ପଂଚାୟତ ବିଜେଡି ସଭାପତି ରାମଚନ୍ଦ୍ର ସାହୁ, ସାମ୍ବାଦିକ ବଲ୍ଲଭ ଚରଣ ପଲେଇ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ ଗଭୀର ଶୋକବ୍ୟକ୍ତ କରିବା ସହ ଶୋକ ସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଛନ୍ତି ।

## ରାଷ୍ଟ୍ରପତିଙ୍କ ବିରଜା ଗସ୍ତ ଲାଗି ସାଧାରଣ ଦର୍ଶନ ବନ୍ଦ

ଯାଜପୁରସଦର(ସବ୍ୟ): ବିରଜା ମନ୍ଦିର ଟ୍ରଷ୍ଟ ବୋର୍ଡ ତଥା ଜିଲ୍ଲା ପ୍ରଶାସନ ପକ୍ଷରୁ ରାଷ୍ଟ୍ରପତି ଙ୍କ ବିରଜା ଦର୍ଶନ ଓ ପିଣ୍ଡଦାନ କାର୍ଯ୍ୟକ୍ରମ ତା ୦୩/୦୨/୨୦୨୬ରିଖରେ ଧାର୍ଯ୍ୟ ହୋଇଥିବାରୁ ପ୍ରଶାସନର ନିଷ୍ପତି କ୍ରମେ ତା ୦୨/୦୨/୨୦୨୬ରିଖ ଅପରାହ୍ନ ୨ ଟା ଠାରୁ ମହାମହିମ ମନ୍ଦିରରୁ ପ୍ରସ୍ଥାନ ପର୍ଯ୍ୟନ୍ତ ସର୍ବସାଧାରଣଙ୍କ ଦର୍ଶନ ବନ୍ଦ ରହିବା ରାଷ୍ଟ୍ରପତିଙ୍କ ଏହି ଗ୍ରସ୍ତ କାର୍ଯ୍ୟକ୍ରମ ପାଇଁ ମନ୍ଦିର ପ୍ରଶାସନ ଓ ଜିଲା ପ୍ରଶାସନ ପକ୍ଷରୁ ତପିରତା ପ୍ରକାଶ ପାଇଛି। ଏଣୁ ମନ୍ଦିର ପ୍ରଶାସନ ପକ୍ଷରୁ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ନୋଟିସ୍ ଜାରି କରାଯାଇଛି।

## ଢାବାରୁ ମଦ ଜବତ : ଜଣେ ଗିରଫ

ସାଲେପୁର (ସବ୍ୟ):ସାଲେପୁର ଥାନା ଅଧିନସ୍ଥ ଖରଖିଆ ନିକଟସ୍ଥ ତାରା ଢ଼ାବାରେ ଚଢ଼ାଉ କରି ସାଲେପୁର ପୋଲିସ ଚୋରା ଦେଶୀ ମଦ ଜବତ କରିବା ସହ ଢ଼ାବା ମାଲିକଙ୍କୁ ଗିରଫ କରିଛନ୍ତି । ଖବରରୁ ପ୍ରକାଶ ସାଲେପୁର ଆଦର୍ଶ ଥାନା ଆଇ.ଆଇ.ସି ମହେଶ୍ୱର ବେହେରାଙ୍କ ନିର୍ଦ୍ଦେଶରେ ଆଜି ସାଲେପୁର ପୋଲିସ ହଠାତ ଖରଖିଆ ନିକଟସ୍ଥ ତାର ଢ଼ାବା ଉପରେ ଚଢ଼ାଉ କରିଥିଲେ । ଚଢ଼ାଉ କରି ପାଖାପାଖି ୨୪ ଲିଟର ଦେଶୀ ମଦ ଜବତ କରିବା ସହ ଚୋରା ମଦ ବିକ୍ରୟ ଲାଗି ଢ଼ାବା ମାଲିକ ଅରୁଣ ସାହୁଙ୍କୁ ଗିରଫ କରିଥିବା ଆଇ.ଆଇ.ସି ଶ୍ରୀ ବେହେରାଙ୍କ ଠାରୁ ପ୍ରକାଶ ।

## ଆଇପିଓ ପାଇଁ ଏନଏସଇର ଏନଓସି ହାସଲ

ଭୁବନେଶ୍ୱର: ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ ଅଫ୍ ଇଣ୍ଡିଆ (ଏନଏସଇ) ନିକଟରେ ସିକ୍ୟୁରିଟିଜ ଆଣ୍ଡ ଏକ୍ସଚେଞ୍ଜ ବୋର୍ଡ ଅଫ୍ ଇଣ୍ଡିଆ (ସେବି) ଠାରୁ ଏହାର ପ୍ରସ୍ତାବିତ ଇନିସିଆଲ ପବ୍ଲିକ ଅଫରିଙ୍ଗ (ଆଇପିଓ) ପାଇଁ ନୋ ଅବଜେକନ ସାର୍ଟିଫିକେଟ (ଏନଓସି) ହାସଲ କରିଛି । ଯାହାକି ଏକ୍ସଚେଞ୍ଜର ଅଭିବୃଦ୍ଧି ଯାତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ନିୟାମକୀୟ ସଫଳତାକୁ ଚିହ୍ନିତ କରୁଛି । ଏହାକୁ ପ୍ରଶଂସା କରି ଏନଏସଇର ଅଧ୍ୟକ୍ଷ, ଶ୍ରୀନିବାସ ଇନେKଟି କହିଛନ୍ତି, ଆମେ ଆମର ଆଇପିଓ ପାଇଁ ସେବିର ଅନୁମୋଦନ ହାସଲ କରି ଖୁସି ଅନୁଭବ କରୁଛୁ, ଯାହା ଆମର ଅଭିବୃଦ୍ଧି ଯାତ୍ରାରେ ଏକ ବଡ ସଫଳତା ଅଟେ । ସେବିର ଅନୁମୋଦ ସହିତ ଆମେ ଆମର ସମସ୍ତ ହିତାଧିକାରୀଙ୍କ ପାଇଁ ମୂଲ୍ୟ ସୃଷ୍ଟିର ଏକ ନୂତନ ଅଧ୍ୟାୟ ଆରମ୍ଭ କରିଛୁ ଏବଂ ଏହି ଅନୁମୋଦନ ଭାରତୀୟ ଅର୍ଥନୀତିର ଏକ ଅବିଚ୍ଛେଦ୍ୟ ଅଙ୍ଗ ଓ ଭାରତୀୟ ପୁଞ୍ଜି ବଜାରର ଏକ ଆଲୋକବର୍ତିକା ଭାବେ ଏନଏସଇରେ ଆମର ଆତ୍ମବିଶ୍ୱାସକୁ ମଜବୁତ କରିଛି ।

## ସଦର ବ୍ଲକରେ ଡ୍ରାଏ କ୍ଲିନିଂ କେନ୍ଦ୍ର ଉଦ୍‌ଘାଟିତ

କେନ୍ଦୁଝର , (ସବ୍ୟ): ଜିଲ୍ଲା ଖଣିଜ ଅନୁଷ୍ଠାନ (ଡିଏମଏଫ) ର ଅର୍ଥ ସହାୟତାରେ ଚାଲିଥିବା ଡିଏମଏଫଉଦ୍ୟମୀ ପ୍ରକଳ୍ପ ଏବଂ ଜିଲ୍ଲା ଶିଳ୍ପ କେନ୍ଦ୍ରର ପି.ଏମ.ଇ.ଜି. ପି ଯୋଜନା ଅନ୍ତର୍ଗତ ସଦର ବ୍ଲକର ଡି.ଡି. କଲେଜ ରୋଡ଼ଠାରେ ଉଦ୍ୟମୀ ଇପ୍ସିତା ପଟ୍ଟନାୟକଙ୍କ ଦ୍ୱାରା ସ୍ଥାପିତ ଏକ ଆଧୁନିକ ଡ୍ରାଏ କ୍ଲିନିଂ (ଟମଓ୍ୱେଲ ଡ୍ରାଏ) କେନ୍ଦ୍ର ରବିବାର ଦିନ ଉ"ାଟିତହୋଇଯାଇଛି । ଏହି ଉ"ାଟନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କେନ୍ଦୁଝର ଜିଲ୍ଲା ଦକ୍ଷତା ବିକାଶ ଓ ନିୟୋଜନ ଅଧିକାରୀ ଗଣେଶ ନାୟକ, ଏବଂ ସମ୍ମାନିତ ଅତିଥି ଭାବେ ଜିଲ୍ଲା ଶିଳ୍ପ କେନ୍ଦ୍ରର ସହକାରୀ ପରିଚାଳକା ମଲ୍ଲିକା ମୁର୍ମୁ ଓ ଅପର୍ଣ୍ଣା ସାହୁ ଯୋଗଦେଇ ଉଦ୍ୟମୀଙ୍କୁ ଶୁଭେଚ୍ଛା ଜଣାଇଥିଲେ ଏବଂ କେନ୍ଦ୍ରର ଶୁଭ ଉ"ାଟନ କରିଥିଲେ ।ଭାରତୀୟ ଉଦ୍ୟମତା ବିକାଶ ସଂସ୍ଥା (ଇ.ଡି. ଆଇ.ଆଇ) ଦ୍ୱାରା ରୂପାୟଣ ହେଉଥିବା ଡିଏମଏଫଉଦ୍ୟମୀ କାର୍ଯ୍ୟକ୍ରମ ମାଧ୍ୟମରେ ଆଗାମୀ ୫ ବର୍ଷ ମଧ୍ୟରେ ୩୫୦୦ଟି ନୂତନ ଉଦ୍ୟମ/ବ୍ୟବସାୟ ସୃଷ୍ଟି କରିବାକୁ ଲକ୍ଷ୍ୟ ଧରାଯାଇଛି । ଏହି ଲକ୍ଷ୍ୟ ପୂରଣ ପାଇଁ ସ୍ଥାନୀୟ ଯୁବକ-ଯୁବତୀ ଓ ମହିଳାମାନଙ୍କୁ ବ୍ୟବସାୟିକ ତାଲିମ, ବ୍ୟାଙ୍କ ସହ ଆର୍ଥିକ ସଂଯୋଗ, ସରକାରୀ ଯୋଜନା ସହ ସମନଓ୍ୱୟ, ମୂଲ୍ୟ ସଂଯୋଜନ, ବିକ୍ରୟବଜାର ସହାୟତା, ଡିଜିଟାଲ ପ୍ରଚାର ଓ ବ୍ରାଣ୍ଡିଂ ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଛି ।ଏହି ପ୍ରୟାସ ମାଧ୍ୟମରେ ଗ୍ରାମୀଣ ଓ ଖଣି ପ୍ରଭାବିତ ଅଞ୍ଚଳରେ ସ୍ଥାୟୀ ସ୍ୱୟଂରୋଜଗାର ସୁଯୋଗ ବୃଦ୍ଧି ସହ ସ୍ଥାନୀୟ ଅର୍ଥନୀତିକୁ ସୁଦୃଢ଼ କରିବା ମୂଳ ଉଦ୍ଦେଶ୍ୟ ରହିଛି ।ଏହି କାର୍ଯ୍ୟକ୍ରମକୁ ଇ.ଡି.ଆଇ.ଆଇ ର ଜିଲ୍ଲା କାର୍ଯ୍ୟକ୍ରମ ସଂଚାଳକ ଶ୍ରୀ ସଞ୍ଜୟ କୁମାର ସାହୁ ପରିଚାଳନା କରିଥିବାବେଳେ ଆଦିତ୍ୟ, ଅରବିନ୍ଦ ଓ ଲକ୍ଷ୍ମଣ ସହଯୋଗ କରିଥିଲେ ।

## ଯାଜପୁର କେମିଷ୍ଟ୍ରି ଡ୍ରଗିଷ୍ଟି ସଂଘ ସେମିନାର

କୁଆଖିଆ ,(ସବ୍ୟ) :ରସୁଲପୁର ବ୍ଲକ କୁଆଖିଆ ଶୁଭମ ମଣ୍ଡପ ରେ ଆଜି ଯାଜପୁର ଜିଲ୍ଲା କେମିଷ୍ଟ୍ରି ଡ୍ରଗିଷ୍ଟି ସଂଘ ପକ୍ଷରୁ ସେମିନାର ସୁଦର୍ଶନ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅତିଥି ଭାବେ ଡ଼ି ଆଇ ମନୋଜ କୁମାର ସାହୁ, ଆଶୁତୋଷ ବେହେରା ଯୋଗ ଦେଇ ମେଡ଼ିସିନ ଖୁଚୁରା ଓ ହୋଲସେଲ ବିକ୍ରେତା ପାଇଁ ନୂଆ ଗାଇଡ଼ ଲାଇନ ଉପରେ ଆଲୋଚନା କରିଥିଲେ । ଏଥିରେ ସାଧାରଣ ସମ୍ପାଦକ ରାଜେଶ କୁମାର ଦାସ, ସଙ୍ଗଠନ ସମ୍ପାଦକ କମଳା କାନ୍ତ ନାୟକ, କୋଷାଧକ୍ଷ ଯୁଗଳ କିଶୋର ଅଗ୍ରଓ୍ୱାଲ ଯୋଗ ଦେଇ ମେଡ଼ିସିନ ଖୁଚୁରା, ହୋଲସେଲ, ଡ୍ରଗ୍ସ ବ୍ୟବସାୟିକ ସମସ୍ୟା ଆଦି ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଶରତ ରାୟ, ନରେନ୍ଦ୍ର ସାହୁ, ବିଜୟକୁମାର ମହାନ୍ତି, ବିଜୟକୁମାର ଜେନା, ମାନସ ମହାନ୍ତି,କୁସମଣୀ ସାହଙ୍କ ସହ ଜିଲ୍ଲା ତଥା କୁଆଖିଆ ଜୋନର ସମସ୍ତେ ଯୋଗ ଦେଇ ସେମିନାର ରେ ଅଂଶ ଗ୍ରହଣ କରିଥିଲେ ।

## ରିଅଲମି ପି୪ ପାୱାର ୫ଜିର ଶୁଭାରମ୍ଭ

ଭୁବନେଶ୍ୱର (ସବ୍ୟ) : ଭାରତର ଲୋକପ୍ରିୟ ସ୍ମାର୍ଟଫୋନ ବ୍ରାଣ୍ଡ ରିଅଲମି ପକ୍ଷରୁ ରିଅଲମି ପି୪ ପାଓ୍ୱାର ୫ଜିର ଉନ୍ମୋଚନ କରାଯାଇଛି । ଏଥିରେ ଭାରତର ପ୍ରଥମ ୧୦,୦୦୧ ଏମଏଏଚ ଟାଇଟାନ ବ୍ୟାଟେରୀ ରହିଛି । ରିଅଲମି ପି୪ ପାଓ୍ୱାର ୫ଜିରେ ମିଡିଆଟେକ ଡାଇମେନ୍ସିଟି ୭୪୦୦ ଅଲଫ୍ରା ୫ଜି ଚିପସେଟ, ହାଇପରଭିଜନ ଏଆଇ ଚିପ ଓ ପର୍ଲ ଏକାଡେମି ସହ ସହର୍ନିମିତ ଜେନ୍ ଜି-ଇନ୍ସପାୟାର୍ଡ ଟ୍ରାନ୍ସଭ୍ୟୁ ଡିଜାଇନ ରହିଛି । ଏହା ବ୍ୟାଙ୍କ/ଏକ୍ସଚେଞ୍ଜ ଅଫର ଓ ୪ ବର୍ଷର ବ୍ୟାଟେରୀ ଓ୍ୱାରେଂଟି ସମେତ ୫୯୯୯ ଟଙ୍କାର ଲାଭ ସହିତ ପ୍ରଥମ ସେଲ୍ ସମୟରେ ୨୩,୯୯୯ ଟଙ୍କାର ପ୍ରାରମ୍ଭିକ ମୂଲ୍ୟରେ ୮ଜିବି୧୨୮ଜିବି, ୮ଜିବି୨୫୬ ଜିବି ଓ ୧୨ଜିବି୨୫୬ଜିବି ଭାରିଏଂଟରେ ଉପଲବ୍ଧ ହେବ । ଏହି ସ୍ମାର୍ଟଫୋନ ଶୁଭାରମ୍ଭକୁ ପରିପୂରକ କରିଛି ରିଅଲମି ଟେକ୍ଲାଇଫ ୪୫ଓ୍ୱାଟ କେବୁଲା ପାଓ୍ୱାର ବ୍ୟାଙ୍କ, ଯାହା ବ୍ୟାଟେରୀ ଟେକ୍ନୋଲୋଜି କ୍ଷେତ୍ରରେ ରିଅଲ୍ମିର ନେତୃତ୍ୱକୁ ସୁଦୃଢ଼ କରିଛି । ରିଅଲମି ଇଣ୍ଡିଆର ସିଏମଓ ଫ୍ରାନ୍ସିସ ଓ୍ୱଙ୍ଗ କହିଛନ୍ତି, ଭାରତର ପ୍ରଥମ ଓ ସର୍ବବୃହତ ୧୦୦୦୧ ଏମଏଏଚ ବ୍ୟାଟେରୀ ସ୍ମାର୍ଟଫୋନ- ରିଅଲମି ପି୪ ପାଓ୍ୱାର ୫ଜିର ଲଂଚ ସହିତ ଆମେ କେବଳ ଏକ ଟ୍ରେଣ୍ଡକୁ ଅନୁସରଣ କରିନାହୁଁ ବରଂ ଆମେ ସହନଶୀଳତା ଓ ଦୃଢତା ପାଇଁ ନୂଆ ଶିଳ୍ପ ମାନଦଣ୍ଡ ହାସଲ କରିଛୁ ।


CAD-

**INSTITUTE ON MANAGEMENT OF AGRICULTURAL EXTENSION (IMAGE)**
**(AN AUTONOMOUS INSTITUTE OF GOVERNMENT OF ODISHA)**
Siripur, BHUBANESWAR-751003, Odisha
Ph. (0674) 2562151, Fax - 2561879,
E-mail: imagebbsr@rediffmail.com

**WALK-IN-INTERVIEW**

Walk-in-Interview will be conducted forone position of FAO-GEF-7assisted FOLUR Project, Odisha i.e. State Value Chain Expert of State Project Management Unit at IMAGE, Bhubaneswaron 07.02.2026 as per the schedule. For details of advertisement, the departmental website: www.agri.odisha.gov.in may be referred for eligibility, remuneration, place of posting etc.No TA/DA are admissible for attending the Interview. It is the complete discretion of the authority to cancel/ reject/modify the selection process at any point of time without assigning any reason thereof.

Sd/- Director, IMAGE

8001/9/2026

**CORRIGENDUM**

**"PUBLICATION OF REQUEST FOR PROPOSAL (RFP) NOTICE FOR ENGAGEMENT OF AGENCY FOR SWACHH SAMUDRA CORRIDOR: A SANITATION AND ZERO-WASTE MANAGEMENT PROJECT FOR MARINE DRIVE (KONARK-PURI), IN PURI DISTRICT OF ODISHA"**

| SL. No | Existing Text | Revised Text |
|---|---|---|
| 1 | Eligibility and Submission: The Bidder shall be a single legal entity, registered in India as a Non- Government Organization (NGO) under the Societies Registration Act, 1860 or the Indian Trusts Act, 1882. Bids from consortia, joint ventures, or associations shall not be permitted. | The Bidder should be a company registered in India under the Companies Act, 1956 or 2013 or a Partnership firm registered under the Limited Liability Partnership Act of 2008 or Partnership Act 1932 or a Proprietorship Firm. |

All others term & conditions mentioned in the original notice remain unchanged.

OIPR: 8001/ 8140/1/2526/0009

Sd/- Divisional Forest Officer, Puri (WL) Division, Puri

8001/9/2026

**GOVERNMENT OF ODISHA**
**OFFICE OF THE DIVISIONAL FOREST OFFICER**
**BOUDH FOREST DIVISION**
Phone/Fax No. 06841-222073 e-mail - dfo.boudh@odisha.gov.in
Letter No. 749 /1F- Dt. 30/01/2026
**INVITATION FOR BIDS (IFB)**
E-Procurement Bid Identification No.BDFO-F.E & C.C-04/2025-26

| | | | |
|---|---|---|---|
| 1. | Name of work | :- | Construction of Building Works |
| 2. | Numbers of Work | :- | 01 No. |
| 3. | Tender Amount | :- | Rs.16.63 Lakhs |
| 4. | Class of Contractor | :- | "D" & "C" Class Contractor |
| 5. | Tender paper Cost(Online) | :- | Rs.6000/- (Non-Refundable) |
| 6. | Period of Completion | :- | 02(Two) Calendar Months |
| 7. | Availability of Bid Document | :- | From 30.01.2026 at 02.00 PM to 05.02.2026 at 05.00 PM |
| 8. | Last date & Time of receipt of Bid | :- | At. 05.00 P.M. of 05.02.2026 |
| 9. | Date of opening of Bid Documents | :- | 11.30 A.M. on dated 06.02.2026 |
| 10. | Date of Lottery if required | :- | 07.02.2026 at 11.30 AM |
| 11. | Digital Signature Certificate of Bidder | :- | The bidder must process compatible digital signature certificate (DSC) |
| 12. | Name and address of the OIT | :- | Divisional Forest Officer, Boudh Forest Division, Boudh At/P.O:- Malisahi, District: - Boudh, PIN- 762014 |

Further, details can be seen from the e-Procurement portal www.tenderodisha.gov.in.
The Addendum/Corrigendum if any will be hosted in the website only.

OIPR: 8001/ 8090/1/2526/0009

Sd/- Divisional Forest Officer Boudh Forest Division

1301/13/2026

**SHORT FORM OF QUOTATION CALL NOTICE**
**Sealed Quotation are invited for repairing of MCC and MRF, NAC COLONY, W.N-10**
**Sale of tender paper- 27/01/2026 to 03/02/2026**
**Tender paper cost of Rs. 2360/-**
**EMD of Rs. 5000/- in shape of DD**
**Last date of submission of Tender Paper- 04/02/2026 up to 12.00 Noon**
**Date of Opening of Tender Paper- 04/02/2026 at 4.00 PM**

| Sl. No. | Description of items. | Unit |
|---|---|---|
| 1 | Supply & laying of 4 x 6 sq.mtr cu. armoured Cable including Spare Part. (Make-Havells/Polycab or equivalent) | mtr. |
| 2 | Supply & laying of 4 x 4 sq.mtr cu. armoured Cable including Spare Part. (Make-Havells/Polycab or equivalent) | mtr. |
| 3 | Supply & laying of 3c x 2.5 sq.mtr cu. armoured Cable including Spare Part. (Make-Havells/Polycab or equivalent) | mtr. |
| 4 | Supply & laying of 3c x 1.5 sq.mtr cu. armoured Cable including Spare Part. (Make-Havells/Polycab or equivalent) | mtr. |
| 5 | Supply and fixing of Wall mounted Pannel board with the following provision. | |
| | (a) Incoming: 63 Amp 36 KA 4 pole MCCB - I Nos. | set |
| | (b) Outgoing: (1) 63 Amp 4 way capacity copper Busbar-1 Nos. | |
| | (2) Voltmeter - 1 Nos. | |
| | (3) Ammeter - 1 Nos. | |
| | (4) 32 Amp DP MCB (Make-Legrand/L&T/-3 nos | |
| | (5) 32 Amp SP MCB - 6Nos. | |
| | (6) RCCB | |
| | (7) Indicator | |
| 6 | End Termination | No.s |
| 7 | Al. Socket | No.s |
| 8 | Supply & fixing of 4way SPN DB Box | No.s |
| 9 | Supply & fixing of 6A-32A 4P MCB | No.s |
| 10 | Junction Box | No.s |
| 11 | Supply and fixing Earthing with G.I earth pipe 3mtr Long 40mm dia ISI marked including accessories and providing masonary enclosure with cover plate having locking arrangement and watering pipe etc. with charcoal and salt as required | No.s |
| a | G.I Pipe Earthing | Each |
| b | Earthing Chamber | Each |
| c | 8 no GI wire as earth continuity | KG |
| 12 | Supply and fixing of 400mm Wall mounted fan (Make-Havells /Almonard /Bajaj /Crompton /Usha) | Each |
| 13 | Supply and fixing of 20watt LED Tube Light (Make-Havells /Phillips /Bajaj /Crompton/Policab) | Each |
| 14 | Supply and fixing of 45 watt LED street light.(Make-Havells /Phillips /Bajaj /Crompton/Policab) | Each |
| 15 | supply and fixing of 1' 6watt flycatcher tube light with flycatcher box & hanging steel chain | Each |

OIPR: 13001/13181/1/2526

Sd/- Executive Officer NAC, Aska



**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୨୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା- ୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବ ନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିଓ୍ୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଲ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧, ଢ଼େଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୁବର୍ଣ୍ଣପୁର ଜିଲ୍ଲା ଖଲିଆପାଲି ସ୍ଥିତ ସନ୍ଥ କବି ଭୀମ ଭୋଇଙ୍କ ସମାଧି ପୀଠରେ ପୂଜାର୍ଚ୍ଚନା କରି ଘଣ୍ଟି ସ୍ଥାପନ କରିବା ସହିତ ବିକାଶ କାମ ବୁଲି ଦେଖୁଛନ୍ତି ।



ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଶ୍ରାଦ୍ଧ ବାର୍ଷିକୀ ଉପଲକ୍ଷେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଧାନସଭା ନିକଟରେ ଥିବା ପଣ୍ଡିତ ରଘୁନାଥ ମୁର୍ମୁଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧା ସୁମନ ଅର୍ପଣ କରୁଛନ୍ତି ।

# ପୁରୀ ହେଲି ପ୍ୟାଡ୍ ରେ ବାୟୁସେନାର ଦୁଇ ହେଲିକପ୍ଟର ଅବତରଣର ପ୍ରାକ୍ ଅଭ୍ୟାସ

ପୁରୀ, (ସବ୍ୟୁ): ଦୁଇଦିନିଆ ପୁରୀ ଗସ୍ତରେ ଆସୁଛନ୍ତି ମ୍ୟାଡାମ୍ ପ୍ରେସିଡେଣ୍ଟ । ଆସନ୍ତା ୩ ତାରିଖରେ ବାୟୁସେନାର ସ୍ୱତନ୍ତ୍ର ହେଲିକପ୍ଟରରେ ଆସି ପୁରୀ ହେଲି ପ୍ୟାଡ ରେ ପହଞ୍ଚିବେ ମହାମହୀମ ରାଷ୍ଟ୍ରପତି । ସେଠାରେ ଅବତରଣ କରି ସିଧାସଳଖ ଯିବେ ରାଜ ଭବନ ଲୋକଭବନ । ସେଠାରେ ରାତ୍ରି ଯାପନ କରିବେ । ପରଦିନ ଅର୍ଥାତ ୪ ତାରିଖ ଦିନ ଶ୍ୱେତ ଗଙ୍ଗାରେ ପିଣ୍ଡଦାନ କରିବେ । ପରେ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କ ଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି ମହାମହିମଙ୍କର । ମହାମହୀମ ରାଷ୍ଟ୍ରପତିଙ୍କ ପୁରୀ ଗସ୍ତ ପୂର୍ବରୁ ରବିବାର ହେଲିପ୍ୟାଡରେ ଦୁଇଟି ହେଲିକପ୍ଟର ଅବତରଣର ପ୍ରାକ୍ ଅଭ୍ୟାସ କରିଛି । ସେପଟେ ହେଲିପ୍ୟାଡରେ ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କରିଛନ୍ତି ପୁରୀ ଏସପି ପ୍ରତୀକ ସିଂହ । ଏସପିଙ୍କ ସହ ପ୍ରଶାସନିକ ଅଧିକାରୀ ମାନେ ହେଲିପ୍ୟାଡର ପ୍ରସ୍ତୁତି ,ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କରିଛନ୍ତି । ରାଷ୍ଟ୍ରପତିଙ୍କ ଗସ୍ତ ପୂର୍ବରୁ ବାୟୁସେନାର ଅଧିକାରୀଙ୍କ ସହ ହେଲିପ୍ଟେର ଅବତରଣର ପ୍ରାକ୍ ଅଭ୍ୟାସ କରାଯାଇଛି । ତେବେ ରାଷ୍ଟ୍ରପତିଙ୍କ ଗସ୍ତକୁ ଶୃଙ୍ଖଳିତ କରିବାକୁ ହେଲିପ୍ୟାଡ୍ ଠାରୁ ଆରମ୍ଭ କରି ଲୋକଭବନ,,ଶ୍ୱେତଗଙ୍ଗା ପୁଷ୍କରିଣୀ ଚତୁର୍ପାର୍ଶ୍ୱ,, ଶ୍ରୀମନ୍ଦିର ଭିତର,,ଶ୍ରୀମନ୍ଦିର ବାହାର,,ବଡଦାଣ୍ଡ ଓ ସମ୍ପୂର୍ଣ୍ଣ ପୁରୀ ସହରକୁ ସୁରକ୍ଷା ବଳୟ ମଧ୍ୟରେ ରଖାଯାଇଥିବା କହିଛନ୍ତି ଏସପି ପ୍ରତୀକ୍ ସିଂ କହିଛନ୍ତି ।

# ବୃଦ୍ଧଙ୍କ ମୁଣ୍ଡଗଣ୍ଡି ଅଲଗା ଗଳିତ ଶବ ଉଦ୍ଧାର

ରଣପୁର (ସବ୍ୟୁ) : ରଣପୁର ଥାନା ରାଜସୁନାଖଳା ଫାଣ୍ଡି ଅଧିନସ୍ଥ କୋଟଗଡ଼ ଘାଟିରୁ ଜଣେ ବୃଦ୍ଧଙ୍କର ମୁଣ୍ଡଗଣ୍ଡି ଅଲଗା ହୋଇ ପଡ଼ିଥିବା ଗଳିତ ଶବ ଉଦ୍ଧାର ହୋଇଛି । ପ୍ରାପ୍ତ ସୂଚନା ଅନୁଯାଇ ରାଜସୁନାଖଳା ଫାଣ୍ଡି ଅଧିନସ୍ଥ ତଳକଣି ଗ୍ରାମର ତ୍ରିଲୋଚନ ମୁଦୁଲି (୭୫)ଗତ ବର୍ଷ ନଭେମ୍ବର ମାସ ୨୬ତାରିଖରୁ ନିଖୋଜ ଥିବା ନେଇ ତାଙ୍କପୁଅ ଗୋବିନ୍ଦ ମୁଦୁଲି ଫାଣ୍ଡି ଅଧିକାରୀଙ୍କ ନିକଟରେ ଏକ ମିସିଙ୍ଗ ରିପୋର୍ଟ ଦାଖଲ କରିଥିଲେ । ରବିବାର ମଧ୍ୟାହ୍ନରେ ଜଣେ ବ୍ୟକ୍ତିଙ୍କ ଛେଳି ହଜିଯାଇଥିବା ନେଇ ଖୋଜିବାକୁ ଯାଇଥିବା ବେଳେ ମୁଣ୍ଡଗଣ୍ଡି ଅଲଗାହୋଇ ପଡ଼ିଥିବା ଏକ ଗଳିତ ଶବ ଦେଖି ଲୋକମାନଙ୍କୁ ଜଣାଇଥିଲା । ସେମାନେ ଏସମ୍ପର୍କରେ ଫାଣ୍ଡିଅଧିକାରୀଙ୍କୁ ଜଣାଇବାରେ ସେ ଘଟଣାସ୍ଥଳରେ ପହଞ୍ଚି ଗଳିତ ଶବକୁ ଜବତ କରିଥିବା ସହ ତାଙ୍କ ପରିବାର ଲୋକଙ୍କୁ ଡାକି ଦେଖାଇବାରେ ସେମାନେ ଶବଟିକୁ ଦେଖିବାପରେ ନିଖୋଜ ତ୍ରିଲୋଚନଙ୍କ ମୃତ ଶରୀର ବୋଲି ଚିହ୍ନଟ କରିଥିବା ଜଣାଯାଇଛି । ପୋଲିସ ଗଳିତ ଶବଟିକୁ ଜବତ କରି ତଦନ୍ତ ଜାରିରଖିବା ସହ ବ୍ୟବଛେଦ ପାଇଁ ପଠାଇଥିବା ଜଣାଯାଇଛି ।

## ଧରା ହେଲା ଆତଙ୍କ ସୃଷ୍ଟିକାରୀ କୁମ୍ଭୀର

ଅସ୍ତରଙ୍ଗ,(ସବ୍ୟୁ): ପୀର ଜାହାନିଆବେଲୋ ଭୂମିରେ ଆତଙ୍କ ସୃଷ୍ଟି କରୁଥିବା୧୧ ଫୁଟ ଲମ୍ବର ବଉଳା କୁମ୍ଭୀର ଶେଷରେ ଧରାପଡ଼ିଛି ଶୋଇଥିବା ସମୟରେ ଏହା ଧରା ପଡିଛି । ଏହାକୁ ଧରିବା ପାଇଁ ଶନିବାର ଦିନ ରାତ୍ରରେ ରାପିଡ୍ ରେସ୍କ୍ୟୁ ଦଳ ରାଜନଗରରୁ ଆସି ପହଞ୍ଚି ଥିଲେ । ରାତି ସାରା ଅଣକଣା ତଣ୍ଡା ଠାରୁ ଦେବୀ ନାସି ପର୍ଯ୍ୟନ୍ତ ବହୁ ଖୋଜା ଖୋଜି ପରେ କୁମ୍ଭୀର ରେସ୍କ୍ୟୁ ଦଳ ଆଣିଥିବା ବଡ଼ ଜାଲ ଦାରା ଧରା ପଡିଥିଲା । ତା ପରେ ତାକୁ ସେହି ଜାଲରେ ବନ୍ଧା ବନ୍ଧି କରାଯାଇ ଏକ ଚାରି ଚକିଆ ଜାନରେ ରାଜନଗର ପଠାଇ ଦିଆ ଯାଇଛି । ଏହି ସବୁ କାର୍ଯ୍ୟକ୍ରମ ରେ ଅସ୍ତରଙ୍ଗ ରେଞ୍ଜର ମୋନାଲିଶା ମହାପାତ୍ର, ଫରେଷ୍ଟର ମାନସ ବେହେରା, ଓ କାଳୀ ଚରଣ ମହାନ୍ତି,ବନରକ୍ଷୀ, ବନ ବିଭାଗ ସ୍କ୍ୱାଡ୍ ଆଦି ସାମିଲ ଥିଲେ ।

# ଆନ୍ତର୍ଜାତିକ ଶ୍ରୀଜଗନ୍ନାଥ ପ୍ରତିଷ୍ଠାନର ବୈଠକ

ପୁରୀ, (ସବ୍ୟୁ): ଆନ୍ତର୍ଜାତିକ ଶ୍ରୀଜଗନ୍ନାଥ ପ୍ରତିଷ୍ଠାନ' ପକ୍ଷରୁ ଇସ୍କନ ଓ ଅନ୍ୟ ଧାର୍ମିକ ସଂଗଠନ ବିଦେଶରେ ଆୟୋଜନ କରୁଥିବା ଅଦିନିଆ ରଥଯାତ୍ରାକୁ ଦୃଢ଼ ବିରୋଧ କରାଯାଇଛି । ପ୍ରତିଷ୍ଠାନ ପକ୍ଷରୁ ଶ୍ରୀଗୁଣ୍ଡିଚା ମନ୍ଦିର ନିକଟସ୍ଥ ହରିଶଙ୍କର ମନ୍ଦିର ପରିସରରେ ଆୟୋଜିତ ବୈଠକରେ ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ, ବୁଦ୍ଧିଜୀବୀମାନେ ବିରୋଧ କରିଛନ୍ତି । ପ୍ରତିଷ୍ଠାନର ସଭାପତି ଦିଲ୍ଲୀପ କୁମାର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଛି । ମହାପ୍ରଭୁଙ୍କ ରଥଯାତ୍ରାକୁ ତିଥି ବ୍ୟତିରେକ ଅନ୍ୟ ଦିନରେ ପାଳନ ନକରିବା ପ୍ରସଙ୍ଗରେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କୁ ପତ୍ରାଳାପ କରାଯିବ । ଅଦିନିଆ ରଥଯାତ୍ରା ପାଳନ ନେଇ ବିହିତ କାର୍ଯ୍ୟାନୁଷ୍ଠାନ ନିମିତ୍ତ ଅନୁରୋଧ କରାଯିବ ବୋଲି ପ୍ରତିଷ୍ଠାନର ମହାନିର୍ଦ୍ଦେଶକ ତଥା ବରିଷ୍ଠ ଶ୍ରୀଜଗନ୍ନାଥ ସଂସ୍କୃତିବିତ୍ ଡ.ଭାସ୍କର ମିଶ୍ର ସୂଚନା ଦେଇଛନ୍ତି । ଡ.ମିଶ୍ର କହିଛନ୍ତି, ଆଇନ ଅନୁଯାୟୀ ଉକ୍ତ ସଂଗଠନଗୁଡ଼ିକ ଅଦିନରେ ରଥଯାତ୍ରା କରି ଶ୍ରୀଜଗନ୍ନାଥ ମନ୍ଦିର ସ୍ୱତ୍ୱଲିପିର ବିରୁଦ୍ଧାଚରଣ ଓ ଅବମାନନା କରୁଛନ୍ତି । ତେଣୁ ଉକ୍ତ ସଂଗଠନ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଉଭୟ ଭାରତ ଓ ଓଡ଼ିଶା ସରକାରଙ୍କୁ ପ୍ରତିଷ୍ଠାନ ପକ୍ଷରୁ ଅନୁରୋଧ କରାଯିବ । ପ୍ରାରମ୍ଭରେ ପ୍ରତିଷ୍ଠାନର ମାର୍ଗଦର୍ଶକ ମହନ୍ତ ଶୁଭାନନ୍ଦ ପୁରୀ ମହାରାଜ ସ୍ତୁତିଗାନ ସହ ଆଶୀର୍ବଚନ ପ୍ରଦାନ କରିଥିଲେ । ଆମେରିକାରେ ପ୍ରତିଷ୍ଠିତ ଜଗନ୍ନାଥ ମନ୍ଦିରର ଅନ୍ୟତମ ପ୍ରତିଷ୍ଠାତା ତଥା ବରିଷ୍ଠ ଚିକିତ୍ସକ ଡାକ୍ତର ପଞ୍ଚାନନ ଶତପଥୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଶ୍ରୀମନ୍ଦିରରେ ୫୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ସେବାରତ ବରିଷ୍ଠ ସେବକଙ୍କୁ ଚଳିତ ବର୍ଷ ଶ୍ରୀଜଗନ୍ନାଥ ସେବା ରତ୍ନ ସମ୍ମାନ ପ୍ରଦାନ କରାଯିବା ନେଇ ନିଷ୍ପତ୍ତି ନିଆଯାଇଛି । ଏଥିସହ ପ୍ରାଚୀନ ଜଗନ୍ନାଥ ମନ୍ଦିରର ବରିଷ୍ଠ ପୂଜକଙ୍କୁ ବିଶେଷ ସମ୍ମାନ ପ୍ରଦାନ କରାଯିବ । ସୁଲେଖକ, ଐତିହାସିକ, ପ୍ରାବନ୍ଧିକ, ଜଗନ୍ନାଥ ସଂସ୍କୃତି ପ୍ରତି ରୁଚି ରଖୁଥିବା ଦୁଇ ବରିଷ୍ଠ ଲେଖକଙ୍କୁ 'ଉତ୍କଳ ବ୍ୟାସରତ୍ନ ସମ୍ମାନ'ରେ ସମ୍ବର୍ଧିତ କରାଯିବ । ବୈଠକରେ ଆମେରିକା, ନାଇଜେରିଆ ସମେତ ପ୍ରତିଷ୍ଠାନର ନିର୍ଦ୍ଦେଶକ ମନୋଜ କୁମାର ରଥ, ଲୋକସମ୍ପର୍କ ନିର୍ଦ୍ଦେଶକ ଶ୍ୟାମ ପ୍ରକାଶ ସେନାପତି, କାର୍ଯ୍ୟକାରୀ ସଦସ୍ୟ ରାଧାବଲ୍ଲଭ ସିଂହ, ଉପଦେଷ୍ଟା ଡାକ୍ତର ଇନ୍ଦ୍ରମଣି ଜେନା, ଇଂ ଦୀପକ କୁମାର ମିଶ୍ର, ବ୍ରଜକିଶୋର ଦାଶ, ସୁମିତ୍ରା ଜେନା, ଶଶିକଳା ଶତପଥୀ, ଶ୍ରୀମନ୍ଦିର ସେବକ ରାଧାନାଥ ପ୍ରତିହାରୀ, ରାମଚନ୍ଦ୍ର ଦାସମହାପାତ୍ର, ରମେଶ ଚନ୍ଦ୍ର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ କ୍ଷ ଭୁବନେଶ୍ୱରେ ଶତାଧିକ ଜଗନ୍ନାଥ ମନ୍ଦିରର କର୍ମକର୍ତ୍ତାଙ୍କ ଉପସ୍ଥିତିରେ ସମ୍ମାନ ପ୍ରଦାନ ମହୋତ୍ସବ ଅନୁଷ୍ଠିତ ହେବ ବୋଲି ପ୍ରତିଷ୍ଠାନର ଲୋକସମ୍ପର୍କ ନିର୍ଦ୍ଦେଶକ ଶ୍ୟାମପ୍ରକାଶ ସେନାପତି ସୂଚନା ଦେଇଛନ୍ତି ।

# ରାଜ୍ୟ ଖଦୀ ବୋର୍ଡ ସଦସ୍ୟତା ପଦରୁ ଇସ୍ତଫା ଦେଲେ ସମୀର ସାମନ୍ତରାୟ

ଫୁଲନଖରା,(ସବ୍ୟୁ) :କଟକ ଜିଲ୍ଲା ୩୩ ନମ୍ବର ଜୋନର ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ, କଟକ ଜିଲ୍ଲା ଯୋଜନା ବୋର୍ଡର ପୂର୍ବତନ ସଦସ୍ୟ, ବାରଙ୍ଗ ବ୍ଲକ ବିଜୁ ଜନତା ଦଳର ପୂର୍ବତନ ବ୍ଲକ ସଭାପତି,ତତ୍କାଳୀନ ବିଜେଡି ଜଗତସିଂହପୁର ଲୋକସଭା ସାଂସଦଙ୍କ ପ୍ରତିନିଧି ,ଓଡ଼ିଶା ସରପଞ୍ଚ ସଙ୍ଘର ପୂର୍ବତନ ରାଜ୍ୟ ସଭାପତି , ବିଜୁ ଜନତା ଦଳର ବରିଷ୍ଠ ସଦସ୍ୟ ଶ୍ରୀ ସମୀର ସାମନ୍ତରାୟ ତାଙ୍କରବ୍ୟକ୍ତିଗତ କାରଣ ପାଇଁ ଓଡିଶା ଖଦୀ ବାର୍ଡ ଓ ଗ୍ରାମ୍ୟ ଉଦୋଗ୍ୟର ରାଜ୍ୟ ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି । ୨୦୨୧ ମସିହାରୁ ଆଜି ପର୍ଯ୍ୟନ୍ତ ଖଦୀ ବୋର୍ଡ ମାଧ୍ୟମରେ ରାଜ୍ୟବାସୀଙ୍କ ସେବା କରିବାର ସୁଯୋଗ ଦେଇଥିବାରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଖଦୀ ବୋର୍ଡ ଓ ଗ୍ରାମ୍ୟ ଉଦ୍ୟୋଗ ପ୍ରାକ୍ତନ ସଭାପତି ସଂଗ୍ରାମ ପାଇକରାୟ , ବିଧାୟକ ଡଃ ଅରୁଣ ସାହୁ, ବିଧାୟକ ଡଃ ବ୍ୟୋମକେଶ ରାୟ ଓ ପୂର୍ବତନ ବିଧାୟକ ପ୍ରଫେସର ଡଃ ପ୍ରମୋଦ କୁମାର ମଲ୍ଲିକ ଙ୍କୁ କୃତଜ୍ଞତା ଜଣାଇଛନ୍ତି ।

# ନରେନ୍ଦ୍ର ପୁଷ୍କରିଣୀ ରାମ ସୀତା,ଲକ୍ଷ୍ମଣ ,ହନୁମାନଙ୍କ ପ୍ରତିମୂର୍ତ୍ତୀରେ କଳା ବୋଳି ଦେଇଛି କେହି ଦୁର୍ବୃତ୍ତ

ପୁରୀ,(ସବ୍ୟୁ): ପବିତ୍ର ନରେନ୍ଦ୍ର ପୁଷ୍କରିଣୀ ଥିବା କଳାକୃତିରେ କେହି ଦୃର୍ବୃତ୍ତ ବୋଳି ଦେଇ ଥିବା ଦେଖି ବାକୁ ମିଳିଛି । ବିକୃତ କରି ଦେଇଛି ୫୫ ଦେବାଦେବୀଙ୍କ ମୁହଁ । ରାମ ସୀତା, ଲକ୍ଷ୍ମଣ ,ହନୁମାନଙ୍କ ପ୍ରତିମୂର୍ତ୍ତୀରେ କଳା ବୋଳି ଦେଇଛି କେହି ଦୁର୍ବୃତ୍ତ । ହିନ୍ଦୁ ଦେବା ଦେବୀଙ୍କୁ ଅପମାନ ହୋଇ ଥିବା ଅଭିଯୋଗ ହୋଇଛି । ମଇଳା ଏତେ କଠିନ ରହିଛି ଯେ ଛଡ଼ାଇବାକୁ ଚାହିଁଲେ ମଧ ଛାଡୁନି । ସାଧାରଣରେ ଅସନ୍ତୋଷ । ୭୦ କୋଟି ରୁ ଉର୍ଦ୍ଧ୍ୱ ଟଙ୍କାରେ ୪ ତୀର୍ଥ ପୁଷ୍କରିଣୀର ଚାଲିଛି ରୂପାନ୍ତରୀକରଣ କାର୍ଯ୍ୟ । ତେବେ ନରେନ୍ଦ୍ରରେ ହୋଇଥିବା ଏହି ସୁନ୍ଦର କଳାକୃତି ଉପରେ ମଇଳା ବୋଳି ମୂର୍ତ୍ତି କୁ ବିକୃତ କରିବାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି ।

# ଶ୍ରୀଦୁର୍ଗା କଣ୍ଡେଭ୍‌ରେ ମାଘ ପୂର୍ଣ୍ଣିମା ଉତ୍ସବ

କଟକ, (ସ୍ୱପ୍ର): ପବିତ୍ର ମାଘପୂର୍ଣ୍ଣିମା ଉତ୍ସବ ଜଗତପୁର ତରୋଳସ୍ଥିତ ଶ୍ରୀ ଦୁର୍ଗା କଣ୍ଡେଭ୍ ପରିସରରେ ଅନୁଷ୍ଠିତ ହୋଇଥିଲା । ଏହି ଉପଲକ୍ଷେ ଏକବିଂଶତମ ଅଷ୍ଟପ୍ରହର ବ୍ୟାପୀ ନାମ ସଂକୀର୍ତ୍ତନ, ହନୁମତ୍ ପୂଜା, ଚାଳିଶା ଓ ସୁନ୍ଦରାକାଣ୍ଡ ପାରାୟଣ ଓ ଗୀତା ଯଜ୍ଞ ଓ ଭକ୍ତି ସଂଗୀତ କାର୍ଯ୍ୟକ୍ରମ ପାରମ୍ପରିକ ରୀତିରେ ଆୟୋଜିତ ହୋଇଥିଲା । ଶନିବାର ଅଧିବାସ ଓ ପୂର୍ଣ୍ଣମୀରେ ଅଷ୍ଟ ପ୍ରହର ନାମ ସଂକୀର୍ତ୍ତନରେ ବିଭିନ୍ନ ଅଞ୍ଚଳରୁ ସଂକୀର୍ତ୍ତନ ମଣ୍ଡଳୀ ଯୋଗଦେଇ ନାମ ପରିବେଷଣ କରିଥିଲେ । ଶ୍ରୀ ଦୁର୍ଗା କଣ୍ଡେଭ୍‌ର ପରିଚାଳନା ନିର୍ଦ୍ଦେଶକ ତଥା ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ଅଧକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ, ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ନିର୍ଦ୍ଦେଶକ ଇଂ ଦୁର୍ଗା ପ୍ରସାଦ ରଥ, ନିର୍ଦ୍ଦେଶକ ଶିବ ପ୍ରସାଦ ରଥ, ପ୍ରୋଜେକଟ ମ୍ୟାନେଜର ଜଗମୋହନ ରଥ, ଇଂ ମନୋଜ ଦାଶ, ଚାଟାର୍ଡ ଆକାଉଣ୍ଟାଣ୍ଟ ରମେଶ ପ୍ରତାପ, ଅଶୋକ କୁମାର ତ୍ରିପାଠୀଙ୍କ ସମେତ ବିଭିନ୍ନ ପଦାଧିକାରୀ, ବହୁମାନ୍ୟଗଣ୍ୟ ବ୍ୟକ୍ତି ଓ ଶ୍ରଦ୍ଧାଳୁ ଏହି ଧାର୍ମିକ କାର୍ଯ୍ୟକ୍ରମରେ ଯୋଗଦେଇ ବିଭୁ ଆଶୀର୍ବାଦ କାମନା କରିଥିଲେ । ଏହି ଅବସରରେ ସଂସ୍ଥାର ପ୍ରତିଷ୍ଠାତା କର୍ମଯୋଗୀ ଧନେଶ୍ୱର ରଥ, ଉଚ୍ଛାବତୀ ରଥ ଓ ପଦ୍ମିନୀ ରଥ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା ।

# ପୁରୀରେ ପ୍ରଥମ ପାରା ଆଥଲେଟିକ୍ସ ଚମ୍ପିୟାନସିପ ଅନୁଷ୍ଠିତ



ପୁରୀ, (ସବ୍ୟୁ): ରବିବାର ତାଳବଣିଆ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ଠାରେ ପ୍ରଥମ ପାରା ଆଥଲେଟିକ୍ସ ଚମ୍ପିୟାନସିପ ର ଆୟୋଜନ କରାଯାଇଥିଲା । ଏହାକୁ ଉଦଘାଟନ କରି ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ ଦିବ୍ୟାଙ୍ଗ ମାନେ ଆମ ସମାଜର ଏକ ଅଙ୍ଗ । ସେମାନଙ୍କ ମଧ୍ୟରେ ଅନେକ ପ୍ରତିଭା ଭରି ରହିଛି । ସେହି ପ୍ରତିଭା ର ବିକାଶ ସମାଜ ପାଇଁ ସମ୍ବଳ ସୃଷ୍ଟି କରି ପାରିବ । ପ୍ରଥମ ଥର ପାଇଁ ପୁରୀ ରେ ପାରା ଆଥଲେଟିକ ର ଆୟୋଜନ ଏକ ସୁନ୍ଦର ପଦକ୍ଷେପ । ଏହି ଆଥଲେଟ ମାନଙ୍କୁ ଆବଶ୍ୟକୀୟ ସହଯୋଗ ଯୋଗାଇ ଦିଆଯିବ ବୋଲି ସେ କହିଥିଲେ । ପୁରୀ ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ,କ୍ରୀଡା ସଂସଦର ପ୍ରାକ୍ତନ ସମ୍ପାଦକ ରବି ଶଙ୍କର ପ୍ରତିହାରୀ ପ୍ରମୁଖ ଯୋଗ ଦେଇ ଦିବ୍ୟାଙ୍ଗ ଙ୍କ ପ୍ରତିଭା, ସେମାନଙ୍କ ପ୍ରତି ରହିଥିବା ସରକାରୀ ବ୍ୟବସ୍ଥା, କ୍ରୀଡା କ୍ଷେତ୍ରରେ ସେମାନଙ୍କୁ ସହଯୋଗ ସମ୍ପର୍କରେ ଆଲୋକପାତ କରିଥିଲେ । ପାରା ଆଥଲେଟିକ୍ସ ର ରାଜ୍ୟ ସଭାପତି କମଳାକାନ୍ତ ରଥ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ରେ ଗଜଲକ୍ଷ୍ମୀ ରାୟ,ପାରା ଆଥଲେଟ ଇଣ୍ଡିଆ ର କୋଷାଧ୍ୟକ୍ଷ ସୁନିଲ କୁମାର ପରିଡା, ପ୍ରଶିକ୍ଷକ ବିଷ୍ଣୁ ପ୍ରସାଦ ମିଶ୍ର,ପାରା କ୍ରୀଡାବିତ ଜୟନ୍ତୀ ବେହେରା, ମାର୍କଣ୍ଡ ରେଡି,କମଳାକାନ୍ତ ନାୟକ ପ୍ରମୁଖ ଯୋଗ ଦେଇ ଥିଲେ । ପରେ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ।

# ପରିତ୍ୟକ୍ତ ନାଳରୁ ଯୁବକର ମୃତ ଦେହ ଉଦ୍ଧାର :ହତ୍ୟା ଅଭିଯୋଗ

ରଣପୁର,(ସବ୍ୟୁ):ସିନ୍ଦୁରିଆ ଗ୍ରାମ ନିକଟସ୍ଥ ଏକ ପରିତ୍ୟକ୍ତ ନାଳରୁ ଯୁବକର ମୃତ ଦେହ ଉଦ୍ଧାର ହୋଇଥିବା ବେଳେ ପରିବାର ଲୋକେ ହତ୍ୟା ଅଭିଯୋଗ ଆଣିଥିବା ସୂଚନା ମିଳିଛି । ଯୁବକ ଜଣଙ୍କ କାସନ୍ଦା ପଞ୍ଚାୟତର ବରପଲ୍ଲୀ ଗ୍ରାମର ବିକାଶ ପ୍ରଧାନ (୨୨) ବର୍ଷ ପିତା ଭୀମସେନ ପ୍ରଧାନ ବୋଲି ସୂଚନା ମିଳିଛି । ନୟାଗଡ ଜିଲ୍ଲା ରଣପୁର ଥାନା ଅନ୍ତର୍ଗତ ବରପଲ୍ଲୀ ଗ୍ରାମର ବିକାଶ ପ୍ରଧାନ ଗତ ସୋମବାର ଦିନ ନିକଟସ୍ଥ କୋଦାଳ ପଲ୍ଲୀ ଗ୍ରାମକୁ ବିବାହ ଭୋଜି ଖାଇବାକୁ ଯାଇ ଥିଲେ । କୋଦାଳପଲ୍ଲୀ ନିକଟରେ ଗାଡିଟିକୁ ରଖିଦେଇ ତାର ସାଙ୍ଗକୁ ଛବିଟି ଦେଇଦେଇ ଯାଇଥିଲେ ହେଲେ ସେ ଆଉ ଘରକୁ ଫେରିନଥିଲେ । ପରିବାର ଲୋକେ ପୁଅକୁ ବହୁ ଖୋଜାଲୋଡ଼ା କରିବା ପରେ କୌଣସି ସନ୍ଧାନ ନପାଇବାରୁ ପରିବାର ଲୋକେ ୨୮ ତାରିଖରେ ରଣପୁର ଥାନାରେ ଅଭିଯୋଗ କରିଥିଲେ । ଆଜି ସକାଳୁ ଯୁବକର ମୃତ ଦେହ ସିନ୍ଦୁରିଆ ଗ୍ରାମ ନିକଟରେ ବହିଯାଇଥିବା ଏକ ପରିତ୍ୟକ୍ତ ନାଳରେ ଭାସୁଥିବାର ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ । ଖବର ପାଇ ରାଜସୁନାଖଳା ଫାଣ୍ଡି ପୋଲିସ ,ରଣପୁର ପୋଲିସ ଓ ସାଇଣ୍ଟିଫିକ ଟିମ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି ।

# ଜିଲ୍ଲା ତେଲେଗା ଦୋରା ସମାଜର ସାଧାରଣ ବୈଠକ

ପୁରୀ, (ସବ୍ୟୁ): ଜିଲ୍ଲା ତେଲେଗା ଦୋରା ସମାଜ ପକ୍ଷରୁ ଷ୍ଟେସନ ରାମ ମନ୍ଦିର ପରିସରରେ ସାଧାରଣ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିସହ ସମାଜର ନୂତନ କମିଟି ଗଠନ କରାଯାଇଛି କ୍ଷ ଉପଦେଷ୍ଟା ଲକ୍ଷ୍ମଣ ଦୋରାଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା । ଜିଲ୍ଲା ତେଲେଗା ଡୋରା ସମାଜ ପୂର୍ବରୁ ଗଠନ କରାଯାଇଥିଲେ ମଧ୍ୟ ଏହାକୁ ଅଧିକ କ୍ରିୟାନୁଶୀଳ ସୁଦୃଢ଼ କରାଯାଇ ସମାଜ ମଙ୍ଗଳରେ କାର୍ଯ୍ୟ କରିବ ସେ ନେଇ ବୈଠକରେ ଗୁରୁତ୍ୱ ପ୍ରକାଶ ପାଇଥିଲା କ୍ଷ ଆଗାମୀ ଦିନରେ ସମାଜର ବିକାଶ ଦିଗରେ ଅନୁଷ୍ଠାନ କାର୍ଯ୍ୟ କରିବା ସହ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯିବା ନେଇ ବୈଠକରେ ମତ ପ୍ରକାଶ ପାଇଥିଲା । ସଭାକାର୍ଯ୍ୟ ପରେ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା । ସଭାପତି ଭାବେ ପ୍ରାକ୍ତନ ଡ଼ିଏସପି ହରିହର ଦୋରା, ଉପସଭାପତି ପି ଦିବାକର ରାଓ, ସମ୍ପାଦକ ଭାବେ ଇ ଜଗନ୍ନାଥ ରାଓ, ସହ ସମ୍ପାଦକ ଭାବେ ପି ଭାସ୍କର ରାଓ, କୋଷାଧ୍ୟକ୍ଷ ପି ଖଗେଶ୍ୱର ଦୋରା, କାର୍ଯ୍ୟକାରୀ ସଭ୍ୟ ଭାବେ ଡି ନରସିଂହ ରାଓ, ଏ ଶଙ୍କର ଦୋରା, ଏ ବିଶ୍ୱଜିତ ଦୋରା, ଏ ଜଗନ୍ନାଥ ଦୋରା, କେ ପ୍ରଶାନ୍ତ ରାଓ, ଇ ସୁନୀଲ କୁମାର ରାଓ, ଡି ଧରମା ରାଓ, ବି ସୁରେଶ ରାଓ, ଏ ରମେଶ ଦୋରା, ଉପଦେଷ୍ଟା ଭାବେ କେ ନାଗେଶ୍ୱର ଦୋରା, ଏସ ଲକ୍ଷ୍ମଣ ଦୋରା, ଏସ ଉମାପତି ଦୋରା, ଚନ୍ଦ୍ର ଶେଖର ଦୋରା, କ୍ରିଷ୍ଣା ରାଓ ମନୋନୀତ ହୋଇଥିଲେ କ୍ଷ ଡି ନରସିଂହ ରାଓ ସଭାକାର୍ଯ୍ୟ ପରିଚାଳନା କରିଥିଲେ । ଏହି ଅବସରରେ ଶ୍ରୀରାମ ମନ୍ଦିରକୁ ଅନୁଷ୍ଠାନ ପକ୍ଷରୁ ମିକ୍ସର ମେସିନ ଦାନ ସୂତ୍ରରେ ପ୍ରଦାନ କରାଯାଇଥିଲା ।

# ୫୩ ନଂ ୱାର୍ଡ କର୍ପୋରେଟର ଅରବିନ୍ଦ ଜେନାଙ୍କ ବନ୍ଧୁ ମିଳନ

କଟକ, (ସ୍ୱପ୍ର): ସ୍ଥାନୀୟ ୫୩ନଂ ଓ୍ୱାର୍ଡ କର୍ପୋରେଟର ଅରବିନ୍ଦ ଜେନାଙ୍କ ପକ୍ଷରୁ ରବିବାର ସାଇ ବୃନ୍ଦାବନ ଗାର୍ଡେନ ପରିସରରେ ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସାରଙ୍ଗ ପାଣି



ଷଡଙ୍ଗୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବିଧାୟକ ସୌଭିକ ବିଶ୍ୱାଳ, ସମ୍ମାନିତ ଅତିଥିଭାବେ ମେୟର ସୁବାଷ ଚନ୍ଦ୍ର ସିଂହ, ଅନ୍ୟତମ ଅତିଥିଭାବେ ଓ୍ୱାର୍କସ କମିଟି ଚେୟାରମ୍ୟାନ କର୍ପୋରେଟର ପ୍ରଦୀପ୍ତ ଖୁଣ୍ଟିଆ, ହେଲଥ କମିଟି ଚେୟାରମ୍ୟାନ କର୍ପୋରେଟର ଦିପ୍ତିମୟୀ ମୂଳିଆ, କର୍ପୋରେଟର ଇଂ ସୁବ୍ରତ ଘଡ଼ାଇ କର୍ପୋରେଟର ସୌଭାଗିନୀ ଜେନା ପ୍ରମୁଖ ଯୋଗଦେଇ ୱାର୍ଡର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟକ୍ରମରେ କର୍ପୋରେଟର ଅରବିନ୍ଦ ଜେନାଙ୍କ ଯୋଗଦାନ ଅନ୍ୟମାନଙ୍କ ପାଇଁ ଉଦାହରଣ ବୋଲି ମତବ୍ୟକ୍ତ କରିଥିଲେ । ୱାର୍ଡର ରାସ୍ତା ଘାଟ ଓ ପରିମଳ ବ୍ୟବସ୍ଥାରେ ପରିବର୍ତ୍ତନ ସହ ସମଗ୍ର ଅଞ୍ଚଳ ସ୍ୱଚ୍ଛ ସବୁଜ କରିବାରେ ତାଙ୍କ ଅବଦାନ ଅନନ୍ୟ । କାର୍ଯ୍ୟକ୍ରମରେ କର୍ପୋରେଟର ଶ୍ରୀ ଜେନା ଉଦବୋଧନ ଦେଇ ତାଙ୍କ କାର୍ଯ୍ୟକାଳରେ ୱାର୍ଡର ବିଭିନ୍ନ ଉନ୍ନୟନ କାର୍ଯ୍ୟକ୍ରମର ହିସାବ ଦେଇ ବିକାଶର ଚିତ୍ର ବଖାଣି ଥିଲେ । ଏହି ଅବସରରେ କର୍ପୋରେଟର ଶ୍ରୀ ଜେନା ୱାର୍ଡର ବିଭିନ୍ନ ବର୍ଗର ଲୋକମାନଙ୍କୁ ମଞ୍ଚକୁ ଡାକି ଓ୍ୱାର୍ଡ ବିକାଶ ସମ୍ପର୍କରେ ମତବ୍ୟକ୍ତ କରିବାକୁ ନିବେଦନ କରିଥିଲେ । ସମସ୍ତେ ୱାର୍ଡ ଉନ୍ନତି କଥା କହିବା ସହିତ କର୍ପୋରେଟରଙ୍କୁ ପ୍ରଶଂସା କରିଥିଲେ । ଏହି କାର୍ଯ୍ୟକ୍ରମରେ ବରିଷ୍ଠ ମୁରବୀ ରଜନୀକାନ୍ତ ପରିଜା, ସାହି ଅଧିକାରୀ ପ୍ରମୋଦ ଭୋଳ, ମନୋରଞ୍ଜନ ଗୋଛାୟତ, ବିନୋଦ ବେହେରା, ବିଜୟା ନନ୍ଦ ସାହୁ, ରଞ୍ଜନ କୁମାର ବେଉରା, ଉମାକାନ୍ତ ମହାପାତ୍ର, ଅଜୟ କୁମାର ମହାନ୍ତି, ସୁରେଶ ତରାଇ, ବିନୟ କୁମାର ଦାସ, ଅନାଦି ଚରଣ ଷଡଙ୍ଗୀ, ବୈକୁ= ସ୍ୱାଇଁ, ଚିତ୍ତରଞ୍ଜନ ନାୟକ, ସୁଜାତା ସ୍ୱାଇଁ, ବିଦ୍ୟୁଲତା ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ଡ଼ଃ ବ୍ୟୋମକେଶ କାନୁନଗୋ ଧନ୍ୟବାଦ ଅର୍ପଣ କରିଥିଲେ । ଏଠାରେ ସୂଚନାଯୋଗ୍ୟ କର୍ପୋରେଟର ଅରବିନ୍ଦ ଜେନା ବିଜେଡି ଟିକେଟରେ ନିର୍ବାଚନ ଜଣିଥିବାବେଳେ ଏହି ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ଦଳର କିଛି ଚିହ୍ନବର୍ଣ୍ଣ ଦେଖିବାକୁ ମିଳିନଥିଲା ।

## ହୋଣ୍ଡା ମୋଟରସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ପାଳନ କଲା ଜାତୀୟ ସଡ଼କ ସୁରକ୍ଷା ମାସ

ଭୁବନେଶ୍ୱର (ସବ୍ୟୁ): ହୋଣ୍ଡା ମୋଟରସାଇକଲ ଆଣ୍ଡ ସ୍କୁଟର ଇଣ୍ଡିଆ (ଏଚଏମ୍ଏସଆଇ) ଟ୍ରାଫିକ ନେଟୱର୍କ ନିୟମଗୁଡିକ ସମ୍ପର୍କରେ ଅଧିକ ଭଲ ଭାବରେ ବୁଝିବା ଏବଂ ନିରାପଦ ସଡ଼କ ବ୍ୟବହାରକୁ ଉତ୍ସାହିତ କରିବା ନିମନ୍ତେ ତାହାର ଡିଲର ନେଟୱର୍କ ଏବଂ ସ୍ଥାନୀୟ ସହଭାଗୀଙ୍କ ସହିତ ଘନିଷ୍ଠ ଭାବରେ କାର୍ଯ୍ୟକରି ସମଗ୍ର ଦେଶରେ ସଚେତନତା ଉପରେ ଦୃଷ୍ଟିନିବଦ୍ଧକାରୀ ଏକାଧିକ ପ୍ରୟାସ କାର୍ଯ୍ୟକାରୀ କରିଥିଲା । ସମୁଦାୟ ଏକ ମାସ ଧରି ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମଗୁଡିକ ରାଷ୍ଟ୍ରବ୍ୟାପୀ ଅନେକ ସହରରେ କାର୍ଯ୍ୟକାରୀ କରାଯାଇଥିଲା, ଯାହା ୩୦୦୦୦ରୁ ଅଧିକ ଅଂଶଗ୍ରହଣକାରୀଙ୍କ ନିକଟରେ ପହଞ୍ଚିଥିଲା । ଏହାର ଜାତୀୟ ସଡ଼କ ସୁରକ୍ଷା ମାସ ପ୍ରୟାସସମୂହର ଅଂଶ ଭାବରେ ଏଚଏମ୍ଏସଆଇ ତାହାର ଜୟପୁର ଆଇଡିଆଲ୍ ରୋଡ୍ ସେଫ୍ଟି ପ୍ରୋଜେକ୍ଟ ଶୁଭାରମ୍ଭ କରିଥିଲା, ଯାହା ସୁରକ୍ଷିତ ଏବଂ ଅଧିକ ଦାୟିତ୍ୱସମ୍ପନ୍ନ ଗମନା ଗମନ ନିମନ୍ତେ ଏହାର ଦୃଷ୍ଟିନିବଦ୍ଧକାରୀ ପ୍ରୟାସକୁ ପ୍ରଦର୍ଶିତ କରିଥିଲା । ଏହି ପ୍ରୋଜେକ୍ଟ ସହିତ ଶିକ୍ଷା, ପ୍ରବର୍ତ୍ତନ, ଇଞ୍ଜିନିୟରିଂ ଏବଂ ନୂତନ ସମ୍ବେଦୀ ପରିସ୍ଥିତିଗୁଡିକୁ ସ୍କୁଲ, ଟ୍ରାଫିକ ପୋଲିସ, ସ୍ଥାନୀୟ କର୍ତ୍ତୃପକ୍ଷ ଏବଂ ନାଗରିକମାନଙ୍କ ସହଭାଗୀତା ଜରିଆରେ ଦୈନନ୍ଦିନ ଜନସାଧାରଣଙ୍କ ସହିତ ସମନ୍ୱିତ କରି ଏକ ପୂର୍ଣ୍ଣାଙ୍ଗ ଆଭିମୁଖ୍ୟ ଗ୍ରହଣ କରିଛି ।

# କେନ୍ଦ୍ର ବଜେଟକୁ ସ୍ୱାଗତ କଲା କଟକ ଜିଲ୍ଲା ବିଜେପି

କଟକ, (ସ୍ୱପ୍ର) : କେନ୍ଦ୍ର ବଜେଟ୍ ୨୦୨୬-୨୭ ନେଇ କଟକ ଜିଲ୍ଲା ବିଜେପି ପକ୍ଷରୁ ସ୍ୱାଗତ କରାଯାଇଛି । ରବିବାର କଟକ ଜିଲ୍ଲା ବିଜେପି ସଭାପତି ସୁକାନ୍ତ ବିଶ୍ୱାଳ ପ୍ରତିକ୍ରିୟା ଦେଇ କହିଥିଲେ ଏହି ବଜେଟ୍ ଓଡ଼ିଶାକୁ ପୂର୍ବ ଭାରତର ଆର୍ଥିକ ପ୍ରଗତିର ପେଣ୍ଠସ୍ଥଳୀ ଭାବେ ଗଢ଼ିତୋଳିବ । ଏମଏସଏମଇ, ମହିଳା ସ୍ୱୟଂ ସହାୟକ ଗୋଷ୍ଠିଙ୍କୁ ସ୍ୱାବଲମ୍ବୀ କରିବା ସହିତ ଏହି ବଜେଟ କୃଷି, କୃଷକ, ଦଳିତ, ପଛୁଆବର୍ଗ, ଯୁବ ବର୍ଗ ଆଦି ସବୁବର୍ଗର ଉନ୍ନତି ସାଧିତ କରିବ । ଏଥିରେ କଟକ-ସଦର ବିଧାୟକ ଯୋଗଦେଇ କହିଲେ, ଏହି ବଜେଟ୍ ସବକା ସାଥ୍, ସବକା ବିକାଶ ମନ୍ତ୍ର ଉପରେ ଗୁରୁତ୍ୱ ଦେଇଛି । ଯାହା ଦ୍ୱାରା ଗରିବ ଏବଂ ମଧ୍ୟବିତ୍ତ ପରିବାର ବିଶେଷ ଭାବରେ ଲାଭ ପାଇବେ । ଏହି ବଜେଟ୍ ଓଡ଼ିଶାର ସାଧାରଣ ଜନତା, ଚାଷୀ, ମହିଳା, ଯୁବ, ଜନଜାତି ସମେତ ସବୁବର୍ଗଙ୍କୁ ଗୁରୁତ୍ୱ ଦେଉଥିବା ଏକ ଜନହିତକର ବଜେଟ୍ । ଏଥିରେ ବିଜେପି ନେତ୍ରୀ ରାଜ୍ୟ ସମ୍ପାଦିକା ସ୍ମୃତି ପଟ୍ଟନାୟକ, ବିଜେପି ମହିଳାନେତ୍ରୀ ରଶ୍ମୀରେଖା ଦାଶ, ସାଧାରଣ ସମ୍ପାଦକ ଇନ୍ଦ୍ରମଣି



ମଲ୍ଲିକ, ପ୍ରାଧ୍ୟାପିକା ସୁରେଖା ନଳିନୀ ସ୍ୱାଇଁ ପ୍ରମୁଖ କେନ୍ଦ୍ର ବଜେଟକୁ ସ୍ୱାଗତ କରିବା ସହିତ ବଜେଟରେ 'ବିରଳ ଖଣିଜ କରିଡର' ସୃଷ୍ଟି ଓଡ଼ିଶାର ଶିଳ୍ପାୟନ କ୍ଷେତ୍ରରେ ଏକ ଯୁଗାନ୍ତକାରୀ ପଦକ୍ଷେପ । ଓଡ଼ିଶା ସମେତ ଚାରୋଟି ରାଜ୍ୟକୁ ନେଇ ଗଠିତ ହେବାକୁ ଥିବା ଏହି କରିଡର, ଆମ ରାଜ୍ୟର ପ୍ରଚୁର ଖଣିଜ ସମ୍ପଦକୁ ବିଶ୍ୱସ୍ତରୀୟ ବଜାରରେ ଏକ ସ୍ୱତନ୍ତ୍ର ପରିଚୟ ଦେବ । ଏହା ଦ୍ୱାରା ସେମିକଣ୍ଡକ୍ଟର ଓ ଗ୍ରୀନ୍ ଏନର୍ଜି ଭଳି ଆଧୁନିକ ଶିଳ୍ପର ବିକାଶ ହେବା ସହ ଆମ ଯୁବପିଢ଼ିଙ୍କ ପାଇଁ ନିଯୁକ୍ତିର ଅସୀମ ସୁଯୋଗ ସୃଷ୍ଟି କରିବ ବୋଲି କହିଥିଲେ । ଏହି କାର୍ଯ୍ୟକ୍ରମରେ କଟକ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଶତାଧିକ ବିଜେପି କର୍ମୀ ଯୋଗଦେଇ ବଜେଟକୁ ସ୍ୱାଗତ କରିଥିଲେ ।

## ମନର ନିଅନ୍ତୁ ଯତ୍ନ



ଶାରିରୀକ ସ୍ୱାସ୍ଥ୍ୟ ଭଳି ମାନସିକ ସ୍ୱାସ୍ଥ୍ୟର ଯତ୍ନ ନେବାର ମଧ୍ୟ ଆବଶ୍ୟକତା ରହିଛି । ଆଜିକାଲି ବିଭିନ୍ନ ପ୍ରକାରର ସମସ୍ୟା ଭିତରେ ଖୁବ କମ ବୟସରୁ ମାନସିକ ସମସ୍ୟା ଦେଖିବାକୁ ମିଳୁଛି । ତେବେ ସମସ୍ୟା ଭିତରେ ବି ନିଜ ସ୍ୱାସ୍ଥ୍ୟର ଯତ୍ନ ନେବାର ଆବଶ୍ୟକତା ରହିଛି । ଆସନ୍ତୁ ଜାଣିବା କିଭଳି ଦୈନନ୍ଦିନ ଜୀବନରେ ନିଜ ମାନସିକ ସ୍ୱାସ୍ଥ୍ୟର ଧ୍ୟାନ ରଖିପାରିବେ ।

**ନିଦ୍ରା ଓ ବ୍ୟାୟାମ :** ମାନସିକ ସ୍ୱାସ୍ଥ୍ୟ ଓ ଶାରୀରିକ ସ୍ୱାସ୍ଥ୍ୟ ପରସ୍ପର ସହ ଜଡ଼ିତ । ଜଣେ ସୁସ୍ଥ ବ୍ୟକ୍ତିଙ୍କ ପାଇଁ ଦୈନିକ ୭ରୁ ୮ ଘଣ୍ଟା ଶୋଇବା ନିହାତି ଆବଶ୍ୟକ । ନିଦ୍ରା ଅଭାବରୁ ଚିଡ଼ିଚିଡ଼ାପଣ ଏବଂ ମାନସିକ ଚାପ ସୃଷ୍ଟି ହୁଏ । ସେହିପରି ନିୟମିତ ବ୍ୟାୟାମ କଲେ ଶରୀରରେ 'ଏଣ୍ଡୋରଫିନ୍' ନାମକ ହରମୋନ କ୍ଷରିତ ହୁଏ, ଯାହା ମନକୁ ଖୁସି ରଖିବାରେ ସାହାଯ୍ୟ କରିଥାଏ ।

**ସାମାଜିକ ଯୋଗାଯୋଗ :** ମଣିଷ ଏକ ସାମାଜିକ ପ୍ରାଣୀ । ଏକାକୀପଣ ଅନେକ ସମୟରେ ମାନସିକ ଅବସାଦର କାରଣ ହୋଇଥାଏ । ତେଣୁ ନିଜ ପରିବାର, ସାଙ୍ଗସାଥୀ ଏବଂ ଶୁଭେଚ୍ଛୁମାନଙ୍କ ସହ ସମୟ ବିତାଇବା ଉଚିତ । ନିଜର ମନର କଥା କାହା ସହିତ ସେୟାର କଲେ ମନ ହାଲୁକା ହୁଏ । ସାମାଜିକ ସ୍ତରରେ ଲୋକଙ୍କ ସହ ମିଳାମିଶା କରିବା ଦ୍ୱାରା ଆତ୍ମବିଶ୍ୱାସ ବୃଦ୍ଧି ପାଇଥାଏ ।

**ସକାରାତ୍ମକ ଚିନ୍ତାଧାରା :** ଆମର ଚିନ୍ତାଧାରା ଆମ ମାନସିକ ଅବସ୍ଥାକୁ ପ୍ରଭାବିତ କରିଥାଏ । ସବୁବେଳେ ନକାରାତ୍ମକ ଚିନ୍ତାରୁ ଦୂରେଇ ରହିବା ପାଇଁ ଚେଷ୍ଟା କରନ୍ତୁ । ପ୍ରତିଦିନ କିଛି ସମୟ ଧ୍ୟାନ କିମ୍ବା ଯୋଗ କରନ୍ତୁ । ଏହା ଆପଣଙ୍କୁ ବର୍ତ୍ତମାନରେ ବଞ୍ଚିବା ଶିଖାଇଥାଏ ଏବଂ ଅଯଥା ଭୟ କିମ୍ବା ଚିନ୍ତାରୁ ମୁକ୍ତି ଦେଇଥାଏ । ନିଜ ଭିତରେ ଥିବା ଭଲ ଗୁଣ ଗୁଡ଼ିକୁ ଚିହ୍ନନ୍ତୁ ଏବଂ କୃତଜ୍ଞତା ଜଣାନ୍ତୁ ।

**ସୁସ୍ଥ ଖାଦ୍ୟପେୟ :** ଆମେ ଯାହା ଖାଉ ତାହାର ପ୍ରଭାବ ଆମ ମସ୍ତିଷ୍କ ଉପରେ ପଡ଼ିଥାଏ । ପୁଷ୍ଟିକର ଖାଦ୍ୟ, ଫଳ ଏବଂ ପନିପରିବା ମାନସିକ ସ୍ଥିରତା ପାଇଁ ସହାୟକ ହୁଏ । ସେହିପରି ମଦ୍ୟପାନ, ଧୂମ୍ରପାନ କିମ୍ବା ଅନ୍ୟାନ୍ୟ ନିଶାଦ୍ରବ୍ୟ ସାମୟିକ ଭାବେ ଆରାମ ଦେଲା ପରି ମନେ ହେଉଥିଲେ ମଧ୍ୟ ଦୀର୍ଘ ସମୟ ପାଇଁ ମାନସିକ ସ୍ୱାସ୍ଥ୍ୟକୁ ବିଗାଡ଼ି ଦେଇଥାଏ । ତେଣୁ ସୁସ୍ଥ ଜୀବନଶୈଳୀ ଆପଣାଇବା ମାନସିକ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଜରୁରୀ ।

## ହାଃହାଃ



ଶିକ୍ଷକ : ପୁଅ କହିଲୁ, "ପାଣିକୁ ଗରମ କଲେ କ'ଣ ହୁଏ?"
ଛାତ୍ର: ଆଜ୍ଞା, ପାଣିକୁ ବେଶୀ ଗରମ କଲେ ତାହା ବାଷ୍ପ ହୋଇ ଉଡ଼ିଯାଏ ।
ଶିକ୍ଷକ: ଆହୁରି ବେଶୀ ଗରମ କଲେ?
ଛାତ୍ର: ଗ୍ୟାସ୍ ସରିଯାଏ ଆଉ ମା' ପାଖରୁ ମାଡ଼ ପଡ଼େ!

## ସୋସିଆଲ କୋଟ୍ସ



"ଗଦର'ର ସଫଳତା ପରେ ହିଁ ଅସଲ ଷ୍ଟ୍ରଗଲ ଆରମ୍ଭ ହୋଇଥିଲା । ଏହାପରେ ଅନେକ ଦିନ ପର୍ଯ୍ୟନ୍ତ ମୋତେ କୌଣସି ଭଲ ସ୍କ୍ରିପ୍ଟ ମିଳି ନଥିଲା । ଯାହା ମୋତେ ଅନେକ ଦିନ ଯାଏଁ ସମସ୍ୟାରେ ପକାଇଥିଲା ।

ସନ୍ନି ଦେଓଲ, ଅଭିନେତା



ମୁଁ ଏକ ପ୍ରାଇଭେଟ୍ସ ୱେଡିଂ ଫଙ୍କସନ୍‌ରେ ହାରାସମେଣ୍ଟର ଶିକାର ହୋଇଛି । ଜଣେ ମହିଳା ଫ୍ୟାନ ମୋତେ ଖରାପ ଢଙ୍ଗରେ କିସ୍ କରିଥିଲେ । ସେହିଭଳି ଆଉ ଜଣେ ଫ୍ୟାନ ଆଟେନ୍‌ସନ ପାଇବା ପାଇଁ ମୋ ଉପରକୁ ବୋତଲ ମଧ୍ୟ ଫିଙ୍ଗିଥିଲେ ।

ହାର୍ଡି ସାନ୍ଧୁ, ସିଙ୍ଗର



ମୁଁ ଯେତେବେଳେ ଇଣ୍ଡଷ୍ଟ୍ରୀକୁ ଆସିଥିଲି ସେତେବେଳେ ମୋତେ ହିନ୍ଦୀ ଆସୁନଥିଲା । ଏଠାକୁ ଆସିବା ପରେ ମୁଁ ହିନ୍ଦୀ ଶିଖିଥିଲି । ମୁଁ କୌଣସି ଯୋଜନା କରି ଇଣ୍ଡଷ୍ଟ୍ରୀକୁ ଆସି ନଥିଲି ।


ଶୋଭିତା ଧୂଳିପାଲା, ଅଭିନେତ୍ରୀ

## ଇତିହାସ

୧୬୨୬- ଚାର୍ଲ୍ସ ପ୍ରଥମ ଇଂଲଣ୍ଡର ସମ୍ରାଟ ହେଲେ ।
୧୮୬୨- ଶମ୍ଭୁନାଥ ପଣ୍ଡିତ କୋଲକାତା ହାଇକୋର୍ଟର ପ୍ରଥମ ଭାରତୀୟ ନ୍ୟାୟାଧୀଶ ହେଲେ ।
୧୯୦୧- ରାଣୀ ଭିକ୍ଟୋରିଆଙ୍କ ଅନ୍ତିମ ସଂସ୍କାର କରାଗଲା ।
୧୯୧୩- ନ୍ୟୁୟର୍କରେ ଗ୍ରାଣ୍ଡ ସେଣ୍ଟ୍ରାଲ୍ ଟର୍ମିନାଲ୍‌ର ଶୁଭାରମ୍ଭ କରାଗଲା ।
୧୯୪୯- ପ୍ରେସ୍ ଟ୍ରଷ୍ଟ ଅଫ୍ ଇଣ୍ଡିଆର ସ୍ଥାପନା କରାଗଲା ।
୧୯୫୨- ଚେନ୍ନାଇରେ ଭାରତ ପ୍ରଥମ ଟେଷ୍ଟ କ୍ରିକେଟ୍ ମ୍ୟାଚ୍ ଜିତିଲା ।
୧୯୫୩- ଅଖିଳ ଭାରତୀୟ ଖଦୀ ଓ ଗ୍ରାମୋଦ୍ୟୋଗ ବୋର୍ଡ଼ର ଗଠନ କରାଗଲା ।
୨୦୦୭- ଅନ୍ତର୍ଜାତୀୟ ପ୍ୟାନେଲ୍ ବା ଆଇପିସିସି ଗ୍ଲୋବାଲ୍ ୱାର୍ମିଂ ଉପରେ ରିପୋର୍ଟ ପ୍ରସ୍ତୁତ କଲା ।
୨୦୧୨- ସୁପ୍ରିମକୋର୍ଟଙ୍କ ଦ୍ୱାରା ୨୨ଟି ସଂସ୍ଥାକୁ ୨ଜି ସ୍ପେକଟ୍ରମ୍ ଆବଣ୍ଟନକୁ ଅବୈଧ ଘୋଷଣା କରାଗଲା ।

## ଏଆଇ ଦେଖୁଛି ଖାତା

ଆଜିର ଦୁନିଆରେ କୃତ୍ରିମ ବୁଦ୍ଧିମତା ବା ଏଆଇର ବ୍ୟବହାର କଳ୍ପନା ବାହାରକୁ ଗଲାଣି, ଯେଉଁଠାରେ ଚାଇନାର ସ୍କୁଲଗୁଡ଼ିକରେ ସ୍କୁଲ୍ ଘଣ୍ଟି ବାଜିବା ପୂର୍ବରୁ ହିଁ ପିଲାଙ୍କ ହୋମୱାର୍କ ଯାଞ୍ଚ ହୋଇ ଦାଖଲ ମଧ୍ୟ ହୋଇସାରୁଛି । ଅତ୍ୟାଧୁନିକ ନ୍ୟୁରାଲ୍ ନେଟୱାର୍କ ସାହାଯ୍ୟରେ ଛାତ୍ରଛାତ୍ରୀଙ୍କ ହାତଲେଖା ଖାତାକୁ ସ୍କାନ କରି ସେଥିରୁ ଭୁଲ ବାହାର କରିବା ସହ କିଛି ସେକେଣ୍ଡ ମଧ୍ୟରେ ଗ୍ରେଡ୍ ଏବଂ ଫିଡ୍‌ବ୍ୟାକ୍ ପ୍ରଦାନ କରାଯାଉଛି । ଯଦିଓ ସୃଜନଶୀଳ ରଚନା ପାଇଁ ଶିକ୍ଷକମାନଙ୍କ ଆବଶ୍ୟକତା ଏବେ ବି ରହିଛି ହେଲେ ଏଆଇର ବ୍ୟବହାର ବଢ଼ିବାରେ ଲାଗିଛି । ସାଂଘାଇ ଏବଂ ବେଜିଂ ଭଳି ପ୍ରମୁଖ ସହରର ୧୧୦ରୁ ଅଧିକ ସ୍କୁଲରେ ଏଭଳି ଡିଭାଇସ୍ ବ୍ୟବହାର ହେଉଛି, ଯାହା ମିନିଟ୍ ପ୍ରତି ୨୬ ପୃଷ୍ଠା ଯାଞ୍ଚ କରି ଶିକ୍ଷକଙ୍କ କାର୍ଯ୍ୟଭାରକୁ ୫୦ ପ୍ରତିଶତ ପର୍ଯ୍ୟନ୍ତ କମାଇ ଦେଇଛି । ସୋସିଆଲ ମିଡିଆରେ ଏହାକୁ ମିଶ୍ରିତ ପ୍ରତିକ୍ରିୟା ମିଳୁଛି । କିଛି ଲୋକ ଏହାକୁ ପସନ୍ଦ କରୁଥିବାବେଳେ କିଛି ଲୋକ ଏହାକୁ ନାପସନ୍ଦ କରୁଛନ୍ତି ।



## ଫେରୁଛନ୍ତି କଙ୍କଡ଼ା

ପ୍ରତି ବର୍ଷ ଭଳି ଚଳିତ ବର୍ଷମଧ୍ୟ କଙ୍କଡ଼ାଙ୍କର ସବୁଠାରୁ ବଡ ମାଇଗ୍ରେସନ ଆରମ୍ଭ ହୋଇଛି । ନିକଟରେ ଅଷ୍ଟ୍ରେଲିଆର କ୍ରିସମାସ ଆଇଲାଣ୍ଡରେ ବର୍ତ୍ତମାନ ଛୋଟ ଛୋଟ ଲାଲ କଙ୍କଡ଼ାଙ୍କର ସମାହାର ଦେଖିବାକୁ ମିଳୁଛି । ପ୍ରତିବର୍ଷ ଅକ୍ଟୋବରରୁ ଜାନୁଆରୀ ମାସ ଭିତରେ ଏହି ମାଇଗ୍ରେସନ ହୋଇଥାଏ । ପ୍ରଥମ ମନସୁନ ବର୍ଷା ଆରମ୍ଭ ହେଲେ କଙ୍କଡ଼ାମାନେ ନିଜ ଗାତରୁ ବାହାରି ସମୁଦ୍ର ଆଡକୁ ଗସ୍ତ କରିଥାଆନ୍ତି । ଏହାପରେ ସମୁଦ୍ରକୂଳରେ ଅଣ୍ଡା ଦେବା ସହିତ ଛୁଆ ଜନ୍ମ ନେଇଥାଆନ୍ତି । ଯାହାପରେ ଛୁଆଙ୍କ ସହିତ ସେମାନେ ଜଙ୍ଗଲକୁ ଫେରିଥାଆନ୍ତି, ଯାହା ସବୁଠାରୁ ବଡ ମାଇଗ୍ରେସନ ବୋଲି ମତ ରହିଛି । ତେବେ ଅନେକ ସମୟରେ ଛୋଟ କଙ୍କଡ଼ା ଅନ୍ୟମାନଙ୍କର ଶିକାର ପାଲଟିଯାଆନ୍ତି । ହେଲେ ଚଳିତ ବର୍ଷ ଏମାନଙ୍କ ସଂଖ୍ୟା ଖୁବ ଅଧିକ ଥିବା ଜଣା ପଡ଼ିଛି ।



## ଦାନ୍ତକୁ କରାଯାଇଥାଏ କଳା

ଚୀନରେ ଅନେକ ଅଜବ ପରମ୍ପରା ପାଳନ କରାଯାଇଥାଏ । ସେହିଭଳି ଏକ ପରମ୍ପରା ହେଲା ଏଠାରେ ଲୋକମାନେ ଯୁବା ଅବସ୍ଥା ଅର୍ଥାତ ୧୪ ରୁ ୧୫ ବର୍ଷରେ ପହଞ୍ଚିବା ପରେ ସମସ୍ତେ ନିଜର ଦାନ୍ତକୁ କଳା କରିବାର ପ୍ରଥା ରହିଛି । ଏହି ପରମ୍ପରାକୁ ରାଞ୍ଚି କୁହାଯାଇଥାଏ । ଏଠିକାର ଲୋକଙ୍କ ବିଶ୍ୱାସ ଅନୁସାରେ କଳା ଦାନ୍ତ ଖରାପ ଶକ୍ତିଠାରୁ ଲୋକଙ୍କ ରକ୍ଷା କରିଥାଏ । ସେହିଭଳି ଦାନ୍ତ କଳା ପଡିବା ସେମାନଙ୍କର ଯୁବା ଅବସ୍ଥା ସମ୍ପର୍କରେ ସମାଜକୁ ସୂଚନା ଦେଇଥାଏ । ପ୍ରଥମେ ଦାନ୍ତରେ ଖଟା ରସ ଲଗାଯାଇଥାଏ ଏହାପରେ କାଠର ଧୂଆଁରେ ଦାନ୍ତକୁ କଳା କରାଯାଇଥାଏ । ଏହି ପ୍ରଥା ଅନେକ ଦିନ ଧରି କରାଯାଇଥାଏ ଯେଉଁ ପୁଅଝିଅମାନେ ଜଣେ ଅନ୍ୟ ଜଣଙ୍କର ଦାନ୍ତ କଳା କରନ୍ତି । ଦାନ୍ତ କଳା ନହୋଇଥିବା ବ୍ୟକ୍ତିମାନଙ୍କୁ ପୁରା ଜୀବନ ସାମାଜିକ ସୁରକ୍ଷା ମିଳିନଥାଏ । ସେମାନଙ୍କୁ କୌଣସି ବିବାହ କିମ୍ବା ପର୍ବପର୍ବାଣୀରେ ଭାଗ ମିଳିନଥାଏ ।

## ସାଉଥରେ କରିବେ କମାଲ



ଖୁବଶୀଘ୍ର ବଲିଉଡ ହିରୋଇନ ଶ୍ରଦ୍ଧା କପୁରଙ୍କୁ ସାଉଥର ବଡ ପ୍ରୋଜେକ୍ଟରେ ଲିଡ ରୋଲରେ ଦେଖିବାକୁ ମିଳିବ । ନିକଟରେ ମିଳିଥିବା ସୂଚନା ଅନୁସାରେ ନିର୍ଦ୍ଦେଶକ ଲୋକେସ କନାରାଜଙ୍କର ପରବର୍ତ୍ତୀ ପ୍ରୋଜେକ୍ଟ ଏଏ୨୩ ରେ ଶ୍ରଦ୍ଧାଙ୍କ ସହିତ ଅଲ୍ଲୁ ଅର୍ଜୁନଙ୍କୁ ମଧ୍ୟ ଦେଖିବାକୁ ମିଳିବ । ଖବର ଜଣା ପଡିବା ପରେ ଶ୍ରଦ୍ଧାଙ୍କର ଫ୍ୟାନମାନେ ଖୁବ ଖୁସି ଅଛନ୍ତି । ବଲିଉଡ ଭଳି ସାଉଥରେ ମଧ୍ୟ ଲୋକମାନେ ଶ୍ରଦ୍ଧାଙ୍କୁ ପସନ୍ଦ କରିବେ ବୋଲି ତାଙ୍କ ଫ୍ୟାନମାନେ ଆଶା ରଖିଛନ୍ତି । ସେହିଭଳି ନୂଆ ପ୍ରୋଜେକ୍ଟକୁ ନେଇ ନିଜେ ଶ୍ରଦ୍ଧା ମଧ୍ୟ ଖୁବ ଖୁସି ଅଛନ୍ତି । ଏହି ପ୍ରୋଜେକ୍ଟରେ ଅନ୍ୟ କିଛି ବଡ ଷ୍ଟାରଙ୍କୁ ମଧ୍ୟ କେମିଓ ରୋଲରେ ଦେଖିବାକୁ ମିଳିବ । ପୁରା ଟିମ ପ୍ରୋଜେକ୍ଟକୁ ନେଇ ଖୁବ ଆଶାବାଦୀ ଅଛନ୍ତି ।

## ରକ୍ତ ସଫାକଲେ କମୁଛି ବୟସ



ବ୍ରିଟେନର ଜଣେ ମହିଳା ବର୍ତ୍ତମାନ ନିଜର ଅଜବ ଦାବି ପାଇଁ ଖୁବ ଚର୍ଚ୍ଚାରେ ଅଛନ୍ତି । ଉକ୍ତ ମହିଳାଙ୍କ ଦାବି ଅନୁସାରେ ସେ ନିଜର ରକ୍ତକୁ ସଫା କରିବା ଫଳରେ ନିଜ ବୟସକୁ ରୋକି ପାରିଛନ୍ତି । ଇଂଲଣ୍ଡରେ ରହୁଥିବା ଏହି ୩୬ ବର୍ଷୀୟ ମହିଳା ନିଜ ବୟସ କମାଇବା ପାଇଁ ରକ୍ତ ସଫା କରାଇବାର ବ୍ୟବସ୍ଥା କରିଛନ୍ତି । ଏହି ପ୍ରକ୍ରିୟାରେ ସେ ନିଜ ରକ୍ତରୁ ପାଖାପାଖି ୪୦୦ ଏମ୍ଏଲ ଅପରିଷ୍କାର ସାମଗ୍ରୀ ବାହାର କରିଛନ୍ତି । ଯାହାଫଳରେ ବର୍ତ୍ତମାନ ତାଙ୍କୁ ତାଙ୍କ ବୟସ ୨୮ ବର୍ଷ ଭଳି ଲାଗୁଛି । ଏହି ପ୍ରକ୍ରିୟାରେ ଶରୀରର ରକ୍ତରୁ ମେସିନ ଓ ଡାକ୍ତରୀ ସହାୟତାରେ ସମସ୍ତ ଅପରିଷ୍କାର ବାହାର କରାଯାଇ ଡିଟକ୍ସିଫାଏ କରାଯାଇଥାଏ । ମହିଳାଙ୍କୁ ଏହି ପ୍ରକ୍ରିୟା କରିବାକୁ ପାଖାପାଖି ୨ଲକ୍ଷ ଟଙ୍କାର ବ୍ୟୟ ଆସିଛି । ସେହିଭଳି ଏହି ପ୍ରକ୍ରିୟା କରିବା ପରେ ଉକ୍ତ ମହିଳାଙ୍କର ଶରୀରରେ ସକରାତ୍ମକ ପରିବର୍ତ୍ତନ ଆସିଛି ବୋଲି ସେ ମତ ଦେଇଛନ୍ତି ।



ମେଷ _ ଦ୍ରବ୍ୟଲାଭ, ଶୁଭଖବର, ନୂତନ କର୍ମାରମ୍ଭ, ବନ୍ଧୁ ଦର୍ଶନ, ଶତ୍ରୁ ସମସ୍ୟା, ବ୍ୟବସାୟରେ ଉନ୍ନତି, ଅଶ୍ୱିନୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ _ ଧଳା, ସଂଖ୍ୟା _ ୧୦, ଆରାଧନା _ ମା କନକ ଲକ୍ଷ୍ମୀ ।

ବୃଷ _ ବ୍ୟବସାୟରେ ସ୍ୱଳ୍ପଲାଭ, ଶରୀରସୁସ୍ଥ, ଯାନବାହନରେ ସତର୍କ, ଉଚ୍ଚ ସ୍ଥାନରୁ ପଡିଯାଇ ପାରନ୍ତି, ଗୃହେ ସମସ୍ୟା, କୃତ୍ତିକା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ _ ପିଙ୍କ, ସଂଖ୍ୟା _ ୮, ଆରାଧନା _ ଶଙ୍କର ଭଗବାନ ।

ମିଥୁନ _ କାର୍ଯ୍ୟରେ ଉନ୍ନତି, ଶାରିରୀକ ସୁସ୍ଥତା, ବ୍ୟବସାୟରେ ଉନ୍ନତି, ଆକସ୍ମିକ ଧନଲାଭ, ଗୃହେ ସମସ୍ୟା ବିଦ୍ୟାରେ ସଫଳତା, ଦାମ୍ପତ୍ୟ ସୁଖ, ମୃଗଶିରା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ _ ଗୋଲାପି, ସଂଖ୍ୟା _ ୧୨, ଆରାଧନା _ ମା ଦକ୍ଷୀଣ କାଳୀ ।

କର୍କଟ _ କାର୍ଯ୍ୟରେ ସଫଳ, ବ୍ୟବସାୟରେ ସ୍ୱଳ୍ପଲାଭ, ଶରୀରସୁସ୍ଥ, ବନ୍ଧୁ ସାହାଯ୍ୟ, ଦାମ୍ପତ୍ୟ କଳହ, ଅର୍ଥ ସମସ୍ୟା, ଜମିଜମା ଗଣ୍ଡଗୋଳ, ଉଚ୍ଚଆଶାରେ ବାଧା, ସନ୍ତାନ ସୁଖ, ପୁନର୍ବସୁ ନକ୍ଷତ୍ର ରୁହନ୍ତୁ, ଶୁଭରଙ୍ଗ _ ଲାଲ, ସଂଖ୍ୟା _ ୪, ଆରାଧନା _ ମା ବଗଳାମୁଖୀ ।

ସିଂହ _ ଅର୍ଥଲାଭ, ସନ୍ତାନ ଚିନ୍ତା, ଦ୍ରବ୍ୟ ପ୍ରାପ୍ତି ଶତ୍ରୁ ପରାଜିତ, ବ୍ୟବସାୟରେ ଲାଭ, ଶରୀର ସୁସ୍ଥ, ଅତିଥି ସତ୍କାର, ସ୍ଥାନ ପ୍ରାପ୍ତି, ମଘା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ _ ଧଳା, ସଂଖ୍ୟା _ ୧୧, ଆରାଧନା _ ମା ମହା ଲକ୍ଷ୍ମୀ ।

କନ୍ୟା _ ବନ୍ଧୁ ସାହାଯ୍ୟ, ଭୂସମ୍ପତ୍ତି ଲାଭ, ଗାଡିମୋଟର ଚାଳନାରେ ସତର୍କ, ଦାମ୍ପତ୍ୟ କଳହ, ବିଦ୍ୟାରେ ସଫଳତା, ଉତ୍ତରା ଫାଲଗୁନି ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ _ କମଳା, ସଂଖ୍ୟା _ ୭, ଆରାଧନା _ ପ୍ରଭୁ ଜଗନ୍ନାଥ ।

ତୁଳା _ ଅର୍ଥଲାଭ, ଦୂରଯାତ୍ରା, ଉଚ୍ଚଆଶାରେ ବାଧା, ଶତ୍ରୁ ସମସ୍ୟା, ବ୍ୟବସାୟରେ ବାଧା, ବାକିଧନ ପ୍ରାପ୍ତି, ଚିତ୍ରା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ _ ଧଳା, ସଂଖ୍ୟା _ ୯, ଆରାଧନା _ ଶଙ୍କର ଭଗବାନ ।

ବିଛା _ କାର୍ଯ୍ୟରେ ସମସ୍ୟା, ଅର୍ଥଚିନ୍ତା, ଯାନବାହନ ସତର୍କ, ଖର୍ଚ୍ଚାନ୍ତ, ଦେବଦର୍ଶନ, ଶତ୍ରୁସମସ୍ୟା, ଶରୀରକଷ୍ଟ, ବିଶାଖାନକ୍ଷତ୍ରସତର୍କରୁହନ୍ତୁ, ଶୁଭରଙ୍ଗ _ ହଳଦୀ, ସଂଖ୍ୟା _ ୮, ଆରାଧନା _ ପ୍ରଭୁ ନୃସିଂହ ।

ଧନୁ _ ଆପଣମାନେଯୋଗ, କର୍ମ କ୍ଷେତ୍ରେ ସନ୍ତୁଷ୍ଟ, ବିଶିଷ୍ଟ ବ୍ୟକ୍ତିଙ୍କର ସହଯୋଗ, ଦୂରଯାତ୍ରା, ଶରୀର ଅସୁସ୍ଥ, ବ୍ୟବସାୟରେ ଶତ୍ରୁତା, ଗୃହେ ସମସ୍ୟା, ମୂଳା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ _ ଧଳା, ସଂଖ୍ୟା _ ୫, ଆରାଧନା _ ଭଗବାନ ବିଷ୍ଣୁ ।

ମକର _ ଶରୀର ଅସୁସ୍ଥ, କର୍ମକ୍ଷେତ୍ରେ ବାଧା, ତିର୍ଥାଟନ, ଦ୍ରବ୍ୟପ୍ରାପ୍ତି ଗୃହଆରମ୍ଭ, ଶତ୍ରୁସମସ୍ୟା, ଋଣ କରିପାରନ୍ତି, ମକୋଦ୍ଦମାରେ ଅଶାନ୍ତି, ଉତ୍ତରାଷାଢା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ _ କଳା, ସଂଖ୍ୟା _ ୬, ଆରାଧନା _ ମା ଭଗବତୀ ।

କୁମ୍ଭ _ ଦୂରଯାତ୍ରା, ସନ୍ତାନ ସୁଖ, ଆଶାପୂର୍ଣ୍ଣ, ବନ୍ଧୁ ଦର୍ଶନ, ବ୍ୟବସାୟକେ ସ୍ୱଳ୍ପ ଲାଭ, ମୋକଦ୍ଦମାରେ ଉନ୍ନତି, ଭୂସମ୍ପତ୍ତି କ୍ରୟ, ଶତ୍ରୁସମସ୍ୟା, ଶରୀର ଅସୁସ୍ଥ, ଅନିଷ୍ଠା ନକ୍ଷତ୍ର, ସତର୍କ ରୁହନ୍ତୁ, ଶୁଭରଙ୍ଗ _ ନୀଳ, ସଂଖ୍ୟା _ ୫, ଆରାଧନା _ ପ୍ରଭୁ ନାରାୟଣ ।

ମୀନ _ କ୍ଷତିଗ୍ରସ୍ତ ଯାନବାହନ ସତର୍କ, କାର୍ଯ୍ୟରେ ମନସ୍ତାପ, ନୂତନ କର୍ମାରମ୍ଭ, ବ୍ୟବସାୟରେ ବିରୋଧ, ଅଯଥା ଚିନ୍ତା, ଶରୀର ଅସୁସ୍ଥ, ଦାମ୍ପତ୍ୟ କଳହ, ବିଦ୍ୟାରେ ଅବନତି, ପୂର୍ବାଭାଦ୍ର ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ _ ଧଳା, ସଂଖ୍ୟା _ ୮, ଆରାଧନା

ପୌଷମାସ କୃଷ୍ଣପକ୍ଷ ପ୍ରତିପଦା
୨.୨. ୨୦୨୬, ସୋମବାର



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮

## ଏସିଆନ୍ ସଫ୍ଟ ଟେନିସ୍ ଚାମ୍ପିଅନସିପ

# ଭାରତୀୟ ଦଳରେ ମନ୍ମୟ

ଭୁବନେଶ୍ୱର,୧।୨(ସବ୍ୟୁ): ଚଳିତ ମାସ ପଞ୍ଜାବର ଲୁଧିଆନାରେ ଦ୍ୱିତୀୟ ଜୁନିୟର ଚାମ୍ପିଅନସିପ ୩ରୁ ୮ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବ। ଏହି ପ୍ରତିଯୋଗିତା ପାଇଁ ଭାରତୀୟ ଦଳରେ ସ୍ଥାନ ପାଇଛନ୍ତି ଓଡ଼ିଶାର ମନ୍ମୟ ପଟ୍ଟନାୟକ । ଦ୍ୱିତୀୟ ଜୁନିୟର ଏସିଆନ୍ ସଫ୍ଟ ଟେନିସ୍ ଚାମ୍ପିଅନସିପ୍ ପାଇଁ ଓଡ଼ିଶାର ଏକମାତ୍ର ଖେଳାଳି ଭାବେ ମନ୍ମୟଙ୍କୁ ସୁଯୋଗ ମିଳିଛି । କୋଚ ଭାବେ ଏମଡି ଅମନ, ରେଫରୀ ଏମଡି ଆଜମ, ଅମ୍ପାୟାର ସତୀଶ କୁମାର ବିଶ୍ୱକର୍ମା, ସହଦେବ ସିଂ, ରୀନାରଶ୍ମୀ ତିର୍କୀ, ବୁଦ୍ଧେଶ୍ୱର ବେହେରା ପ୍ରମୁଖ ଯୋଗଦେଇଛନ୍ତି । ଲୁଧିଆନାଗସ୍ତ ପୂର୍ବରୁ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଓଡ଼ିଶା କ୍ରୀଡା ବିଭାଗର କମିଶନରେଟ୍ ତଥା ସଚିବ ସଚିନ ରାମଚନ୍ଦ୍ର ଯାଦବ, ଅତିରିକ୍ତ ସଚିବ ବିଜୟ କୁମାର ସ୍ୱାଇଁ, ଧୀରଜ କୁମାର ପଟ୍ଟନାୟକ, ଆଶିଷ କୁମାର ରାଉତ, ସାଧାରଣ ସମ୍ପାଦକ, ଏମଡି ଆଜମ ଏବଂ ଦିଲ୍ଲୀପ କୁମାର ପଟ୍ଟନାୟକ ଉପସ୍ଥିତ ରହି ମନ୍ମୟ ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କରିବା ସହ ଶୁଭକାମନା ଜଣାଇଥିଲେ । ଉପସଭାପତି ଦିଲ୍ଲୀପ କୁମାର ମହାନ୍ତି, ପୂର୍ବତନ ଭୁବନେଶ୍ୱର ଉତ୍ତର ବିଧାୟକ ପ୍ରିୟଦର୍ଶୀ ମିଶ୍ର, ଉପସଭାପତି ରମେଶ ଚନ୍ଦ୍ର ଦାସ, କୃଷ୍ଣଚରଣ ପଣ୍ଡା, ଟିଟନ ସାହୁ, ଆଇନଜୀବୀ ନିର୍ଭୟ କୁମାର ସାମନ୍ତରାୟ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି ।

## କ୍ରୀଡ଼ା ସଂଗଠକ ସୁନିଲ ପଟ୍ଟନାୟକଙ୍କ ପରଲୋକ

ଭୁବନେଶ୍ୱର,୧।୨(ସବ୍ୟୁ): ଓଡ଼ିଶାର ବିଶିଷ୍ଟ କ୍ରୀଡ଼ା ସଂଗଠକ ସୁନୀଲ ପଟ୍ଟନାୟକଙ୍କର ଆଜି ଭୁବନେଶ୍ୱର ଲକ୍ଷ୍ମୀସାଗରସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି । ମୃତ୍ୟୁବେଳକୁ ତାଙ୍କୁ ୫୮ ବର୍ଷ ହୋଇଥିଲା । ଦୀର୍ଘ ୩ ବର୍ଷ ଧରି ସେ କର୍କଟ ରୋଗରେ ପୀଡିତ ଥିଲେ। ଭୁବନେଶ୍ୱର କ୍ୟାରମ ସଂଘର ସଭାପତି, ବିଭିନ୍ନ କ୍ଲବ୍ ସହ ଜଡିତ ଥିଲେ। ଜଣେ ଦକ୍ଷ ସଂଗଠକ ଓ ମିଷ୍ଟଭାଷୀ ବ୍ୟକ୍ତିଭାବେ ପରିଚିତ ଥିଲେ । ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କର ଏକମାତ୍ର କନ୍ୟା, ପତ୍ନୀ, ୩ ଭାଇ ଓ ପିତାଙ୍କ ସହ ପରିବାରର ଅନ୍ୟ ସଦସ୍ୟ ଉପସ୍ଥିତ ଥିଲେ । ତାଙ୍କ ବିୟୋଗରେ ରାଜ୍ୟ କ୍ରୀଡ଼ା ଜଗତରେ ଶୋକର ଛାୟା ଖେଳି ଯାଇଛି ।

## କ୍ରୀଡା ବଜେଟ୍

# ଖେଲୋ ଇଣ୍ଡିଆ ମିଶନକୁ ଗୁରୁତ୍ୱ

ନୂଆଦିଲ୍ଲୀ,୧।୨(ଏଜେନ୍ସି): କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମ ୨୦୨୬-୨୭ ବଜେଟରେ କ୍ରୀଡାକୁ ଗୁରୁତ୍ୱ ଦେଇଛନ୍ତି । କ୍ରୀଡା ମନ୍ତ୍ରଣାଳୟ ପାଇଁ ବଜେଟରେ ରାଜକୋଷ ଖୋଲି ଦେଇଛନ୍ତି ନିର୍ମଳା ସୀତାରାମ । ମୋଟ୍ ବଜେଟରେ ପୂର୍ବ ବଜେଟ ତୁଳାନରେ ୧୧୩୩.୩୪ କୋଟି ଟଙ୍କା ବୃଦ୍ଧି କରାଯାଇଛି । ଏହାବାଦ ମନ୍ତ୍ରଣାଳୟର ବଜେଟ୍ ୪୪୭୯.୮୮ କୋଟି ଟଙ୍କା ହୋଇଛି । ପୂର୍ବରୁ ୨୦୨୫-୨୬ ବଜେଟରେ କ୍ରୀଡାମନ୍ତ୍ରଣାଳୟକୁ ୩୩୪୬.୫୪ କୋଟି ଟଙ୍କା ମିଳିଥିଲା ।

କ୍ରୀଡା ସରଞ୍ଜାମ ପ୍ରସ୍ତୁତୀକାରୀ ସେକ୍ଟରକୁ ପ୍ରଥମଥର ବଜେଟରେ ଗୁରୁତ୍ୱ ଦିଆଯାଇଛି । ଅର୍ଥମନ୍ତ୍ରୀ ଭାରତକୁ ଉଚ୍ଚମାନର ତଥା ଶସ୍ତା ଖେଳ ସାମଗ୍ରୀ ଉତ୍ପାଦନରେ ବୈଶ୍ୱିକ କେନ୍ଦ୍ରରେ ପରିଣତ କରିବାକୁ ଗୁରୁତ୍ୱ ଦେଇ ବଡ଼ ଘୋଷଣା କରିଛନ୍ତି । ଏଥିପାଇଁ ବଜେଟରେ ୫୦୦ କୋଟି ଟଙ୍କାର ପ୍ରାବଧାନ ରହିଛି । ଇକ୍ୱିମେଣ୍ଟ ଡିଜାଇନ୍ ସ୍ପୋର୍ଟ୍ସ ସାଇନ୍ସ



ଗବେଷଣା ଓ ଉଦ୍ଭାବନାକୁ ପ୍ରୋତ୍ସାହିତ କରିବ ।

**ଆରମ୍ଭ ହେବ ଖେଲୋ ଇଣ୍ଡିଆ ମିଶନ**

ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ) ବଜେଟ ମଧ ବଢ଼ାଯାଇଛି । ସାଇକୁ ବଜେଟରେ ୯୧୭.୩୮ କୋଟି ଟଙ୍କା ଆବଣ୍ଟିତ ହୋଇଛି । ପୂର୍ବରୁ ଏହି ପରିମାଣ ୮୮୦ କୋଟି ଟଙ୍କା ଥିଲା । ଗୁରୁତ୍ୱପୂର୍ଣ୍ଣ କ୍ରୀଡା କାର୍ଯ୍ୟକ୍ରମ ଖେଲୋ ଇଣ୍ଡିଆକୁ ଆହୁରି ବିସ୍ତାର କରିବା ପାଇଁ ୯୨୪.୩୫ କୋଟି ଟଙ୍କା ମିଳିବ । ଗତ ଆର୍ଥିକ ବର୍ଷରେ ହଜାରେ କୋଟି ଟଙ୍କାର ପ୍ରାବଧାନ ଥିଲା । କିନ୍ତୁ ଚୂଡାନ୍ତ ଖର୍ଚ୍ଚ ୭୦୦ କୋଟି ଟଙ୍କା ହୋଇଥିଲା । ଖେଲୋ ଇଣ୍ଡିଆ ମିଶନ ଆରମ୍ଭ ନେଇ ଘୋଷଣା ହୋଇଛି । ଯାହା ଆଗାମୀ ଦଶନ୍ଧିରେ କ୍ରୀଡା କ୍ଷେତ୍ରକୁ ସମ୍ପୂର୍ଣ୍ଣ ବଦଳାଇବାକୁ ଲକ୍ଷ୍ୟ ରହିଛି ।

**ରାଷ୍ଟ୍ର ମଣ୍ଡଳ କ୍ରୀଡା ସହାୟତା ବୃଦ୍ଧି**

ରାଷ୍ଟ୍ର ମଣ୍ଡଳ କ୍ରୀଡା ସହାୟତାରେ ୭୮% ବୃଦ୍ଧି ହୋଇଛି । ଏହା ଏବେ ୫୦ କୋଟିରେ ପହଞ୍ଚିଛି । ଚଳିତ ବର୍ଷ ରାଷ୍ଟ୍ରମଣ୍ଡଳ କ୍ରୀଡା ଗ୍ଲାସଗୋରେ ଆୟୋଜିତ ହେବ । ସେହିପରି ରାଷ୍ଟ୍ରୀୟ ବିକାଶ କୋଷ ଲାଗି ଯୋଗଦାନ ୩ କୋଟିରୁ ୫ କୋଟିକୁ ବୃଦ୍ଧି କରାଯାଇଛି । ଏତଦବ୍ୟତୀତ ଖେଳାଳିଙ୍କ ପ୍ରୋତ୍ସାହନ ରାଶି ୨୮ କୋଟିରୁ ୪୦ କୋଟିକୁ ବୃଦ୍ଧି ପାଇଛି । ଜାତୀୟ କ୍ରୀଡା ମହାସଂଘ ଗୁଡିକ ଲାଗି ସହାୟତା ରାଶିକୁ ୪୨୫ କୋଟିକୁ ବୃଦ୍ଧି କରାଯାଇଛି ।

ଜାତୀୟ ସେବା ସ୍କିମକୁ ୩୫୭.୩୯ କୋଟି ଟଙ୍କା କରାଯାଇଛି । ୟୁଥ୍ ହଷ୍ଟେଲ ନିମନ୍ତେ ବଜେଟରେ ୧୯.୭୦ କୋଟି ଟଙ୍କା ରଖାଯାଇଛି । କିଛି କ୍ଷେତ୍ରରେ ହ୍ରାସ ମଧ ହୋଇଛି । ନ୍ୟାସନାଲ ଡୋପ ଟେଷ୍ଟିଂ ଲାବ୍ରୋଟୋରୀ ପାଇଁ ବଜେଟ ଗତଥର ତୁଳନାରେ ୨୩ କୋଟି ଟଙ୍କାକୁ କମା ଯାଇଛି । ନ୍ୟାସନାଲ ଆଣ୍ଟିଡୋପିଂ ଏଜେନ୍ସି ବଜେଟ୍ ୨୪.୩୦ କୋଟିରୁ କମା ଯାଇ ୨୦ ଗୋଟି କରାଯାଇଛି । ଜାତୀୟ ସ୍ପୋର୍ଟ୍ସ ବିଶ୍ୱବିଦ୍ୟାଳୟ ୭୮.୬୪ କୋଟି ଟଙ୍କାରୁ ୪୬.୯୮ କୋଟି ଟଙ୍କାକୁ କମାଯାଇଛି ।

**୨୦୨୧-ରୁ ୨୦୨୬ କ୍ରୀଡା ବଜେଟ୍**

| | |
|---|---|
| ୨୦୨୧-୨୨ରେ | ୨୫୯୬.୧୪ କୋଟି |
| ୨୦୨୨-୨୩ରେ | ୩୦୬୨.୬୦ କୋଟି |
| ୨୦୨୩-୨୪ରେ | ୩୩୯୭.୩୨ କୋଟି |
| ୨୦୨୪-୨୫ରେ | ୩୪୪୨.୩୨ କୋଟି |
| ୨୦୨୫-୨୬ରେ | ୩୭୯୪.୩୦ କୋଟି |
| ୨୦୨୬-୨୭ରେ | ୪୪୭୯.୮୮ କୋଟି |

## ଅଷ୍ଟ୍ରେଲିଆନ୍ ଓପନ: ଟାଇଟଲ ଜିତିଲେ ଆଲକାରେଜ୍

# ଭାଙ୍ଗିଲା ୮୮ ବର୍ଷର ରେକର୍ଡ

ନୂଆଦିଲ୍ଲୀ,୧।୨(ଏଜେନ୍ସି): ଅଷ୍ଟ୍ରେଲିଆନ୍ ଓପନରେ ବଡ଼ ଧରଣର ପରିବର୍ତ୍ତନ ଦେଖିବାକୁ ମିଳିଛି । ୮୮ ବର୍ଷର ରେକର୍ଡକୁ ଖୁବ କମ ସମୟ ମଧ୍ୟରେ ଭାଙ୍ଗି ଦେଇଛନ୍ତି ସ୍ପେନର ଯୁବ ଟେନିସ୍ ଖେଳାଳି କାର୍ଲୋସ ଆଲକାରେଜ । ସେ ନିଜ କ୍ୟାରିୟରର ସବୁଠୁ ବଡ଼ ଗ୍ରାଣ୍ଡସ୍ଲାମ ସଫଳତା ଅଷ୍ଟ୍ରେଲିଆନ୍ ଓପନ ହାସଲ କରିଛନ୍ତି । ବିଶ୍ୱର ଅନ୍ୟତମ ପ୍ରଖ୍ୟାତ ଟେନିସ ଖେଳାଳି ନୋଭାକ ଜୋକୋଭିକଙ୍କୁ ହରାଇ ଅଷ୍ଟ୍ରେଲିଆନ୍ ଓପନ ଟାଇଟଲ ଜିତିଛନ୍ତି । ଜୋକୋଭି ପୂର୍ବରୁ ୧୦ଥର ମେଲବୋର୍ଣ୍ଣ ପାର୍କରେ ଫାଇନାଲ ଖେଳିବା ସହ କେବିବି ହାରି ନଥିଲେ । କିନ୍ତୁ ତାଙ୍କ ବିଜୟ ରେକର୍ଡଧାରାରେ ଆଲକାରେଜ୍ ବ୍ରେକ ଲଗାଇଛନ୍ତି । ରବିବାର ଅନୁଷ୍ଠିତ ଫାଇନାଲରେ ଆଲକାରେଜ୍ ପ୍ରଥମ ସେଟରେ ଜୋକୋଭିକଙ୍କ ଠାରୁ ୨-୬ରେ ହାରିଯାଇଥିଲେ । ବିଜୟ ସହ ଜୋକୋଭିକ୍ ୨୫ତମ ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିବା ଦିଗରେ ଆଗେଇ ଥିଲେ । ୨୨ ବର୍ଷୀୟ ଆଲକାରେଜ୍ ଦମଦାର ପ୍ରତ୍ୟାବର୍ତ୍ତନ କରି ୨-୬, ୬-୨, ୬-୩, ୭-୫ ସେଟରେ ଜିତି ଚାମ୍ପିଅନ ହୋଇଛନ୍ତି ।

ସ୍ପେନ ତାରକା ଆଲକାରେଜ କ୍ରମାଗତ ଭାବେ ଜୋକୋଭିକଙ୍କ ଉପରେ ଚାପ ପକାଇ ଅବିଶ୍ୱାସନୀୟ ସଫଳତା ସାଉଣ୍ଟିଛନ୍ତି । ୨୨ ବର୍ଷ ୨୭୨ ଦିନ ବୟସରେ ଆଲକାରେଜ୍ ବିଶ୍ୱର ସର୍ବକନିଷ୍ଠ ଖେଳାଳି ଭାବେ ୪ଟି ପ୍ରମୁଖ ସିଙ୍ଗଲ୍ସ ଟାଇଟଲ ଜିତିବାର ରେକର୍ଡର ଅଧିକାରୀ ହୋଇଛନ୍ତି । ଏପରି ସଫଳତା ଯୋଗୁଁ ସେ ୮୮ ବର୍ଷ ତଳର ରେକର୍ଡକୁ ଭାଙ୍ଗିଛନ୍ତି । ୧୯୩୮ ମସିହାରେ ଡନବୁଡଗେ ଫ୍ରେଞ୍ଚ ଓପନ ଟାଇଟଲ ଜିତି ଏପରି କୀର୍ତ୍ତିମାନ ହାସଲ କରିଥିଲେ । ସେତେ ବେଳେ ତାଙ୍କୁ ୨୨ ବର୍ଷ ୩୬୩ ବୟସ ହୋଇଥିଲା ।



ଏବେ ୮୮ ବର୍ଷ ପରେ ଆଲକାରେଜ ତାକ ରେକର୍ଡ ଭାଙ୍ଗି ଦେଇଛନ୍ତି ।

ଆଲକାରେଜ ମୋଟ୍ ୭ଟି ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିଛନ୍ତି । ସେ ପ୍ରଥମଥର ଅଷ୍ଟ୍ରେଲିଆନ୍ ଓପନ ଜିତିଛନ୍ତି । ଏହା ପୂର୍ବରୁ ସେ ଦୁଇଥର ୱିମ୍ବଲଡନ, ଫ୍ରେଞ୍ଚ ଓପନ, ୟୁଏସ ଓପନ ଟାଇଟଲ ଜିତିଥିଲେ । ସେହିପରି ଜୋକୋଭିକଙ୍କ ୨୫ତମ ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିବା ଆହୁରି ବିଳମ୍ବିତ ହୋଇଛି । ସେ ୧୦ଥର ଅଷ୍ଟ୍ରେଲିଆନ୍ ଓପନ ଟାଇଟଲ ଜିତିଛନ୍ତି ।

## ରବୀନ୍ଦ୍ର ସ୍ମାରକୀ ଟି-୨୦ କ୍ରିକେଟ ଗୁପ୍ତେଶ୍ୱର କ୍ଲବ ଚାମ୍ପିଅନ

କଣ୍ଟିଲୋ,୧।୨(ସବ୍ୟୁ): ବାଣପୁର କ୍ରିକେଟ କ୍ଲବ ଆନୁକୂଲ୍ୟରେ ନୀଳମାଧବ ମହାବିଦ୍ୟାଳୟ ଖେଳ ପଡିଆ ଠାରେ ଚାଲିଥିବା ରବୀନ୍ଦ୍ର ସ୍ମାରକୀ ଟି ୨୦କ୍ରିକେଟ ୪ର୍ଥ ବାର୍ଷିକ ଟୁର୍ଣ୍ଣାମେଣ୍ଟ ହୋଇଛି । ରବିବାର ଫାଇନାଲ ମ୍ୟାଚ କଣ୍ଟିଲୋ ର ଦେବାଂଶୀ କ୍ରିକେଟ କ୍ଲବ,ଓ ଭୋଗଡା ର ବାବା ଗୁପ୍ତେଶ୍ୱର କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଦେବାଂଶୀ କ୍ଲବ କୁ ୪୧ରନ ରେ ପରାସ୍ତ କରି ଗୁପ୍ତେଶ୍ୱର କ୍ଲବ ଚାମ୍ପିଅନ ହୋଇଛି । ଆଜି ୧୮ ଓଭର ବିଶିଷ୍ଟ ଫାଇନାଲ ମ୍ୟାଚ ରେ ଟସ ଜିତି ପ୍ରଥମେ ବ୍ୟାଟିଂ କରି ଗୁପ୍ତେଶ୍ୱର କ୍ଲବ ୯ ୱିକେଟ ବିନିମୟ ରେ ୧୩୪ରନ ସଂଗ୍ରହ କରିଥିଲା । ଜବାବରେ ଦେବାଂଶୀ କ୍ଲବ ୧୮ଓଭର ରେ ୯ ୱିକେଟ ହରାଇ ୯୩ ରେ ସୀମିତ ରହି ପରାଜିତ ହୋଇଥିଲା । ଗୁପ୍ତେଶ୍ୱର କ୍ଲବ ର ତପି ମ୍ୟାନ ଅଫ ଦି ମ୍ୟାଚ ଓ ରାକେଶ ମ୍ୟାନ ଅଫ ଦି ଟୁର୍ନାମେଣ୍ଟ ହୋଇଥିଲେ । ଅମ୍ପାୟାର ଚନ୍ଦନ ଦଳେଇ ଓ ଅନିଲ ପ୍ରଧାନ ମ୍ୟାଚ ପରିଚାଳନା କରିଥିଲେ । ନିରଞ୍ଜନ ଦଳେଇ ଧାରାବିବରଣୀ ଓ ଲିବୁନା ସ୍କୋରିଂ ରେ ସହାୟତା କରିଥିଲେ ।ଆଜି ଗ୍ରାଣ୍ଡ ଫିନାଲେ ରେ ଅତିଥି ଭାବେ କଣ୍ଟିଲୋ ସଓ୍ୱାସ୍ଥ୍ୟ କେନ୍ଦ୍ର ଫାର୍ମାସିଷ୍ଟ ମାନସ କୁମାର ସାହୁ,କଣ୍ଟିଲୋ ଫାଣ୍ଡି ଅଧିକାରୀ ସଓ୍ୱାଗତ ଦାସ,ବାଣପୁର ପ୍ରାକ୍ତନ ସରପଞ୍ଚ ପ୍ରଦୀପ କର ପ୍ରମୁଖ ଯୋଗଦେଇ ଖେଳାଳି ମାନଙ୍କୁ ଉତ୍ସାହିତ କରିବା ସହିତ ଚାମ୍ପିଅନ ଓ ରନର୍ସ ଅପ ଟିମ କୁ ଟ୍ରଫି ପ୍ରଦାନ କରିଥିଲେ ।

## ଖୋର୍ଦ୍ଧା ରୋଡ ହାଫ୍ ମାରାଥନ୍ ସଫଳତାର ସହିତ ଆୟୋଜିତ

ଜଟଣୀ,୧।୨(ସବ୍ୟୁ): ପୂର୍ବତଟ ରେଳବାଇ ସ୍ପୋର୍ଟ୍ସ ଆସୋସିଏସନ ଖୋର୍ଦ୍ଧାରୋଡ ପକ୍ଷରୁ ଆଇଆଇଟି ଭୁବନେଶ୍ୱରର ସହଯୋଗରେ ଖୋର୍ଦ୍ଧାରୋଡ କ୍ରିକେଟ ଷ୍ଟାଡିୟମ ପରିସରରେ 'ଖୋର୍ଦ୍ଧାରୋଡ୍ ହାଫ୍ ମାରାଥନ୍ ଭୁବନେଶ୍ୱର 2.0' ସଫଳତାର ସହିତ ଆୟୋଜିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ୮ ବର୍ଷ ଓ ତଦୁର୍ଦ୍ଧ୍ୱ ବୟସର ପୁରୁଷ, ମହିଳା ଓ ପିଲାମାନଙ୍କ ସହିତ ବିଭିନ୍ନ ବୟସ ଶ୍ରେଣୀର ୨,୦୦୦ ରୁ ଅଧିକ ଅଂଶଗ୍ରହଣକାରୀ ଭାଗ ନେଇଥିଲେ। ଏଥିରେ ଇକୋର୍ଷା ସଭାପତି ଏବଂ ଖୋର୍ଦ୍ଧାରୋଡ୍ ମଣ୍ଡଳର ମଣ୍ଡଳ ରେଳ ପ୍ରବନ୍ଧକ ଆଲୋକ ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଉପସ୍ଥିତ ଥିଲେ। ଆଇଆଇଟି ଭୁବନେଶ୍ୱରରନିର୍ଦ୍ଦେଶକପ୍ରଫେସରକର୍ମଲକରସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଇକୋର୍ଷା ଉପାଧକ୍ଷ ଏବଂ ଏଡିଆରଏମ(ଅପରେସନ୍ସ), ଖୋର୍ଦ୍ଧାରୋଡ ପି.କେ. ବେହେରା, ଏଡିଆରଏମ ଶୁଭ୍ରଜ୍ୟୋତି ମଣ୍ଡଳ, ଆଇଆଇଟି ଭୁବନେଶ୍ୱରର ଛାତ୍ର ବ୍ୟାପାର ଡିନ୍ ପ୍ରଫେସର ରାଜେଶ ରୋଶନ ଦାଶ ଏବଂ କାନାରା ବ୍ୟାଙ୍କର ମହାପ୍ରବନ୍ଧକ ସୁମନ ଚକ୍ରବର୍ତ୍ତୀ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମ ଇକୋର୍ଷା ର କ୍ରୀଡା ଅଧିକାରୀ ଏବଂ ଖୋର୍ଦ୍ଧାରୋଡ୍ ମଣ୍ଡଳର ବରିଷ୍ଠ ବିଭାଗୀୟ ବାଣିଜ୍ୟିକ-ସହ-କ୍ରୀଡା ଅଧିକାରୀ ଅନିଲ କୁମାର ଏସ୍.ଙ୍କ ଦକ୍ଷ ମାର୍ଗଦର୍ଶନରେ ଆୟୋଜିତ ହୋଇଥିଲା। ମହମ୍ମଦ ଜାକିରୁଦ୍ଦିନ କ୍ରୀଡା ସଚିବ ଓ ଜେ. ଏସ୍. ପାତ୍ର, ସହାୟକ କ୍ରୀଡା ସଚିବଙ୍କ ସକ୍ରିୟ ସମନ୍ୱୟ କାର୍ଯ୍ୟକ୍ରମକୁ ସଫଳ କରିଥିଲା। କାର୍ଯ୍ୟକ୍ରମର ସୁଗମ ପରିଚାଳନା ପାଇଁ ଖୋର୍ଦ୍ଧାରୋଡ୍ ସ୍କାଉଟ୍ସ ଏବଂ ଗାଇଡ୍ସଙ୍କ ସ୍ୱେଚ୍ଛାସେବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିଲା।

ସୁସ୍ଥ ଓ ସକ୍ରିୟ ଜୀବନଶୈଳୀକୁ ପ୍ରୋତ୍ସାହିତ କରିବା ଏହି ମାରାଥନ୍ ର ମୂଳ ଉଦ୍ଦେଶ୍ୟ ଥିଲା। ଅଂଶଗ୍ରହଣକାରୀମାନଙ୍କୁ ଟି-ସାର୍ଟ, ପଦକ, ପାନୀୟ ଜଳ ଏବଂ ଜଳପାନ ପ୍ରଦାନ କରାଯାଇଥିଲା। ସମଗ୍ର କାର୍ଯ୍ୟକ୍ରମ ସମୟରେ ଚିକିତ୍ସା ସୁବିଧା, ପ୍ରାଥମିକ



ଚିକିତ୍ସା ଏବଂ ଯାତାୟାତ ପରିଚାଳନା ସୁନିଶ୍ଚିତ କରାଯାଇଥିଲା।ଦୌଡ଼ ପଥରେ ରେଳବାଇ ଷ୍ଟାଡିୟମ – ଆଇଆଇଟି ଭୁବନେଶ୍ୱର (୨୧.୧ କିମି ଓ ୧୦ କିମି), ବ୍ଲକ ଛକ (୫ କିମି) ଏବଂ ପୋଷ୍ଟ ଅଫିସ୍ ଛକ (୨ କିମି) ଅନ୍ତର୍ଭୁକ୍ତ ଥିଲା ଏବଂ ସମସ୍ତ ଦୌଡ଼ ରେଳବାଇ ଷ୍ଟାଡିୟମରେ ସମାପ୍ତ ହୋଇଥିଲା। ୨୧ କିମି ଏବଂ ୧୦ କିମି ଦୌଡ଼ରେ ପୁରୁଷ ଓ ମହିଳା ବର୍ଗର ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ବିଜେତାମାନଙ୍କୁ ପୁରସ୍କୃତ କରାଯାଇଥିଲା।

## ନ୍ୟାସନାଲ ସ୍କୁଲ ଗେମ୍ସ :ଓଡ଼ିଶା ଦଳକୁ ଡବଲ ସଫଳତା

ଭୁବନେଶ୍ୱର,୧।୨(ସବ୍ୟୁ): ନୂଆଦିଲ୍ଲୀର ତ୍ୟାଗରାଜ ଷ୍ଟାଡିୟମରେ ଅନୁଷ୍ଠିତ ୬୯ତମ ନ୍ୟାସନାଲ ସ୍କୁଲ ଗେମ୍ସର ୧୯ ବର୍ଷରୁ କମ ରଗବୀ ବର୍ଗରେ ଓଡ଼ିଶା ଦଳ ଉଭୟ ବାଳକ ଓ ବାଳିକାରେ ଚାମ୍ପିଅନ ହୋଇଛି । ପ୍ରଥମଥର ପାଇଁ ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ ଓଡ଼ିଶା ଦଳ ନ୍ୟାସନାଲ ସ୍କୁଲ ଗେମ୍ସରେ ଇତିହାସ ରଚିଛି । କ୍ୱାର୍ଟରଫାଇନାଲରେ ଓଡ଼ିଶା ବାଳକ ଦଳ ୫୮-୦ ପଏଣ୍ଟ ବ୍ୟବଧାନରେ ଆନ୍ଧ୍ରପ୍ରଦେଶକୁ ଏବଂ ଓଡ଼ିଶା ବାଳିକା ଦଳ ୪୪-୧୦ ପଏଣ୍ଟରେ ପଞ୍ଜାବକୁ ପରାଜିତ ରହିଥିଲା । ସେହିଭଳି ସେମିଫାଇନାଲରେ ଓଡ଼ିଶା ବାଳକ ଦଳ ୧୭-୦ ପଏଣ୍ଟରେ ଦିଲ୍ଲୀକୁ ଏବଂ ବାଳିକା ଦଳ ୧୯-୧୦ ପଏଣ୍ଟରେ ମହାରାଷ୍ଟ୍ରକୁ ହରାଇ ଫାଇନାଲରେ ପ୍ରବେଶ କରିଥିଲା । ଫାଇନାଲରେ ବାଳିକା ଦଳ ୨୦-୦ ପଏଣ୍ଟ ବିହାରକୁ ଏବଂ ବାଳକ ଦଳ ୧୨-୫ ପଏଣ୍ଟ ବ୍ୟବଧାନରେ ମହାରାଷ୍ଟ୍ରକୁ ହରାଇ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି । କିସ୍ ଓ କିଟ୍ ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ ଉଭୟ ବାଳକ ଓ ବାଳିକା ରଗବୀ ଦଳକୁ ଅଭିନନ୍ଦନ ଜଣାଇଛନ୍ତି ।




## ରଣଜୀ ଟ୍ରଫି:ମ୍ୟାଚ ଛଡାଇ ନେଲା ଝାଡ଼ଖଣ୍ଡ

ଜାମସେଦପୁର,୧।୨(ଏଜେନ୍ସି): ଇନିଂସ ଅଗ୍ରଣୀ ସତ୍ତ୍ୱେ ଓଡ଼ିଶା ଦଳ ଝାଡ଼ଖଣ୍ଡ ନିକଟରୁ ୪ୱିକେଟରେ ମ୍ୟାଚ ହାରିଯାଇଛି । ଚମତ୍କାର ପ୍ରଦର୍ଶନ ଯୋଗୁଁ ଝାଡ଼ଖଣ୍ଡ ମୋଟ୍ ୭ ମ୍ୟାଚରୁ ୪ ବିଜୟ ସହ ୩୧ ପଏଣ୍ଟ ହାସଲ କରି ଏଲିଟ୍ ଗ୍ରୁପ ଏ' ପଏଣ୍ଟ ଟେବୁଲର ଶୀର୍ଷରେ ରହିଛି । ଏଥିସହ ଝାଡ଼ଖଣ୍ଡ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି । ଓଡ଼ିଶା ଦଳ ୭ ମ୍ୟାଚରୁ ୭ ପଏଣ୍ଟ ସହ ସପ୍ତମ ସ୍ଥାନ ଅଧିକାର କରି ରଣଜୀ ଟ୍ରଫି ଅଭିଯାନ ଶେଷ କରିଛି । ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରି ଓଡ଼ିଶା ପ୍ରଥମ ଇନିଂସରେ ୨୮୨ ରନ କରିଥିଲା । ଜବାବରେ ଝାଡ଼ଖଣ୍ଡ ୨୬୩ ରନ୍ କରି ୧୯ ରନ୍ ପଛରେ ରହିଥିଲା । ଓଡ଼ିଶା ଦ୍ୱିତୀୟ ଇନିଂସରେ ୨୨୬ ରନ୍ କରିଥିଲା । ତେଣୁ ଝାଡ଼ଖଣ୍ଡ ସମ୍ମୁଖରେ ୨୪୬ ରନର ବିଜୟଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା । ଏହି ଲକ୍ଷ୍ୟକୁ ଝାଡ଼ଖଣ୍ଡ ୭୧.୩ ଓଭରରେ ୨୪୯/୬ ରନ କରି ହାସଲ କରି ନେଇଥିଲା । ଅଧିନାୟକ ଶୁଭ୍ରାଂଶୁ ସେନାପତି ସର୍ବାଧିକ ୭୩ ରନ୍ କରିଥିଲେ । କିନ୍ତୁ ଝାଡ଼ଖଣ୍ଡ ଦ୍ୱିତୀୟ ପାଳିରେ ଉଚ୍ଚକୋଟୀର ପ୍ରଦର୍ଶନ ଦେଖାଇ ୪ ୱିକେଟରେ ବିଜୟଲାଭ କରିଥିଲା । ଶରଣଦୀପ ସିଂ ୬୪, ରବିନ ମିଞ୍ଜ ୬୩, ଅନୁକୁଲ ରାୟ ୪୫ ରନ କରିଥିଲେ । ତେଣୁ ଝାଡ଼ଖଣ୍ଡର ବିଜୟ ସହଜ ହୋଇଥିଲା । ପୁଣି ଦ୍ୱିତୀୟ ଇନିଂସରେ ଦ୍ରୁତ ବୋଲର ସୟଦ ତୌଫିଲ ଅହମ୍ମଦଙ୍କ ଚମତ୍କାର ବୋଲି ଦେଖିବାକୁ ମିଳିଥିଲା । ସେ ଝାଡ଼ଖଣ୍ଡର ୪ ୱିକେଟ୍ ଦଖଲ କରିଥିଲେ । ପ୍ରଥମ ପାଳିରେ ମଧ ତୌଫିଲଙ୍କୁ ୪ ୱିକେଟ୍ ମିଳିଥିଲା । ଅର୍ଥାତ୍ ସେ ଝାଡ଼ଖଣ୍ଡ ବିପକ୍ଷ ମ୍ୟାଚର ଦୁଇଟି ଇନିଂସର ୮ ୱିକେଟ ଅକ୍ତିଆର କରି ସଫଳ ରଣଜୀ ପଦାର୍ପଣ କରିଛନ୍ତି । ରବିନ ମିଞ୍ଜ ୫୨ ଓ ୬୩ ରନର ଦୁଇଟି ଅର୍ଦ୍ଧଶତକୀୟ ଇନିଂସ ଖେଳି ପ୍ଲେୟାର ଅଫ୍ ଦ ମ୍ୟାଚ ବିବେଚିତ ହୋଇଥିଲେ ।



ସୂଚନା
ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପେମେଣ୍ଟ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭୀମ ପେ ଇତ୍ୟାଦିରେ ଦେୟ ପେଡ଼ କରି ଦେୟ ରସିଦକୁ ବିଜ୍ଞାପନ ସହ ୭୯୭୮୫୩୩୧୯୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୯୪ରେ ଯୋଗାଯୋଗ କରନ୍ତୁ ।

## ଅରିନ୍ଦମ-ପ୍ରବୀର ସ୍ମାରକୀ କ୍ରିକେଟ୍: କମିଶନରେଟ୍ ପୋଲିସ୍ ବିଜେତା

ଭୁବନେଶ୍ୱର,୧।୨(ସବ୍ୟୁ): ପୋଲିସ୍ ରିଜର୍ଭ ଗ୍ରାଉଣ୍ଡରେ ଅନୁଷ୍ଠିତ ଅରିନ୍ଦମ-ପ୍ରବୀର ସ୍ମାରକୀ କ୍ରିକେଟ୍ ପ୍ରତିଯୋଗିତାରେ କମିଶନରେଟ୍ ପୋଲିସ ବିଜେତା ହୋଇଛି । ଅରିନ୍ଦମ ସ୍ମାରକୀ କ୍ରିକେଟରେ କମିଶନରେଟ୍ ପୋଲିସ ଏ' ଏବଂ ବୈଦ୍ୟୁତିକ ଗଣମାଧ୍ୟମ ଏକାଦଶ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା । ଏଥିରେ କମିଶନରେଟ୍ ପୋଲିସ ୨୮ ରନ୍ ବ୍ୟବଧାନରେ ବିଜୟଲାଭ କରି ଅରିନ୍ଦମ ଟ୍ରଫି ତୋଳିଧରିଛି । ଏହି ମ୍ୟାଚରେ କମିଶନରେଟ୍ ପୋଲିସ ଏ' ଦଳ ପ୍ରଥମେ ବ୍ୟାଟିଂ କରି ୧୨ ଓଭରରେ ୪ ୱିକେଟ୍ ହରାଇ ୧୯୬ ରନ୍ କରିଥିଲା । ଜବାବରେ ବୈଦ୍ୟୁତିକ ଗଣମାଧ୍ୟମ ଏକାଦଶ ୧୨ ଓଭରରେ ୫ ୱିକେଟ୍ ହରାଇ ୧୬୪ ରନ କରିବାକୁ ସକ୍ଷମ ହୋଇଥିଲା । ଦୀପକ ସାମଲ ବୈଦ୍ୟୁତିକ ଗଣମାଧ୍ୟମର ନେତୃତ୍ୱ ନେଇଥିବା ବେଳେ କମିଶନରେଟ୍ ପୋଲିସ ଏ' ଦଳର ନେତୃତ୍ୱ ଡିସିପି ଜଗମୋହନ ମିନା ନେଇଥିଲେ ।



ପ୍ରବୀର ପ୍ରଧାନ ସ୍ମାରକୀ କ୍ରିକେଟରେ କମିଶନରେଟ୍ ପୋଲିସ ବି ଏବଂ ଛାପାଗଣମାଧ୍ୟମ ଏକାଦଶ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା । ଏହି ମ୍ୟାଚରେ କମିଶନରେଟ୍ ପୋଲିସ ବି' ଦଳ ୮୮ ରନ ବ୍ୟବଧାନରେ ବିଜୟଲାଭ କରି ପ୍ରବୀର ସ୍ମାରକୀ ଟ୍ରଫି ଜିତିଛି । ପ୍ରଥମେ ବ୍ୟାଟିଂ କରି କମିଶନରେଟ୍ ପୋଲିସ ବି' ଦଳ ୧୨ ଓଭରରେ ୩ ୱିକେଟ୍ ହରାଇ ୨୨୨ ରନ୍ କରିଥିଲା । ଜବାବରେ ଛାପାଗଣମାଧ୍ୟମ ଏକାଦଶ ୧୨ ଓଭରରେ ୯ ୱିକେଟ୍ ହରାଇ ୧୩୪ ରନ୍ କରିବାକୁ ସକ୍ଷମ ହୋଇଥିଲା । ମୁଖ୍ୟାଳୟ ଡିସିପି ସୁରେଶ ପାତ୍ର ଏବଂ ବରିଷ୍ଠ କ୍ରାଇମ୍ ରିପୋର୍ଟର ଗଗନ ସ୍ୱାଇଁ ଉଭୟ ଦଳର ଅଧିନାୟକ ଦାୟିତ୍ୱ ତୁଲାଇଥିଲେ । ପୁରସ୍କାର ବିତରଣ ଉତ୍ସବରେ ପୋଲିସ୍ କମିଶନର ସୁରେଶ ଦେବଦତ୍ତ ସିଂ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ ।



ସମୟ
ସମୟ LIVE
Check out this amazing Odia News app
ଗୋଟିଏ ଆପରେ ପାଆନ୍ତୁ ସାରା ଦୁନିଆ ଖବର
Andriod
IOS
Download Now:
https://play.google.com/store/app/details/id- com.samayalive.app

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି